DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୪/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, March 24/2025 | Page 12 | ₹ 7.00 | SAMBALPUR

୫୧ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 118 | ମୂଲ୍ୟ₹୭/-




ଚାଇନାର ମକାଓ ଇଣ୍ଟରନ୍ୟାଶନାଲ ପରେଡ୍‌ରେ ଭାଗନେଇଥିବା କଳାକାରମାନେ।

# ସେକ୍ସଟର୍ସନ: ଦିଲ୍ଲୀରୁ ନାଇଜେରୀୟ ଗିରଫ

## ଶିକାର ହୋଇଥିଲେ କଟକର ମହିଳା ଡାକ୍ତର

**ସୋସିଆଲ୍ ମିଡିଆରେ କଟକର ଜଣେ ମହିଳା ଡାକ୍ତରଙ୍କ ସହ ସମ୍ପର୍କ ସ୍ଥାପନ କରି ଘନିଷ୍ଠ ହୋଇଯାଇଥିଲେ ନାଇଜେରୀୟ ଯୁବକ। ପରେ ଯୁବକ ଜଣକ ବିଶ୍ୱାସ ଜନ୍ମାଇ କିଛି ଫଟୋ ଓ ଭିଡିଓ ସଂଗ୍ରହ କରି ଟଙ୍କା ଆଦାୟ କରିଥିଲେ। ହେଲେ ଅଧିକ ଟଙ୍କା ନ ମିଳିବାରୁ ଉକ୍ତ ଫଟୋ ଏବଂ ଭିଡିଓକୁ ଭାଇରାଲ କରିବାକୁ ପଛାଇ ନ ଥିଲେ। ଅନ୍‌ଲାଇନ ମାଧ୍ୟମରେ ବ୍ଲାକ୍‌ମେଲିଂ କରି ସେକ୍ସଟର୍ସନ(ଅଶ୍ଳୀଳ ଦୃଶ୍ୟ ଦେଖାଇ ଟଙ୍କା ଦାବି) କରୁଥିବା ନାଇଜେରୀୟ ଯୁବକଙ୍କ ଫାଶରେ ପଡ଼ିଥିବା ମହିଳା ଡାକ୍ତର ଶେଷରେ ନିଜ ସମ୍ମାନ ରକ୍ଷା ପାଇଁ ଆତ୍ମହତ୍ୟା ମଧ୍ୟ କରିଥିଲେ। ଏହି ଘଟଣାରେ କଟକ କମିଶନରେଟ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତ ନାଇଜେରୀୟ ଯୁବକଙ୍କୁ ଦିଲ୍ଲୀରୁ ଗିରଫ କରିଛି। ଖୁବ୍‌ଶୀଘ୍ର ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କହିଛି। ଅନ୍‌ଲାଇନ ମାଧ୍ୟମରେ ସାଇବର ଅପରାଧୀଙ୍କ ଅର୍ଥ ଲୁଟର ଏଭଳି ଉପାୟ ଏବେ ୟୁଜର୍ସଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।**



ନାଇଜେରିଆ ଯୁବକ ଜେଡ୍‌ଜେ ରେୟମଣ୍ଡ

**କଟକ,୨୩।୩(କାର୍ତ୍ତିକ ସାହୁ)**

କଟକରେ ଜଣେ ମହିଳା ଡାକ୍ତରଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ସେ ଗତ ଫେବୃଆରୀରେ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଟଙ୍କା ପାଇଁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଜଣେ ନାଇଜେରିଆ ଯୁବକଙ୍କୁ କଟକ କମିଶନରେଟ୍ ପୋଲିସ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ଜେଡ୍‌ଜେ ରେୟମଣ୍ଡ ଓରଫ ଚିଜିଓକେ ଜୋହନ୍ ଓକୋୟେ(୩୧)। ଓକୋୟେ ମହିଳା ଡାକ୍ତରଙ୍କ ସହ ପ୍ରଥମେ ସୋସିଆଲ୍ ମିଡିଆରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ବ୍ଲାକ୍‌ମେଲ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲେ। ପୁଣି ଟଙ୍କା ମାଗି ନ ପାଇବାରୁ ସୋସିଆଲ ମିଡିଆରେ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କଲେ। ଏଥିପାଇଁ ପୀଡ଼ିତା ଜଣଙ୍କ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେକ୍ସଟର୍ସନ ଅଭିଯୋଗରେ ପୋଲିସ ଖୋଳତାଡ଼ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କଠାରୁ ୫ଟି ମୋବାଇଲ ଫୋନ୍, ଲାପ୍‌ଟପ୍, ପାସ୍‌ପୋର୍ଟ ଓ ୮ଟି ସିମ୍‌କାର୍ଡ ପୋଲିସ ଜବତ କରିଛି। ଅନେକ ଫେକ୍ ପ୍ରୋଫାଇଲ୍ ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଛି। ଏନେଇ ଦରଘାବଜାର ଥାନାରେ ଏକ ମାମଲା (ନଂ.୩୯/୨୫) ରୁଜୁ ହୋଇଛି।

ମୃତାଙ୍କ ସୁଇସାଇଡାଲ ନୋଟ୍‌ରେ ଲେଖାଥିବା ତଥ୍ୟ ଆଧାରରେ କଟକ ସାଇବର ସେଲ୍ ପୋଲିସ ଏକ ଘଟଣାର ବୈଷୟିକ ଦିଗକୁ ତର୍ଜମା ☞ପୃଷ୍ଠା-୪

**ଚା' ଦୋକାନକୁ ପଶିଗଲା ହାଇୱା: ୩ ମୃତ** ୩

**ଆଜିର ସମ୍ପାଦକୀୟ**

**ଯଶୱନ୍ତ କ'ଣ ଏକାକୀ ?**

**ଆଜିର ମନ୍ତବ୍ୟ**

ଲୋକଙ୍କ ଧାରଣାରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଆସ୍ଥା ହ୍ରାସ ପାଉଥିବା ଜଣାପଡୁଛି। ବିଚାରପତି ନିଯୁକ୍ତି ସମେତ ପ୍ରଚଳିତ ବ୍ୟବସ୍ଥା କାମ କରୁନାହିଁ ବୋଲି ଉଭୟ ସରକାର ଏବଂ ନ୍ୟାୟପାଳିକା ଯେତେବେଳେ ଗ୍ରହଣ କରିବେ, ସେତେବେଳେ ବିକଳ୍ପ ଖୋଜାଯାଇପାରିବ।

**-କପିଲ ସିବଲ, ରାଜ୍ୟ ସଭା ସଦସ୍ୟ**

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କ ପାଇଁ ୧୯.୬୫ କୋଟି ମଞ୍ଜୁର

**ମୟୂରଭଞ୍ଜରେ ବ୍ୟାପକ କ୍ଷତି**

- **ସ୍ଥିତି ପରଖିଲେ ରାଜସ୍ୱମନ୍ତ୍ରୀ**
- **ଆଜି କ୍ଷତିପୂରଣ ଅର୍ଥ ବାଣ୍ଟିବ ଜିଲା ପ୍ରଶାସନ**
- **ରିଲିଫ୍ କ୍ୟାମ୍ପରେ ଆଶ୍ରୟଙ୍କୁ ମିଳିବ ରନ୍ଧାଖାଦ୍ୟ**

**ଭୁବନେଶ୍ୱର/ବାରିପଦା,୨୩।୩ (ରବିନାରାୟଣ ଜେନା, ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଗତ ଶୁକ୍ରବାର କାଳବୈଶାଖୀଜନିତ ଝଡ଼ତୋଫାନ ଓ କୁଆପଥର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରଭାବିତ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବା ପ୍ରକ୍ରିୟା ରବିବାର ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟ କ୍ଷୟକ୍ଷତି ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୧୯ କୋଟି ୬୫ ଲକ୍ଷ ୧୦ ହଜାର ୬୫୮ ଟଙ୍କା ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ସୋମବାର ପୂର୍ବାହ୍ନରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ପ୍ରତି କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଥିବାବେଳେ ଆଶ୍ରୟ ସ୍ଥଳରେ ରନ୍ଧାଖାଦ୍ୟ ☞ପୃଷ୍ଠା-୪

# ଅନ୍ୟ ଧର୍ମରେ ବିବାହକୁ ୬୧% ଭାରତୀୟଙ୍କ ନାପସନ୍ଦ

**ନୂଆଦିଲ୍ଲୀ, ୨୩।୩**

ବିବିଧତାର ଦେଶ ହେଉଛି ଭାରତ। ଏଠାରେ ଅନେକ ଧର୍ମ, ଜାତି, ଭାଷାଭାଷୀ ଲୋକମାନେ ଏକାଠି ମିଶି ନିଜ ନିଜ ସଂସ୍କୃତି ଓ ପରମ୍ପରାକୁ ପାଳନ କରିଥାନ୍ତି। ଏହାସତ୍ତ୍ୱେ ଅନ୍ୟ ଧର୍ମ ଏବଂ ଅନ୍ୟ ଜାତିରେ ବିବାହକୁ ଦେଶର ଅର୍ଦ୍ଧାଧିକ ଲୋକ ପସନ୍ଦ କରୁ ନ ଥିବା ନେଇ ଏକ ସର୍ଭେ ରିପୋର୍ଟ ସାମ୍ନାକୁ ଆସିଛି। ଭାରତୀୟ ସମାଜର ଆଚରଣ ଏବଂ ମନୋଭାବକୁ ବୁଝିବା ପାଇଁ ଜାତୀୟ ଗଣମାଧ୍ୟମ ସଂସ୍ଥା ଇଣ୍ଡିଆ ଟୁଡେ ଗ୍ରୁପ୍, ହାଓ ଇଣ୍ଡିଆ ଲିଭ୍ସ ଏବଂ ମାର୍କେଟ ରିସର୍ଚ୍ଚ ଏଜେନ୍ସି କେଡେନ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ ପ୍ରଥମଥର ପାଇଁ ମିଳିତ ଭାବେ ଗ୍ରସ୍ ଡୋମେଷ୍ଟିକ୍ ବିହେବିଅର (ଜିଡିବି) ସର୍ଭେ କରାଯାଇଛି। ଏହି ସର୍ଭେ ଅନୁଯାୟୀ



୬୧% ଉତ୍ତରଦାତା ଅନ୍ୟ ଧର୍ମରେ ବିବାହକୁ ବିରୋଧ କରିଥିବାବେଳେ ୩୭% ଏହାକୁ ସମର୍ଥନ କରିଛନ୍ତି। ସେହିପରି ସର୍ବେକ୍ଷଣରେ ୫୬% ଉତ୍ତରଦାତା ଅନ୍ୟ ଜାତିରେ ବିବାହକୁ ବିରୋଧ କରିଥିବାବେଳେ ୪୩% ଏହାକୁ ସମର୍ଥନ କରିଛନ୍ତି। କେରଳରେ ସର୍ବାଧିକ ୯୪% ଲୋକ ଅନ୍ୟ ଧର୍ମରେ ବିବାହକୁ ସମର୍ଥନ କରିଛନ୍ତି। ଏହା ପଛକୁ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ରହିଛି। ସେହିପରି ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ଲୋକେ ଅନ୍ୟ ଧର୍ମରେ ବିବାହକୁ ସର୍ବାଧିକ ବିରୋଧ କରୁଥିବା ଏହି ସର୍ଭେରୁ ଜଣାପଡ଼ିଛି।

ସର୍ଭେରେ ୨୧ ରାଜ୍ୟ ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୯,୧୮୮ ଉତ୍ତରଦାତାଙ୍କ ଲିଙ୍ଗଗତ ମନୋଭାବ, ଧର୍ମୀୟ ବିବିଧତା ଏବଂ ଭେଦଭାବ ପ୍ରତି ସେମାନଙ୍କର ଧାରଣା ସମ୍ପର୍କରେ ପଚରାଯାଇଥିଲା। ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୯୦% ଉତ୍ତରଦାତା ଅନ୍ୟ ଧର୍ମରେ ବିବାହକୁ ବିରୋଧ କରିଛନ୍ତି। ୮୬% ସାକ୍ଷରତା ଥିବା ଚଣ୍ଡିଗଡ଼ବାସୀ ଅନ୍ୟ ଧର୍ମରେ ବିବାହକୁ ଏତେମାତ୍ରାରେ ବିରୋଧ କରୁଥିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଧର୍ମ ଧର୍ମ ମଧ୍ୟରେ ଭେଦଭାବ ମାନସିକତା ସାକ୍ଷରତା ଏବଂ ସହରୀକରଣଠାରୁ ଊର୍ଦ୍ଧ୍ୱରେ ବୋଲି ଏହି ସର୍ଭେ ପ୍ରମାଣିତ କରୁଥିବା ନେଇ ସ୍ତମ୍ଭକାର କମଲେଶ ସିଂ କହିଛନ୍ତି। ଉତ୍ତର ପ୍ରଦେଶର ୮୪% ଉତ୍ତରଦାତା ଅନ୍ୟ ଜାତିରେ ବିବାହକୁ ବିରୋଧ କରୁଥିବା ଏହି ସର୍ଭେ କହିଛି। ☞ପୃଷ୍ଠା-୪





R C PLASTO TANKS & PIPES PVT. LTD.

Add : Plot No. 33-A-1, M.I.D.C. Hingna, Nagpur-440016 (M.S.)

info@plasto.in www.plasto.in

ଡିଲରଶିପ୍ ଓ ପ୍ରୋଜେକ୍ଟ ସାମଗ୍ରୀ ଅନୁସନ୍ଧାନ ପାଇଁ 91300 76943

ଚାକିରି ଅନୁସନ୍ଧାନ ପାଇଁ 93260 71555

Sonepur (Subarnapu), Sundargarh, Sambalpur, Debagarh, Jharsuguda, Bargarh, Boudh, Balangir, Nuapada, Kalahandi : 9130076921, 9337225857, 8956002158 Kandhamal, Ganjam, Gajapti: 8956002156 Rayagada, Koraput, Nabarangapur, Malkangiri : 9337225857, 9172555443 Mayurbhanj, Kendujhar, Baleshwar, Bhadrak, Jajpur: 9175108935, 9337225857 Angul, Dhenkanal, Cuttack, Nayagarh, Kendrapara, Khordha, Puri, Jagatsinghpur, Bhubaneshwar: 9130011507, 9337225857

AAA

**ସଂକ୍ଷେପରେ**

## ଶେରଗଡ଼ରେ ଶହୀଦ ଦିବସ

ରୁପ୍ରା ରୋଡ/ପଲମ,୨୩।୩
(ସଞ୍ଜୀବ ଦାସ/ଭିକାରୀ ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଶେରଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଇ ଭାରତ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ତଥା ଜୟ ଜଗନ୍ନାଥ ଯୁବକସଂଘ ସହଯୋଗରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ମାଝୀ ମୁଖ୍ୟ ଅତିଥି, ଗାଇଁଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯାଜ୍ଞସେନ ପ୍ରଧାନ ମୁଖ୍ୟ ବକ୍ତା ଓ ପୂର୍ବତନ ସେନା ଅଧିକାରୀ ଅଜିତ କୁମାର ପଧାନ, ସ୍ୱେଚ୍ଛାସେବୀ ହେମସାଗର ସାହୁ ଓ ସନତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ଦିବସ ଅବସରରେ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ଅଜିତ କୁମାର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନେହରୁ ଯୁବକେନ୍ଦ୍ର କଳାହାଣ୍ଡିର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ଯୁବ କବି ଉଦେନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଭୋଇଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଲୋକଙ୍କ ଜୀବନ ସହ ଖେଳୁଛି ଆଇପିଏଲ୍

- ପୋଚକା ଗନ୍ଧରେ ଫାଟିପଡୁଛି ଅଞ୍ଚଳ
- ନାଳରେ ଛାଡୁଛି ଦୂଷିତ ପାଣି
- ଲୋକଙ୍କୁ ଚର୍ମ, ଶ୍ୱାସ ରୋଗ ହେବା ଆଶଙ୍କା

ଭବାନୀପାଟଣା,୨୩।୩
(ଉତ୍ତମ କୁମାର ଦାଶ)



ତଳଜାରିଙ୍ଗଠାରେ ଅବସ୍ଥାପିତ ଆଇପିଏଲ୍ କମ୍ପାନୀ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳଜାରିଙ୍ଗରେ ଅବସ୍ଥାପିତ ଆଇପିଏଲ୍ (ଇଣ୍ଡିଆନ ପଟାସ୍ ଲିମିଟେଡ୍) କମ୍ପାନୀ ସ୍ଥାନୀୟ ଲୋକଙ୍କ ଜୀବନ ସହ ଖେଳୁଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, ତଳଜାରିଙ୍ଗ ପଞ୍ଚାୟତରେ ଖମାର ନାଳ (ଜୋର) ପ୍ରବାହିତ ହେଉଛି। ଏହି ନାଳ ତଳଜାରିଙ୍ଗ ସମେତ ତଳଭାଗରେ ଥିବା ନାନ୍ଦୋଲ ପଞ୍ଚାୟତ ଓ ପରେ ଶଗଡ଼ା ନଦୀକୁ ସଂଯୋଗ କରୁଛି। ନାଳ ପାଣିରେ ଦୀର୍ଘବର୍ଷ ଧରି ଅଞ୍ଚଳବାସୀ ଗାଧୋଇବା ସହ ଚାଷ କାମରେ ବ୍ୟବହାର କରୁଥିଲେ। ହେଲେ ଗତ କିଛିମାସ ହେଲା ଆଇପିଏଲ୍ କମ୍ପାନୀ ଇଥାନଲ୍ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଦୂଷିତ ପାଣିକୁ ଏହି ନାଳରେ ଛାଡୁଥିବା ଅଭିଯୋଗ ହୋଇଛି। ଫଳରେ ଲୋକମାନେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନାଳ ପାଣି ପୂର୍ବରୁ ସଫା ଦିଶୁଥିବାବେଳେ ଏବେ ରଙ୍ଗ ପରିବର୍ତ୍ତନ ସହ ପୋଚକା ଦେଶୀ ମଦ ଭଳି ଭାସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି। ଫଳରେ ସ୍ଥାନୀୟ ଲୋକମାନେ ଗାଧୋଇଲେ ଚର୍ମ ରୋଗ ହେବା ଆଶଙ୍କା ରହିଛି। ଏହି ଦୂଷିତ ପାଣି ଚାଷ କାମ ପାଇଁ ମଧ୍ୟ କ୍ଷତିକାରକ ହେଉଛି। ଦୂଷିତ ପାଣି ପିଇ ଗୋଟିଏ ଗାଈ ମରିଯାଇଥିବା ଲୋକଙ୍କଠାରୁ ଜଣାପଡିଛି। ସେହିପରି କମ୍ପାନୀ ଇଥାନଲ୍ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଗ୍ୟାସ୍ ପୋଚକା ଗନ୍ଧରେ ଅଞ୍ଚଳ ଫାଟି ପଡୁଛି। ଦିନେ ଶୁଦ୍ଧ ପବନ ଲୋକଙ୍କୁ ଆମୋଦିତ କରୁଥିବା ବେଳେ ଆଜି ପୋଚକା ଗନ୍ଧ ଯୋଗୁ ଲୋକେ ନାକ ଟେକି ଯାଉଛନ୍ତି। ନାଳର ଦୂଷିତ ପାଣି ବ୍ୟବହାର କରି ଏଠାକାର ଲୋକଙ୍କୁ ଚର୍ମ ରୋଗ ହେବାର ଆଶଙ୍କା ରହିଥିବାବେଳେ ପୋଚକା ଗନ୍ଧ ଯୋଗୁ ଶ୍ୱାସଜନିତ ରୋଗ ହେବା ମଧ୍ୟ ଆଶଙ୍କା ରହିଛି। ଶୀଘ୍ର ଏହାର ସମାଧାନ କରା ନ ଗଲେ ଆଗକୁ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ତଳଜାରିଙ୍ଗ ସରପଞ୍ଚ କେ ସୁନୀଲ କୁମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ୩ବର୍ଷ ତଳେ କମ୍ପାନୀ ହେବା ପୂର୍ବରୁ ଏଠାରେ ଥିବା ୧୬୦ ଏକର ଜମିରେ ଉପରୋକ୍ତ ୨ଟି ପଞ୍ଚାୟତର ୮୦ଟି ପରିବାର ସଦସ୍ୟ ସରକାରଙ୍କୁ ଖଜଣା ଦେଇ ଚାଷ କରିଆସୁଥିଲେ। ହେଲେ ପୂର୍ବ ରାଜ୍ୟ ସରକାର ଏହି ପରିବାରଙ୍କ ପେଟରେ ଲାତ ମାରି ଏହି ଜମିରେ କାରଖାନା ବସାଇଥିଲେ। ଏ ନେଇ କମ୍ପାନୀର ପ୍ରକଳ୍ପ ମୁଖ୍ୟ ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କୁ ପଚାରିବାରୁ ଲୋକମାନେ ଏହି ସମସ୍ୟାକୁ ନେଇ ଆସିଥିଲେ। ମକା ଓ ଚାଉଳରୁ ଏହି ଗ୍ୟାସ୍ ବାହାରୁଛି, ଏଥିରେ କାହାର କିଛି ଅସୁବିଧା ହେବ ନାହିଁ। ନାଳରେ ଦୂଷିତ ପାଣି ଆମେ ଛାଡୁନି ବୋଲି ସଫେଇ ଦେଇଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

କୋକସରା,୨୩।୩
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ସହର ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ୨୬ ନମ୍ବର ଜାତୀୟ ରାଜପଥ ଉପରେ କୋକସରା ବ୍ଲକ ସଦର ମହକୁମା ରହିଛି। ଜାତୀୟ ରାଜପଥ କଡ଼ରେ ଅନେକ ସରକାରୀ କାର୍ଯ୍ୟାଳୟ ଯଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ଜେଏମ୍ଏଫ୍‌ସି କୋର୍ଟ, ଅନେକ ଶିକ୍ଷାନୁଷ୍ଠାନ ସହ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ବୋରିଗୁମ୍ମାରୁ ବରଗଡ଼କୁ ସଂଯୋଗ କରୁଥିବା ୨୬ନଂ. ଜାତୀୟ ରାଜପଥରେ ଦିବାରାତ୍ର ବହୁ ସଂଖ୍ୟାରେ ଗାଡି ଚଳାଚଳ କରୁଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଏକ ବାଇପାସ ରାସ୍ତା ନିର୍ମାଣ ପାଇଁ କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜାତୀୟ ରାଜପଥ ସାଧାରଣ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ମଧ୍ୟ ମେଲ ଜରିଆରେ ପଠାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନାଗରିକ ମଞ୍ଚର ଶ୍ରୀନିବାସ ପ୍ରଧାନୀ, ହିମାଂଶୁ ଭୂଷଣ ଦାସ, ଅନୀଲ କୁମାର ପ୍ରଧାନୀ, ତ୍ରିଭୁବନ ନାଏକ, ଭୁଜରାଜ ମାଝୀ, ଉମେଶ ଚନ୍ଦ୍ର ପ୍ରଧାନୀ, କାମଦେବ ଧଙ୍ଗଡାମାଝୀ, ଅତୁଲ୍ୟ ପ୍ରଧାନୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, କମଳାକାନ୍ତ ଚିନ୍ଦା, ନରେନ୍ଦ୍ର ନାଏକ, ପ୍ରେମଲାଲ ସିଂଙ୍କ ସମେତ ଶତାଧିକ ଲୋକଙ୍କ ଦସ୍ତଖତ ଥିବା ଏହି ଦାବିପତ୍ରରେ ଅନୁରୋଧ କରାଯାଇଛି।

## ପରୀକ୍ଷା ଦେଲେ ୧୪୪୮ ନବସାକ୍ଷର


ନବସାକ୍ଷରମାନେ ପରୀକ୍ଷା ଦେଉଛନ୍ତି।

ଜୟପାଟଣା,୨୩।୩
(ଓମ ପ୍ରକାଶ ବୈଠାରୁ)

ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳାହାଣ୍ଡି ଜିଲା ଜୟପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୧୨ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ୧୪୫ ପରୀକ୍ଷା କେନ୍ଦ୍ରରେ ରବିବାର ୧୪୪୮ ଜଣ ନବସାକ୍ଷର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଷୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ଖମାରୀ ତଥା ବ୍ଲକ ଏନ୍ଆଇଏଲ୍‌ପି ଦାୟିତ୍ୱରେ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ତଦାରଖ କରିଥିଲେ। ଏଥିରେ ସମସ୍ତ ୧୨ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ ପ୍ରଦାନ କରିଥିଲେ। ନବସାକ୍ଷରମାନେ ପୂର୍ଣ୍ଣ ଉତ୍ସାହର ସହିତ ପରୀକ୍ଷା ଦେଇ ଏହି କାର୍ଯ୍ୟକ୍ରମ ସଫଳ କରିଥିଲେ।

## ବୁଥ୍ ଲେଭଲ୍ ଏଜେଣ୍ଟ ନିଯୁକ୍ତି ଉପରେ ବୈଠକ

ଭବାନୀପାଟଣା,୨୩।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସଭାଗୃହଠାରେ ଶୁକ୍ରବାର ନିର୍ବାଚନ ଆୟୋଗ ନିର୍ଦ୍ଦେଶକ୍ରମେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ବୁଥ୍ ଲେଭଲ ଏଜେଣ୍ଟ ନିଯୁକ୍ତି ଉପରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ (୭୭)ର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ନିର୍ବାଚନମଣ୍ଡଳୀ (୮୦)ର ପଞ୍ଜୀକରଣ ଅଧିକାରୀ ତଥା ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ନର୍ଲା ନିର୍ବାଚନ ମଣ୍ଡଳୀ(୭୮)ର ପଞ୍ଜୀକରଣ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ସହ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦ, ଉପଜିଲାପାଳ କାର୍ଯ୍ୟାଳୟର ସହକାରୀ ଜିଲାପାଳ ପ୍ରିୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମହାନନ୍ଦ ବୁଥ୍ ଲେଭଲ ଏଜେଣ୍ଟ ନିଯୁକ୍ତି ଓ ରାଜନୈତିକ ଦଳର ଦାୟିତ୍ୱ ବିଷୟରେ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ଭୋଟର ତାଲିକାକୁ ସ୍ୱଚ୍ଛ ଓ ଆଦର୍ଶ କରିବାରେ ରାଜନୈତିକ ଦଳର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଭବାନୀପାଟଣା ଉପଜିଲାପାଳ ପରିଡା ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ସମସ୍ତ ରାଜନୈତିକ ଦଳକୁ ବୁଥ୍ ଲେଭଲ ଏଜେଣ୍ଟ ନିଯୁକ୍ତି ପାଇଁ ଆହ୍ୱାନ ଦେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା।

## ମତଦାତାଙ୍କୁ ତ୍ରୁଟିଶୂନ୍ୟ ଭୋଟର ପରିଚୟପତ୍ର ପ୍ରଦାନ କରାଯିବ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ଦଳର ନେତୃବୃନ୍ଦ।

ନୂଆପଡ଼ା,୨୩।୩ (ମକାରୁ ବେମାଲ)

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଶନିବାର ନୂଆପଡ଼ା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଭୀମସେନ ଶବର, ଅତିରିକ୍ତ ଜିଲାପାଳ ଖଡିଆଳ ସୁବାସ ଚନ୍ଦ୍ର ରାଏତ, ଉପଜିଲାପାଳ ନୂଆପଡ଼ା ଯୋଗେନ୍ଦ୍ର ମାଝି, ଡେପୁଟି କଲେକ୍ଟର ନିର୍ବାଚନ ଶେଖ ନସିମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଶବର ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ, ଗଣତନ୍ତ୍ରର ସଫଳତା ପାଇଁ ଜନସାଧାରଣଙ୍କ ସହଭାଗିତା ଆବଶ୍ୟକ। ଆଧାର ନମ୍ବର ସହିତ ସଂଯୋଗ ହୋଇ ସମସ୍ତ ଯୋଗ୍ୟ ମତଦାତାଙ୍କୁ ତ୍ରୁଟିଶୂନ୍ୟ ଭୋଟର ପରିଚୟପତ୍ର ପ୍ରଦାନ କରାଯିବ। ବୁଥ୍‌ସ୍ତରୀୟ ଏଜେଣ୍ଟ ସଚେତନ ହେଲେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ଏଥିପାଇଁ ସେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଭାଜପାରୁ ପ୍ରଦୀପ କୁମାର ମହାପାତ୍ର, ଭାରତୀୟ ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ଜନତା ଦଳରୁ ରମାକାନ୍ତ ଠାକୁର, ବହୁଜନ ସମାଜପାର୍ଟିରୁ କୁନ୍ତି ସାହୁ, ଏଏପିରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସମାଜସେବୀଙ୍କୁ ସମ୍ବର୍ଦ୍ଧନା


ମଞ୍ଜୁରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଡ଼ିଆଳ,୨୩।୩ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଟ୍ରଷ୍ଟ ତରଫରୁ ବିଶିଷ୍ଟ ସମାଜସେବୀ ମଞ୍ଜୁରାଣୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀଅରବିନ୍ଦ ନଗରସ୍ଥିତ ତାଙ୍କ ବାସଭବନରେ ଟ୍ରଷ୍ଟ କର୍ମକର୍ତ୍ତା ପହଞ୍ଚି ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର, ଉପ ସଭାପତି ଶ୍ରୀବତ୍ସ ବାରିକ, ସମ୍ପାଦକ ସବିତା ବେହେରା, କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ସାହୁ, ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ଶିକ୍ଷାବିତ୍ ନବୀନ କିଶୋର ପାଢ଼ୀ, ସୁନୀତି ଅପା, ରାଜଶ୍ରୀ ଅପା, ଡ. ସୋଭିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ମଞ୍ଜୁରାଣୀ ୧୯୭୫ ମସିହାରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାକିରିରେ ଯୋଗଦାନ କଲାପରେ ଖଡ଼ିଆଳଠାରେ ଶ୍ରୀମା ଶ୍ରୀଅରବିନ୍ଦ ସେବାଶ୍ରମ, ପାଠଚକ୍ର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସର୍ବୋପରି ଶ୍ରୀଅରବିନ୍ଦଙ୍କ ଦେହାଂଶ ମନ୍ଦିର ପ୍ରତିଷ୍ଠା କରିବା ସହିତ ସେବାଶ୍ରମକୁ ୧୦ ଡେସିମିଲ ଜାଗା ଦାନ ଭଳି ସେବା ପ୍ରଦାନରେ ବ୍ରତୀ ଅଛନ୍ତି।

## ୨୭ରେ କଂଗ୍ରେସର ବିଧାନସଭା ଘେରାଉ

ନୂଆପଡ଼ା,୨୩।୩ (ମକାରୁ ବେମାଲ)

ମହିଳାଙ୍କୁ ନିର୍ଯାତନା ପ୍ରତିବାଦରେ ଆଗାମୀ ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ଏଥିରେ ନୂଆପଡ଼ା ଜିଲାରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହେବେ ବୋଲି ଶନିବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କଂଗ୍ରେସ ନୂଆପଡା ପର୍ଯ୍ୟବେକ୍ଷକ ମୁରଲୀଧର ନାଏକ, ପୂର୍ବତନ କଂଗ୍ରେସ ଜିଲା ସଭାପତି ଘାସିରାମ ମାଝି, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ଜିଲା ସାଧାରଣ ସମ୍ପାଦକ ଦେବଦତ୍ତ ଦୀକ୍ଷିତ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ସାହାରୁଖ ଖାଣ, ପାସା ମହାନନ୍ଦ, ବରିଷ୍ଠ ନେତା ଅଭୟ ଶଙ୍କର ଯୋଶୀ, ହରି ମାଝି, ଆଲୋକ ଗୁରୁ, ସୌରଭ ଚନ୍ଦ୍ରକାର, ମୋତି ରାୱାଲ, ବିମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ନାବାଳିକା ଛାତ୍ରୀମାନେ ଗର୍ଭ ଧାରଣ କରୁଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଛି। ବର୍ତ୍ତମାନ ସାଧାରଣ ଲୋକେ ଶୋଷଣର ଶିକାର ହେଉଛନ୍ତି। ଏହାକୁ ବିରୋଧ କରି ମାର୍ଚ୍ଚ ୨୭ରେ ବିଧାନସଭା ଘେରାଉ କରିବାକୁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଛନ୍ତି। ଏଥିରେ ଜିଲାରୁ ଶତାଧିକ ନେତା ଓ କର୍ମୀ ସାମିଲ ହେବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା ଜିଲା କଂଗ୍ରେସ ସଭାପତି ଆଜାଦ ସୂଚନା ଦେଇଛନ୍ତି।

## ବିଭିନ୍ନ ବିଦ୍ୟାଳୟ ବୁଲି ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଡିଇଓ

ନୂଆପଡ଼ା,୨୩।୩
(ମକାରୁ ବେମାଲ)


ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା ଜିଲା କୋମନା ବ୍ଲକର ଭୋଜପୁର ଘାଟି ପ୍ରାଥମିକ ବିଦ୍ୟାଳୟ, କୁଶଦହନା ପ୍ରାଥମିକ ବିଦ୍ୟାଳୟ, ବେଲରଦନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିଆଲଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ଯୋଗଦେଇ ଅବିଭାକମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହାସହିତ ବିଭିନ୍ନ ଋତୁକାଳୀନ ଆବାସିକ କେନ୍ଦ୍ର ପରିଦର୍ଶନ କରିଥିଲେ। ଏନ୍ଇପି-୨୦୨୦ ଦ୍ୱାରା ପ୍ରଥମ କରି ଆରମ୍ଭ ହୋଇଥିବା ଖଡି ଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଅଭିଭାବକମାନଙ୍କୁ ନିମନ୍ତ୍ରଣ ପ୍ରଦାନ କରିବା କାର୍ଯ୍ୟକ୍ରମକୁ କୋମନା ବ୍ଲକର ଭୋଜପୁର ଘାଟି ବିଦ୍ୟାଳୟରୁ ଆରମ୍ଭ କରାଯାଇଥିଲା। ଡିଇଓ ଭୂଏଙ୍କ ସହ କୋମନା ଏବିଇଓ ବଳମତ ମାଝି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବଳ ଶ୍ୟାମ ପଣ୍ଡା, ପ୍ରଧାନ ଶିକ୍ଷକ ଶଙ୍କର ମାଝି, କନିଷ୍ଠ କିରାଣି ନରେନ୍ଦ୍ର ମେହେର, ଚନ୍ଦନ କାଣ୍ଡ, ସିଆଲଲଟି ସିଆର୍‌ସିସି ହିମାଞ୍ଚଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ସାଧାରଣ ଅଧିବେଶନ

ଭବାନୀପାଟଣା,୨୩।୩
(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସରସ୍ୱତୀ ଶିଶୁ ମନ୍ଦିର ବ୍ରଜବିହାରଠାରେ ବରିଷ୍ଠ ନାଗରିକ ସଂଘ ତରଫରୁ ରବିବାର ଗଜେନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ବିଭିନ୍ନ ପ୍ରସଙ୍ଗ ଆଲୋଚନା ପରେ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ଚୟନ ହୋଇଥିଲା। ବିଜୟ କୁମାର ହୋତା ସଭାପତି, ମଳୟ କୁମାର ମୁଣ୍ଡ ଉପସଭାପତି, ଗିରିଜା ଶଙ୍କର ବାବୁ ସମ୍ପାଦକ, ସୁଶ୍ରୀ ସବିତା ପଟ୍ଟନାୟକ ଯୁଗ୍ମ ସମ୍ପାଦକ, ନିରଞ୍ଜନ ପଣ୍ଡା କୋଷାଧ୍ୟକ୍ଷ, କୃଷ୍ଣ ମୋହନ ଯୋଶୀ ସହ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଶରତ ନାୟକ, ବିଦ୍ୟାଧର ପଣ୍ଡା ଓ ନଳିନୀ ରଞ୍ଜନ ମୁଣ୍ଡ ନିର୍ବାଚନ ପରିଚାଳନା କରିଥିଲେ।


ସାଧାରଣ ଅଧିବେଶନରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

## କୁଆପଥର ମାଡ଼ରେ ଘର ଖପର ଭାଙ୍ଗିଲା

**କାଳବୈଶାଖୀ**

ନୂଆପଡ଼ା,୨୩।୩ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଶନିବାର କାଳବୈଶାଖୀ ପ୍ରଭାବରେ ଝିପି ଝିପି ବର୍ଷା ସହ କୁଆପଥର ମାଡ଼ ହୋଇଛି। ଏଥିରେ ବହୁ ଖପର ଓ ଆଜବେଷ୍ଟସ୍ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଛି। ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ବହୁ ମାତ୍ରାରେ କୁଆପଥର ମାଡ଼ ହୋଇଛି। ବହୁ ଲୋକଙ୍କ ଘରର ଆଜବେଷ୍ଟସ୍ ଓ ଖପର ଭାଙ୍ଗିଯାଇଛି। ସେହିପରି ସୋଲାର ପ୍ଲେଟ, ପ୍ଲାଷ୍ଟିକ ପାଇପ୍ ଭାଙ୍ଗଯାଇଥିବା ବେଳେ କେତେକ ସ୍ଥାନରେ ଗଛ ଭାଙ୍ଗି ପଡିଛି। କୁଆପଥର ମାଡରେ ଆମ୍ବ କଷି, ଚାହାର, କେନ୍ଦୁ ଓ ମହୁଲ ଫୁଲ ଝଡି ନଷ୍ଟ ହୋଇଯାଇଛି। ଫଳରେ ଏହି ଲଘୁ ବନଜାତ ସଂଗ୍ରହକରି ପରିବାର ପ୍ରତିପୋଷଣ କରୁଥିବା ପରିବାର ଚିନ୍ତାରେ ପଡି ଯାଇଛନ୍ତି।


କୁଆପଥର ମାଡ଼ରେ ଜଣଙ୍କ ଘରର ଖପର ଭାଙ୍ଗିଯାଇଛି।

ଡାଲିଜାତୀୟ ଫସଲ ମୁଗ, ବିରି, ହରଡ ନଷ୍ଟ ହେବା ସହ ପନିପରିବା ବାଇଗଣ, ଟମାଟୋ ଆଦି ଗଛରୁ ଝଡିପଡିଛି। ଚାଷ କିଆରିରେ ପାଣି ଜମି ରହିଥିବାରୁ ପିଆଜ, ଆଳୁ ନଷ୍ଟ ହେବା ସମ୍ଭାବନା ରହିଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ବିଶେଷ କରି ଗରିବ ଅସହାୟ ଲୋକଙ୍କ ଘର ଭାଙ୍ଗିଯାଇଥିବାରୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି। ସେହିପରି ବିଭାଗୀୟ ଅଧିକାରୀ ଫସଲ ନଷ୍ଟର ଆକଳନ କରି କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳି: ଅଭିଯୋଗ କଲା ଟିପିଡବ୍ଲୁଓଡିଏଲ୍

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଜରିମୂଲି ଗ୍ରାମରେ ବିଦ୍ୟୁତ୍ ଦେୟ ଅସୁଲ କରିବାକୁ ଯାଇ ଜଣେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗ୍ରାମର ଜଣେ ବିଦ୍ୟୁତ୍ ଉପଭୋକ୍ତା ଏବଂ ଅନ୍ୟଜଣେ ଚାଷୀନେତାଙ୍କୁ ଆକ୍ରମଣ କରିଥିବା ପୋଲିସରେ ଏତଲା ହୋଇଛି। ଏ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ ଦାବିରେ ସଂଯୁକ୍ତ କୃଷକ ସଂଗଠନ ଏସ୍‌ପିଙ୍କୁ ଫେରାଦ ହୋଇଛି। ଅନ୍ୟପକ୍ଷରେ ଟିପିଡବ୍ଲୁଓଡିଏଲ ପୋଲିସରେ ପାଲଟା ଅଭିଯୋଗ କରିଛି। ଟିପିଡବ୍ଲୁଓଡିଏଲର ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ଗ୍ରାହକ ଜରିମୁଲି ଗ୍ରାମର ସୌଦାଗର କୁଅଁରଙ୍କ ଏପର୍ଯ୍ୟନ୍ତ ୯୧ ହଜାର ୫୫୦ ଟଙ୍କା ବିଦ୍ୟୁତ୍ ବିଲ ବକେୟା ରହିଛି। ଚଳିତ ଆର୍ଥିକ ବର୍ଷରେ ସେ ମାତ୍ର ଦୁଇଥରରେ ମୋଟ ୭୩୭ ଟଙ୍କା ବିଦ୍ୟୁତ୍ ବିଲ ପୈଠ କରିଛନ୍ତି । ତେଣୁ ଉକ୍ତ ବିଦ୍ୟୁତ୍ ଗ୍ରାହକ ଜଣଙ୍କ ବିଲ ପରିଶୋଧ ନ କରିବାରୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରଚଳିତ ନିୟମ ଅନୁଯାୟୀ ବିଦ୍ୟୁତ୍ ବିତରକ ସଂସ୍ଥା ଦ୍ୱାରା ତାଙ୍କ ବିଦ୍ୟୁତ୍ ସେବାକୁ ବିଚ୍ଛିନ୍ନ କରାଯାଇଥିଲା। ଏଭଳି ସ୍ଥିତିରେ ବୁଙ୍ଗାପଲି ଗ୍ରାମର ଇଷାନ ଚନ୍ଦ୍ର ଭୋଇ ରାମଖୋଲ ଗ୍ରାମଠାରେ ଟିପିଡବ୍ଲୁଓଡିଏଲର ସେକ୍ସନ ଅଫିସର୍ ତଥା ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଗାଡି ଅଟକାଇ ଗାଳି ଗୁଲଜ କରିଥିବା ଟିପିଡବ୍ଲୁଓଡିଏଲ ଅଭିଯୋଗ କରିଛି। ଅମ୍ବାଭୋନା ଥାନା ପୋଲିସ ଏହାର ତଦନ୍ତ କରୁଛି।

### ପିକ୍‌ଅପ୍ ଭ୍ୟାନ୍ ଧକ୍କା: ଜଣେ ମୃତ

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ବାନ୍ଧୁଟିକ୍ରା ଛକ ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଭ୍ୟାନ ଧକ୍କାରେ ଜଣେ ସ୍କୁଟି ଆରୋହିଙ୍କ ମୃତ୍ୟୁ ଘଟିଛି। ମୃତ ସ୍କୁଟି ଆରୋହୀ ଜଣେ ମହିଳା ହୋଇଥିବା ବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିନାହିଁ। ଦୁର୍ଘଟଣା ଘଟାଇ ଖସିଯିବାକୁ ଉଦ୍ୟମ କରୁଥିବା ପିକଅପ ଭ୍ୟାନଟି ସ୍ଥାନୀୟ ଭଟଲି ଛକରେ ପୁଣି ଏକ ଦୁର୍ଘଟଣା ଘଟାଇଥିବା ସୂଚନା ମିଳିଛି।

### ଅର୍ଥାଭାବ, ଛଟପଟ ହେଉଛନ୍ତି ଶୁକ୍ରୁ

ପଦ୍ମପୁର ୨୩।୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ସାପଲହର ଗ୍ରାମର ଶୁକ୍ରୁ ସରାଫ (୬୫)ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ପାଖରେ ଅର୍ଥ ନଥିବାରୁ ଶୁକ୍ରୁଙ୍କ ଚିକିତ୍ସା ହୋଇପାରୁନାହିଁ। ପରିବାରବର୍ଗ ଧାର କରଜ କରି ପଦ୍ମପୁର, ବରଗଡ଼, ଛତିଶଗଡ଼ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରିଲେଣି। ବିଏସ୍‌କେୱାଇ କାର୍ଡରେ ମଧ ଯାହା ଟଙ୍କା ଥିଲା ସବୁ ଶୁକ୍ରୁଙ୍କ ଚିକିତ୍ସାରେ ସରିଗଲାଣି। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଫଳରେ ଶୁକ୍ରୁ ବିଛଣାରେ ପଡ଼ିରହି ଛଟପଟ ହେଉଛନ୍ତି। ଶୁକ୍ରୁଙ୍କ ସ୍ତ୍ରୀ ଜଣେ ଦିନ ମଜୁରିଆ। ଯାହା ରୋଜଗାର କରନ୍ତି ସେଥିରୁ ପରିବାର ଚଳିବା କଷ୍ଟକର ହୋଇଥାଏ। ବର୍ତ୍ତମାନ ତାଙ୍କ ପାଖରେ ଅର୍ଥ ନଥିବାରୁ ସ୍ୱାମୀଙ୍କ ଦୈନନ୍ଦିନ ଔଷଧ କିଣିପାରୁନାହାନ୍ତି। ଗରିବ ଲୋକ ହୋଇଥିବାରୁ ଏପରି ପରିସ୍ଥିତିରେ ଔଷଧ ଓ ଅଧିକ ଚିକିତ୍ସା ପାଇଁ କେହି ସହୃଦୟ ବ୍ୟକ୍ତି କିମ୍ବା ସରକାର ସାହାଯ୍ୟର ହାତ ବଢ଼ାଇଲେ ଶୁକ୍ରୁ ଆରୋଗ୍ୟ ଲାଭ କରିପାରନ୍ତେ ବୋଲି ତାଙ୍କ ସ୍ତ୍ରୀ ଆକୁଳ ନିବେଦନ କରିଛନ୍ତି।

# କାଳବୈଶାଖୀର କରାଳ ରୂପ, ଉଜୁଡ଼ିଗଲା ଫସଲ



ଭେଡ଼େନ ବ୍ଲକ ରେଶମ ଗ୍ରାମର ଧାନ ଫସଲ ଉପରେ ଗଛ ଢଳି ପଡ଼ିଛି।



କୁଆପଥର ବୃଷ୍ଟି ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି।

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏଠାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ଅସମାହିତ ରହିଛି। ଧାନ ଓ ପରିବା ଅଭାବୀ ବିକ୍ରି ସାଧାରଣରେ ପରିଣତ ହୋଇଛି। ଅନ୍ୟପଟେ କେତେବେଳେ ବର୍ଷାଭାବ ତ ଆଉକେବେ ରୋଗପୋକ ଉପଦ୍ରବ ଯୋଗୁ ଫସଲ ଧୂଳିସାତ୍ ହୋଇ ଯାଉଛି। ଅନୁରୂପଭାବେ ଶନିବାର ବିଳମ୍ବିତ ରାତିରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ଉଭୟ ଧାନ ଏବଂ ପରିବା ଫସଲ ଉଜୁଡ଼ି ଯାଇଛି। ଝଡ଼ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହେବା ଯୋଗୁ ଧାନ ଫସଲ ଅଧିକ ପ୍ରଭାବିତ ହୋଇଥିବାବେଳେ ଗଛରୁ ଆମ୍ବ ମଧ ଝଡ଼ି ନଷ୍ଟ ହୋଇପଡ଼ିଛି। ଏହାକୁ ନେଇ ଚାଷୀକୁଳ ହତାଶ ହୋଇପଡ଼ିଛି।

ଜିଲାର ଭେଡେନ ବ୍ଲକର ୪ପଞ୍ଚାୟତ ରେଶମ, ଅଇଁଲାପାଲି, ଅରେଇଗୁଡ଼ି ଏବଂ ଲୁହାଖଣ୍ଡିରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଥିଲା। ମଧ୍ୟରାତ୍ରିରେ ଝଡ଼ତୋଫାନ ସହିତ କୁଆପଥର ବୃଷ୍ଟି ହୋଇଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳର ଅନେକ ଧାନ ଫସଲ ସେଥିରେ ପ୍ରଭାବିତ ହୋଇଛି। କୁଆପଥର ବୃଷ୍ଟି ଯୋଗୁ ଧାନଗଛ ଗୁଡ଼ିକ ମାତ୍ରାଧିକଭାବେ ନଷ୍ଟ ହୋଇପଡ଼ିଛି। ସେହିପରି ଧାନକ୍ଷେତରେ ଗଛଗୁଡ଼ିକ ଢ଼ଳି ପଡ଼ିବାରୁ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ଧାନ କ୍ଷେତକୁ ବିଦ୍ୟୁତ ତାର ଓହଳି ପଡ଼ିଥିବା ଯୋଗୁ ସମ୍ପୃକ୍ତ ଅଞ୍ଚଳ ବିପଦଶଙ୍କୁଳ ହୋଇପଡ଼ିଛି। ରେଶମ ଗ୍ରାମର ଅଧିକାରୀ ପାତ୍ରଙ୍କ ଧାନକ୍ଷେତରେ ଗଛ ଢ଼ଳି ପଡ଼ିଛି। ଅନୁରୂପଭାବେ ଅଇଁଲାପାଲି ଗ୍ରାମର ନିର୍ମଳ ପ୍ରଧାନ, ଧୁବେନପାଲି ଗ୍ରାମର ଗଣ୍ଡାରାମ ଦାଶଙ୍କ ସମେତ ଅଞ୍ଚଳର ଅଧିକାଂଶ ଚାଷୀଙ୍କ ଧାନ ଫସଲ କାଳବୈଶାଖୀର ପ୍ରଭାବରେ ଧୂଳିସାତ୍ ହୋଇପଡ଼ିଛି।

ସେହିପରି କାଳବୈଶାଖୀ ଯୋଗୁ ଗଛରୁ ଆମ୍ବ ଝଡ଼ି ନଷ୍ଟ ହୋଇଯାଇଥିବା ଯୋଗୁ ଆମ୍ବଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବିଗତବର୍ଷ ତୁଳନାରେ ଏଥର ଆମ୍ବଗଛ ଗୁଡ଼ିକରେ ପର୍ଯ୍ୟାପ୍ତ ଆମ୍ବ ଆସିଥିଲା। କିନ୍ତୁ ତାହା ଅମଳ ଅବସ୍ଥାକୁ ଆସୁଥିବାବେଳେ କାଳବୈଶାଖୀର ପ୍ରଭାବରେ ଝଡ଼ି ନଷ୍ଟ ହୋଇଯାଇଛି। ଅମ୍ବାଭୋନା, ଭଟଲି ସମେତ ବିଭିନ୍ନ ଅଞ୍ଚଳରେ ପରିବା ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି । ତେବେ କେବଳ ଭେଡ଼େନ, ଅମ୍ବାଭୋନା କିମ୍ବା ଭଟଲି ବ୍ଲକ ନୁହେଁ, ଜିଲାର ଅନ୍ୟ ଅଞ୍ଚଳରେ ମଧ କାଳବୈଶାଖୀରେ ଫସଲ ପ୍ରଭାବିତ ହୋଇଥିବାରୁ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। କାଳବୈଶାଖୀରେ ପ୍ରଭାବିତ ଫସଲର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଭେଡ଼େନ ଅଞ୍ଚଳର ଚାଷୀନେତା ସୁଦାମ ପାତ୍ର ଦାବି କରିଛନ୍ତି। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସେହିପରି ସହକାରୀ ଉଦ୍ୟାନ ନିର୍ଦ୍ଦେଶକ(ଏଡିଏଚ୍) ଗୋବିନ୍ଦ ପଣ୍ଡାଙ୍କୁ ପଚାରିବାରୁ ଭଟଲି ଏବଂ ଅମ୍ବାଭୋନା ବ୍ଲକର ଚାଷୀମାନେ ସେମାନଙ୍କ ପରିବା ଫସଲକ୍ଷତି ନେଇ ଫୋନ କରିଥିଲେ। ବିଭାଗୀୟ କର୍ମଚାରୀଙ୍କୁ ପ୍ରଭାବିତ କ୍ଷେତ୍ର ପରିଦର୍ଶନ ସହିତ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନେ ଫେରିବା ପରେ କ୍ଷୟକ୍ଷତି ଉପରେ ଜଣାପଡ଼ିବ ବୋଲି ପଣ୍ଡା କହିଥିଲେ।

# ସୋହେଲା ବ୍ଲକସ୍ତରୀୟ ଶୈକ୍ଷିକ ବିକାଶ ଭ୍ରମଣ

ସୋହେଲା ୨୩।୩ (ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ଅନ୍ତର୍ଗତ ଷୋହଳ କ୍ଲଷ୍ଟରର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତିନି ଜଣ ଲେଖାଏ ମୋଟ ୪୨୦ ଜଣ ଛାତ୍ରୀଛାତ୍ର ଏକ ଶୈକ୍ଷିକ ବିକାଶ ଭ୍ରମଣରେ ଯାଇଥିଲେ। ଏହି ଭ୍ରମଣରେ ଛାତ୍ରୀଛାତ୍ରମାନେ ପ୍ରଥମେ ଅମ୍ବାଭୋନା ଅନ୍ତର୍ଗତ ଐତିହାସିକ ତଥା ଆଧାତ୍ମିକ ଅଷ୍ଟଶମ୍ଭୁ ଶୈବପୀଠ କେଦାରନାଥ ମନ୍ଦିରକୁ ଯାଇଥିଲେ। ଏହି ପ୍ରାଚୀନ ଶୈବପୀଠରେ ଛାତ୍ରୀଛାତ୍ରମାନେ ମନ୍ଦିରର ଇତିହାସ ଜାଣିବା ସହ ଏହାର ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିଥିଲେ। ମନ୍ଦିରର ପୂଜକ ଧୃବ ଗିରି ଛାତ୍ର ଛାତ୍ରୀଙ୍କୁ ମନ୍ଦିର ଇତିହାସ ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହା ପରେ ଛାତ୍ରୀଛାତ୍ରମାନେ ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟକୁ ଯାଇ ଉକ୍ତ ବିଦ୍ୟାଳୟର ସ୍ମାର୍ଟ କ୍ଲାସ, ବିଜ୍ଞାନ ଗାର, ପାଠାଗାର ପରିଦର୍ଶନ କରିଥିଲେ । ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସୁଧାମୟ ତ୍ରିପାଠୀ ବିଇଓ ଅମୃତା ସାହୁଙ୍କ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହାପରେ ଛାତ୍ର ଛାତ୍ରୀ ମାନେ ବରଗଡ଼ ଜାତୀୟ ହସ୍ତତନ୍ତ ପ୍ରତିଷ୍ଠାନକୁ ଭ୍ରମଣ କରିଥିଲେ। ଏହି ଅନୁଷ୍ଠାନର ବିଭିନ୍ନ ଯନ୍ତ୍ରପାତିକୁ ଛାତ୍ରୀଛାତ୍ରମାନେ ଆଗ୍ରହର ସହ ଅନୁଧାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଧାପକ ଦେବେନ୍ଦ୍ର ଯାଦବଙ୍କ ସହ କର୍ମକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ହସ୍ତତନ୍ତ ଯନ୍ତ୍ର ବିଷୟରେ ବୁଝାଇଥିଲେ। ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ବୈଜ୍ଞାନିକ ମନୋଭାବର ବିକାଶ ନିମନ୍ତେ ଟୁକୁର୍ଲା ସ୍ଥିତ ବରଗଡ଼ ଜିଲା ବିଜ୍ଞାନ କେନ୍ଦ୍ରକୁ ଭ୍ରମଣରେ ନିଆଯାଇଥିଲା। ଏହି ବିଜ୍ଞାନ କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଜ୍ଞାନ ବିଷୟର ଉପକରଣ, ଥ୍ରି ଡି ଶୋ ଦେଖିଥିଲେ। ଅନୁଷ୍ଠାନ ଦାୟିତ୍ୱରେ ଥିବା ଗୋପୀନାଥ ପଧାନ ବିଭିନ୍ନ ବିଷୟରେ ଛାତ୍ରଛାତ୍ରଙ୍କୁ ବୁଝାଇଥିଲେ। ଏହି ଶୈକ୍ଷିକ ବିକାଶ ଭ୍ରମଣ କାର୍ଯ୍ୟକ୍ରମଟି ସୋହେଲା ବିଇଓ ଅମୃତା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା ଏବିଇଓ ମନୋହର ଉଟିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଏବିଇଓ ଗୋଲାପଚାନ୍ଦ ମିଶ୍ର ଏହି ଭ୍ରମଣରେ ସାମିଲ ହୋଇଥିଲେ। ପ୍ରଧାପକ କ୍ଲଷ୍ଟରରୁ ଯାଇଥିବା ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସିଆର୍‌ସିସି, ଅଫିସ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ

### ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପାଇକମାଳ, ୨୩।୩(ବଡ଼ ଶତପଥୀ)

ପାଇକମାଳ ବ୍ଲକ ମିଠାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ନାମଯଜ୍ଞରେ ଗ୍ରାମର ହିନ୍ଦୁ ଭାଇ ଭଉଣୀ ମାନଙ୍କ ସହ ମୁସଲମାନ ଭାଇ ମାନେ ମିଳିମିଶି ସମସ୍ତ କାମ କରିବା ସହ ମୁଖ୍ୟ ଭୂମିକା ମଧ ଗ୍ରହଣ କରିଥିଲେ। ଗୁରୁବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମଧାହ୍ନ ୧୨ଟାରୁ ଏ ଯୁଗର ମହମନ୍ତ୍ର ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ ମହାମନ୍ତ୍ର ଜପ ଆରମ୍ଭ ହୋଇଥିଲା। ରବିବାର ମଧାହ୍ନ ୧୨ଟାରେ ନାମଯଜ୍ଞର ପୂର୍ଣ୍ଣାହୁତି ପଡ଼ିଥିଲା ଓ ସନ୍ଧ୍ୟା ସାଢ଼େ ୭ଟା ଯାଏ ମହାମନ୍ତ୍ର ବୈଠକି ସଂକୀର୍ତ୍ତନ ଚାଲିଥିଲା। ଏହି ନାମଯଜ୍ଞରେ ରମେଶ ସାହୁ ଓ ତାଙ୍କ ସହଧର୍ମିଣୀ ସୁସିକା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ମିତ୍ରଭାନୁ ଦେବତା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ସଭାପତି କନ୍ଦର୍ପ ମାହର, ଉପ ସଭାପତି ନବୀନ ଚନ୍ଦ୍ର ନାୟକ ଓ ସମ୍ପାଦକ ଆନନ୍ଦ ରାମ ଉନସନା ପ୍ରମୁଖ ପରିଚାଳନା କରିଥିଲେ। ଏହି ନାମଯଜ୍ଞରେ ଡୁଙ୍ଗୁରିପାଲି ଗ୍ରାମର ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ ଦୂରଦୂରାନ୍ତରରୁ ୧୨ଗୋଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ନାମଯଜ୍ଞ ସମାପ୍ତ ହେବା ପରେ ବୈଠକି କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶହୀଦ ଭଗତ୍ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଶହୀଦ ଭଗତ୍ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରବିବାର ବରଗଡ଼ ନାଗରିକ ମଞ୍ଚର ସଦସ୍ୟବୃନ୍ଦ ସ୍ଥାନୀୟ ଗୁରୁଦ୍ୱାରା ଛକସ୍ଥିତ ଶହୀଦ ଭଗତ୍ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପ କରିଥିଲେ। ମଞ୍ଚର ସଦସ୍ୟ ନିଖିଳ ପାଣିଗ୍ରାହୀ, ଶିବାନନ୍ଦ ମଟାରୀ, ଜୀବନଲାଲ ଚୌଧୁରୀ, ଭବାନୀ ସାହୁ, ସୁଦାମ ସାହୁ, ଟିଙ୍କୁ ନନ୍ଦ, ଗୋବିନ୍ଦ ଶର୍ମା, ଲାଲା ଦୀପ, କାଳିଆ ବାରିକ, ପ୍ରମୋଦ ବେହେରା, ରବି ପାଠୀ, ନିତ୍ୟାନନ୍ଦ ବାଗ, ଜି. ଭି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ଜିଲା ଅଭିଭାବକ ସଂଘ ପକ୍ଷରୁ ମଧ ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘର ସଭାପତି ବିମଳ କିଶୋର ଦାଶ ଏବଂ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।



ଶହୀଦ ଭଗତ୍ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ନାକ କର୍କଟ ରୋଗର କଷ୍ଟ ସହୁଛନ୍ତି ଲତା

## ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

ପାଇକମାଳ, ୨୩।୩(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର ଲତା ସରିଆ (୪୪) ଆର୍ଥିକ ପରିସ୍ଥିତି ଯୋଗୁ ଚିକିତ୍ସିତ ହୋଇପାରୁନାହାନ୍ତି । ୫ ବର୍ଷ ହେଲା ନାକ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ପାଖରେ ଅର୍ଥ ଅଭାବ ଥିବାରୁ ଚିକିତ୍ସିତ ହୋଇପାରୁନାହାନ୍ତି। ଧାର କରଜ କରି ନୂଆପଡ଼ା, ବୁର୍ଲା ତଥା ରାୟପୁର ଡାକ୍ତରଖାନା ଯାଇ ଚିକିତ୍ସିତ ହେଉଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଯାହା ପଇସା ଥିଲା ତାହା ଚିକିତ୍ସାରେ ସରିଗଲାଣି। ତଥାପି ରୋଗ ଭଲ ହେଉନାହିଁ। ନାକ ଅସ୍ୱାଭାବିକ ଭାବରେ ବଢିଥିବାରୁ ସେ ଖାଇ ପାରୁନାହାନ୍ତି। ଅସହାୟ ପରିବାର ପକ୍ଷେ ଔଷଧ କିଣିବା ପାଇଁ ଅର୍ଥ ନାହିଁ। ପରିବାର କହିଲେ, ସ୍ୱାମୀ, ଦୁଇ ପୁଅ ଝିଅ ସମେତ ୮ ଜଣ ସଦସ୍ୟ। ଲତାଙ୍କ ସ୍ୱାମୀ ଦିନମଜୁରିଆ। ମଜୁରି ଲାଗି ଯାହା ରୋଜଗାର କରନ୍ତି ସେଥିରୁ ପରିବାର ଖର୍ଚ୍ଚ ପାଇଁ ଅଣ୍ଟୁ ନାହିଁ। ଲତା ଉଚ୍ଚ ଚିକିତ୍ସା ପାଇଲେ ଭଲ ହେବେ ବୋଲି କହୁଛନ୍ତି ଡାକ୍ତରମାନେ। ହେଲେ ପାଖରେ ସମ୍ବଳ ନାହିଁ, ସେଥିପାଇଁ ଜିଲାପାଳ ଆଦିତ୍ୟ ଗୋଏଲ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଉଚ୍ଚ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲାଗି ଲତା ନିବେଦନ କରିଛନ୍ତି। ଏଥିସହ କେହି ସହୃଦୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ କରିବାକୁ ଲତା ଅନୁରୋଧ କରିଛନ୍ତି। ମୁଁ ବଞ୍ଚିଲେ ମୋର ପରିବାର ବଞ୍ଚିବେ ବୋଲି ସେ ଆକୁଳ ନିବେଦନ କରିଛନ୍ତି। ଅଞ୍ଚଳର ବୁଦ୍ଧିଜୀବୀ, ସରକାର ଏହାର ସୁବ୍ୟବସ୍ଥା ପାଇଁ ନିବେଦନ କରିଛନ୍ତି।



ସମ୍ପର୍କୀୟଙ୍କ ସହ କର୍କଟ ରୋଗୀ ଲତା।

# ଗଙ୍ଗାଧରଙ୍କ ଶ୍ରାଦ୍ଧ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ବରପାଲି, ୨୩।୩(ଚିତ୍ତରଞ୍ଜନ ସାହୁ)

ଜନ୍ମପୀଠ ବରପାଲିରେ କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗଙ୍ଗାଧର ମେହେର କ୍ଲବର ସଭାପତି ନରେନ୍ଦ୍ର କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଶ୍ରାଦ୍ଧ ଦିବସକୁ ଅଧିକ ଗୁରୁତ୍ୱର ସହ ପାଳନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ୨୯ ତାରିଖ ଶନିବାର ଚୈତ୍ର ଅମାବାସ୍ୟାରେ ଏହି ଶ୍ରାଦ୍ଧ ଦିବସ ପାଳନ କରାଯିବ। ଏହି ଅବସରରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ମୁଖ୍ୟ ବକ୍ତାଭାବରେ ଅଧାପକ ଚିନ୍ମୟ କୁମାର ସାହୁ ଓ ସମ୍ମାନିତ ବକ୍ତା ଭାବରେ ମଞ୍ଜୁବାଳା ମେହେର ଯୋଗଦେବେ । ପ୍ରସ୍ତୁତି ବୈଠକରେ ଉପ ସଭାପତି ପଦ୍ମ ଲୋଚନ ସାହୁ, ସମ୍ପାଦକ ବାଲ କିଶୋର ଖାଡ଼ଙ୍ଗା, ଡ. ଘନଶ୍ୟାମ ପାଣିଗ୍ରାହୀ, ଆନନ୍ଦ ମେହେର, ଧ୍ରୁବ ଚରଣ ମେହେର, ବାଳକୃଷ୍ଣ ପୂଝାରୀ, ମହେନ୍ଦ୍ର କୁମାର ଗହୀର, ବିଭୂତି ଭୂଷଣ ମିଶ୍ର, ବନ୍ତରାମ ସେଠ, ଦାମୋଦର ପଣ୍ଡା, ଗଣେଶ ମେହେର,ରାଜାରାମ ମେହେର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମାରୱାଡ଼ି ଧର୍ମଶାଳାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପଦ୍ମପୁର, ୨୩।୩(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ସହର ମାରୱାଡ଼ି ଧର୍ମଶାଳାଠାରେ ରବିବାର ବଣିକ ସଂଘ ଓ କିଶୋରୀ ନର୍ସିଂହୋମ ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଡ. ରଜତ କୁମାର ସାହୁ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିବା ବେଳେ ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ ଡା. ପ୍ରିୟଦର୍ଶିନୀ ନନ୍ଦ, ଓରାଲ ଓ ମେକ୍ସିଲୋଫେସିଏଲ ଡାକ୍ତର ଆଶିଷ ପଣ୍ଡା, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ତାପସ କୁମାର ବୈକାର, ମେଡ଼ିସିନ ସ୍ପେଶାଲିଷ୍ଟ ଡା.ନିଶାନ୍ତ ଦେବତା ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ପ୍ରାୟ ୩୧୬ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ନେଇଥିଲେ।




ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଉପସ୍ଥିତ ଡାକ୍ତର ଓ ଅତିଥି।

# ଆଧୁନିକତାରେ ସୃଜନଶୀଳତା ହଜି ନ ଯାଉ

## ବିକାଶରେ ବିଶ୍ୱ କବିତା ଦିବସ

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ଇଂଲିଶ ବିଭାଗ ଦ୍ୱାରା ଶୁକ୍ରବାର ବିଶ୍ୱ କବିତା ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବରିଷ୍ଠ ଅଧାପକ ତଥା ଲେଖକ ଡ. ରାଜେନ୍ଦ୍ର ପାଢ଼ୀ ଏବଂ ଇଂଲିଶ ପ୍ରାଧାପକ ପ୍ରଫେସର ହରିହର ମଲ୍ଲିକ ଯଥାକ୍ରମେ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ।




ବିଶ୍ୱ କବିତା ଦିବସରେ ଅତିଥିବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଅଧକ୍ଷ ଡ. ବିକ୍ରମ ଦାସ ମଞ୍ଚାସୀନ ଥିଲେ। ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଡିନ୍ (ଛାତ୍ର କଲ୍ୟାଣ) ଆର.ଏସ୍.ଭି କ୍ରିଷ୍ଣା ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜର ଛାତ୍ରୀ ବି. ସଞ୍ଚିତା ପାତ୍ର, ସୌମ୍ୟାଶ୍ରିତା ବିଶ୍ୱାଳ, ଶୁଭସ୍ମିତା ପାତ୍ର, ଅଙ୍କିତା ମିଶ୍ର, ଅଙ୍କିତା ଦେ ସର୍କାର୍ ସ୍ୱରଚିତ କବିତା ପାଠ କରିଥିଲେ।

ମୁଖ୍ୟବକ୍ତା ଡ. ପାଢ଼ୀ ଭାରତୀୟ କବି ଏବଂ ବିଶ୍ୱସ୍ତରୀୟ କବିଙ୍କ ମଧ୍ୟରେ ରହିଥିବା ସମ୍ପର୍କ ଏବଂ କାବ୍ୟ ବିବର୍ତ୍ତନର ରୋଚକ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ପ୍ରଫେସର ମଲ୍ଲିକ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ଲେଖିବା, ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଧୁନିକତା ଭିତରେ ସୃଜନଶୀଳତା ହଜି ନ ଯାଉ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଧାପିକା, ଅଧାପକ ଯୋଗଦାନ କରିଥିଲେ। ଅଧାପିକା ବର୍ଷା ପ୍ରିୟଦର୍ଶିନୀ ଏବଂ ଅଧାପକ ସୁରଜ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଶହୀଦ ଦିବସ ପାଳିତ

ରାଉରକେଲା,୨୩।୩(ଦିନେଶ ମିଶ୍ର)

ଶହୀଦ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ୯୪ତମ ବଳିଦାନ ଦିବସ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଉଦିତନଗରସ୍ଥିତ ଶୀତଳପଡା ବସ୍ତିରେ ସମାଜସେବୀ ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ବଳିଦାନ ଦିବସ ପାଳିତ ହୋଇଥିଲା। ବସ୍ତିରେ ଥିବା ଅଙ୍ଗନବାଡି କେନ୍ଦ୍ରରେ କୁନି କୁନି ପିଲାମାନେ ଉପସ୍ଥିତ ରହି ଦେଶ ପାଇଁ ଶହୀଦ ହୋଇଥିବା ଦେଶପ୍ରେମୀଙ୍କୁ ମନେ ପକାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ସେହିଭଳି ଛେଣ୍ଡ ସ୍ଥିତ ବ୍ରାଇଟ ଲାଇନ୍ ୱେଲଫେୟାର କମିଟି ପକ୍ଷରୁ ଛେଣ୍ଡ ଛକରେ ଥିବା ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନ୍ୟାଶନାଲ କ୍ଲବ ପରିସରରେ ଶହୀଦ ଦିବସ ପାଳିତ ହୋଇଥିଲା। ଏଥିରେ କ୍ଲବର କର୍ମକର୍ତ୍ତା ଉପସ୍ଥିତ ରହି ଦେଶ ପାଇଁ ଜୀବନ ବଳିଦାନ ଦେଇଥିବା ବୀରମାନଙ୍କୁ ମନେ ପକାଇବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ବିଟୁ ମିଶ୍ର, ତନୁ ଦଳେଇ, ସୁଷମା ବିରାଜ, ଗୋପାଳ ସାହୁ, ରାମେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଯୋଗରୁ ବଞ୍ଚିତ ପ୍ରାଦ୍ୟୋଗିକ ଶିକ୍ଷାର୍ଥୀ

ରାଉରକେଲା,୨୩।୩(ସଙ୍ଗୀତା ଜେନା)

ରାଉରକେଲାରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ସମେତ ସର୍ବଭାରତୀୟ ସ୍ତରର ଘରୋଇ ଇଞ୍ଜିନିୟରିଂ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ରହିଛି। ପ୍ରତ୍ୟେକ ବର୍ଷ ଏହିସବୁ ଅନୁଷ୍ଠାନରୁ ହଜାର ହଜାର ପ୍ରାଦ୍ୟୋଗିକ ଶିକ୍ଷାର୍ଥୀ ଶିକ୍ଷାଲାଭ କରି କୁଶଳୀ ହେଉଛନ୍ତି। ରାଉରକେଲାରେ ବୈଷୟିକ ତଥା ପ୍ରଯୁକ୍ତି ଜ୍ଞାନର ଭିତ୍ତିଭୂମି ଥିଲେ ମଧ୍ୟ ଉକ୍ତ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଶେଷକରି ବାହାରୁଥିବା ଶିକ୍ଷାର୍ଥୀ ରାଉରକେଲାରେ ରୋଜଗାର ସୁଯୋଗ ନ ପାଇ ବାହାର ରାଜ୍ୟ ମୁହାଁ ହେଉଛନ୍ତି। ସେମାନେ ହାଇଦ୍ରାବାଦ, ବାଙ୍ଗାଲୋର, ଦିଲ୍ଲୀ, କୋଲକାତା ଭଳି ଅନେକ ସହର ସମେତ ବିଦେଶକୁ ଚାଲିଯାଉଛନ୍ତି। ଶିକ୍ଷାର୍ଥୀମାନେ ଆମ ଦେଶରେ କୁଶଳୀ ହେବା ପରେ ବାହାର ଦେଶକୁ ଅର୍ଥ ରୋଜଗାର ପାଇଁ ଯାଉଛନ୍ତି। ରାଜ୍ୟ କିମ୍ବା ସ୍ଥାନୀୟ ଉଦ୍ୟମ ବିକାଶ କେନ୍ଦ୍ର ବିକଶିତ କରାଗଲେ ଏପରି ଅଭିଜ୍ଞ ଶିକ୍ଷାର୍ଥୀମାନେ ରାଜ୍ୟରେ ରହି ଦେଶ ବିକାଶରେ ସହଯୋଗୀ ହୋଇପାରନ୍ତେ ବୋଲି କୁହାଯାଉଛି। ଉକ୍ତ କେନ୍ଦ୍ର ଦ୍ୱାରା କୁଶଳୀ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ନୂତନ ଷ୍ଟାର୍ଟଅପ୍, ଉଚିତ ପରାମର୍ଶ ତଥା



ଅର୍ଦ୍ଧନିର୍ମିତ ଅବସ୍ଥାରେ ଏସ୍‌ଟିପିଆଇ ଉଦ୍ୟମ ବିକାଶ କେନ୍ଦ୍ର ।

ନେଟୱର୍କ, ୨୪ ଘଣ୍ଟିଆ ଇଣ୍ଟରନେଟ୍, ବିଜୁଳି ଯୋଗାଣ ଅବସର ପ୍ରଦାନ କରାଗଲେ ଶିକ୍ଷାର୍ଥୀମାନଙ୍କ ବିଦେଶ ଯିବାରେ ରୋକ୍ ଲାଗିପାରନ୍ତା। ଅପରପକ୍ଷେ ମଲ୍ଟିନ୍ୟାଶନାଲ କମ୍ପାନୀ ରାଜ୍ୟରେ ଭିତ୍ତିଭୂମି ଅଭାବ ଥିବା ଦର୍ଶାଇ ଅନ୍ୟତ୍ର କମ୍ପାନୀ ଖୋଲୁଛନ୍ତି। ଫଳରେ ରାଉରକେଲା ସମେତ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ର ରୋଜଗାର ପାଇବାରୁ ବଞ୍ଚିତ ହେଉଛନ୍ତି।

ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ରହିଛି। ସର୍ବଭାରତୀୟସ୍ତରରେ ୬୭ଟି ଏସ୍‌ଟିପିଆଇ ଥିବାବେଳେ ସେଥିରୁ ଓଡ଼ିଶାରେ ୫ଟି ରହିଛି। ତନ୍ମଧ୍ୟରୁ ରାଉରକେଲାରେ ଗୋଟିଏ ଏସ୍‌ଟିପିଆଇ ରହିଛି। ସେକ୍ଟର-୫ ଏସ୍‌ଟିପିଆଇରେ ୭ଟି ଛୋଟ ଘରୋଇ ସଫ୍ଟୱେର କମ୍ପାନୀ ରହିଛନ୍ତି। ସ୍ଥାନୀୟ ପ୍ରାଦ୍ୟୋଗିକ ଅଭିଜ୍ଞ ଶିକ୍ଷାର୍ଥୀଙ୍କ ଦକ୍ଷତାକୁ ବ୍ୟବହାର କରିବା ତଥା ରୋଜଗାର ପାଇଁ ୨୦୨୩ରେ ପ୍ରାୟ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ଉଦ୍ୟମ ବିକାଶ କେନ୍ଦ୍ର ବା ଇନ୍‌କ୍ୟୁବେଶନ ସେଣ୍ଟର ନିର୍ମାଣ ଆରମ୍ଭ କରାଗଲା। ହେଲେ ତାହା ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ଏହାର ନିର୍ମାଣକାମ ସରିଥିଲେ ଦେଶୀ, ବିଦେଶୀ କମ୍ପାନୀ ସୁବିଧା ପାଇବା ସହ ସ୍ଥାନୀୟ ରୋଜଗାର ବୃଦ୍ଧି ପାଇଥାନ୍ତା।

ଏ ନେଇ ଏସ୍‌ଟିପିଆଇ ଭୁବନେଶ୍ୱର

■ ଭିତ୍ତିଭୂମି ଅଭାବ ଯୋଗୁ ମିଳୁନି ରୋଜଗାର

■ ରୋଜଗାର ପାଇଁ ବାହାର ରାଜ୍ୟ, ବିଦେଶକୁ ଯାଉଛନ୍ତି

ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଥିଲେ, ଏପରି ଇନ୍‌କ୍ୟୁବେଶନ ସେଣ୍ଟର ଯୋଗୁ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ନିର୍ମାଣ ଶେଷ ହେବା ପୂର୍ବରୁ ଏହାର ଠିକ୍‌ବିଜ୍ଞାପନ, ନିବେଶକ ଆମନ୍ତ୍ରଣ ସମେତ ବିଭିନ୍ନ ପ୍ରକ୍ରିୟା ରହିଛି। ପ୍ରତିଯୋଗିତାମୂଳକ ଯୁଗରେ ଶିକ୍ଷାର୍ଥୀମାନଙ୍କୁ ଅଭିଜ୍ଞ ଓ କୁଶଳୀ କରିବା ପାଇଁ ପ୍ରୟାସ କରାଯାଉଛି। ତେବେ ରାଉରକେଲା ଇନ୍‌କ୍ୟୁବେଶନ ସେଣ୍ଟର ନିର୍ମାଣ କାମ ବର୍ଷ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସମ୍ପ୍ରତି ଏସ୍‌ଟିପିଆଇ ରାଉରକେଲାରେ କିଛି ସଫ୍ଟୱେର କମ୍ପାନୀ ବାର୍ଷିକ ୧୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି। ଯାହାକି ଏକ ସକାରାତ୍ମକ ଫଳାଫଳ ଭାବେ ଧରାଯାଇପାରିବ ବୋଲି ପଟ୍ଟନାୟକ କହିଥିଲେ।

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର



ମାସିକ ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨୩।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘରଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ କରୁଣାକର ପାଟ୍ଟଶାଣୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲୋଚ୍ୟ ବିଷୟ 'ଓଡ଼ିଶାର ବିକାଶରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ସାମର୍ଥ୍ୟ ଓ ସମ୍ଭାବନା' ଉପରେ ମୁଖ୍ୟ ଆଲୋଚିକା ଭାବେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସର୍ବପୁରାତନ ଭାଷା ଭାବେ ଓଡ଼ିଆ ଓ ଏହାର ଐତିହ୍ୟ ତଥା ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଓଡ଼ିଶା କିପରି ସଙ୍ଗଠିତ ହୋଇପାରିଛି ତଥା ଭାଷା ନିଜର ସାମର୍ଥ୍ୟ ଓ ସମ୍ଭାବନା ମାଧ୍ୟମରେ ଓଡ଼ିଶାକୁ କିପରି ବିକଶିତ କରିପାରିଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପିକା ଡ. ସୁଷମା ମୋଦୀ ଆଲୋଚ୍ୟ ବିଷୟ ପ୍ରସଙ୍ଗରେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ପାଟ୍ଟଶାଣୀ ପ୍ରାକ୍ କଥନ ଓ ଆଲୋଚନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗାଳ୍ପିକା ପୁଷ୍ପାରାଣୀ ପଟେଲ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ କବିତା ଦିବସ ପାଳନରେ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ସଭାପତିତ୍ୱ କରିଥିଲେ। ୟୁଜିଏମ୍‌ର ଓଡ଼ିଆ ଅଧ୍ୟାପିକା ଅଳକା ମହାନ୍ତି ଓ ଡିଏଭି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ସିମରନ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ପ୍ରତାପ କୁମାର ପଣ୍ଡା, କୁଞ୍ଜବିହାରୀ ରାଉତ, ବ୍ରଜେନ୍ଦ୍ର ଦାଶ, ସସ୍ମିତା ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ମୋହନ ସିଂ, ବିଜୟ ରାୟ, ତ୍ରିନାଥ ସିଂହ, ରଶ୍ମି ସାହୁ, ତ୍ରିଲୋଚନ ସ୍ୱାଇଁ, ସଞ୍ଜୀବ ଭୋଇ, କରୁଣାକର ପାଟ୍ଟଶାଣୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପାଠାଗାରର ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ରାଧାକାନ୍ତ ମିଶ୍ର, ଗୀତାଞ୍ଜଳି ପାତ୍ର, ଅଜିତ ଗୌଡ, ପ୍ରୀତମ ମହାନ୍ତି, ଅର୍ଜୁନ ସିଂ, କୈଳାଶ ଚନ୍ଦ୍ର ମାହାଳି,ଏଟମ ରଥ, ଗଙ୍ଗାଧର ଦାଶ, କାଶୀନାଥ ନନ୍ଦୀ, ପ୍ରଳୟ ଶତପଥୀ, ଆର୍ତ୍ତତ୍ରାଣ ମହାପାତ୍ର, ଅଭିରାମ ଶାଗରିଆ, ନମିତା ଦାସ, ଗୀତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨୮ରୁ ମ୍ୟୁଜିକ୍ ସର୍କଲର ବାର୍ଷିକୋତ୍ସବ





ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୩।୩
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲାର ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକ ସର୍କଲର ୪୮ତମ ବାର୍ଷିକୋତ୍ସବ ତଥା ବସନ୍ତ ଉତ୍ସବ ଆସନ୍ତା ୨୮ରୁ ୩୧ ତାରିଖ ଯାଏ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ମାର୍ଚ୍ଚ ୨୭ ତାରିଖ ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠାନ ପରିଚାଳିତ ସ୍ପ୍ରିଂ ଭେଲି ଇଂରାଜୀ ଏବଂ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଷଡ଼ ବିଂଶତମ ବାର୍ଷିକୋତ୍ସବ ପାଳନ କରାଯିବ। ୨୮ ତାରିଖରେ ମ୍ୟୁଜିକ୍ ସର୍କଲ ପରିଚାଳିତ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହେବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଡ. ସମର ମୁଦାଲି, ଡ. ନଗେନ କୁମାର ଦାସ, ବିବେକାନନ୍ଦ ପଣ୍ଡା, ଡ. କିଶୋରୀ ଦାଶ, ଲକ୍ଷ୍ମଣ ନାଥ ଦାସ, ସନ୍ତୋଷ ମଲ୍ଲିକ, ସ୍ନେହଲତା ନାୟକ, ନିଖିଳେଶ୍ୱର ଦାଶ, ସୁଶାନ୍ତ ନାୟକ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ୫ଦିନ ବ୍ୟାପୀ ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଇଷ୍ଟର୍ନ ଜୋନ୍ କଲଚରାଲ କାଉନସିଲ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ପାଳନ ହେଉଛି। ଏହି ଉତ୍ସବର ବିଭିନ୍ନ ଦିବସରେ ରାଉରକେଲା ତଥା ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଓ ନୃତ୍ୟଶିଳ୍ପୀମାନେ ଯୋଗ ଦେବାକୁ ଥିବା ବେଳେ ମାର୍ଚ୍ଚ ୩୦ ତାରିଖରେ ବାସନ୍ତିକା ସାହିତ୍ୟ ସମାରୋହ ଏବଂ ବହୁ ଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଅନୁଷ୍ଠାନର ମୁଖପତ୍ର 'ବାସନ୍ତିକା' ଏହି ଅବସରରେ ଉନ୍ମୋଚିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଗତ ସିଂ, ଶୁକଦେବ, ରାଜଗୁରୁଙ୍କ ଅବଦାନ ଚିର ସ୍ମରଣୀୟ

ରାଉରକେଲା,୨୩।୩
(ବିପ୍ଳବ ରଞ୍ଜନ ଦାଶ)

ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ (ଡିୱାଇଏଫ୍‌ଆଇ), ଛାତ୍ର ଫେଡେରେଶନ (ଏସ୍‌ଏଫ୍ ଆଇ) ଓ ଶହୀଦ ଭଗତ ସିଂ ସ୍ମୃତି କମିଟି ପକ୍ଷରୁ ସ୍ୱାଧୀନତା ଆନ୍ଦୋଳନର କ୍ରାନ୍ତିକାରୀ ଶହୀଦ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ୯୪ ତମ ଫାଶୀ ଦିବସ ରବିବାର ରାଉରକେଲା ଛେଣ୍ଡ କଲୋନିରେ ପାଳିତ ହୋଇଯାଇଛି। ଯୁବ ଫେଡେରେଶନର ସୁନ୍ଦରଗଡ଼ ଜିଲା ସଭାପତି ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତମ୍ଭକାର ଭୁପେନ ମହାପାତ୍ର ମୁଖ୍ୟ ଅତିଥି, ସ୍ମୃତି କମିଟି ଅଧ୍ୟକ୍ଷ ତଥା ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କ ଆଦର୍ଶ ଆଜିର ଯୁବଛାତ୍ର ସମାଜ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଥିଲେ। ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଶ୍ରମିକ ନେତା ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଆଇନଜୀବୀ ଏମ୍ ମାଲେଶ୍ୱରମ, ଗୁରୁଦ୍ୱାର ପ୍ରବନ୍ଧକ କମିଟି ସଭାପତି ବଲବିର ସିଂହ, ଏସ୍‌ଏଫ୍‌ଆଇ ନେତ୍ରୀ ମୁକ୍ତା ଦାଶ, କର୍ମଚାରୀ ନେତା ଭାଗିରଥି ଟୁଡୁ, ଯୁବନେତା ଯଯାତି କେଶରୀ ସାହୁ, କବି ପ୍ରଧାନ, ଯଜ୍ଞେଶ୍ୱର ସାହୁ, ରତ୍ନାକର ନାୟକ, ବାସୁଦେବ ସାହୁ, ସଚିନ୍ ରାୟ, ହରିହର ଶତପଥୀଙ୍କ ସମେତ ଶତାଧିକ ଯୁବଛାତ୍ର ଓ ସାଧାରଣ ଜନତା ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ସଙ୍ଗଠନର କର୍ମକର୍ତ୍ତାଗଣ।

# ଭାଜପା ପକ୍ଷରୁ ବିହାର ଦିବସ ପାଳିତ



ବିହାର ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୩।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ଆନୁକୂଲ୍ୟରେ ରବିବାର ବାସନ୍ତୀ କଲୋନିସ୍ଥିତ ବିହାର ସାଂସ୍କୃତିକ ଭବନରେ ବିହାର ଦିବସ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ବିହାରବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ବିହାରର ବିବିଧ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଓ ବିକାଶ ଉପରେ ଆଲୋଚନା କରିଥିଲେ। ବିହାରରୁ ବିଶେଷ ଅତିଥି ଭାବେ ଯୋଗ ଦେଇଥିବା ଭାଜପା ବିଧାୟିକା ସଙ୍ଗୀତା କୁମାରୀ ସେ ବିଧାୟିକା ହେବାରେ ରାଉରକେଲାବାସୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଓଡ଼ିଶା ଓ ବିହାର ଲୋକଙ୍କ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ୍ୱ ବିହାରୀ ସଙ୍ଗଠନ ଓ ୧୦ରୁ ଊର୍ଦ୍ଧ୍ୱ ବିହାରୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ରାଷ୍ଟ୍ରୀୟ କବାଡି କୋଚ୍ କାମେଶ୍ୱର ସିଂଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମନୋଜ ସତପଥୀ, ମନୋରଞ୍ଜନ ମୁନି, ଦିଲ୍ଲୀପ ପଟ୍ଟନାୟକ, ସୁଶାନ୍ତ ମହାପାତ୍ର, ଭଗବାନ ରାୟ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ଦିପୁକୁମାର ଦାସ, ଆଶିଷ ହରିପାଲ, ରାଜେଶ ସିନ୍ଧିରୀୟା ପ୍ରମୁଖ ସହଯୋଗ କରିଥିଲେ। ନିରଜ ଚତୁର୍ବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା,୨୩।୩(ସଙ୍ଗୀତା ଜେନା)

ବିଶ୍ୱନାଟ୍ୟ ଦିବସ-୨୦୨୫ ଅବସରରେ ନାଟ୍ୟାନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଆୟୋଜିତ ଜାତୀୟ ନାଟକ ମହୋତ୍ସବ ସିଭିକ୍ ସେଣ୍ଟରଠାରେ ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଡୋଲାମଣି କନ୍ଧେର, ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଓ ସୁନ୍ଦରଗଡ ଜିଲା କୋଅପରେଟିଭ୍ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କେଶରୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ପତି ସମ୍ମାନୀତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ମନୋରଞ୍ଜନ ଦାସ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ମହାକବି କାଳିଦାସ ନାଟକର ମୂଳ ନାଟ୍ୟକାର ହରିଶ୍ଚନ୍ଦ୍ର ବେହେରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନିଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଭାକର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ 'ସମ୍ପର୍କ' କଳାକାରମାନଙ୍କ ଦ୍ୱାରା ପୌରାଣିକ ପୃଷ୍ଠଭୂମି ଉପରେ ଆଧାରିତ ନାଟକ 'ମହାକବି କାଳିଦାସ' ମଞ୍ଚସ୍ଥ କରାଯାଇଥିଲା। ମହାକବି କାଳିଦାସଙ୍କ ଜୀବନୀ ତଥ୍ୟ ସମ୍ବଳିତ ନୁହେଁ। କିମ୍ବଦନ୍ତୀ ଭିନ୍ନ ଭିନ୍ନ ମତ ଦିଏ। ତାଙ୍କ ଜନ୍ମସ୍ଥାନ ଓ ମୃତ୍ୟୁ ସମୟ ମଧ୍ୟ ଅସ୍ପଷ୍ଟ। ତଥାପି କାଳିଦାସଙ୍କ କାବ୍ୟ କବିତାକୁ ଆଧାର କରି ଆମେ ଜଣାଯାଏ ଯେ, କାଳିଦାସଙ୍କ ଜୀବନୀ ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ଥିଲା। ସେ ଯେତିକି ଯଶର ଅଧିକାରୀ ହୋଇଥିଲେ ତା'ଠୁ ଅନେକ ଗୁଣରେ ଅଯଥା ନିନ୍ଦିତ ତଥା ଭର୍ତ୍ସିତ ହୋଇଥିଲେ। ତାଙ୍କ ଜୀବଦଶାରେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କ ଘଟଣାବହୁଳ ଗାଥାକୁ ଆଧାର କରି ରଚିତ ଏହି ନାଟକଟିର ମୂଳଲେଖକ ହେଉଛନ୍ତି ହରିଶ୍ଚନ୍ଦ୍ର ବେହେରା। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ସମ୍ପାଦନା, ସଂଳାପ ଓ ନିର୍ଦ୍ଦେଶନା ଦେଇଥିଲେ। ମୁରଲୀଧର ଦାଶ, ବିବେକାନନ୍ଦ ଦାଶ, ବିଜୟ କୁମାର ପାତ୍ର, ଭାସ୍କର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଳୟ ଶତପଥୀ, ଭରତ ଚନ୍ଦ୍ର ବେହେରା, ପ୍ରଣବ ପାଣିଗ୍ରାହୀ, ପୁଷ୍ପା ବିଶୋଇ, ସୁଦେଷ୍ଣାରାଣୀ ରାଉତ, ସୁରଭି ରଣା, ସସ୍ମିତା ବେକ୍, ପ୍ରଶ୍ମିକା ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।



ମହାକବି କାଳିଦାସ ନାଟକର ଏକ ଦୃଶ୍ୟ।

# କବିତା ଅଭିବ୍ୟକ୍ତି ପ୍ରକାଶର ସୁନ୍ଦର ସ୍ୱରୂପ

## ବିଭିନ୍ନ ସ୍ଥାନରେ ବିଶ୍ୱ କବିତା ଦିବସ ପାଳିତ

ରାଉରକେଲା,୨୩।୩
(ବିପ୍ଳବ ରଞ୍ଜନ ଦାଶ/ ଦିନେଶ ମିଶ୍ର)

କବିତା ହେଉଛି ନିଜ ଅଭିବ୍ୟକ୍ତି ପ୍ରକାଶ କରିବାର ଏକ ସୁନ୍ଦର ସ୍ୱରୂପ। ଏହା ଯେପରି ଅନୁଭବ ଓ ଭାବପ୍ରବଣତା ସୃଷ୍ଟି କରିପାରେ ସାହିତ୍ୟର ଅନ୍ୟ କୌଣସି ବିଭାଗ ସେପରି କରି ନ ଥାଏ। ତେଣୁ ପୃଥିବୀର କୋଣ ଅନୁକୋଣରେ କାବ୍ୟିକ ପରିପ୍ରକାଶ ମାଧ୍ୟମରେ ଭାଷାଗତ ବିବିଧତାକୁ ସମର୍ଥନ କରି ବିପଦଗ୍ରସ୍ତ ଭାଷାଗୁଡ଼ିକର ପୁନରୁତ୍ଥାନ ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଏହି କ୍ରମରେ ରାଉରକେଲା ସହରର ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ହିନ୍ଦୀ ଏବଂ ଇଂରାଜୀ ସାହିତ୍ୟ ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ସେଠୀ ପୌରୋହିତ୍ୟ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ବକ୍ତା ଭାବେ ଯୋଗଦେଇ ସାହିତ୍ୟ ଓ ସମାଜ ପ୍ରତି କବିତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ମହେନ୍ଦ୍ର ମିଶ୍ରଙ୍କ ସମେତ ଅଧ୍ୟାପିକା ଧରିତ୍ରୀ ପାଇକରାୟ ଓ ପ୍ରିୟଙ୍କା କଂସାରୀ ପ୍ରମୁଖ ବକ୍ତବ୍ୟ ରଖିବା ସହ କବିତା ପାଠ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ବର୍ଗର ଛାତ୍ର ଦୁଷ୍ମନ୍ତ ଦୀପ୍, ଅଜୁ ମେହେର, ଛାତ୍ରୀ ଶ୍ୱେତଲିନା ବେହେରା ଓ କରିସ୍ମା ସୁରିଜୁଲିଆ, ଯୁକ୍ତ ୨ ବର୍ଗର ସୁରେଶ ଓ ସୋନାଲି ପ୍ରମୁଖ କବିତା ପାଠ କରିଥିଲେ। ଛାତ୍ରୀ ବିଷ୍ଣୁପ୍ରିୟା ଓ ପୂଜା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦି, ଇଂରାଜୀ ଅଧ୍ୟାପିକା ଅନିତା ଜୈନ ଓ ହିନ୍ଦୀ ବିଭାଗର ନମିତା ସ୍ୱାଇଁ, ଅଧ୍ୟାପିକା ମେରି କାଶ୍ମିରୀ ନାଗ ଏବଂ ଅଧ୍ୟାପିକା ଅଧ୍ୟାପକ, ଯୁକ୍ତ ୨, ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ କବିତା ଦିବସ ପାଳନ କରାଯାଉଛି।

ସେହିପରି ସେକ୍ଟର-୭ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ପରିସରରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଏଥିରେ କବି ଡାକ୍ତର କୃପାସିନ୍ଧୁ ନାୟକ ମୁଖ୍ୟ ଅତିଥି, କବି ମୀନକେତନ ପଶାୟତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ କବିତା ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। କବି ଉର୍ବଶ୍ରୀ ଦାଶ ପତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ସଂସଦର ଆଭିମୁଖ୍ୟ ଉପରେ ବିବରଣୀ ରଖିଥିଲେ। ସହ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାୟକ ନୂଆ କାର୍ଯ୍ୟକ୍ରମ ନୂତନ ଢଙ୍ଗରେ ପାଳନ କରାଯିବ ବୋଲି କହିଥିଲେ। କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଡାକ୍ତର ଗୀତାଞ୍ଜଳି ପତ୍ରୀଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏହି କବିତା ପାଠୋତ୍ସବକୁ କବି ମମତା ଜେନା ଓ ଗୀତାରାଣୀ ବେହେରା ସଂଯୋଜନା କରିଥିଲେ। କବି ସତ୍ୟବ୍ରତ ଦାସ, ସୁମିତ୍ରା ମିଶ୍ର, ମଞ୍ଜୁଳା କୁମାରୀ, ବଳରାମ ଦାସ, କାଶୀନାଥ ନନ୍ଦୀ, ଶଙ୍କର ପ୍ରସାଦ ତ୍ରିପାଠୀ, ଲକ୍ଷ୍ମଣନାଥ ଦାସ, ରଙ୍କନିଧି ସେଠୀ, ଅକ୍ଷୟ ସାମଲ, ସସ୍ମିତା ପ୍ରଧାନ, ଅଭିରାମ ପ୍ରଧାନ, ସରୋଜ କୁମାର ଦାସ, ବିଜୟ ରାୟ ପ୍ରମୁଖ କବିତା ପାଠ କରିଥିଲେ। କବି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ**

ପଡିଆବାହାଲ,(ରାଧାମୋହନ ଷଡଙ୍ଗୀ): ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତ ସାପଲତ ଥପାପଡାଠାରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ଚନ୍ଦନଭାଟି ବାଲାଙ୍ଗୀରର ସୁନିତା ସାହୁ ଏବଂ ଦେଶଭଟଲି ବରଗଡର ରୂପାଲି ପାଣ୍ଡେଙ୍କ ଦଳଙ୍କୁ ନେଇ ବୈଠକୀ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନାମଯଜ୍ଞରେ ଜିତନାରାୟଣ ପୋଡ଼ ଏବଂ ମମତା ପୋଡ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୈଠକୀ ପରେ ନଗର କିର୍ତ୍ତନ କରି ଦଧିହାଣ୍ଡି ଭଗ୍ନ କାର୍ଯ୍ୟକ୍ରମ ହୋଇଥିଲା।

# ପ୍ରଯୁକ୍ତିବିଦ୍ୟାର ଉପଯୋଗ କରନ୍ତୁ ଚାଷୀ

**ଅଭିନବ କୃଷି ଗବେଷଣା ସଂସ୍ଥା ପକ୍ଷରୁ ବାର୍ଷିକ କୃଷକ ସମ୍ମିଳନୀ**

ସମ୍ବଲପୁର, ୨୩।୩(ଭବାନୀ ଶଙ୍କର ଭୋଇ)




ଧମାରେ ଅଭିନବ କୃଷି ଗବେଷଣା ସଂସ୍ଥା ପକ୍ଷରୁ ଆୟୋଜିତ କୃଷକ ସମ୍ମିଳନୀରେ ସାମିଲ କୃଷକ।

ଅଭିନବ କୃଷି ଗବେଷଣା ସଂସ୍ଥା ଦ୍ୱାରା ରବିବାର ସମ୍ବଲପୁରର ଧମା ସ୍ଥିତ ଏଆଇ ବାଓଫାର୍ମଠାରେ ବାର୍ଷିକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସମ୍ବଲପୁର, ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାରୁ ୭୦ରୁ ଅଧିକ କୃଷକ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ଓ ନିଜର ସଫଳତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡା. ଅଜୟ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଉତ୍କର୍ଷ ନେଚର୍ ଭିଲେଜର ସଂସ୍ଥାପକ ସିତାକାନ୍ତ ବେହେରା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ।

ଅଭିନବ କୃଷି ଗବେଷଣା ସଂସ୍ଥା ସଂସ୍ଥାପକ କୈବଲ୍ୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଝାରସୁଗୁଡ଼ା ଜିଲା ଲଖନପୁରର ଯୁବ କୃଷକ ଲୁତନ କୁମାର ସାହୁ ଓ ସମ୍ବଲପୁର ଧମାର ଆଶିଷ ଖମାରୀ ସେମାନଙ୍କ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ। ଉଭୟେ କୃଷିକୁ ଏକ ବ୍ୟବସାୟଭାବେ ପ୍ରତିଷ୍ଠିତ କରି ସଫଳତା ପାଇଥିବା ନେଇ ମତବ୍ୟକ୍ତ କରିଥିଲେ। ୪୫ବର୍ଷୀୟ ଆଶିଷ ଖମାରୀ ଜଣେ ଆଇଟି ପ୍ରଫେସନାଲ ହୋଇଥିବା ସତ୍ତ୍ୱେ ଏଆଇ ବାଓଫାର୍ମ ତିଆରି କରି ମୋସମ୍ବି, ମିଠା କମଳା, ସପେଟା, ଥାଇ ଆପଲ ବେର, ଥାଇ ସିଡ ଲେସ ଲେମ୍ବୁ, କାଗଜି ଲେମ୍ବୁ, ସଜନା (ପିକେଏମ ୩), ନଡ଼ିଆ (ମାଲେସିଆନ ଗୋଲଡେନ, ଗ୍ରିନ ଡୱାର୍ଫ), ଥାଇ ପିଙ୍କ ପଣସ, ଆମ୍ବ(ବାଇଗଣ ପଲ୍ଲି, ହାପୁସ, କେଶର, ମଲ୍ଲିକା, ଥାଇ ଅଲଟାଇମ, ଥାଇ କିଙ୍ଗ), ଏବଂ ଟିସ୍ୟୁ-କଲ୍ଚର୍ ବାଉଁଶ, ଗ୍ରାଫ୍ଟେଡ ବାଇଗଣ ଏବଂ ଟମାଟୋ, କଫି ବିଭିନ୍ନ ପ୍ରାକୃତିକ ପ୍ରଜାତିର ବୃକ୍ଷ, ଫଳ ଉତ୍ପାଦନ କରି ବେଶ ଲାଭ ପାଇଥିବା କହିଥିଲେ। ଆଗ୍ରୋଫରେଷ୍ଟ୍ରିରେ ଗବେଷଣା କରିଥିବା ହରିଶ ଦେବତା ସମ୍ମିଳନୀରେ ସାମିଲ କୃଷକମାନେ ଫାର୍ମରେ ସଂରକ୍ଷିତ ସ୍ଥାନୀୟ ପ୍ରଜାତି ମହୁଲ, କୁସୁମ, ହରଡ, ବାହାଡ଼ା, ଅଁଳା, କେନ୍ଦୁ ଆଦି ଜଙ୍ଗଲି ଗଛମାନଙ୍କର ଉପକାରିତା ବିଷୟରେ ଜ୍ଞାନଅର୍ଜନ କରିଥିଲେ। କୃଷି ଉଦ୍ୟମକୁ ଉତ୍ସାହିତ କରିବା ପାଇଁ ଲୁତନ କୁମାର ସାହୁ ଓ ଆଶିଷ ଖମାରୀଙ୍କୁ ଅଭିନବ କୃଷି ଗବେଷଣା ସଂସ୍ଥା ପକ୍ଷରୁ କୃଷି ଉଦ୍ୟମୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। କୃଷକଙ୍କ ମଧ୍ୟରେ ଉଦ୍ଭାବନଶୀଳ କୃଷିର ଉପଯୋଗିତା ବିଷୟରେ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ଅଭିନବ କୃଷି ଗବେଷଣା ସଂସ୍ଥାର ସଦସ୍ୟ ଜଟା ଭୂଷଣ ସାହୁ ଯୁବପିଢ଼ି କୃଷିକୁ ଅଧିକ ଲାଭକାରୀ କରିବା ପାଇଁ ବ୍ୟବସାୟିକ ମାନସିକତା ରଖି ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡା. ଅଭିଲାଷ ପଧାନ ନିଜର ଅନୁଭୂତିକୁ ବ୍ୟାଖ୍ୟା କରି ଦେଶର ବିଭିନ୍ନ ସ୍ଥାନରେ ଚାଷକୁ କିଭଳି ଭାବେ ବ୍ୟବସାୟିକ ରୂପ ଦିଆଯାଇ ପାରିଛି ସେ ବିଷୟରେ କୃଷକମାନଙ୍କୁ ଜଣାଇଥିଲେ। ଅଭିନବ କୃଷି ଗବେଷଣା ସଂସ୍ଥା ଯୁବପିଢ଼ିକୁ ଚାଷ ମାଧ୍ୟମରେ କିଭଳି ଜୀବିକା ନିର୍ବାହ କରାଯାଇ ପାରିବ ସେ ବିଷୟରେ ସଚେତନ ଏବଂ ତାଲିମ ପ୍ରଦାନ କରାଯାଉଥିବା ବିଷୟରେ ସେ କହିଥିଲେ। ଶେଷରେ ସୁକାନ୍ତି ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରିୟାଂଶୁ ବଡ୍ତିଆ ଏବଂ ହରିଶ ଦେବତା ପରିଚାଳନା କରିଥିଲେ।

## ହିଣ୍ଡାଲ୍‌କୋରେ ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମ



ବିଶ୍ୱ ଜଳ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମଚାରୀ ଓ ଅଧିକାରୀମାନେ।

ସମ୍ବଲପୁର, ୨୩।୩(ବି.ଶଙ୍କର)

ହିଣ୍ଡାଲକୋ ପକ୍ଷରୁ ବିଶ୍ୱ ଜଳ ଦିବସ-୨୫ ପାଳନ କରାଯାଇଛି। ହିଣ୍ଡାଲକୋ ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ ସିଂ, ପର୍ଯ୍ୟାବରଣ ମୁଖ୍ୟ ରଞ୍ଜନ ଜେନା ଉପସ୍ଥିତ ରହି ଜଳ ସମ୍ପଦ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ କର୍ମଚାରୀ ଏବଂ ଅଞ୍ଚଳବାସୀଙ୍କୁ ସ୍ଥାୟୀ ଜଳ ପରିଚାଳନା ଅଭ୍ୟାସରେ ନିୟୋଜିତ କରିବା ପାଇଁ ଡିଜାଇନ କରାଯାଇଥିବା ବିଭିନ୍ନ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ଜଳ ସଂରକ୍ଷଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର, କମ୍ପାନୀ ଏବଂ ଆଖପାଖ ଅଞ୍ଚଳରେ ଜଳ ପରିଚାଳନା, ଜଳ ସମ୍ପଦର ତତ୍ତ୍ୱାବଧାରକମାନଙ୍କୁ ସ୍ୱିକୃତି ପ୍ରଦାନ କରାଯିବା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଭିନବ ପଦକ୍ଷେପ ମାଧ୍ୟମରେ ଜଳ ସମ୍ପଦ ସଂରକ୍ଷଣ ପାଇଁ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ କଳାକାରମାନେ ଜଳ ସମ୍ପଦର ସୁରକ୍ଷାର ଗୁରୁତ୍ୱକୁ ଚିତ୍ରଣ କରି ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ଲେସିୟର ସଂରକ୍ଷଣ ବିଷୟବସ୍ତୁ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ଜଳ ସଂରକ୍ଷଣ ଏବଂ ଗ୍ଲେସିୟରର ସୁରକ୍ଷାର ଜରୁରୀ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ସଂକ୍ଷେପରେ**

## ଶହୀଦ ଦିବସରେ ରକ୍ତଦାନ ଶିବିର

ସମ୍ବଲପୁର, ୨୩।୩(ବି.ଶଙ୍କର)

ଶହୀଦ ଦିବସ ଅବସରରେ ସେବାଭରତୀ ଓଡ଼ିଶା ପଶ୍ଚିମ ଓ ଭାରତୀୟ ସଂସ୍କୃତି ପ୍ରଚାର ସମିତି ସହଯୋଗରେ ରକ୍ତଦାନ ଶିବିର ରବିବାର ସମ୍ବଲପୁର ସହର କୁଞ୍ଜେଲପଡ଼ାସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପଞ୍ଚାନନ ନାୟକ ମୁଖ୍ୟ ଅତିଥି, ସେବା ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସମ୍ପାଦକ ଇଂ.ରାଜକୁମାର ଶର୍ମା, ସେବା ଭାରତୀ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ହୃଷୀକେଶ ନାଗ, ଭାଜପା ରାଜ୍ୟ ବାଣିଜ୍ୟ ପ୍ରକୋଷ୍ଠ ଅଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସମ୍ବଲପୁର ସମ୍ବଳ ସଭାପତି ରାମଦାସ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଭୀମସାର ରକ୍ତ ଭଣ୍ଡାରର ଦଳ ସାମିଲ ହୋଇ ୨୪ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ମହାନଗର ସେବା ପ୍ରମୁଖ ଅକ୍ଷୟ ଭୋଜରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିବେକାନନ୍ଦ ଦାଶ, ବିଶ୍ୱରଞ୍ଜନ ଜେନା, ସୁରଥ ଭୋଇଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୨୩।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗୌରଗୋଠ ସାର୍ଡି ଜିଦେନ ଚର୍ଚ୍ଚରେ ଖ୍ରିଷ୍ଟିଆନ ସମାଜ ପକ୍ଷରୁ ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଛାମୁଣ୍ଡା, କୁଶାମୁରା, ଦେଓପାଲି, ଲରାବିରା, ଚାନ୍ଦବାହାଲି, ଫୁଟନା ଗ୍ରାମର ବହୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଉପସ୍ଥିତ ଥିଲେ। ଡାକ୍ତର ପ୍ରଧାନ ଦେବଗଡ ଏମ୍‌ପି ଥିବା ସମୟରେ ସ୍ଥାନୀୟ ଅଞ୍ଚଳରେ ଉନ୍ନତି ନେଇ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଏକ ଅପୂରଣୀୟ କ୍ଷତିବୋଲି କୁହାଯାଇଥିଲା। ସ୍ଥାନୀୟ ଚର୍ଚ୍ଚର ପାଦ୍ରୀ ସବାନ ବାଙ୍କ, ଖ୍ରୀଷ୍ଟ ସମାଜର ରାଫେଲ ସାବଲ ଏବଂ ଭାଜପା ଯୁବନେତା ଜୟନ୍ତ ପ୍ରଧାନ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଫାର୍ମରୋଡ଼ ହନୁମାନ ଜୟନ୍ତୀ କମିଟି ବୈଠକ

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର)

ସମ୍ବଲପୁର ଫାର୍ମରୋଡ ହନୁମାନ ଜୟନ୍ତୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା କିପରି ଭବ୍ୟଭାବେ ଆୟୋଜନ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ଆସନ୍ତା ଅପ୍ରେଲ ୬ ରାମ ନବମୀରେ ସଚେତନତା ପାଇଁ ଆୟୋଜିତ ହେବାକୁ ଥିବା ବିଶାଳ ବାଇକ୍ ରାଲିରେ ଅଞ୍ଚଳର ସମସ୍ତେ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ହିନ୍ଦୁ ନବବର୍ଷକୁ କିପରି ଘରେ ଘରେ ପାଳନ କରା ଯାଇପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଫାର୍ମରୋଡ ହନୁମାନ ଜୟନ୍ତୀ କମିଟି ସଭାପତି ହିତେଶ ମନ୍ନିହିରା, ସମ୍ପାଦକ ଧୀରଜ ଭୋଇ, ଉପସଭାପତି ପିଣ୍ଟୁ ପୋଡ଼ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ୍ୟ ପରିଷଦ ପଶ୍ଚିମ ଓଡ଼ିଶାସ୍ତରୀୟ ବୈଠକ

ସମ୍ବଲପୁର, ୨୩।୩(ଭବାନୀ ଶଙ୍କର ଭୋଇ)




ପଶ୍ଚିମ ଓଡିଶା ସଂକୀର୍ତ୍ତନ୍ୟ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସରରେ ରବିବାର ପଶ୍ଚିମ ଓଡିଶା ସଂକୀର୍ତ୍ତନ୍ୟ ପରିଷଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ସଭାପତି ବାବା ପଞ୍ଚଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ସଭାପତି ହେମନ୍ତ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ମଞ୍ଚାସୀନ ଥିଲେ। ବୈଠକରେ ପଶ୍ଚିମ ଓଡ଼ିଶାରେ ସଂକୀଉନ୍ୟ କଳାକାରମାନଙ୍କ ସ୍ଥିତି ଏବଂ ସଙ୍ଗଠନ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାଚକ୍ରରେ ବରଗଡ ଜିଲା ଭେଡେନ ବ୍ଲକର ହିରୋମୁଡା ଗ୍ରାମର ଗାୟକ ଦୁର୍ଯ୍ୟୋଧନ ଛନ୍ଦ, ସୁବର୍ଣ୍ଣପୁର ଜିଲା ସଂଯୋଜକ କରମଚାନ୍ଦ ମହାନ୍ତି, ସମ୍ବଲପୁର ପ୍ରଭାରୀ ରାଧାକୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ମାନେଶ୍ୱର ବ୍ଲକର ବଳରାମ ମହାନ୍ତ୍ର, କୁଚିଣ୍ଡା ବ୍ଲକ ସଂଯୋଜିକା ପୁଷ୍ପଲତା ପଟେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାରେ ପରିଷଦର ବୈଠକ, ପଞ୍ଚାୟତସ୍ତରରୁ ଜିଲା ପର୍ଯ୍ୟନ୍ତ କମିଟି ଗଠନ କରାଯିବାକୁ ସ୍ଥିର କରାଯାଇଥିଲା। ରାଜ୍ୟ ସରକାର ୫୦ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ତେବେ ବହୁ କଳାକାର ଭତ୍ତା ପାଇବାରୁ ବଞ୍ଚିତ ରହିଥିବାରୁ ଲକ୍ଷେ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ କରିବାକୁ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା। ସନ୍ତୋଷ ବାରିକ ସଭା ପରିଚାଳନା, ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନୀ ସଂଘ ସହିତ ଆଲୋଚନା କଲେ ରୋହିତ

**ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ**

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର)

ହୀରାକୁଦ ସହରରେ ଚାଲିଥିବା ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ଦୋକାନୀ ସଂଘ ସହିତ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ। ହୀରାକୁଦରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସେ ବିସ୍ଥାପିତ ଗୃହ ଓ ଦୋକାନୀ ସଂଘ ସଭାପତି ବିକ୍ରମାଦିତ୍ୟ ଶତପଥୀ, ଉପସଭାପତି ଗଣେଶ ଚନ୍ଦ୍ର ପଲେଇ, କୋଷାଧ୍ୟକ୍ଷ ବିଚିତ୍ରା ଶତପଥୀଙ୍କ ସହ ଆଲୋଚନା ପରେ ବିସ୍ଥାପିତ ଦୋକାନୀଙ୍କୁ ତୁରନ୍ତ ଥଇଥାନ କରିବାକୁ ଦାବି କରିଛନ୍ତି। ଆଲୋଚନା ସମୟରେ ସଂଘ ପକ୍ଷରୁ ଦୋକାନୀମାନଙ୍କୁ ଉଚ୍ଛେଦ ସମୟରେ ଦିଆଯାଉଥିବା ଥଇଥାନ ଓ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପୂରଣରେ ଅବହେଳା କରାଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଇଂ. ପୂଜାରୀ କହିଛନ୍ତି, ଏଠାରେ ପର୍ଯ୍ୟଟନର ବିକାଶ ନାମରେ ଶହେଫୁଟର ପ୍ରଶସ୍ତ ରାସ୍ତା ନିର୍ମାଣ ପାଇଁ ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟା ହାସ୍ୟାସ୍ପଦ। ରାସ୍ତା ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇନି କିମ୍ବା ଟେଣ୍ଡର ଡକାଯାଇନାହିଁ। ମାତ୍ର ତହସିଲଦାର ଏଠାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହୀରାକୁଦ ସହରର ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ରେମେଡ ଛକରୁ ହୀରାକୁଦ ବନ୍ଧ ପର୍ଯ୍ୟନ୍ତ ଏକ ଫ୍ଲାଏଓଭର ନିର୍ମାଣ କରିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ହୀରାକୁଦ ସହରରେ ଜବରଦଖଲ ଉଚ୍ଛେଦରେ କ୍ଷତିଗ୍ରସ୍ତ ଦୋକାନୀଙ୍କ ଥଇଥାନ ପାଇଁ ତୁରନ୍ତ ଭେଣ୍ଡିଙ୍ଗଜୋନ ନିର୍ମାଣ ସହିତ ବିସ୍ଥାପିତ ଦୋକାନୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ ଇଂ.ପୂଜାରୀ ଦାବି କରିଛନ୍ତି।

## ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ବ୍ୟଙ୍ଗକବି ତଥା ମଞ୍ଚ ଅଭିନେତା ମନୋରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଉଛି।

ସମ୍ବଲପୁର, ୨୩।୩(ବି.ଶଙ୍କର)

**ମନୋରଞ୍ଜନ ସାହୁଙ୍କୁ ହୀରାଖଣ୍ଡ ନାଟ୍ୟ ସମ୍ମାନ**

ଅଦୃଶ୍ୟ ନାଟ୍ୟ ଆଶ୍ରମ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଆୟୋଜିତ ପଞ୍ଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବୁର୍ଲା ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନ୍ତିମ ସନ୍ଧ୍ୟାରେ ପ୍ରିତି ଲଗ୍ନା ଏବଂ ସୂର୍ଯ୍ୟ କି ଅନ୍ତିମ କିରଣ ସେ ସୂର୍ଯ୍ୟ କି ପହଲି କିରଣ ତକ ନାଟକ ମଞ୍ଚସ୍ଥ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ପୋଷ୍ଟଗ୍ରାଜୁଏଟ୍ କାଉନ୍‌ସିଲ୍ ଚେୟାରମ୍ୟାନ୍ ଡ. ତୁଷାରକାନ୍ତି ଦାଶ, ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ମୋହନ ସାହୁ, ଡ. ଦ୍ୱାରିକାନାଥ ନାୟକ, ଉପନିର୍ଦ୍ଦେଶକ ସୂଚନା ଏବଂ ଲୋକସମ୍ପର୍କ ବିଭାଗ କଲ୍ୟାଣୀ ଦାଶ, ପ୍ରଦର୍ଶନ କଳା ବିଭାଗ ସଂଯୋଜକ ଡ. ଗୋପୀନାଥ ବାଗ ସମ୍ମାନୀତ ଅତିଥିଥିଲେ । ଏହି ଅବସରରେ ହୀରାଖଣ୍ଡ ନାଟ୍ୟ ସମ୍ମାନ-୨୦୨୫ରେ ବରଗଡ଼ ଜିଲାର ବିଶିଷ୍ଟ ବ୍ୟଙ୍ଗ କବି ତଥା ମଞ୍ଚ ଅଭିନେତା ମନୋରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଅଦୃଶ୍ୟ ନାଟ୍ୟଆଶ୍ରମ ନିର୍ଦ୍ଦେଶକ ଅତୀଶ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଜାମସେଦପୁର ସାଇ କଲଚରାଲ ଆଣ୍ଡ ଡ୍ରାମାଟିକ୍ ସୋସାଇଟିର କାଳାମାରମାନେ ସୂର୍ଯ୍ୟ କି ଅନ୍ତିମ କିରଣ ସେ ସୂର୍ଯ୍ୟ କି ପହଲି କିରଣ ତକ ନାଟକ ମଞ୍ଚସ୍ଥ କରିଥିଲେ । ସୁରେନ୍ଦ୍ର ବର୍ମା ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ । ସେହିପରି ଦ୍ୱିତୀୟ ନାଟକ ପ୍ରୀତିଲଗ୍ନା ମଞ୍ଚନ ହୋଇଥିଲା । ଏହାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଛାତ୍ରୀଛାତ୍ରମାନେ ମଞ୍ଚସ୍ଥ କରିଥିଲେ। ନାଟକକୁ ଡ. ନୃପରାଜ ସାହୁ ରଚନା କରିଥିବା ବେଳେ ନୀଳାମ୍ବର ମାଣିକପୁରୀ ନିର୍ଦ୍ଦେଶନା ଦେଇଥିଲେ । ଏହି ମହୋତ୍ସବକୁ ଆୟୋଜନ କରିବାରେ ପ୍ରଦର୍ଶନ କଳା ବିଭାଗର ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା, ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ର ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମର କର୍ମକର୍ତ୍ତା ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ପ୍ଲାବନ୍ ମିଶ୍ର, ସୁବଳ ଚନ୍ଦ୍ର ବାଗ, ଦଧିବାମନ ପଣ୍ଡା, ସୁମିତ୍ରା ମହାକୁର, ସଂକେତ ପୁରୋହିତ, ଆକାଂକ୍ଷା ଡନ୍‌ସନା, ରାହୁଲ ଗୁପ୍ତା, ଆଦିତ୍ୟ ସାହା, ହେମସାଗର ମହାନନ୍ଦ, ଯଶବନ୍ତ ଭୋଇ, ଆରାଧ୍ୟା ଶତପଥୀ, ଅନୀଲ ଶଙ୍ଖାରୀ ପ୍ରମୁଖ ସହଯୋଗ କରିଥିଲେ ।

## ରକ୍ତଦାନ ଶିବିର, ସଚେତନତା କାର୍ଯ୍ୟକ୍ରମ




ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଓ ଆୟୋଜକ ଏବଂ ଛାତ୍ରୀଛାତ୍ରମାନେ।

ସମ୍ବଲପୁର, ୨୩।୩(ବି.ଶଙ୍କର)

ଏମ୍ସ ଫାଉଣ୍ଡେଶନ ପକ୍ଷରୁ ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ରାମପ୍ରସାଦ ପାତ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ପାଦକ ଶ୍ରୀନିବାସ ପାତ୍ର ଓ ୩ଟି ବିଭାଗର ଅଧ୍ୟକ୍ଷ ସଞ୍ଜୟ ପଣ୍ଡା ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ରକ୍ତଦାନ ଶିବିର ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ମୋଟ୍ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। ଶିବିରର ସଫଳ ଆୟୋଜନରେ ଏମ୍ସ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ମହିମା ଧର୍ମ ସାମାଜିକ ଅସମାନତାର ବିରୋଧୀ

**ମହିମା ଗୋସେଇଁ, ଭୀମଭୋଇଙ୍କ ଉପରେ ଆଲୋଚନାଚକ୍ର**

ରେଢାଖୋଲ, ୨୩।୩(ଅଚ୍ୟୁତାନନ୍ଦ ପୁରୋହିତ)

ମହିମା ଧର୍ମ ଜାତିଗତ ଭେଦଭାବ ଓ ସାମାଜିକ ଅସମାନତାର ବିରୋଧୀ। ଏହା ସମସ୍ତ ମନୁଷ୍ୟଙ୍କୁ ସମାନ ମନେ କରେ ଏବଂ ସମାଜରେ ସମତା ପ୍ରତିଷ୍ଠା କରିବାକୁ ଚେଷ୍ଟା କରେ। ସନ୍ଥକବି ଭୀମଭୋଇ ଏକାଡେମୀ ପକ୍ଷରୁ 'ମହିମା ଗୋସେଇଁ ଓ ଭୀମ ଭୋଇ' ସମ୍ପର୍କିତ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ରଖିଛନ୍ତି। ରବିବାର ରେଢାଖୋଲ ଜିସି ହାଇସ୍କୁଲରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସନ୍ଥକବି ଭୀମଭୋଇ ଏକାଡେମୀ ଅଧ୍ୟକ୍ଷ ମୁରଲୀଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ, ଦେବରଞ୍ଜନ, ସନ୍ତୋଷ ରଥ, ବିଜୟ ମହାନ୍ତି, ମମତା ପାତ୍ର, ମହାବୀର ସିଂଦେଓ, ମେଘନାଦ ରାଉଳ, ମଞ୍ଜୁମାତା ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରହାସ୍ୟ ପ୍ରଧାନ, ଆଦିକନ୍ଦ ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏହି ଅବସରର ଦେବରଞ୍ଜନଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ବୃତ୍ତଚିତ୍ର 'ଅରୂପ ରୂପ' ପ୍ରଦର୍ଶିତ ହୋଇଥିଲା। ମହିମା ଧର୍ମର ଦୁଇ ଅଗ୍ରଦୂତଙ୍କ ଆଧାତ୍ମିକ ଓ ପରିବର୍ତ୍ତନକାମୀ ଯାତ୍ରାର ଗତିପଥକୁ ତୋଳିଧରିବା ସହ ଆନ୍ଦୋଳନରେ ଦେଖାଦେଇଥିବା ପରିବର୍ତ୍ତନକୁ ଏହି ବୃତ୍ତଚିତ୍ରରେ ଦର୍ଶାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିମା ସାଧୁ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର।

## ଏଫ୍‌ଏଚ୍‌ଆଇ ରିପୋର୍ଟରେ ଓଡ଼ିଶାର ସ୍ଥାନ ସର୍ବାଗ୍ରେ

**ଜିଏମ୍‌ୟୁରେ ଇଂ.କରୁଣାକର ସୂପକାର ସ୍ମାରକୀ ବକ୍ତୃତାମାଳା**

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର)



ବକ୍ତୃତାମାଳାରେ ଉପସ୍ଥିତ ବକ୍ତାମାନେ।

ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସେତୁ ସମ୍ବଲପୁର ପକ୍ଷରୁ ଚତୁର୍ଥ ଇଂ. କରୁଣାକର ସୂପକାର ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ରିସୋର୍ସ କେନ୍ଦ୍ରରେ ରବିବାର ପୂର୍ବାହ୍ନରେ ସେତୁ ସଭାପତି ଡ. ମୀନକେତନ ପାଠୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବକ୍ତୃତାମାଳାରେ ଜିଏମ୍‌ୟୁର ପ୍ରଥମ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ସରକାରୀ ଅର୍ଥ ବ୍ୟବସ୍ଥାର ସାଂପ୍ରତିକ ପ୍ରେକ୍ଷାପଟରେ ବିତ୍ତୀୟ କାର୍ଯ୍ୟଦକ୍ଷତାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ବିତ୍ତୀୟ କାର୍ଯ୍ୟଦକ୍ଷତା(ଫିସକାଲ ଏଫିସିଏନ୍ସି) ହେଉଛି ଏକ ବଜେଟ୍ ପ୍ରାବଧାନର ପ୍ରକୃତ ପ୍ରଭାବ ପାଇବା। ଯୋଜନା ଆୟୋଗ ଫିସକାଲ ହେଲଥ ଇଣ୍ଡେକ୍ସ(ଏଫଏଚ୍‌ଆଇ) ରିପୋର୍ଟରେ ୧୮ଟି ବଡ଼ ରାଜ୍ୟ ସ୍ଥାନ ପାଇଥିବା ବେଳେ ଓଡ଼ିଶାର ସ୍ଥାନ ସର୍ବାଗ୍ରେ ରହିଛି। ଯେହେତୁ ଓଡ଼ିଶା ତାର ଅର୍ଥନୈତିକ ଦକ୍ଷତା ପ୍ରମାଣ କରିଛି। ତେଣୁ ବର୍ତ୍ତମାନ ଓଡ଼ିଶାର ଦାୟିତ୍ୱ ହେଉଛି ଲୋକଙ୍କୁ କିଭଳି ତାର ସୁଫଳ ମିଳିପାରିବ ସେନେଇ ଆବଶ୍ୟକ ପଦକ୍ଷେପ ନେବା। ତେବେ କୌଣସି ଭାବରେ ସରକାରଙ୍କ ଅର୍ଥନୈତିକ ପରିଚାଳନା ବିଫଳ ହେବା ଅନୁଚିତ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଫିସକାଲ କୋଅପରେଟିଭ ଓ ଫିସକାଲ ଫେଡେରାଲିଜମ୍‌କୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କେଉଁଭଳି ସମନ୍ୱୟର ଆବଶ୍ୟକତା ରହିଛି ସେନେଇ ପ୍ରଫେସର ରଥ ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟସନ ଜରିଆରେ ତଥ୍ୟ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମକୁ ସମ୍ପାଦକ ସୁକାନ୍ତ କୁମାର କର ସଂଯୋଜନା କରିଥିଲେ। ବରିଷ୍ଠ ସଦସ୍ୟ ଡ. କାମଦେବ ସାହୁ ବକ୍ତୃତାମାଳା ସମ୍ପର୍କରେ ସୂଚନା, ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା ଏବଂ ଯୁଗ୍ମ ସମ୍ପାଦିକା ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ସୂପକାରଙ୍କ ସୁପୁତ୍ର କୌଶିକ ସୂପକାର ଓ ପରିବାର ସଦସ୍ୟଙ୍କ ସହ ବହୁସଂଖ୍ୟାରେ ବୁଦ୍ଧଜୀବୀ, ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେତୁ ସଦସ୍ୟ ବିଦ୍ୟାର୍ଥ ପଣ୍ଡା, ହରିନାରାୟଣ ପଣ୍ଡା, ଅଶୋକ ମିଶ୍ର, ଡ. ସତ୍ୟନାରାୟଣ ଠାକୁର, ଡ. ସିଦ୍ଧାର୍ଥ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଭୂତଳ ଜଳପତ୍ତନ ଖସୁଛି

## ୫ ବର୍ଷରେ ଖସିଲାଣି .୫୩ ମିଟର

**ଭୁବନେଶ୍ୱର,୨୩।୩(ରବିନାରାୟଣ ଜେନା)**

ରାଜ୍ୟରେ ଭୂତଳ ଜଳପତ୍ତନ ଦିନକୁ ଦିନ ଖସିବାରେ ଲାଗିଛି। ଏମିତିକି ଗତ ୫ବର୍ଷ ମଧ୍ୟରେ ୦.୫୩ ମିଟର ତଥା ଦେଢ଼ଫୁଟରୁ ଊର୍ଦ୍ଧ୍ୱ ଖସିଲାଣି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ କହିଛନ୍ତି।

ରାଜ୍ୟରେ ଭୂତଳ ଜଳର ବ୍ୟବହାର ନେଇ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ରାଜ୍ୟରେ ଭୂତଳ ଜଳ ଆକଳନ ୨୦୨୪ ଅନୁସାରେ ବାର୍ଷିକ ଭୂତଳ ଜଳ ଉତ୍ତୋଳନର ପରିମାଣ ବିଲିଅନ କ୍ୟୁବିକ୍ ମିଟର(ବିସିଏମ୍) ଅଟେ। ଏଥିରୁ ଉଠାଜଳସେଚନ ପାଇଁ ସର୍ବାଧିକ ପରିମାଣ ବ୍ୟବହାର ହେଉଛି। ଉଠାଜଳସେଚନ ଲାଗି ୬.୨୮ ବିସିଏମ୍ ରହିଥିବାବେଳେ ୦.୧୯ ବିସିଏମ ଶିଳ୍ପ ପାଇଁ ଏବଂ ୧.୨୬ ବିସିଏମ୍ ପାନୀୟଜଳ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରହିଛି। ହେଲେ ରାଜ୍ୟରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ବୁନ୍ଦା ଭୂତଳ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର ହେଉନାହିଁ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ୨୦୨୦ରେ ଜଳସେଚନ ପାଇଁ ୫.୫ ବିସିଏମ୍ ଜଳ ଉତ୍ତୋଳନ ହୋଇଥିବାବେଳେ ଶିଳ୍ପକ୍ଷେତ୍ର ପାଇଁ ୦.୧୫ ବିସିଏମ୍ ଏବଂ ପାନୀୟଜଳ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧.୨୧ ବିସିଏମ୍ ଉତ୍ତୋଳନ ହୋଇଥିଲା। ସେହିପରି ୨୦୨୨ରେ ଉଠାଜଳସେଚନ କ୍ଷେତ୍ର ଲାଗି୫.୮୩ବିସିଏମ୍, ଶିଳ୍ପ ପାଇଁ୦.୧୬ବିସିଏମ୍, ପାନୀୟଜଳ ପାଇଁ ୧.୨୪ ବିସିଏମ୍ ଉତ୍ତୋଳନ ହୋଇଥିଲା। ସେହିପରି ୨୦୨୩ରେ ଏହା ବଢ଼ି ଉଠାଜଳସେଚନ ଲାଗି ୫.୯୬ ବିସିଏମ୍, ଶିଳ୍ପ ପାଇଁ ୦.୧୮ ବିସିଏମ୍, ପାନୀୟଜଳ ଓ ଅନ୍ୟାନ୍ୟ କ୍ଷେତ୍ର ଲାଗି ୧.୨୫ ବିସିଏମ୍ ଜଳ ଉତ୍ତୋଳନ ହୋଇଥିବାବେଳେ ୨୦୨୪ରେ ୬.୨୮ ବିସିଏମ୍ ଉଠାଜଳସେଚନ ପାଇଁ ୦.୧୯ ଶିଳ୍ପକ୍ଷେତ୍ର ପାଇଁ ଏବଂ ୧.୨୬ ବିସିଏମ୍ ପାନୀୟଜଳ ଓ ଅନ୍ୟାନ୍ୟ କ୍ଷେତ୍ର ପାଇଁ ବ୍ୟବହାର ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ସରକାର ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବାପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମାନ ପରିମାଣର ଜଳସେଚନ ହୋଇପାରି ନାହିଁ। ପୂର୍ବ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପାଇଁ ୭ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯିବାକୁ ପୂର୍ବ ବଜେଟରେ ଲକ୍ଷ୍ୟ ରଖାଯାଇଥିଲା। ହେଲେ ପୂର୍ବ ସରକାର ସମୟରେ ଇନଷ୍ଟ୍ରିମ ଷ୍ଟୋରେଜର ସଫଳ ରୂପାୟନ ହୋଇପାରିଲା ନାହିଁ। ବର୍ଷା ଓ ବନ୍ୟାଜଳ ସଂରକ୍ଷଣ କରିବା ସହିତ ଏହାର ସୁପରିଚାଳନା କରିବା ଏବଂ ମରୁଡ଼ି ସମୟରେ ଜଳ ସଙ୍କଟକୁ ଏଡ଼ାଇବା ଇନ୍‌ଷ୍ଟ୍ରିମ୍ ପ୍ରୋଜେକ୍ଟର ଲକ୍ଷ୍ୟ ରହିଥିଲା। ମାତ୍ର ଏହାର କାର୍ଯ୍ୟାନ୍ୱୟନ ଅଭାବରୁ ବୃହତ୍ ଉଠାଜଳସେଚନ ସହିତ କ୍ଷୁଦ୍ର ଓ ମଧ୍ୟମ ଉଠାଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଛି।

ତଥ୍ୟ ଅନୁଯାୟୀ, ଗତବର୍ଷ ୮ଟି ବ୍ଲକ ସେମି କ୍ରିଟିକାଲ ବର୍ଗରେ ଆସୁଥିବାବେଳେ ଚଳିତବର୍ଷ ଗରଦପୁର ବ୍ଲକଟି ଏଥିରୁ ମୁକୁଳିଛି। ମାତ୍ର ଏହି ସମୟରେ ଶିଳ୍ପାୟନ ଓ ଜଳସେଚନ ଚାହିଦା ଯୋଗୁଁ ଖୋର୍ଦ୍ଧା ଓ ଝାରସୁଗୁଡ଼ା ଜିଲା ସେମି କ୍ରିଟିକାଲକୁ ଚାଲିଯାଇଛି। କେବଳ ଯେ ଖୋର୍ଦ୍ଧା ଓ ଝାରସୁଗୁଡ଼ା ବ୍ଲକ ଏହି ଜଟିଳ ପରିସ୍ଥିତିକୁ ଯାଇଛି ତାହା ନୁହେଁ, ଭୁବନେଶ୍ୱର ବ୍ଲକ ମଧ୍ୟ ଏହି ବର୍ଗରେ ପୂର୍ବରୁ ରହି ଆସିଛି।

# ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ ଦାବି

**ପଞ୍ଚାୟତରୁ ଲୋକସେବା ଭବନ ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି**

**ଭୁବନେଶ୍ୱର,୨୩।୩(ବନ୍ଦନା ସେଠୀ)**

ରାଜ୍ୟ ସରକାର ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଲାଗୁ କରିବାକୁ ଯାଉଛନ୍ତି। ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଦେଶର ୨୯ ହଜାର ଘରୋଇ ଓ ସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ମାତ୍ର ରାଜ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ହଜାର ହଜାର ସରକାରୀ କର୍ମଚାରୀ ଏହି ଯୋଜନାରୁ ବାଦ୍ ପଡୁଛନ୍ତି। ଏନେଇ ମିଳିତ କର୍ମଚାରୀ ମହାସଂଘ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ ନିଷ୍ପତ୍ତି ନେଇଛି। ରବିବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯିବା ସହ ରାଜ୍ୟ ସରକାର ମାସେ ଭିତରେ କ୍ୟାସ୍‌ଲେସ୍ ହେଲ୍‌ଥକାର୍ଡ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ନ କଲେ ପଞ୍ଚାୟତଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ ଡିଜିଟାଲ୍ ଆନ୍ଦୋଳନ ସହ କଳାବ୍ୟାଜ୍ ପରିଧାନ କରି କର୍ମଚାରୀମାନେ କର୍ମ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଅସନ୍ତୋଷ ଜାହିର କରିବେ ବୋଲି କୁହାଯାଇଛି।

ମହାସଂଘ ଆବାହକ ବିଜୟ ମଲ୍ଲ କହିଛନ୍ତି, ସରକାରଙ୍କର ସବୁ ଯୋଜନାକୁ ସଫଳ ରୂପାୟନ କରୁଥିବା ଓ ବିକଶିତ ଓଡ଼ିଶାକୁ ଆଗକୁ ନେଉଥିବା ଅସହାୟ କର୍ମଚାରୀଙ୍କ ପାଇଁ ଏହି ସଫଳ ଯୋଜନା ଲାଗୁ କରାଯାଉ। ଏନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାର ୫ଲକ୍ଷ ସରକାରୀ କର୍ମଚାରୀ ଓ ସାଢେ ୩ଲକ୍ଷ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ହେଲେ ଏଯାଏ ସରକାର ଏଯାବତ୍ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ବିଭିନ୍ନ ରାଜ୍ୟ ଓ ରାଷ୍ଟ୍ରୀୟ ଉଦ୍ୟୋଗରେ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉ ଥିବାବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସମ୍ମିଳନୀରେ ପ୍ରଭାତ ମହାନ୍ତି, ଅଶ୍ୱିନୀ ଦାସ, ପ୍ରଦୀପ ପ୍ରଧାନ, ସୁଧାଂଶୁ ପାତ୍ର, ରଶ୍ମିରଂଜନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୩(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ତିନିଜଣ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ରଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବଦଳି କରାଯାଇଛି।

ସେହିପରି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କରଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବାବେଳେ ସିଇଓ କାର୍ଯ୍ୟାଳୟର ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କୁ ଇଡ୍‌କୋ ଭୂ-ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।




# ଆଜି ଆସୁଛନ୍ତି ରାଷ୍ଟ୍ରପତି, ସୁରକ୍ଷା ପାଇଁ ୧୨ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର,୨୩।୩(ସୂର୍ଯ୍ୟକାନ୍ତ ବେହେରା)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ନୂଆଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଛତିଶଗଡ ରାଜଧାନୀ ରାୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ବାହାରି ଅପରାହ୍ନ ସାଢେ ୧ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ କଣ୍ଟିଲୋର ନୀଳମାଧବ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବେ। ଅପରାହ୍ନ ୩ଟା ୩୫ରେ ନୟାଗଡ କାଳିଆପାଲୀରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେଶନର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱର ଫେରି ରାତ୍ରିଯାପନ କରିବେ। ପରଦିନ ଅର୍ଥାତ ମଙ୍ଗଳବାର ୨୫ ତାରିଖ ସକାଳେ ବାୟୁସେନା ବିମାନରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦରଠାରୁ ଆରମ୍ଭ କରି ରାଜଭବନ ଓ ରାଷ୍ଟ୍ରପତିଙ୍କ ରୁଟ୍ ଲାଇନ୍‌ରେ ଶୃଙ୍ଖଳିତ ଯାତାୟାତ ଲାଗି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ୩ଜଣ ଡିସିପି କିମ୍ବା ଏସିପି ର୍‍ୟାଙ୍କର ଅଫିସର, ୩ ଜଣ ଅତିରିକ୍ତ ଡିସିପି, ୧୪ ଡିଏସ୍‌ପି, ୨୮ଇନ୍‌ସ୍ପେକ୍ଟରଙ୍କ ସହ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହେବେ।

**ସରିଲା କାର୍‌କେଡ୍ ରିହର୍ସାଲ**

ତେବେ ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରବିବାର ବିମାନବନ୍ଦରରୁ ରାଜଭବନ ଓ ରୁଟ୍ ଲାଇନ୍‌ରେ କାର୍‌କେଡ୍ ରିହର୍ସାଲ କରାଯାଇଛି।

# ଚା' ଦୋକାନକୁ ମାଡ଼ିଗଲା ହାଇୱା: ୩ ମୃତ



**ସୁନ୍ଦରଗଡ଼, ଟେନ୍‌ସା,୨୩।୩**
**(ଜୟ ନାରାୟଣ ମେଣ୍ଡୁଳ/ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ଟୋଲ୍‌ଗେଟ୍ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଚା' ଦୋକାନ ଭିତରକୁ ମାଡ଼ିଯିବାରୁ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମହିଳା ଚା' ଦୋକାନୀ ଗୀତା ଚକ୍ରବର୍ତ୍ତୀ(୩୫) ଓ ଦୋକାନ ପାଖରେ ଠିଆ ହୋଇଥିବା ଅନ୍ୟ ୨ ଗାଡ଼ି ଚାଳକ ରହିଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଗୀତାଙ୍କ ସ୍ୱାମୀ ରଞ୍ଜିତ ଚକ୍ରବର୍ତ୍ତୀ ଓ ତାଙ୍କ ୬ ବର୍ଷର ପୁଅ ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ହାଇୱା ଚାଳକଙ୍କୁ ପୋଲିସ ହେପାଜତକୁ ନେଇ ପଚରାଉଚରା କରୁଛି।

**ମୃତକଙ୍କ ମଧ୍ୟରେ ଦୋକାନୀ, ୨ ଚାଳକ**

ମିଳିଥିବା ସୂଚନା ଅନୁଯାୟୀ, କୋଇଡା ପଟୁ ଲୁହାପଥର ବୋଝେଇ ଓଡି ୦୯ପି ୯୯୨୨ ହାଇୱା ଦ୍ରୁତ ଗତିରେ ଯିବା ସମୟରେ ୫୦୦ନମ୍ବର ଜାତୀୟ ରାଜପଥ ଜାମୁଡିହି ଟୋଲ୍‌ଗେଟ୍ ନିକଟରେ ଥିବା ଏକ ଚା' ଦୋକାନ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଚା' ଦୋକାନୀଙ୍କ ସମେତ ୨ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ଗୁରୁତରମାନଙ୍କୁ କେ. ବଲାଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଓ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି।

# ୫ ଦିନରେ ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାପମାତ୍ରା

**୨୫ ତାରିଖ ଯାଏ ଝଡ଼ବର୍ଷା**

**ଭୁବନେଶ୍ୱର,୨୩।୩(ଅନୁରାଧା ମହାରଣା)**

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେଉଥିବାବେଳେ ଅଧିକାଂଶ ଅଞ୍ଚଳରେ କୋହଲା ପାଗ ଲାଗି ରହିଛି। ମାତ୍ର ଆସନ୍ତା ୪ରୁ ୫ଦିନ ମଧ୍ୟରେ ଦିନ ତାପମାତ୍ରା ୪ରୁ ୬ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ରାତିତାପମାତ୍ରା ମଧ୍ୟ ୨ରୁ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ଉତ୍ତର ଉପକୂଳ ଓ ଦକ୍ଷିଣ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝରଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ସୋନପୁର, କନ୍ଧମାଳ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା ଆଦି ଜିଲାରେ ବର୍ଷା ହୋଇପାରେ। ତେବେ ଭଦ୍ରକ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝରଗଡ଼, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ୨୫ ତାରିଖରେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ସମ୍ଭାବନା ରହିଛି।

# ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡ଼ିକୁ ଢେଲାମାଡ଼

**■ କନ୍‌ଷ୍ଟେବଲ ଆହତ ■ ସବୁ ଘର ନ ବୁଲିବାରୁ କ୍ଷତିଗ୍ରସ୍ତଙ୍କ ବିକ୍ଷୋଭ**



ଢେଲାମାଡ଼ରେ ରାଜସ୍ୱ ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡ଼ି କାଚ ଭାଙ୍ଗିଯାଇଛି।

**ବାରିପଦା,୨୩।୩**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ରବିବାର ପରିଦର୍ଶନରେ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଗସ୍ତ ପରେ ବାଙ୍ଗିରିପୋଷିରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ହୋଇଥିବା ସବୁ ଗ୍ରାମର ଘରକୁ ଘର ମନ୍ତ୍ରୀ ନ ଯିବାରୁ ଏହାକୁ ବିରୋଧ କରି ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରିକି ସେମାନେ ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡ଼ି ଉପରକୁ ଢେଲା ପଥର ମାଡ଼ କରିଛନ୍ତି। ଫଳରେ ଗାଡ଼ିର ସମ୍ମୁଖ ଭାଗ ଓ ଡୋର୍ କାଚ ଭାଙ୍ଗିଥିବା ବେଳେ ଜଣେ କନ୍‌ଷ୍ଟେବଲ ଆହତ ହୋଇଛନ୍ତି। ସେହିପରି ପଲିଥିନ ପାଇ ନ ଥିବା ଲୋକେ ବାଙ୍ଗିରିପୋଷି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପଲିଥିନ ବଣ୍ଟା ହେବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଏଭଳି ଘଟଣାକୁ ନେଇ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତ୍ୱରିତ ସରକାରୀ ସହାୟତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି।

ବାଙ୍ଗିରିପୋଷି ଗସ୍ତ ସମୟରେ ମନ୍ତ୍ରୀ ଭୁଆସୁଣୀ ଗ୍ରାମ ପରିଦର୍ଶନ କରିବା ପରେ ଅନ୍ୟ ଗ୍ରାମକୁ ଯାଇଥିଲେ। ଭୁଆସୁଣୀ ଗ୍ରାମରେ ଘରକୁ ଘର ବୁଲି ସମୀକ୍ଷା କରିବା ଦାବିରେ ଲୋକେ ଭୁଆସୁଣୀ-ବାଙ୍ଗିରିପୋଷି ରାସ୍ତାର ରେଳଧାରଣା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଟ୍ରେନ୍ ଚଳାଚଳ ବ୍ୟାଘାତ ହୋଇଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା କରୁଥିଲା। ଏହି ସମୟରେ ମନ୍ତ୍ରୀଙ୍କୁ ହେଲିପ୍ୟାଡ୍ ନିକଟରେ ଛାଡ଼ି ଫେରୁଥିବା ଏସ୍‌କର୍ଟ ଗାଡ଼ିଟି ସେହି ରାସ୍ତାରେ ଯିବା ବେଳେ କର୍ମଚାରୀଙ୍କ ସହ ଲୋକଙ୍କର ମୁହାଁମୁହିଁ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଢେଲା ପଥର ପିଙ୍ଗିବା ସହ ଠେଲାପେଲା କରିଥିଲେ। ଫଳରେ ଗାଡ଼ିର ଦୁଇଟି କାଚ ଭାଙ୍ଗିଯାଇଥିବା ବେଳେ ହାତରେ ପଥର ବାଜି କର୍ତ୍ତବ୍ୟରତ କନ୍‌ଷ୍ଟେବଲ ରୁଦ୍ର ଚରଣ ସାହୁ ଆହତ ହୋଇଛନ୍ତି। ତାଙ୍କୁ ସଙ୍ଗେସଙ୍ଗେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ମନ୍ତ୍ରୀଙ୍କ ଗସ୍ତ ପରେ ତୁରନ୍ତ ସରକାରୀ ସହାୟତା ପ୍ରଦାନର ପ୍ରତିଶ୍ରୁତି ପାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରାଯାଇଥିବା ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ କହିଛନ୍ତି।

DSPL-433



ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୫
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଉପଭୋକ୍ତାମାନଙ୍କୁ ମୋର ଅଭିନନ୍ଦନ ତଥା ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରି ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭେକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତାମାନଙ୍କୁ ସଚେତନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଜସ୍ୱ ମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ତଥା ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ କର୍ମଶାଳା ଓ ଆଲୋଚନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ସେହିପରି ଉପଭୋକ୍ତାଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରାଇବା ପାଇଁ ମଧ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଅଛି ।

ଏହି ଦିବସର ଯଥାର୍ଥ ପ୍ରତିପାଳନ ଉପଭୋକ୍ତାମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ । ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-07001/13/0021/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳା, ସଂସ୍କୃତି ଓ ଐତିହ୍ୟର ଉତ୍ସବ କଳାବୃତ୍ତି, ସ୍ଥାନୀ ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୨ତମ ମାସିକ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ରେକର୍ଡ୍ସ ରୁମ୍, ସମୟ: ଅପରାହ୍ନ ୪ଟା ୩୦।
- ପ୍ରମିଳା ଜେନା ସ୍ମୃତି କମିଟି ପକ୍ଷରୁ ପ୍ରମିଳା ଜେନାଙ୍କ ସ୍ମୃତି ସଭା, ସ୍ଥାନ: ନେତାଜୀ ଯୁବକ ସଂଘ କ୍ଲବ, ବଡ଼ଗଡ଼, ସମୟ: ସନ୍ଧ୍ୟା ୬ଟା।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ଖୋର୍ଦ୍ଧା
- ମା'ଝାଡ଼େଶ୍ୱରୀଙ୍କ ୩୮ତମ ବାର୍ଷିକ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଦିଆରୀ ମେନରୋଡ୍, ସମୟ: ରାତି ୧୧ଟା।
- କୁଦିଆରୀ ଦଶଦୋଳ ମେଳଣ ଜମାଣ, ସ୍ଥାନ: କୁଦିଆରୀ ମେଳଣ ପଡ଼ିଆ, ସମୟ: ରାତି ୧୨ଟା।

## ବାଲେଶ୍ୱର
- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ: ନୀଳବାଡ଼ି, ରୂପ୍‌ସା, ବାଲେଶ୍ୱର,ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଙ୍ଗୁାବଣିଆ ଆଶ୍ରମ ପରିସର, ରୂପ୍‌ସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଜଗନ୍ନାଥ କଥାମୃତ ଶିକ୍ଷା ଶିବିର ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ:ପତିରାଜପୁର ମେଳା ପଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଓ ମହୋତ୍ସବ, ସ୍ଥାନ:ଜମାଲପୁର,ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ନବଗ୍ରହ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।
- ମା' ମଙ୍ଗଳାଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୋଡ଼ାପାଟଣା, ବନ୍ତ, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବୀରର ଦ୍ୱିତୀୟ ଦିବସ, ସ୍ଥାନ: ବିକାଶ ମହଲ, ସମୟ: ସକାଳ ୮ ଟାରୁ ମଧ୍ୟାହ୍ନ ୧୨ ଟା।
- ସିଆରସି.ସି ସର୍କଲ ବିଦ୍ୟାଳୟସ୍ତରୀୟ ପଞ୍ଚ ଦିବସୀୟ ଶିଶୁବାଟିକା ପ୍ରଶିକ୍ଷଣ ଶିବିର, ସ୍ଥାନ: ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ ଟା।
- ୨୪ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।
- ମସିଣାବିଲା ମା' ଗୌରୀ ଫିଲିଙ୍ଗ ଷ୍ଟେସନର ବାର୍ଷିକ ଉତ୍ସବ, ଲଟେରୀ ଉଠାଣ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା ବୈଠକ, ସ୍ଥାନ: ଜିଲା ମୁଖ୍ୟାଳୟ ଟିବି ହସ୍ପିଟାଲ ସମ୍ମିଳନୀ କକ୍ଷ,ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ମଂଚାବନ୍ଧାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।

## କନ୍ଧମାଳ
- ବୃଦକର ବହୁମୁଖୀ ସମବାୟ ସମିତି ଲିଃର ବୈଠକ, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ ସଭାଗୃହ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୧ ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ରାଜଗଡ଼, ମହାକାଳପଡା, ସମୟ: ସକାଳ ୮ଟା ୩୦ ।
- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀ କୃଷି ଯନ୍ତ୍ରପାତିକ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପୁର ପଞ୍ଚାୟତ ମେଲଣ, ସ୍ଥାନ: ଧର୍ମଶାଳା ବ୍ଲକର ଭବାନୀପୁର ସ୍କୁଲ ଖେଳପଡ଼ିଆ, ସମୟ: ରାତି ୧୦ଟା।

## ନୟାଗଡ଼
- ଜଗନ୍ନାଥ ସଂସ୍କୃତିର ଆଦିପୀଠରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନୀଳମାଧବଙ୍କ ଦର୍ଶନ ଓ ପୂଜା, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୩.୨୨।
- ଭାରତୀୟ ଶବର ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତିଙ୍କ ଯୋଗଦାନ ଓ ସାଧାରଣ ସଭା, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରା ଉଦ୍‌ଘାଟନ ଅବସରରେ ଶୋଭାଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ରାତ୍ର ୧୦ଟା।
- ଦଶଦୋଳ ଯାତ୍ରା ଉଦ୍‌ଘାଟନ ଅବସରରେ ଶୋଭାଯାତ୍ରା, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ରାତି ୯ଟା।
- ଦଶଦୋଳ ଯାତ୍ରା ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ:ସକାଳ ୧୦ଟ।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ବ୍ଲକ ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୀକ୍ଷା, ସ୍ଥାନ: ଝରିଗାଁ ଓଏଭି, ସମୟ: ଅପରାହ୍ନ ୨ଟା।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ବଡଶୁକୁ ପଞ୍ଚାୟତ କାର୍ଯ୍ୟାଳୟ, ବଡଶୁକୁ, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣ, ସ୍ଥାନ:ପିତାଗୁଡା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ସଇଁତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ମହାରାଜା ଆରଏନ୍ ସିଂଦେଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସୁନ୍ଦରଗଡ ମୋଟୁ କ୍ଲବ ଓ ବରଗଡ କଦଳୀପାଲି ଦଳ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ପାନୀୟ ଜଳ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦକ୍ଷିଣ ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ୟଙ୍ଗ ବଏଜ୍ କମିଟି ପକ୍ଷରୁ ଏକ୍‌ତାର ମିଳନ, ସ୍ଥାନ: ମାଲଗୋଦାମ ସମୟ: ଅପରାହ୍ନ ୫ଟା ୩୦।
- ରାମନବମୀ ପାଇଁ ଭୂତନାଥ ଆଖଡା ପକ୍ଷରୁ ଝଣ୍ଡାପୂଜା, ସ୍ଥାନ: ଟ୍ୟାକ୍ସି ଷ୍ଟାଣ୍ଡ, ମୁଖ୍ୟ ମାର୍ଗ, ସମୟ: ସନ୍ଧ୍ୟା ୬ଟା ୩୦।
- ଜାତୀୟ ନାଟକ ମହୋତ୍ସବ: ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣୀ ଶିବିର, ସ୍ଥାନ:ବାଲିଶଙ୍କରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତାଲପାଲି, ଗାଇସିଲେଟ୍,ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଶାକର୍ମୀ ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ,ସ୍ଥାନ: କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବିବିଏ, ବିସିଏ ବିଭାଗର ବିଦାୟକାଳୀନ ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ରମ୍ଭେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ଡାଇମଣ୍ଡ ସର୍କସ, ସ୍ଥାନ : ବଡ ବଗିଚା, ପ୍ରଧାନ ପାଟ ରୋଡ଼, ସମୟ : ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର , ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ଓ ଶ୍ରୀବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁରରେ ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଟିପାଲିରେ ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମିକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନ୍ନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟସ୍ଥାନସ୍ଥ ଚନ୍ଦ୍ର ହେତୁ ସ୍ଥଗିତ କାମ ସମ୍ପନ୍ନ ସକାଶେ ତତ୍ପର ରହିବେ। ବନ୍ଧୁଙ୍କ ସହଯୋଗ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଅଧିକ ଶ୍ରମ ଓ ଖାଦ୍ୟପେୟର ଅନିୟମିତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇପାରେ। ଅଧ୍ୟାପନା, ପ୍ରଶାସନିକ ସେବା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଆଜି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି ହେତୁ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହୋଇପାରେ। ଦୀର୍ଘଦିନର ବିବାଦୀୟ ସମସ୍ୟା ନେଇ ଟେନସନ ବୃଦ୍ଧି ପାଇବ। କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ପାଇବେ। କିନ୍ତୁ ଅତି ନିଜର ସମ୍ପର୍କୀୟମାନେ ଆପଣଙ୍କ ଭଲ କାମକୁ ନ ଦେଖି ଦୋଷତ୍ରୁଟି ଗାଇ ବୁଲିପାରନ୍ତି। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ବାଧ୍ୟ ହେବେ।

**କର୍କଟ**
ଶୁକ୍ର ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରଦାନରେ ସହାୟକ ହେବ। ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପ୍ରକାଶନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମଗୁଡିକ ସହଜରେ ସାଧିତ ହେବ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିପାରନ୍ତି।

**ସିଂହ**
ସପ୍ତମାଧିପ ସପ୍ତମସ୍ଥ ଯୋଗୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। ଆର୍ଥିକ ଅନଟନକୁ କେନ୍ଦ୍ରକରି ମାନସିକ ଶାନ୍ତି ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ପରିସ୍ଥିତିବଶତଃ ଆପଣ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। କୌଣସି କାମ ନ ଅଟକିଲେ ମଧ୍ୟ ମନ ଅଧିକାଂଶ ସମୟ ବିଚଳିତ ରହିବ।

**କନ୍ୟା**
ବୃହସ୍ପତିଙ୍କ ନବମସ୍ଥିତିଜନିତ ସୁଚିନ୍ତିତ ବିଚାରଧାରା ଓ କାର୍ଯ୍ୟପ୍ରଣାଳୀ ପ୍ରତ୍ୟେକ କାମକୁ ସମ୍ପନ୍ନରେ ସହାୟକ ହେବ। ସମୟୋପଯୋଗୀ ପଦକ୍ଷେପ ନେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପରିବାରରେ ସାଧାରଣ କଥା ଜଟିଳ ରୂପ ଧାରଣ କରିପାରେ। ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ।

**ତୁଳା**
ଧନାଧିପତିଙ୍କ ଶୁଭତ୍ୱରୁ ମାନସିକ ସ୍ଥିରତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, କାର୍ଯ୍ୟସିଦ୍ଧି ସହ ଅର୍ଥପ୍ରାପ୍ତିରୁ ମନ ଖୁସି ରହିବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅନୁତାପ କରିବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ବିଛା**
ଦ୍ୱିତୀୟାଧିପତି ନିଜ ଭାବରୁ ଷଷ୍ଠ ଯୋଗୁ ଆପଣଙ୍କ କଥାବାର୍ତ୍ତାରେ ବ୍ୟତିକ୍ରମ ସମସ୍ୟା ସୃଷ୍ଟି କରିପାରେ। ଲାଗି ରହିଥିବା ସମସ୍ୟାର ଗତି ବଦଳିଯିବାରୁ ମାନସିକ ସ୍ଥିତି ଠିକ୍ ରହିବ। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଲୋଚନା ପରିସରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ**
କର୍ମଭାବସ୍ଥ କେତୁଙ୍କ ପ୍ରଭାବରେ ଅସାବଧାନତାରୁ ଧନହାନି, କଳହ ଓ ଶାରୀରିକ ଆଘାତ ପାଇବାର ଆଶଙ୍କା ରହିଛି। ସହକର୍ମୀଙ୍କ ମିଥ୍ୟାଭିଯୋଗ କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରନ୍ତି।

**ମକର**
ଉଚ୍ଚସ୍ଥ ଶୁକ୍ର ହେତୁ କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସହଯୋଗର ଅଭାବ ରହିବ ନାହିଁ। ଆଲୋଚନା ଅବସରରେ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତିତ ହେବେ। ପଡୋଶୀଙ୍କ ସହାୟତାରେ ବାକି ଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜି ହିଁ ଶେଷ କରିବାକୁ ଚିନ୍ତା କରୁଥିବା କାମଟିରେ ନିରାଶ ହେବାକୁ ପଡିପାରେ।

**କୁମ୍ଭ**
ଅଷ୍ଟମ ଭାବସ୍ଥ କେତୁଙ୍କ କୁପ୍ରଭାବଜନିତ ମନ ଅସ୍ଥିର ରହିବ। ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମୀନ**
ରାଶିରେ ଚତୁଃଗ୍ରହଜନିତ ରାଜଯୋଗ ସୃଷ୍ଟି ହୋଇଥିବାରୁ ପ୍ରତ୍ୟେକ କାମରେ ସଫଳତା ପାଇବେ। ଜଣେ ସହକର୍ମୀଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହିଯାଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ଆକସ୍ମିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ।

ଆଜି ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମା ଦିବସ, ଚୈତ୍ର କୃଷ୍ଣ ଦଶମୀ ସୋମବାର। ରାଶିନକ୍ଷତ୍ର- ଉତ୍ତରାଷାଢା/ଧନୁ, ଦିବା ଘ. ୧୦।୨୩ ମି. ଗତେ, ମକରଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦେବତା ଗଠନ, ଦିବା ଘ.୦୫।୫୦ମି. ଗତେ, ଘ.୦୭।୨୧ମି. ମଧ୍ୟେ, ଘ.୧୦।୪୦ମି. ଗତେ, ଘ.୦୧।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭।୨୧ମି. ଗତେ, ଘ.୦୮।୫୧ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...



ମୟୂରଭଞ୍ଜ ବିଷୋୟୀ ବ୍ଲକ୍‌ରେ ରବିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କାଳବୈଶାଖୀ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରୁଛନ୍ତି।

### କାଳବୈଶାଖୀ କ୍ଷତିଗ୍ରସ୍ତଙ୍କ ...

ଯୋଗାଇ ଦିଆଯାଉଛି। ରବିବାର ରାଜସ୍ୱ ମନ୍ତ୍ରୀ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କୁ ଭେଟିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ସୋମବାର ସୁଦ୍ଧା କ୍ଷତିଗ୍ରସ୍ତ ପରିବାରକୁ ଗୃହ ମରାମତି, ଆବଶ୍ୟକ ଲୁଗାପଟା, ବାସନକୁସନ ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ମୟୂରଭଞ୍ଜର କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିଛନ୍ତି। ସେ ବାଙ୍ଗିରିପୋଷି ବ୍ଲକର ସୋରାସପୋଷି, ହାଣଦା, ସିଲପୁଞ୍ଜି, ମଣଦା, ମହୁଲବରେଇ ଓ ବିଶୋଇ ବ୍ଲକର ମୂଷାମାରି, ପୁଣ୍ଡିଦା, ଖଡମବୋ, ସାରସପଡ଼ା, କେଶରଗଡ଼ିଆ ଆଦି ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ଆବଶ୍ୟକ କ୍ଷତିପୂରଣ ୨୪ଘଣ୍ଟାରେ ଯୋଗାଇ ଦିଆଯିବ ଓ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ହିତାଧିକାରୀମାନଙ୍କୁ ମଧ୍ୟ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ।

ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କ ସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ହେଲିକପ୍ଟର ଯୋଗେ ପ୍ରଥମେ ବାଙ୍ଗରିପୋଷିଠାରେ ପହଞ୍ଚିଥିଲେ। ସେଠାରୁ ବାଙ୍ଗିରିପୋଷି ପଞ୍ଚାୟତର ଚୁଆପାଣି, ମହୁଲବରେଇ ଓ କାଳିଆମୀ ଗାଁକୁ ଯାଇ ସ୍ଥିତି ପରଖିଥିଲେ। ପରେ ବିଶୋଇ ବ୍ଲକ୍‌ର ଖଡ଼ମବେଡ଼ା ଓ ଜୁଡ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରାଥମିକ ଆକଳନ ଅନୁସାରେ ବାଙ୍ଗିରିପୋଷୀ, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ମୋଟ ୧୯ଟି ଗ୍ରାମପଞ୍ଚାୟତର ୪୭ଟି ଗ୍ରାମର ୪୭୭୫ ଲୋକ କୁଆପଥର ଝଡ଼ ଯୋଗୁ ପ୍ରଭାବିତ ହୋଇଛନ୍ତି। ଏଥିରେ ୩୫୦ଟି କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୧୧ଟି କଚ୍ଚାଘର ଗୁରୁତର କ୍ଷତିଗ୍ରସ୍ତ ହୋଇଛି ଏବଂ ୨୯୫ଟି କଚ୍ଚାଘର ଆଂଶିକ ନଷ୍ଟ ହୋଇଛି। ୪ଟି ଗାଇ ଗୁହାଳ ମଧ୍ୟ ନଷ୍ଟ ହୋଇଛି। ଏତଦ୍‌ବ୍ୟତୀତ ବିଦ୍ୟୁତ ଯୋଗାଣ, ଜଳ ଯୋଗାଣ, ଗମନାଗମନ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ପୂଜାରୀ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ପରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଦିଆଯିବ ବୋଲି କହିଛନ୍ତି। ବ୍ୟାଙ୍କ ଜରିଆରେ ସହାୟତା ରାଶି ପ୍ରଦାନ କରାଯିବ। ଆବଶ୍ୟକ ସ୍ଥଳେ ସିଧାସଳଖ ଟଙ୍କା ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ୨ ଦିନ ଧରି ପଲିଥିନ ପ୍ରଦାନ କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ପଲିଥିନ ପହଞ୍ଚିଛି। ଯେଉଁମାନେ ପାଇନାହାନ୍ତି କିମ୍ବା କମ୍ ପରିମାଣର ପାଇଛନ୍ତି ସେମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ଯେଉଁମାନଙ୍କର ଡାଟାବେସ ପ୍ରସ୍ତୁତ ହୋଇଛି, ସେମାନଙ୍କୁ ଅନ୍‌ଲାଇନ ଯୋଗେ ଟଙ୍କା ପ୍ରଦାନ କରାଯିବ। ବାଦ୍ ପଡ଼ିଥିବା ପରିବାରକୁ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା କ୍ଷତିପୂରଣ ରାଶି ଦିଆଯିବ। ସମ୍ପୂର୍ଣ୍ଣ ଘର ନଷ୍ଟ ହୋଇଥିବା ପରିବାରକୁ ପୂର୍ଣ୍ଣ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଆଶ୍ରୟସ୍ଥଳୀରେ ଯେତେଦିନ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ପରିବାରର ଲୋକମାନେ ରହିବେ, ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ନିଜ ଘରେ ପଲିଥିନ ଟାଙ୍ଗି ରହୁଥିବା ପରିବାର ଲୋକଙ୍କୁ ମଧ୍ୟ ଶୁଖିଲା ଖାଦ୍ୟ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଘର ପୁନଃ ନିର୍ମାଣ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଗୃହ ପ୍ରଦାନ କରାଯିବ। ବିପନ୍ନ ପରିବାରକୁ ପୁନର୍ବାର ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାୟକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଓ ଜିଲାପାଳ ହେମକାନ୍ତ ସୟ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

### ସେକ୍ସଟୋର୍ସନ: ଦିଲ୍ଲୀରୁ ...

କରିଥିଲା। ଏହି ଅପରାଧରେ ସାମିଲ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଖୋଳତାଡ଼ ଆରମ୍ଭ ହୋଇଥିଲା। ମୋବାଇଲରେ ବ୍ୟବହାର କରାଯାଇଥିବା ହ୍ୱାଟ୍ସଆପ ନମ୍ବରଗୁଡ଼ିକ ବିଦେଶୀ ବୋଲି ଜଣାପଡ଼ିଥିଲା। ତେଣୁ ସାଇବର ପୋଲିସର ତଦନ୍ତକାରୀ ଟିମ୍ ଏହାର ମୂଳ ଧରିବାକୁ ପ୍ରୟାସ କରିଥିଲା। ଅଭିଯୁକ୍ତଙ୍କ ହ୍ୱାଟ୍ସଆପ୍ ଲଗ୍ ଇନ୍ ହୋଇଥିବା ଇଣ୍ଟରନେଟ୍ ଠିକଣାରୁ ମୋବାଇଲକୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା। ପୋଲିସ କମିଶନରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏସିପି ଗିରିଜା ଚକ୍ରବର୍ତ୍ତୀ, ଇନ୍ସପେକ୍ଟର ରାକେଶ କୁମାର ବେହେରା, ଏସ୍‌ଆଇ ପ୍ରଶାନ୍ତ ଶବର, ଏସ୍‌ଆଇ ସୁନୀଲ କୁମାର ଯାଦବଙ୍କ ସମେତ ଫିରୋଜ ରାଉତ ଓ ପଞ୍ଚାନନ ବେହେରା ସାମିଲ ହୋଇଥିଲେ। ଉକ୍ତ ଟିମ୍ ଦିଲ୍ଲୀ ଯାଇ ସେଠାକାର ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଶୁକ୍ରବାର କାବୁ କରିଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଆଣି କଟକରେ ପହଞ୍ଚି କୋର୍ଟରେ ହାଜର କରାଇଛି।

ଅଭିଯୁକ୍ତ ଜଣଙ୍କ ନାଇଜେରିଆ ନାଗରିକ ହୋଇଥିବାବେଳେ ୨୦୨୦ରୁ ଦିଲ୍ଲୀରେ ରହିଆସୁଛନ୍ତି। ସେ ଉଦ୍ଦେଶ୍ୟମୂଳକ ଭାବେ ଏପରି ଅପରାଧ ଘଟାଇଛନ୍ତି। ସେ ଫେସ୍‌ବୁକ୍ ଆକାଉଣ୍ଟ ଜରିଆରେ ଡାକ୍ତରମାନଙ୍କୁ ଫସାଇବାକୁ ଉଦ୍ୟମ କରିଥାନ୍ତି। ଅନ୍‌ଲାଇନ୍ ଜରିଆରେ ସେମାନଙ୍କ ପରିଚୟ ସଂକ୍ରାନ୍ତୀୟ ତଥ୍ୟ ଚୋରି କରିବା ପରେ ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ସେମାନଙ୍କୁ ଫେସ୍‌ବୁକ୍‌ରେ ଫ୍ରେଣ୍ଡ୍ ରିକୁଏଷ୍ଟ ପଠାଇ ଫସାଇଥାନ୍ତି। ଏହାପରେ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରି ମୋବାଇଲ ଓ ହ୍ୱାଟ୍ସଆପ୍ ନମ୍ବର ହାତେଇଥାନ୍ତି। ତା'ପରେ ତାଙ୍କ ସହ ବ୍ଲାକ୍ ମେଲ୍ କରିବା ଆରମ୍ଭ କରିଥାନ୍ତି। ପୋଲିସ ତଦନ୍ତବେଳେ ଏଭଳି ପ୍ରାୟ ୩୦୦୦ ପ୍ରୋଫାଇଲ ପାଇଛି। ଏକାଧିକ ବ୍ୟକ୍ତିଙ୍କ ପରିଚୟ ଦେଇ ସେ ଠକେଇ କରିଛନ୍ତି। ନ୍ୟୁଜିଲାଣ୍ଡରୁ ମଧ୍ୟ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିଛି। ଏହିପରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାତରେ ଲାଗିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ କହିଛନ୍ତି। ଯଦି ଆଉ କେହି ଠକାମିର ଶିକାର ହୋଇଛନ୍ତି, ସେ ସମ୍ପର୍କରେ ପୋଲିସକୁ ଜଣାଇପାରିବେ ବୋଲି ଡିସିପି ଅପିଲ କରିଛନ୍ତି।

### ଅନ୍ୟ ଧର୍ମରେ ବିବାହକୁ ...

ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ହରିୟାଣା ଆଦି ରାଜ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ଅନ୍ୟ ଜାତିରେ ବିବାହକୁ ପ୍ରୋତ୍ସାହିତ କରୁଥିବାବେଳେ ଏବେ ମଧ୍ୟ ଜନସାଧାରଣଙ୍କ ମନରୁ ଏଭଳି ବିବାହକୁ ନେଇ ଘୃଣାଭାବ ଯାଇ ନ ଥିବା ସର୍ଭେ କହିଛି। ଧର୍ମକୁ ଆଧାର କରି ନିଯୁକ୍ତିଦାତା କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତି ନ ଦେବା ଘଟଣାଗୁଡ଼ିକୁ ୩୯% ଉତ୍ତରଦାତା ସମର୍ଥନ କରିଥିବାବେଳେ ୬୦% ଏହାକୁ ବିରୋଧ କରିଛନ୍ତି। ୮୮% କେରଳୀ ଏପରି ଘଟଣାକୁ ବିରୋଧ କରିଥିବାବେଳେ ଉତ୍ତରପ୍ରଦେଶର ୫୧% ଉତ୍ତରଦାତା ଏହାକୁ ସମର୍ଥନ କରିଛନ୍ତି। ସେହିପରି କୌଣସି ହାଉସିଂ ସୋସାଇଟି, ଆପାର୍ଟମେଣ୍ଟ କିମ୍ବା ସାର୍ବଜନୀନ ସ୍ଥାନରେ ବିଫ୍, ମାଂସ ପରି କିଛି ନିର୍ଦ୍ଦିଷ୍ଟ ଭୋଜନ ଉପରେ କଟାକଣା ଲଗାଇବାକୁ ୪୧% ଉତ୍ତରଦାତା ସମର୍ଥନ କରିଥିବାବେଳେ ୫୪% ଲୋକ ବିରୋଧ କରିଛନ୍ତି। କେରଳର ୮୮% ଉତ୍ତରଦାତା ଏହାକୁ ବିରୋଧ କରିଥିବାବେଳେ ଉତ୍ତରାଖଣ୍ଡର ୭୫% ଉତ୍ତରଦାତା ଏପରି କଟକଣାର ସମର୍ଥନରେ ବାହାରିଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଧର୍ମ ପ୍ରତି ଭେଦଭାବ ଏବଂ ସ୍ୱୀକୃତି ପ୍ରଦାନର ସ୍ତର ଭିନ୍ନ ରହିଛି ବୋଲି ସଦ୍ୟ ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଯଉଁରା ନଦୀରୁ ଛତିଶଗଡ଼ ପାଣି ନେବାରୁ ବିଜେଡିର ପ୍ରତିବାଦ



କୋରାପୁଟ ଜିଲା ବିଜେଡି ନେତାମାନେ ଯଉଁରା ନଦୀ ମୁହାଣରେ ପ୍ରତିବାଦ କରୁଛନ୍ତି।

କୋଟପାଡ଼,୨୩।୩
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଚାନ୍ଦିଲି ପଞ୍ଚାୟତ ଇନ୍ଦ୍ରାବତୀ ଶାଖା ନଦୀ ଯଉଁରା ମୁହାଣରେ ଛତିଶଗଡ଼ ସରକାର ବାଲି ବସ୍ତା ପକାଇ ଜଳ ନେବାରୁ ରବିବାର ଜିଲା ବିଜେଡି ନେତାମାନେ ଏକତ୍ର ହୋଇ ଏହାର ପ୍ରତିବାଦ କରିଛନ୍ତି। ଭାଜପା ବିରୋଧରେ ରଣହୁଙ୍କାର ଦେଇ ରାଜ୍ୟ ସରକାର ପାଣି ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଚଳିତ ଖରିଫ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ନଦୀ ମୁହାଣରେ ରାଜ୍ୟ ସରକାର ଉଠା ଜଳସେଚନ ବିଭାଗ ଦ୍ୱାରା ବାଲି ବସ୍ତା ପକାଇ ଛତିଶଗଡ଼କୁ ପାଣି ନେବାକୁ ନିର୍ଦ୍ଦେଶ ଥିବା ଜଣାପଡିବା ପରେ ବିରୋଧୀ ବିଜେଡି ଏହାର ପ୍ରତିବାଦ କରିଛି। ନଦୀ ଅବବାହିକାରେ ଥିବା ଚାଷଜମି ଓ ପାନୀୟ ଜଳ ପାଇଁ ଛତିଶଗଡ଼ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ପରବର୍ତ୍ତୀ ସମୟରେ ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳ ନଗରନାରରେ ନ୍ୟାଶନାଲ ମିନେରାଲ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଏନ୍‌ଏମ୍‌ଡିସି) ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହୋଇଥିଲା। ଏହି ପ୍ଲାଣ୍ଟକୁ ଆବଶ୍ୟକ ଜଳ ଯୋଗାଣ ପାଇଁ ବାହାରିଥିବା ଶାଖା ନଦୀରେ ଛତିଶଗଡ଼ ସରକାର ପ୍ରଥମେ ଏକ ଅସ୍ଥାୟୀ ଆଡ଼ିବନ୍ଧ ନିର୍ମାଣ କରି ଜଳ ନେବା ଆରମ୍ଭ କରିଥିଲେ। ଖରା ଦିନରେ ଯଉଁରା ନଦୀକୂଳରେ ବାସ କରୁଥିବା ୬ ପଞ୍ଚାୟତର ଶତାଧିକ ଚାଷୀଙ୍କ ଜମି ଓ ପାନୀୟ ଜଳ ପାଇଁ ବହୁ ସମସ୍ୟା ହୋଇଥିଲା। ଏ ନେଇ ସ୍ଥାନୀୟ ଜନ ପ୍ରତିନିଧି, ପଞ୍ଚାୟତ ବାସିନ୍ଦା ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛତିଶଗଡ଼ ସରକାରଙ୍କ ମନମୁଖି କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ତ୍ତମାନ ଏନ୍‌ଏମ୍‌ଡିସି ଷ୍ଟିଲ ପ୍ଲାଣ୍ଟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅଧିକ ଜଳର ଆବଶ୍ୟକତା ପଡୁଥିବାରୁ ଉକ୍ତ ଚୁକ୍ତିକୁ ଉଲ୍ଲଂଘନ କରି ଆଡ଼ିବନ୍ଧ ନିକଟରେ ପ୍ରାୟ ୧୫ ଦିନ ହେବ ଜବରଦସ୍ତ ବାଲି ବସ୍ତା ପକାଇ ଛତିଶଗଡ଼ ଜଳ ନେଉଛି। ଏହାଦ୍ୱାରା କୋଟପାଡ଼ ଅଞ୍ଚଳର ୬ ପଞ୍ଚାୟତର ଖରିଫ ଚାଷ ପ୍ରଭାବିତ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ଏବଂ ଚାଷୀ କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ

### ଚାଷୀଙ୍କୁ ଅଣଦେଖା ସହ ପାଣି ବିକ୍ରି ଅଭିଯୋଗ

ସେହି ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ଚାଷୀଙ୍କୁ କହିଥିଲେ। ପ୍ରତିବାଦରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପଦ୍ମିନୀ ଦିଆନ, ବିଜେଡି ଜିଲା ସଭାପତି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ରଘୁରାମ ପୋଡାଲ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ଚନ୍ଦ୍ରଶେଖର ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଯଉଁରା ବଞ୍ଚାଓ ସଭାପତି ପଙ୍କଜ ପାତ୍ର ଓ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳର ଚାଷୀଙ୍କୁ ଅଣଦେଖା କରିଥିବାରୁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ୧୯୭୫ରେ ସ୍ୱର୍ଗତା ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଇନ୍ଦ୍ରାବତୀ ଶାଖାନଦୀ ଯଉଁରା ନିକଟରେ ଏକ ଆଡ଼ିବନ୍ଧ ନିର୍ମାଣ କରିଥିଲେ।



କେନ୍ଦ୍ର ଶକ୍ତି, ସହରାଞ୍ଚଳ ବିକାଶ ଏବଂ ଗୃହନିର୍ମାଣ ମନ୍ତ୍ରୀ ମନୋହର ଲାଲ ଖଟ୍ଟର ରବିବାର ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି।

# ମହାନଦୀ ରାଜନୀତି: ତେଜିଲା ବାକ୍‌ଯୁଦ୍ଧ

ଭୁବନେଶ୍ୱର,୨୩।୩ (ରବିନାରାୟଣ ଜେନା)

- ଆଗେ ଛତିଶଗଡ଼ ବ୍ୟାରେଜ କାମ ବନ୍ଦକରୁ: ପ୍ରସନ୍ନ
- ରାଜ୍ୟବାସୀଙ୍କୁ ଭୁଆଁ ବୁଲା ନ ଯାଉ: ଭକ୍ତ
- କୁଆଡ଼େଗଲା ବିଜେଡିର ସମଦୂରତ୍ୱ ନୀତି: ପୃଥ୍ୱୀରାଜ

ବଜେଟ ଅଧିବେଶନ ଚାଲିଥିବାବେଳେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ମହାନଦୀ ଜଳ ବିବାଦର ସମାଧାନ ହେବ ବୋଲି ରାଜ୍ୟବାସୀଙ୍କୁ ସେ ଆଶ୍ୱସ୍ତି ଦେଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟର କେଇଘଣ୍ଟା ପରେ ବିରୋଧୀ ଓ ଶାସକ ମଧ୍ୟରେ ରାଜନୈତିକ ବୟାନବାଜି ଜୋର ଧରିଛି। ବିଜେଡି ଏହି ଆଲୋଚନାକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ କଂଗ୍ରେସ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। ଅଯଥାରେ ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ରୁଟି ନ ସେକିବାକୁ ସେ ବିରୋଧୀ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଆମେ ସମସ୍ତେ ମହାନଦୀ ବିବାଦର ସମାଧାନ ଚାହୁଁଛୁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଅନେକ ଥର ଏ ନେଇ ଉଦ୍ୟମ ହୋଇଥିଲା। ବାରମ୍ଵାର କେନ୍ଦ୍ର ଓ ଛତିଶଗଡ଼ ସହ ଆଲୋଚନା ହୋଇଛି। ଏକାଧିକଥର ତ୍ରିପାକ୍ଷିକ ଆଲୋଚନା ମଧ୍ୟ ହୋଇଛି। ହେଲେ ଛତିଶଗଡ଼ର ଜିଦ୍‌ଖୋର ମନୋଭାବ ପାଇଁ ତାହା ସମାଧାନ ହୋଇପାରି ନ ଥିଲା। ଯଦି ଉଭୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି, ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ କେବଳ ଚା' କପ୍‌ରେ ଆଲୋଚନା ନ କରି ଯଦି ସମାଧାନର ଇଚ୍ଛା ଅଛି, ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ କାମ ଆଗେ ବନ୍ଦକରୁ ବୋଲି ପ୍ରସନ୍ନ କହିଛନ୍ତି।

ସେହିପରି ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏହାର ଆଶୁ ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହା କେବଳ କଥାରେ ସୀମିତ ନ ରହି କାର୍ଯ୍ୟରେ ପ୍ରତିଫଳିତ ହେବା ଆବଶ୍ୟକ। କିନ୍ତୁ ଉଭୟ ସରକାର ରାଜ୍ୟବାସୀଙ୍କୁ ପୁଣି ଭୁଆଁ ବୁଲାଇବାକୁ ବସିଛନ୍ତି। କାରଣ ଉଭୟ ସରକାର କେନ୍ଦ୍ରର ରିମୋର୍ଟ କଣ୍ଟ୍ରୋଲରେ ପରିଚାଳିତ। ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୈଷୟିକ କମିଟି ଗଠନ ହୋଇ ସ୍ଥିତି ଆକଳନ କରାଯିବା ସହିତ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯିବା କଥା ତାହା କରାଯାଇନାହିଁ। ଯଦି ଟ୍ରିପିଲ ଇଞ୍ଜିନ ସରକାର ମହାନଦୀ ସମସ୍ୟାର ସମାଧାନ କରିବେ ତାହାଲେ ଏଥିପାଇଁ କୃତଜ୍ଞତା ଜଣାଇବି ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୦୧୬ରେ ମହାନଦୀ ଜଳବିବାଦର ସମାଧାନ ଲାଗି କେନ୍ଦ୍ର ସରକାର ଆଲୋଚନା ପାଇଁ ଦୁଇ ରାଜ୍ୟକୁ ଡାକିଥିଲେ। ହେଲେ ବିଜେଡି ସରକାର ସେତେବେଳେ ଥରେ ଗଲେ ଆଉ ଦୁଇ ଥର ଆଲୋଚନାକୁ ଯାଇ ନ ଥିଲେ। ଅଯଥାରେ ମହାନଦୀକୁ ନେଇ ବିଜେଡି ତାର ରାଜନୈତିକ ରୁଟି ସେକିବାର ଆବଶ୍ୟକତା ନାହିଁ। ଯାହା କରିବା କଥା, ଆମ ସରକାର ହିଁ କରିବେ।

ବିଜେଡି ବିଧାନସଭା ଭିତରେ ଗୋଟିଏ ଏବଂ ଗୃହ ବାହାରେ ଆଉ ଗୋଟିଏ କଥା କହୁଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ସେତେବେଳେ ସେମାନେ ଅଗ୍ରାହ୍ୟ କରିଥିଲେ। ଛତିଶଗଡ଼ ସରକାର ଆଲୋଚନା ପାଇଁ ଆଗ୍ରହ ଦେଖାଇ ନ ଥିଲେ। ତେଣୁ ବର୍ତ୍ତମାନ କାନ୍ଦିବାର ମାନେ କିଛି ନାହିଁ। ଗତ ୮ ବର୍ଷ ଧରି ଜଣେ ଦକ୍ଷିଣ ଭାରତୀୟ ଲୋକଙ୍କ କଥାରେ ବିଜେଡି ପରିଚାଳିତ ହୋଇଥିଲା। ଏବେ ଜଣେ ଦକ୍ଷିଣ ଭାରତୀୟ ନେତାଙ୍କ ଇସାରାରେ ଚାଲିବାରେ ଅସୁବିଧା କ'ଣ। କୁଆଡ଼େ ଗଲା ବିଜେଡିର ସମଦୂରତା ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ,ବିଜେଡି ଆଜି ଯେଉଁଭଳି ଉଚ୍ଚ ସ୍ୱରରେ କହୁଛି, ସେତେବେଳେ କେଉଁଠି ଥିଲା ? ମହାନଦୀ ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛି । ଏହାସତ୍ତ୍ୱେ ରାଜ୍ୟ ସରକାର ଏହାକୁ ନେଇ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି।

# 'ନାରୀ ନିର୍ଯାତନା ବିରୋଧରେ ଲଢ଼େଇ କରିବ କଂଗ୍ରେସ'

କେନ୍ଦୁଝର,୨୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ବିଜେଡି ସରକାର ସମୟରେ ଅନେକ ନାରୀ ନିର୍ଯାତନା ଚରମସୀମାରେ ପହଞ୍ଚିଥିଲା। ଅନେକ ମହିଳା ଓ ଝିଅ ନିଖୋଜ ଥିଲେ। ଏବେ ଭାଜପା ସରକାରର ୯ ମାସର ଶାସନକାଳ ମଧ୍ୟରେ ନାରୀ ନିର୍ଯାତନା ଆଶାତୀତ ବୃଦ୍ଧି ପାଇଛି। ଏହା ବିରୋଧରେ କଂଗ୍ରେସ ଲଢ଼େଇ କରିବ ବୋଲି କେନ୍ଦୁଝର ଗସ୍ତ ସମୟରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି। ରବିବାର କେନ୍ଦୁଝର ଅଡିଟୋରିୟମଠାରେ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି।

ଯୁବ ଛାତ୍ର କର୍ମୀମାନେ ପ୍ରଭାରୀ ଅଜୟ କୁମାରଙ୍କୁ ଏକ ମୋଟର ସାଇକେଲ ରାଲିରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଗସ୍ତ ଅବସରରେ ଅଜୟ କୁମାର ମୃତ ସାମାଜିକକର୍ମୀ ରୋଜାଲିନ ସାହୁଙ୍କ ମାଆ ରେବତୀ ସାହୁଙ୍କୁ ଭେଟିଥିଲେ। ଭାଜପା ଦଳ କିପରି ଜଣେ ହତ୍ୟା ଅଭିଯୁକ୍ତଙ୍କୁ ପ୍ରୋତ୍ସାହନ ଦେଉଛି ତାହା ସେ ପ୍ରଶ୍ନ କରିଥିଲେ। ସେହିପରି ଚମ୍ପୁଆରେ ନାବାଳିକା ଗର୍ଭବତୀ ହେବା ଘଟଣାକୁ ପ୍ରଶାସନ ଚପାଇ ଦେଇଥିବା ଅଭିଯୋଗ କରିଥିଲେ। ମାର୍ଚ୍ଚ ୨୭ରେ ଅନେକ ହଜାର କଂଗ୍ରେସ କର୍ମୀ ମହିଳାଙ୍କ ସୁରକ୍ଷା ଲାଗି ଓଡ଼ିଶା ବିଧାନସଭା ଘେରାଉ କରିବେ ବୋଲି କହିଥିଲେ। ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ସଭାରେ ଉପସ୍ଥିତ ରହି ଭାଜପା ଓ ବିଜେଡି ଭାଇ ଭାଇ। ଗୋଟେ ମୁଦ୍ରାର ଦୁଇ ପାର୍ଶ୍ୱଭଳି ମିଳିମିଶି ଖଣିଖାଦାନ ଲୁଟୁ ଥିଲେ। କଂଗ୍ରେସ ଦଳର ଶେଷ ଯାଏ ରହି ସେ ମାର୍ଗଦର୍ଶନ କରିବେ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ରାଜ୍ୟ ସରକାରଙ୍କୁ ସମାଲୋଚନା କରି ମୋହନ ବାବୁ ମୁଖ୍ୟମନ୍ତ୍ରୀ ହେଲେ ଏଥର ପୂର୍ବ ପ୍ରତିଶ୍ରୁତି ସବୁ ପାଳନ କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ମନୋଜ ଜେନା, ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ଲାଗୁରି, ଶକୁନ୍ତଳା ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପ୍ରତିଭା ମଞ୍ଜରି ନାୟକ, ନିର୍ମଳ ନାୟକ, କୃଷ୍ଣଚନ୍ଦ୍ର ମହାନ୍ତି, ଆଲୋକ ମିଶ୍ର ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ସଂଗ୍ରାମ ଦାସ ମଞ୍ଚ ପରିଚାଳନା କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର ଅତିଥିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଓ କର୍ମୀମାନେ ସହାୟତା କରିଥିଲେ।



କେନ୍ଦୁଝର ଅଡିଟୋରିୟମଠାରେ କଂଗ୍ରେସ କର୍ମୀମାନେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ସ୍ୱାଗତ କରୁଛନ୍ତି।






## ରାଜ୍ୟ ଖବର

# ଅରୁଣ ବୋଥ୍ରାଙ୍କ ପୋଷ୍ଟକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୩।୩
(ସତ୍ୟଜିତ୍ ରାଉତ)

### ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା ସହ ଜଡ଼ିତ ୨ଟି ମାମଲାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବନ୍ଦ କରିବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଛି। ଶନିବାର ମୁମ୍ବାଇସ୍ଥିତ ଏକ କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ମାମଲାର କ୍ଲୋଜର ରିପୋର୍ଟ ଦାଖଲ କରାଯାଇଥିଲା। ଆତ୍ମହତ୍ୟା ପାଇଁ ସୁଶାନ୍ତଙ୍କ ଉପରେ କୌଣସି ଚାପ ପ୍ରୟୋଗ କରାଯାଇ ନାହିଁ ବୋଲି ଉକ୍ତ ରିପୋର୍ଟରେ କୁହାଯିବା ସହ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ଏବଂ ତାଙ୍କ ପରିବାରକୁ କ୍ଲିନ୍‌ଚିଟ୍ ଦିଆଯାଇଥିଲା। ତେବେ ଏହି ଘଟଣାରେ ଓଡ଼ିଶାର ପୂର୍ବତନ କ୍ରାଇମବ୍ରାଞ୍ଚ ଏଡିଜି ତଥା ବର୍ତ୍ତମାନର ରେଲୱେ ଏବଂ ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା ରବିବାର 'ଏକ୍ସ'ରେ କରିଥିବା ଏକ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ବେଶ୍ ଚର୍ଚ୍ଚା ହୋଇଛି। ସୁଶାନ୍ତଙ୍କ ମୃତ୍ୟୁ ସଂକ୍ରାନ୍ତ ଏକ ଜାତୀୟ ଗଣମାଧ୍ୟମର ନ୍ୟୁଜ୍ ପୋଷ୍ଟକୁ ଏଡିଜି ବୋଥ୍ରା ରିପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ୪ବର୍ଷ ତଳେ ଅନେକ ଟିଭି ଆଙ୍କର ଘଟଣାକୁ ଉସୁକାଇବା ପରେ ଅଗଣିତ ଲୋକ ସୋସିଆଲ ମିଡିଆ ଜରିଆରେ ମୁମ୍ବାଇ ପୋଲିସ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିବା ସହ ନିନ୍ଦିତ କରିଥିଲେ। ତେବେ ପୋଲିସ ବୃତ୍ତିଗତ ଭାବେ ନିଜ ତଦନ୍ତ କରିଥିଲା ବୋଲି ଏବେ ସ୍ପଷ୍ଟ ହୋଇଛି। ଅପରାଧ ତଦନ୍ତ ବିଷୟରେ କୌଣସି ଧାରଣା ନ ଥିବା ଲୋକମାନେ ମିଛ ଏବଂ ଅପମାନଜନକ ଟିପ୍ପଣୀ ଦେଇ ପ୍ରଚାର ସୃଷ୍ଟି କରିପାରିବେ। କିନ୍ତୁ ଶେଷରେ କେବଳ ପ୍ରମାଣ ଏବଂ କୋର୍ଟ ରାୟ ଗୁରୁତ୍ୱ ବହନ କରେ ବୋଲି ବୋଥ୍ରା କହିଛନ୍ତି। ଏଠାରେ ସୂଚନଯୋଗ୍ୟ ଯେ, ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ପ୍ରଥମେ ବୋଥ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ହେଲେ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିବା ପରେ କ୍ରାଇମବ୍ରାଞ୍ଚ ପୁଣିଥରେ ଏବେ ସାନି ତଦନ୍ତ ଆରମ୍ଭ କରିଛି। ତେବେ ନବ ଦାସ ହତ୍ୟା ମାମଲାରେ ବୋଥ୍ରା ପୋଲିସ ଓ ନିଜକୁ କ୍ଲିନ୍ ଚିଟ୍ ଦେବାକୁ ଏହି ପୋଷ୍ଟ କରିଥିବା ନେଇ କୁହାଯାଉଥିବା ବେଳେ ବିଭିନ୍ନ ଲୋକ କମେଣ୍ଟ ଓ ରିପୋଷ୍ଟ କରିଛନ୍ତି। ଏପରିକି ଉକ୍ତ ପୋଷ୍ଟରେ ଏକାଧିକ ୟୁଜର କୋଟ୍ ଓ ରିପ୍ଲାଏ ଦ୍ୱାରା ବୋଥ୍ରାଙ୍କୁ ଇଙ୍ଗିତ କରି ସମାଲୋଚନା କରିଛନ୍ତି। ଜଣେ ୟୁଜର ଉକ୍ତ ପୋଷ୍ଟକୁ କୋଟ୍ କରି ଲେଖିଛନ୍ତି, 'ଗତକାଲି, ମୁଁ ପୋଖରୀ କୂଳରେ ଗାମୁଛା ଛାଡିଦେଇ ଆସିଲି, ଆଜି ମିଳୁନାହିଁ। କିନ୍ତୁ....। ସେହିପରି ଆଜି କ'ଣ ପାଇଁ ଏହି ପୋଷ୍ଟ ବୋଲି ଆଉଜଣେ ୟୁଜର କୋଟ୍ କରି ବୋଥ୍ରାଙ୍କୁ ପ୍ରଶ୍ନ କରିଛନ୍ତି। ଅନ୍ୟଜଣେ ୟୁଜର୍ ରିପ୍ଲାଏ ଦେଇ କହିଛନ୍ତି, ସାର୍, ଅପରାଧ ତଦନ୍ତ ବିଷୟରେ ଲୋକଙ୍କର ଶୂନ୍ୟ ଧାରଣା ଥାଇପାରେ। ହେଲେ ଏହା ବି ସେତିକି ସତ୍ୟ ଯେ, ଏଭଳି ମାମଲାରେ କେବେ ବି ସତ୍ୟ ପଦାକୁ ଆସେ ନାହିଁ। ଆଉଜଣେ ରିପ୍ଲାଏ ହିନ୍ଦୀରେ ଲେଖିଛନ୍ତି, କହିଁ ପେ ନିଗାହେଁ, କହି ପେ ନିଶାନା। ସେହିପରି ଆଉଜଣେ ୟୁଜର ଲେଖିଛନ୍ତି, ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା କ୍ଲୋଜର ରିପୋର୍ଟ ଅନେକ ସମୟରେ ନିରର୍ଥକ ହୋଇଥାଏ। ସିବିଆଇ ତଦନ୍ତ କରୁଥିବା ଅନେକ ମାମଲାରେ ବିଫଳ ହେବାର ନଜିର ରହିଛି। ଦୁର୍ନୀତିଗ୍ରସ୍ତ ଅଫିସର କିଛି ସମାଧାନ କରାପାରିବେ ନାହିଁ। ତେଣୁ ସେମାନେ ଏହାକୁ ବନ୍ଦ କରିଦିଅନ୍ତି ବୋଲି ଜଣେ ୟୁଜର ମେସେଜ୍‌ରେ ଉଲ୍ଲେଖ କରିଛନ୍ତି।



Arun Bothra @arunbothra

The #SushantSinghRajput case highlights the perils of social media vigilantes meddling in criminal investigations.

Four years ago, countless social media accounts, egged on by TV anchors, vilified the @MumbaiPolice with baseless accusations. Now, it's clear that the police conducted a solid, professional probe.

People with zero idea about crime investigation can create hype with lies and slanderous comments. But ultimately, only evidence and court verdict hold weight.

TIMES NOW @TimesNow · 21h
#SushantSingh Rajput Death: After 4 Years, CBI Files Closure Report: No Evidence Anybody Abetted Actor's Death by Suicide
timesnownews.com/india/sushant-...

ଏକ୍ସ'ରେ ଅରୁଣ ବୋଥ୍ରା କରିଥିବା ପୋଷ୍ଟ।

# ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କଲେ ନାବାର୍ଡ ପ୍ରତିନିଧି



ଭୁବନେଶ୍ୱର,୨୩।୩
(ଅନୁରାଧା ମହାରଣା)

ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ)ର ପ୍ରତିନିଧିମାନେ ହରିଦ୍ୱାରସ୍ଥିତ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି ଦିନିକିଆ କାର୍ଯ୍ୟକ୍ରମରେ ଗ୍ରାମୀଣ କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ନିବେଶ ତଥା କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦିଗରେ ଆଲୋଚନା ହୋଇଥିଲା। ଯଜ୍ଞକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଆଚାର୍ଯ୍ୟ ବାଲକୃଷ୍ଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗ୍ରାମୀଣ ଉଦ୍ୟୋଗ କ୍ଷେତ୍ରରେ ନାବାର୍ଡର ଭୂମିକା ଓ ପତଞ୍ଜଳିର ଆଗାମୀ ଯୋଜନା ସମ୍ପର୍କରେ ସେ ଆଲୋକପାତ କରିବା ସହ ଜୈବିକ ପ୍ରଣାଳିରେ ଚାଷ ଏବଂ ପ୍ରାକୃତିକ କୃଷି ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତରାଖଣ୍ଡରେ ଜଡ଼ିବୁଟି ଓ ମହୁ ଆଦି ଚାଷକାର୍ଯ୍ୟ ବୃଦ୍ଧି ହେବା ଦରକାର ବୋଲି ଆଚାର୍ଯ୍ୟ ମତ ଦେଇଥିଲେ। ଏହି ଅବସରରେ ନାବାର୍ଡ ଅଧ୍ୟକ୍ଷ ଗ୍ରାମାଞ୍ଚଳରେ କୃଷି ଲଘୁ ଉଦ୍ୟୋଗ, ହସ୍ତଶିଳ୍ପ, ଗ୍ରାମୋଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରକୁ ନାବାର୍ଡ ପକ୍ଷରୁ ପ୍ରୋତ୍ସାହିତ କରାଯାଉଥିବା ସୂଚନା ଦେଇଥିଲେ। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ପ୍ରମୁଖ ଡା. ଦେବପ୍ରିୟା ଆର୍ଯ୍ୟା ରାଷ୍ଟ୍ରୀୟ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନାବାର୍ଡ ପ୍ରତିନିଧିମାନେ ପତଞ୍ଜଳି ଫୁଡ୍, ପତଞ୍ଜଳି ହର୍ବାଲ ଗାର୍ଡେନ ଏବଂ ଅନୁସନ୍ଧାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ପଙ୍କଜ ଯାଦବ, ସୁମନ କୁମାର, ଭୂପେନ୍ଦ୍ର କମାବତ, ଗୁରୁବିନ୍ଦର ସିଂହ ଆହୁଜା, ଶୋଭନା ସିଂ, ପୂଜା, ହିମାଂଶୁ କରତ୍ୟାଲ ପ୍ରମୁଖ ସାମିଲ ହୋଇଥିଲେ।

# ଯଶୱନ୍ତ କ'ଣ ଏକାକୀ ?

ଗୋଟିଏ ଛୋଟିଆ ନିଆଁ ସବୁକିଛି ଜାଳିପୋଡ଼ି ଭସ୍ମ କରିଦେବାର ଶକ୍ତି ରଖିଛି ବୋଲି ଦିଲ୍ଲୀ ହାଇକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଯଶୱନ୍ତ ଭର୍ମାଙ୍କ ଘଟଣାରୁ ପ୍ରମାଣ ମିଳୁଛି। ବିଚାରପତି ଭର୍ମା ଏବେ ଦେଶବ୍ୟାପୀ ପରିଚିତ ହେବା ସହିତ ଭାରତର ନ୍ୟାୟ ବ୍ୟବସ୍ଥାକୁ ଲଙ୍ଗଳା କରି ଛିଡ଼ା କରିଦେଇଛନ୍ତି। ଆମେ ୨୦୦୮ରେ ଏହି ସ୍ତମ୍ଭରେ 'ଫାଶୀ ଦିଅ' ସମ୍ପାଦକୀୟ ଲେଖିଥିଲୁ, ଯେଉଁଥିରେ ନ୍ୟାୟାଧୀଶମାନଙ୍କର କାର୍ଯ୍ୟକଳାପ ଓ ଚରିତ୍ର ବିଷୟରେ ଉଲ୍ଲେଖ କରିଥିଲୁ। ସେତେବେଳେ ଦେଶରେ ଅନ୍ୟ ଗଣମାଧ୍ୟମରେ ନ୍ୟାୟାଳୟ ଓ ବିଚାରପତିଙ୍କ ସମ୍ପର୍କରେ କୌଣସି ମନ୍ତବ୍ୟ ଦେବାକୁ ପ୍ରବଳ ଭୟ ଥିଲା। ପରବର୍ତ୍ତୀ ସମୟରେ ସେହି ଭୟ କ୍ରମଶଃ ଭାଙ୍ଗିବାକୁ ଆରମ୍ଭ କଲା ଏବଂ ବିଭିନ୍ନ ଗଣମାଧ୍ୟମରେ କ୍ରମାଗତ ଭାବେ ସମାଲୋଚନାତ୍ମକ ଖବର ପ୍ରକାଶ ପାଇବା ପରିଲକ୍ଷିତ ହେଲା। କେବଳ ପିପିଲିର ଜଣେ ଜେଏମ୍‌ଏଫ୍‌ସି କିମ୍ବା ଭୁବନେଶ୍ୱରର ତତ୍କାଳୀନ ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଅରୁଣ କୁମାର ସାହୁଙ୍କ ପକ୍ଷପାତ ଓ ଅବିଚାର କାର୍ଯ୍ୟରେ ଅଟକି ଯାଇ ନ ଥିଲା। ସମଗ୍ର ନ୍ୟାୟ ବ୍ୟବସ୍ଥା, ବିଶେଷକରି ସବ୍‌ଅର୍ଡିନେଟ୍ ବା ନିମ୍ନ ଅଦାଲତର ଚରିତ୍ରକୁ ମଧ୍ୟ ଦର୍ଶାଇଥିଲା। ଏବେ କିଛି ବର୍ଷ ହେବ ସେହି ରୋଗର ପ୍ରଭାବ ଉଚ୍ଚ ଓ ଉଚ୍ଚତମ ନ୍ୟାୟାଳୟର ମୁଣ୍ଡକୁ ଚଢ଼ିଗଲାଣି ବୋଲି ବିଭିନ୍ନ ସମୟରେ ପ୍ରମାଣ ମିଳୁଛି। ବିଚାରପତି ଯଶୱନ୍ତ ଭର୍ମାଙ୍କ ଘରେ ନିଆଁ ନ ଲାଗେ କିମ୍ବା ହାଇକୋର୍ଟ ବିଚାରପତିଙ୍କ ମୁଖା ନ ଖୋଲେ। କୁହାଯାଏ ଭାତହାଣ୍ଡିରୁ ଗୋଟେ ଭାତ ଚିପିଲେ ଚାଉଳ ସିଝିଲାଣି କି ନାହିଁ ଜଣାପଡ଼େ। ଭର୍ମା ସେହି ଗୋଟିଏ ଭାତର କାର୍ଯ୍ୟ କଲାଭଳି ମନେ ହେଉଛି। ଅନୁରୂପ ଭାବେ ଓଡ଼ିଶାରୁ ନିଯୁକ୍ତି ପାଇଥିବା ଜଣେ ପ୍ରଧାନ ବିଚାରପତି କେଉଁଭଳି ଭାବେ ଭୋପାଳ ଗ୍ୟାସ୍ ଦୁର୍ଘଟଣା ମାମଲାରେ ବଦ୍‌ନାମ ହୋଇଥିଲେ ତାହା ସମଗ୍ର ଦେଶ ଜାଣିଛି। ସେହିଭଳି ୨ଜି ସ୍ପେକ୍‌ଟ୍ରମ୍ ଦୁର୍ନୀତିର ତଦନ୍ତ ବେଳେ କର୍ପୋରେଟ୍ ଲବିଇଷ୍ଟ ନିରା ରାଡିଆଙ୍କ ଟେପ୍ ଘଟଣା ପ୍ରକାଶ ପାଇବା ପରେ ଯେଉଁଭଳି ରତନ ଟାଟା ଓ ଅନ୍ୟ କେତେକ ବଡ଼ ଶିଳ୍ପପତିଙ୍କ ସପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟରେ ଅଳ୍ପ କେତୋଟି ଦିନରେ ରାୟ ପ୍ରକାଶ ପାଇଥିଲା, ତାହା ଅନେକଙ୍କ ମନେଥିବ। ଏହିଭଳି ବହୁ ଘଟଣା ଘଟିଗଲାଣି, ଯାହାକି ଭାରତର ନ୍ୟାୟ ବ୍ୟବସ୍ଥାକୁ ପ୍ରବଳ ସନ୍ଦେହ ବଳୟକୁ ଟାଣି ଆଣିଲାଣି।

ନ୍ୟାୟାଳୟରେ ଦୁର୍ନୀତି କେବଳ ଅର୍ଥରେ ସୀମିତ ରହେ ନାହିଁ ବୋଲି ସମସ୍ତେ ବୁଝନ୍ତି। ଶାସକଙ୍କ ପ୍ରିୟ ହେବା ପାଇଁ ଅନେକ ରାୟ ଗତ ଦଶନ୍ଧି ମଧ୍ୟରେ ଦେଖାଦେଲାଣି, ଯେଉଁଗୁଡ଼ିକ ପରବର୍ତ୍ତୀ ସମୟରେ, ଅବସର ନେବା ପରେ ବିଚାରପତିମାନଙ୍କୁ ବିଭିନ୍ନ ଆକର୍ଷଣୀୟ ସ୍ଥାନରେ ଥଇଥାନ ହେବାର ସୁଯୋଗ ପ୍ରଦାନ କରୁଛି। ଏହା ଯେ କେବଳ ଏକ ନିରନ୍ତର ବ୍ୟବସ୍ଥା, ତାହା ସମ୍ପର୍କରେ ଏବେ ସ୍ପଷ୍ଟ ହେବାରେ ଲାଗିଛି।

ସଦ୍ୟ ଘଟଣାକୁ ଦେଖିଲେ ୧୪ ମାର୍ଚ୍ଚ ହୋଲି ସମୟରେ ଜଷ୍ଟିସ ଭର୍ମାଙ୍କ ନୂଆଦିଲ୍ଲୀର ତୋଗଲକ୍ ରୋଡ୍‌ସ୍ଥିତ ସରକାରୀ ବାସଭବନରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବାହିନୀ ଓ ପୋଲିସକୁ ସଙ୍ଗେ ସଙ୍ଗେ ସୂଚନା ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ତେବେ ଗୋଟେ ଆଉଟ୍‌ହାଉସ୍‌ରେ ପୁଳାପୁଳା ଟଙ୍କା ଗଦା ହୋଇଥିବା ସମ୍ପୃକ୍ତ କର୍ମଚାରୀମାନେ ଦେଖିବା ପରେ ପୋଲିସକୁ ଜଣାଇଥିଲେ। ତା'ପରେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଲା ଯେ, ମିଳିଥିବା ଅର୍ଥର ପରିମାଣ ୧୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଏହି ଘଟଣା ରାଷ୍ଟ୍ର ହୋଇଯିବା ପରେ ନ୍ୟାୟପାଳିକାରେ ଚହଳ ପଡ଼ିଗଲା ଭଳି ମନେହେଉଛି। ସମ୍ପୃକ୍ତ ବିଷୟ ସୁପ୍ରିମକୋର୍ଟ ଯାଏ ଯିବା ପରେ ଜଷ୍ଟିସ ଭର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ହେଲେ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ ତାଙ୍କ ବଦଳିକୁ ନାପସନ୍ଦ କରିବା ସହ ସମ୍ପୃକ୍ତ ହାଇକୋର୍ଟ ଡଷ୍ଟବିନ୍ ନୁହେଁ ବୋଲି କହିଥିଲା। ଫଳରେ ଜଷ୍ଟିସ ଭର୍ମାଙ୍କ ବଦଳି ସ୍ଥଗିତ ରଖାଯାଇଥିବା ବେଳେ ତଦନ୍ତ ନ ସରିବା ଯାଏ ତାଙ୍କୁ ନ୍ୟାୟିକ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଏହି ଘଟଣାର ତଦନ୍ତ କରିବା ଲାଗି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ୩ ଜଣିଆ ନ୍ୟାୟିକ ପ୍ୟାନେଲ ଗଠନ କରିଛନ୍ତି। ଏଥିସହିତ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏ ସଂକ୍ରାନ୍ତରେ ଦେଇଥିବା ତଥ୍ୟ ଓ ଭିଡିଓକୁ ପ୍ରଧାନ ବିଚାରପତି ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଘଟଣା ଏକ ଉତ୍ତମ ପରମ୍ପରା ସୃଷ୍ଟି କରିଛି ବୋଲି କୁହାଯାଇପାରେ। ମାର୍ଚ୍ଚ ୨୩ରେ ଆଉ ଏକ ଘଟଣାକ୍ରମରେ ତୋଗଲକ୍ ରୋଡ୍ ଅଞ୍ଚଳରେ ଜଣେ ସଫେଇ କର୍ମଚାରୀ କହିଛନ୍ତି, ଅଳିଆ ସଫା କରିବା ବେଳେ ସେ କେତେକ ପୋଡ଼ା ୫୦୦ ଟଙ୍କିଆ ନୋଟ୍ ପାଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି ବୋଲି ଜଷ୍ଟିସ ଭର୍ମା କହିଛନ୍ତି। ବାସ୍ତବ ଘଟଣା ଅବଶ୍ୟ ତଦନ୍ତ ପରେ ଜଣାପଡ଼ିବ।

ନ୍ୟାୟପାଳିକାର ଚେର କେତେ ବାଟ ଲମ୍ବିଛି ତାହା ଜାଣିବା ଅତ୍ୟନ୍ତ କଷ୍ଟକର। କାରଣ ବିଚାରପତିମାନେ ସାଧାରଣ ଲୋକଙ୍କଠାରୁ ବହୁ ଦୂରରେ ରହୁଥିବାରୁ ସେମାନଙ୍କ କାରନାମା ବିଷୟ ସହଜରେ ପଦାକୁ ଆସି ନ ଥାଏ। ନିକଟ ଅତୀତରେ କଲିକତା ହାଇକୋର୍ଟ ବିଚାରପତି ସୌମିତ୍ର ସେନ ଅର୍ଥ ହଡ଼ପ କରିଥିବା ବିଷୟ ସଂସଦରେ ଆଲୋଚନା ହେବା ପରେ ସେ ଚାକିରି ଛାଡ଼ିଦେଇଥିଲେ। ସେହିଭଳି ସେତେବେଳେ ସିକିମ୍ ହାଇକୋର୍ଟ ମୁଖ୍ୟ ବିଚାରପତି ପି.ଡି. ଦିନାକରନ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ ପଦବୀରୁ ଇସ୍ତଫା ଦେଇଥିଲେ। ତାଲିକା କଲେ ଲମ୍ବି ଚାଲିବ।

ବିଚାରପତିମାନେ ଦୁର୍ନୀତିଗ୍ରସ୍ତ ଓ ଖୋଲାଖୋଲି ପକ୍ଷପାତିତା କରନ୍ତି ବୋଲି କହିଦେବା ସହଜ ହୋଇପାରେ। ଅଦାଲତ ଅବମାନନାରେ ପକାଇଦେବାରେ ସେମାନେ ଧୁରନ୍ଧର ଓ ସମଗ୍ର ଦେଶକୁ ଅନେକ ଦଶନ୍ଧି ଧରି ଧମକାଇ ରଖିଛନ୍ତି ବୋଲି ସାଧାରଣରେ ଜଣାଶୁଣା। କିନ୍ତୁ ଏସବୁ ଯେତିକି କ୍ଷତି କରୁଛି ତାହାଠାରୁ କାହିଁ ଅଧିକ କ୍ଷତି ଘଟୁଛି ଯେଉଁ ଅପରପକ୍ଷ ମାମଲାକୁ ହାରୁଛି। ଯଶୱନ୍ତ ଭର୍ମାଙ୍କ ଉଦାହରଣ ଦେଖିଲେ ତାଙ୍କର ଏହି ବିପୁଳ ନଗଦ ଟଙ୍କା କୌଣସି ଏକ ବା ଅନେକ ମାମଲାରୁ ଆଦାୟ କରାଯାଇଥାଇପାରେ। ତାଙ୍କ ରାୟ ଦ୍ୱାରା ବିଗତ ବର୍ଷଗୁଡ଼ିକରେ ଯେକୌଣସି ପକ୍ଷ ଜିତିଛି, ସମସ୍ତେ ଆଜି ସନ୍ଦେହଘେରକୁ ଆସିଗଲେଣି। ସେହିଭଳି ତାଙ୍କ ରାୟ ଦ୍ୱାରା ପରାଜିତ ହୋଇଥିବା ପକ୍ଷ ଯେଉଁମାନେ ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନେ ସମସ୍ତେ ନିର୍ଦ୍ଦୋଷରେ ଶାସ୍ତି ପାଇଛନ୍ତି ବୋଲି ଧରିନେବାକୁ ହେବ। ଦକ୍ଷିଣ ଆଫ୍ରିକାରେ ଏକ ଢଗ ଅଛି ଯାହାର ଅର୍ଥ– 'ଓକିଲକୁ କାହିଁକି ପଇସା ଦବ, ଯଦି ବିଚାରପତିଙ୍କୁ କିଣିପାରିବ'। ସମ୍ଭବତଃ ଭାରତରେ ଏହି ଢଗ ସତ୍ୟ ବୋଲି ପ୍ରମାଣିତ ହୋଇଚାଲିଛି। ଶେଷରେ ପ୍ରଶ୍ନ ହୋଇପାରେ– ଏହି ବ୍ୟବସ୍ଥାରେ କ'ଣ ଯଶୱନ୍ତ ଭର୍ମା ଏକାକୀ ଅଛନ୍ତି ?

# ତଥ୍ୟ ଠିକ୍, ବିଶ୍ଳେଷଣ ଭୁଲ୍



ଡ. ସନ୍ତୋଷ କୁମାର ମହାପାତ୍ର

ଦିନେ ଜଣେ ବନ୍ଧୁ ମୋ ପାଖକୁ ଏକ ଭିଡିଓ ପଠାଇଥିଲେ। ଭିଡିଓରେ ଜଣେ ରାଜନେତା ହିସାବ ଦେଉଛନ୍ତି ଯେ ଉପା ସରକାର ଅମଳରେ ଓଡ଼ିଶାକୁ କେତେ ଅର୍ଥ କେନ୍ଦ୍ର ଦେଇଥିଲା ଓ ତାହାଠାରୁ ବର୍ତ୍ତମାନ ଭାଜପା ସରକାର ଅମଳରେ କେତେ ଅଧିକ ଦିଆଯାଇଛି। କିନ୍ତୁ ତଥ୍ୟ ଆପାତତଃ ଠିକ୍ ହୋଇପାରେ, କିନ୍ତୁ ବିଶ୍ଳେଷଣ ଭୁଲ୍। କାରଣ ସବୁ ରାଜ୍ୟକୁ ଅର୍ଥ କମିଶନର ସୁପାରିସ ଅନୁସାରେ ଦିଆଯାଏ। କେନ୍ଦ୍ର ମନକୁ ଦିଏ ନାହିଁ। ପୁନଶ୍ଚ କୌଣସି ସେପରି ଆର୍ଥିକ ବିପର୍ଯ୍ୟୟ ନ ଘଟିଲେ ନାମାଙ୍କନ ମୂଲ୍ୟରେ ସବୁ ବୃଦ୍ଧି ପାଇଥାଏ, ଯଦିଓ ମୁଦ୍ରାସ୍ଫୀତି ବୃଦ୍ଧି ସହିତ ଟଙ୍କାର କ୍ରୟ ଶକ୍ତି ହ୍ରାସ ପାଇଥାଏ। ଯେମିତି ଉପା ସରକାରଠାରୁ ବର୍ତ୍ତମାନର ଭାଜପା ସରକାର ସମୟରେ ଅଧିକ ଆସିଛି, ସେମିତି ବାଜପେୟୀଙ୍କ ୫ ବର୍ଷର ଶାସନ ଅମଳ ତୁଳନାରେ ଉପା ସରକାରଙ୍କ ୫ ବର୍ଷରେ ଅଧିକ ଆସିଛି। ସେହିପରି ପି. ଭି. ନରସିଂହ ରାଓ ସରକାର ତୁଳନାରେ ବାଜପେୟୀ ସରକାରଙ୍କ ସମୟରେ ଅଧିକ ଆସିଛି। ଏପରିକି ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଞ୍ଚ ବର୍ଷ ତୁଳନାରେ ଦ୍ୱିତୀୟ ୫ ବର୍ଷର ଶାସନ ଅବଧିରେ ମଧ୍ୟ ଅଧିକ ଆସିଛି। ଭବିଷ୍ୟତରେ ଯଦି କିଏ ନୂଆ ଶାସନ କରିବ, ସେତେବେଳେ ବର୍ତ୍ତମାନ ସରକାରଠାରୁ ତାଙ୍କ ଶାସନ ଅମଳରେ ଅଧିକ ଆସିବ।

ଅର୍ଥ କମିଶନ ରିପୋର୍ଟ ଅନୁଯାୟୀ ଓଡ଼ିଶା ବିଭାଜ୍ୟ ପାଣ୍ଠିରେ ଅଂଶ ବୃଦ୍ଧି ପାଉଛି ନା ତାହା ହ୍ରାସ ପାଉଛି, ତାହା ବିଚାର କରିବା ଉଚିତ। କିନ୍ତୁ ବାସ୍ତବରେ ଓଡ଼ିଶାର ଭାଗ କମି କମି ଯାଉଛି। ଉଦାହରଣ ସ୍ୱରୂପ ଦ୍ୱାଦଶ ଅର୍ଥ କମିଶନ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଅଂଶ ବିଭାଜିତ ପାଣ୍ଠିରେ ୫.୧୬% ଥିଲା। ଏହା ହ୍ରାସ ପାଇ ତ୍ରୟଦଶ ଅର୍ଥ କମିଶନରେ ୪.୭୮%ରେ ସ୍ଥିର ହୋଇଥିଲେ ମଧ୍ୟ ବାସ୍ତବରେ ଏହା ୪.୬୪% ହୋଇଥିଲା। ଏହା ପୁନଶ୍ଚ ଚତୁର୍ଦ୍ଦଶ ଅର୍ଥ କମିଶନରେ ୪.୬୪%କୁ ଓ ପଞ୍ଚଦଶ ଅର୍ଥ କମିଶନ (୨୦୨୦-୨୧ ରୁ ୨୦୨୫-୨୬)ରେ ୪.୬୩%କୁ ହ୍ରାସପାଇଛି। ଅପରପକ୍ଷରେ ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ରାଜସ୍ଥାନ, ସିକ୍କିମ, ତାମିଲନାଡୁ, ତ୍ରିପୁରା ଓ ଉତ୍ତରାଖଣ୍ଡ ରାଜ୍ୟର ଅଂଶ ବିଭାଜିତ ପାଣ୍ଠିରେ ବୃଦ୍ଧି ପାଇଛି। ଆଉ ଗୋଟିଏ କଥା ଓଡ଼ିଶା ପାଇଁ ଚିନ୍ତାଜନକ ହେଉଛି, କିଛି ରାଜ୍ୟ ରାଜସ୍ୱ ନିଅଣ୍ଟ ଅନୁଦାନ ପାଇଲା ବେଳେ ଓଡ଼ିଶା ସମେତ କିଛି ରାଜ୍ୟ ମଧ୍ୟ ବଞ୍ଚିତ।




ଅନେକ ସମୟରେ କେନ୍ଦ୍ରର ଶାସକ ଶ୍ରେଣୀ କହିଥାନ୍ତି ଯେ, କେନ୍ଦ୍ର ଏତେ ରାଜ୍ୟକୁ ଦେଉଛି। କିନ୍ତୁ ସେମାନେ କହନ୍ତିନାହିଁ ଯେ, କେନ୍ଦ୍ର ରାଜ୍ୟବାସୀଙ୍କଠାରୁ ଯେଉଁ ଟିକସ ଆଦାୟ କରୁଛି, ସେଥିରୁହିଁ ଦେଉଛି। ବାସ୍ତବରେ କେନ୍ଦ୍ର ଦୟାକରି ଦେଇ ନ ଥାଏ କି ରାଜ୍ୟ ହାତରୁ ବ୍ୟୟ କରି ନଥାଏ। ସମସ୍ତେ ଲୋକଙ୍କ ଟିକସ ଅର୍ଥ ବ୍ୟୟ କରିଥାନ୍ତି। ପୁନଶ୍ଚ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ରାଜ୍ୟ ସରକାର କରିଥାନ୍ତି। ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସେବା ପାଇଁ ରାଜ୍ୟଗୁଡ଼ିକ ମୁଖ୍ୟତଃ ଦାୟୀ। କିନ୍ତୁ ଟିକସ ଆଦାୟ କରିବାର ଉତ୍ସ ରାଜ୍ୟ ସରକାରଙ୍କ ସୀମିତ। ୨୦୧୭ ମସିହାରେ ଜିଏସ୍‌ଟି ପ୍ରଚଳନ ପୂର୍ବରୁ ରାଜ୍ୟଗୁଡ଼ିକ ଭାଟ୍, ପ୍ରବେଶ କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ଶୁଳ୍କ ସମେତ ମୋଟ କର ପ୍ରାୟ ୫୫% ସଂଗ୍ରହ କରୁଥିଲେ। ଜିଏସ୍‌ଟି ପ୍ରଚଳନ ପରେ ଏହା ୩୮%କୁ ହ୍ରାସ ପାଇଛି। ୨୦୨୨ ମସିହାରେ ଜିଏସ୍‌ଟି କ୍ଷତିପୂରଣ ଅବଧି ଶେଷ ହେବା ସହିତ, ରାଜ୍ୟଗୁଡ଼ିକ ହରାଇଥିବା ରାଜସ୍ୱ ପୂରଣ କରିବାକୁ ସଂଘର୍ଷ କରିଛନ୍ତି। ମୋଟ ସରକାରୀ ଖର୍ଚ୍ଚରେ ସେମାନଙ୍କର ଅଂଶ ୨୦୧୪-୧୫ରେ ୫୨%ରୁ ବୃଦ୍ଧି ପାଇ ୨୦୨୨-୨୩ରେ ପ୍ରାୟ ୬୩% ହୋଇଛି।

ଯେହେତୁ କେନ୍ଦ୍ର ବେଶି ରାଜସ୍ୱ ପାଏ ଏବଂ କମ୍ ବ୍ୟୟ କରେ, ତେଣୁ ସମ୍ବିଧାନର ଧାରା ୨୭୦ ଅନୁଯାୟୀ କେନ୍ଦ୍ର ଆଦାୟ କରୁଥିବା ଟିକସ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କିପରି ବଣ୍ଟନ କରାଯିବ ତାହାର ରୂପରେଖ ଅର୍ଥ କମିଶନ ସ୍ଥିର କରିଥାନ୍ତି। ସମ୍ବିଧାନର ଧାରା ୨୮୦ ଅନୁଯାୟୀ କେନ୍ଦ୍ର ଅର୍ଥ କମିଶନ ଗଠନ କରିଥାଏ ଏବଂ କେନ୍ଦ୍ର ଦ୍ୱାରା ସଂଗୃହୀତ କେଉଁ ଟିକସ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ ହେବ ତାହା ଅର୍ଥ କମିଶନ ସ୍ଥିର କରିଥାନ୍ତି। କେନ୍ଦ୍ରୀୟ ଟିକସରେ ରାଜ୍ୟଗୁଡ଼ିକ ଅଂଶ ୧୧ଶ ଅର୍ଥ କମିଶନ ଅନୁସାରେ ୨୯.୫% ଥିଲା। ତାହା ବୃଦ୍ଧି ପାଇ ଦ୍ୱାଦଶ ଅର୍ଥ କମିଶନରେ ୩୦.୫% ହୋଇଥିଲା। ପୁନଶ୍ଚ ତ୍ରୟୋଦଶ ଅର୍ଥ କମିଶନରେ ୩୨ % ଓ ଚତୁର୍ଦ୍ଦଶ ଅର୍ଥ କମିଶନରେ ୪୨%କୁ ବୃଦ୍ଧି ପାଇଥିଲା। କିନ୍ତୁ ଏହି ବୃଦ୍ଧି ସତ୍ତ୍ୱେ ରାଜ୍ୟଗୁଡ଼ିକ ଅଧିକ ପାଉନଥିଲେ, କାରଣ ସରକାର ଅଧିକାଂଶ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାତିଲ କରିଥିଲେ। ପଞ୍ଚଦଶ ଅର୍ଥ କମିଶନ ଅବଧିରେ ୨୦୨୦-୨୧ରେ ଜମ୍ମୁ ଏବଂ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିବା ପରେ ରାଜ୍ୟଗୁଡ଼ିକର ଅଂଶ ୪୨%ରୁ ସାମାନ୍ୟ ହ୍ରାସ ପାଇ ୪୧% ହୋଇଛି। କିନ୍ତୁ ପ୍ରକୃତରେ ରାଜ୍ୟଗୁଡ଼ିକ ବହୁତ କମ ପାଉଛନ୍ତି କାରଣ, ସରଚାର୍ଜ ଏବଂ ସେସ୍‌ରୁ ଯେଉଁ ରାଜସ୍ୱ କେନ୍ଦ୍ରକୁ ପ୍ରାପ୍ତ ହୁଏ ସେଥିରୁ ରାଜ୍ୟଗୁଡ଼ିକୁ କିଛି ମିଳେ ନାହିଁ।

ଜିଏସ୍‌ଟି ଜନିତ କ୍ଷତିପୂରଣ ସେସ୍‌କୁ (ଯାହା ରାଜ୍ୟଗୁଡ଼ିକୁ ଦିଆଯାଏ) ବାଦ ଦେଲାପରେ ସେସ୍ ଏବଂ ସରଚାର୍ଜ ବାବଦରେ ୨୦୦୯-୧୦ରେ ୭୦,୫୫୯ କୋଟି ଟଙ୍କା ଆଦାୟ ହୋଇଥିଲାବେଳେ ୨୦୨୩-୨୪ ରେ ୫.୧ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥଲା। ୨୦୨୪-୨୫ରେ ରେ ୫.୫ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା। ୨୦୧୪-୧୫ରେ, ଏହି ଉତ୍ସଗୁଡ଼ିକରୁ ରାଜସ୍ୱ ମୋଟ ରାଜସ୍ୱର ୧୦% ଥିଲା ବେଳେ ୨୦୨୩-୨୪ସୁଦ୍ଧା ଏହା ୨୭%କୁ ବୃଦ୍ଧି ପାଇଥିଲା। ରାଜ୍ୟଗୁଡ଼ିକ ୪୧% ବଦଳରେ ପ୍ରାୟ ୩୩.୧% ପାଇଛନ୍ତି। ମୂଳତଃ ଏକ ସାମୟିକ ପଦକ୍ଷେପ ଭାବରେ ପ୍ରଚଳିତ ସରଚାର୍ଜ ଏବଂ ସେସ୍ ଭାରତର ଟିକସ ବ୍ୟବସ୍ଥାରେ ଏକ ସ୍ଥାୟୀ ନୀତି ପାଲଟିଛି।

ଏଣୁ ଅରବିନ୍ଦ ପାନଗାରିଆଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ ବିଭାଜ୍ୟ ପାଣ୍ଠିରେ ରାଜ୍ୟଗୁଡ଼ିକ ଅଂଶକୁ ୪୧% ରୁ ୫୦% କୁ ବୃଦ୍ଧି କରିବା ଉଚିତ। କିଛି ରାଜ୍ୟ ମଧ୍ୟ ଏହି ଅନୁରୋଧ କରିଛନ୍ତି। ଏହା ସହିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ସେସ୍ ଏବଂ ସରଚାର୍ଜ ବାବଦ ରାଜସ୍ୱର ଏକ ପ୍ରମୁଖ ଅଂଶ ଦେବା ଉଚିତ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶା ଭଳି କିଛି ରାଜ୍ୟକୁ ସ୍ୱତନ୍ତ୍ର ସହାୟତା ଦେବା ଉଚିତ। ତ୍ରୟୋଦଶ ଅର୍ଥ କମିଶନରେ ଆର୍ଥିକ ଶୃଙ୍ଖଳାକୁ ୧୭.୫%ର ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ଅର୍ଥ କମିଶନଙ୍କ ରିପୋର୍ଟରେ ଏହାକୁ ହଟାଇ ଦିଆଯାଇଥିଲା। କିନ୍ତୁ ଏହି କାର୍ଯ୍ୟକୁ ପୁରସ୍କୃତ କରାଯିବା ଉଚିତ। ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ତାଲିକାରେ ଓଡ଼ିଶା ଶୀର୍ଷରେ ଥିବାରୁ ଓଡ଼ିଶାକୁ ମଧ୍ୟ ପୁରସ୍କୃତ କରାଯିବା ଉଚିତ। ଯେଉଁ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଅଧିକ ପ୍ରତିଶତ ଲୋକ ଅଛନ୍ତି ସେହି ରାଜ୍ୟକୁ ଅଧିକ ପାଣ୍ଠି ଦିଆଯିବା ଉଚିତ। ସେହିପରି, ଅଧିକ ଅନୁସୂଚିତ ଜାତି/ଜନସଂଖ୍ୟା ଥିବା ରାଜ୍ୟଗୁଡ଼ିକୁ ପାଣ୍ଠି ବଣ୍ଟନ ସମୟରେ ଗୁରୁତ୍ୱ ଦିଆଯିବା ଉଚିତ। ଯେଉଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକୁ ବନ୍ଦ ବା ସଙ୍କୁଚିତ କରାଯାଇଛି, ସେଗୁଡ଼ିକୁ ପୁନର୍ଜୀବିତ କରାଯିବା ଉଚିତ।

ମୋ:୯୪୩୭୨୦୮୭୬୨

# ପୁରାତନ ଦୃଷ୍ଟିକୋଣ ବଦଳୁ



ଡ. ମୌସୁମୀ ପରିଡ଼ା

ନିକଟରେ ମହାକାଶରୁ ସକୁଶଳ ଫେରିଆସିଥିବା ସୁନୀତା ୱିଲିୟମ୍ସଙ୍କ ଚର୍ଚ୍ଚା ସବୁଠି, ଯଦିଓ ତାଙ୍କ ସହିତ ବୁଚ୍ ୱିଲମୋର ଓ ଅନ୍ୟ ଦୁଇଜଣ ସହଯାତ୍ରୀ ଥିଲେ। ନାନା ସଂଶୟ ଭିତରେ ଭାରତୀୟ ବଂଶୋଦ୍ଭବ ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ ପୃଥିବୀବାସୀଙ୍କୁ ଆଶ୍ୱସ୍ତ କରିବା ସହିତ ଭାରତକୁ ଗର୍ବିତ କରିଛି। ସମଗ୍ର ନାରୀ ଜାତି ପାଇଁ ସୁନୀତା ଉଦାହରଣୀୟ। ପ୍ରତିକୂଳତା ସହିତ ସଂଗ୍ରାମ କରି ୯ମାସ ୧୪ ଦିନ ମହାକାଶରେ ବିତାଇବା କଷ୍ଟକର ତଥା ଆହ୍ୱାନପୂର୍ଣ୍ଣ। ନାରୀକୁ ତା'ର ଅସୀମ ଶକ୍ତି ସହିତ ପୁନର୍ବାର ପରିଚିତ କରାଇ ସୁନୀତା ପ୍ରମାଣିତ କରିଦେଲେ ଯେ ନାରୀ କୌଣସି ସ୍ଥିତିରେ ଦୁର୍ବଳା ନୁହେଁ।

ସମୟ ଥିଲା ଝିଅ ଜନ୍ମ ଗୋଟେ ପ୍ରକାରର ପାରିବାରିକ ବୋଝ ରୂପେ ପରିଗଣିତ ହେଉଥିଲା। ଝିଅ ଜନମ ପରଘରକୁ ବୋଲି ବିଚାର କରାଯାଉଥିଲା। ସେଥିପାଇଁ ଖୁବ୍ କମ୍ ବୟସରୁ ତାକୁ ଶାଶୁଘରର ସଣ୍ଢା, ଆଦବ କାଇଦା, ଚାଲିବୋଲି ଶିଖାଯାଉଥିଲା। ମନଖୋଲି ସ୍ୱପ୍ନ ଦେଖିବା, ହସିବା, କାନ୍ଦିବା, ରୁଷିବା, ଖୁସିରେ ବିହ୍ୱଳି ଉଠିବା, ଅଗଣାର ଫୁଲଗଛରୁ ବୁଲିବୁଲି କଙ୍କି କିମ୍ବା ପ୍ରଜାପତି ଧରିବା, ଫୁଲ ପରି ସ୍ୱାଧୀନ ଭାବେ ଫୁଟିଉଠି ବାସ ବିତରିବା କିମ୍ବା ପକ୍ଷୀପଣରେ ଉଡିବା ସବୁକିଛି ତାକୁ ମନା ଥିଲା। ଏକ୍ରୁଣ୍ଡିବନ୍ଧ ଡେଇଁ ବାହାରକୁ ଯିବା ପାଇଁ ଥିଲା ନାନା କଟକଣା। ଝିଅ ଚାଲିଲା ବେଳେ ତା' ପାଦ ଶବ୍ଦ ଯେପରି ନ ଶୁଭେ! ସେ ହସିବାର କି କାନ୍ଦିବାର ଶବ୍ଦ ବି ଯେପରି କେହି ନ ଜାଣେ! ପଣତ କିମ୍ବା ତକିଆ ସିନା ଝିଅର କାନ୍ଦିବା ଦେଖେ, ହେଲେ ପାଖ ମଣିଷମାନେ ଯେପରି ସେସବୁ ଅନୁଭବ କରି ନ ପାରନ୍ତି– କାନେ କାନେ ଶିଖାଯାଏ ସେମାନଙ୍କୁ। ଝିଅ ପ୍ରତିବାଦ କରିବା ପାପ, ତା' ପାଟିରୁ କୌଣସି କାମ ପାଇଁ ନା ବାହାରିବା ଅଶୋଭନୀୟ। ନ ହେଲେ ଘର ଭାଙ୍ଗିଯିବ, ଅଶାନ୍ତି ସୃଷ୍ଟିହେବ। ଝିଅରୁ ନାରୀ, ପତ୍ନୀ, ମା' ଭୂମିକାରେ ତା' ହାତପାଦ, ମନ ବି ବନ୍ଧା! ସେ କାଳେ ଯୋଡ଼ିରଖେ ପରିବାରକୁ! ଏତେସବୁ କଟକଣା ଓ ଲକ୍ଷ୍ମଣଗାର ଭିତରର ଜୀବନ ତା'ର ଅଭ୍ୟାସରେ ପରିଣତ ହୋଇଯାଉଥିଲା। ପଞ୍ଜୁରି ଭିତରେ ଯାହାର ଜନ୍ମ, ଜୀବନଧାରଣ ଓ ମରଣ ତାକୁ ମୁକ୍ତାକାଶ କିପରି ଆକର୍ଷିବ! ଧୂଳିରେ ମିଛିମିଛିକା ଭାତ ତିଅଣ, କଣ୍ଢେଇ ବାହାଘର ଭିତରେ ତାକୁ ତା' ଜୀବନର ଚିତ୍ର ଦେଖାଇ ଦିଆଯାଉଥିଲା। ତାରି ଭିତରେ କେତେବେଳେ ସେ ପରିପକ୍ୱ ହୋଇ ଶାଢ଼ି ଗହଣା, ସିନ୍ଦୂର, ଚୁଡ଼ି ପିନ୍ଧି ଶାଶୁଘରକୁ ଚାଲିଯାଉଥିଲା ହେଜ ନ ଥିଲା।

ଧୀରେ ଧୀରେ ସମୟ ବିତିଲା କିନ୍ତୁ ସମୟାନୁସାରେ ଝିଅମାନଙ୍କ ପାଇଁ ପାରିବାରିକ ଦୃଷ୍ଟିକୋଣ ବଦଳିଲା ନାହିଁ। ତାକୁ କେତେବେଳେ ଘିଅ, କାଚ ପରି ବିଭିନ୍ନ ଦ୍ରବ୍ୟ କିମ୍ବା ଦାନବସ୍ତୁ ରୂପେ ବିବେଚନା କରାଗଲା ତ କେତେବେଳେ ବିଭିନ୍ନ ପଶୁପକ୍ଷୀଙ୍କ ସହିତ ତୁଳନା କରାଗଲା। ନାରୀ ସଶକ୍ତୀକରଣର ଦ୍ୱାହିରେ ସେ ଯେତେବେଳେ ଆଗକୁ ବଢ଼ିଲା ତା'ର ପାଦ ରୋକାଗଲା। ଶିକ୍ଷା, ପଦପଦବୀ, ପରିଚିତି, ରାଜନୀତି ସବୁଥିରେ ପୁରୁଷ ସହିତ ସମକକ୍ଷ ନାରୀଟିକୁ କେବେ ବଳାତ୍କାରର ଶିକାର ହେବାକୁ ପଡ଼ିଲା ତ କେବେ ପାରିବାରିକ ରୋଷ, କର୍ମକ୍ଷେତ୍ରର ମାନସିକ ଓ ଶାରୀରିକ ନିର୍ଯାତନା ତା' ଜୀବନଯାତ୍ରାର ପ୍ରତିବନ୍ଧକ ସାଜିଲା। ଘରେ, ବାହାରେ ଭିତରେ ବାଣ୍ଟିହୋଇ ସେ ଯେତେ ଭାଙ୍ଗି ହେଲେ ବି ପ୍ରଶଂସାର ପାତ୍ର ବନିଲାନି! ବରଂ ଜିରାରୁ ଶିରା କାଢ଼ି ତାକୁ କଳେବଳେ କୌଶଳେ ଛନ୍ଦି ଦିଆଗଲା। କାରଣ ପୂର୍ବରୁ ଝିଅ/ନାରୀକୁ ନେଇ ଲୋକଙ୍କ ମନୋଦଶା ଆଜି ବି ବଳବତ୍ତର ରହିଛି। ସାତ ମାସର ଶିଶୁଠାରୁ ସତୁରି ବର୍ଷର ବୃଦ୍ଧା କେହି ବି ସୁରକ୍ଷିତ ନୁହନ୍ତି! ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଗଣବଳାତ୍କାରର ବର୍ବରତା ଏବେ ବି ହୃଦୟ ଥରାଇଦେଉଛି! ସେ ଅସୁରକ୍ଷିତା!



ଯୁଗ ବଦଳିଛି। ମଣିଷର ସ୍ଥାନ ରୋବୋ ନେଲାଣି! ମଣିଷ ମହାକାଶକୁ ଗଛଲତା, ଜୀବଜନ୍ତୁଙ୍କ ସହିତ ନିଜର ବାସୋପଯୋଗୀ ସ୍ଥାନ ବନାଇବା ପାଇଁ ପରୀକ୍ଷା ନିରୀକ୍ଷା ଚଳାଇଛି। ଅପର ପକ୍ଷରେ ସମାଜରେ ଅଶାନ୍ତି, ବିଶୃଙ୍ଖଳା, ହିଂସା ପ୍ରତିହିଂସା ଓ ଯୁଦ୍ଧର ବିଗୁଲ୍! ସୀମାହୀନ ଅହମିକାରେ ମଣିଷ ବନ୍ଦୀ! ନିଜ ଅବଦମିତ କ୍ଷମତା ନିଶାରେ ଅନ୍ଧ ଓ ପରାଧୀନ। ବିଚାରଧାରା ବା ଦୃଷ୍ଟିଭଙ୍ଗୀ ବଦଳାଇବାର ସମୟ ଏବେ ଉପନୀତ। ଆଗରୁ ଝିଅ ବାହାରକୁ ଯିବାରେ କଟକଣା ଥିଲା। କଲେଜ, ଟିଉଶନ୍‌ରୁ ଫେରିବା ବିଳମ୍ବ ହେଲେ ଖୋଜାପଡୁଥିଲା। ବର୍ତ୍ତମାନ ପୁଅଟିର ଫେରିବା ବିଳମ୍ବ ହେଲେ ମା'ବାପା ଓ ଗୁରୁଜନମାନେ ପଚାରି ବୁଝନ୍ତି। ସେ ମିଶୁଥିବା ସାଙ୍ଗ ଓ ତା' ପରିସର ସହିତ ପରିଚିତ ହୁଅନ୍ତି। ସେ ନିଶାଦ୍ରବ୍ୟ ଖାଉଛି କି ନାହିଁ, ତା'ର ବ୍ୟକ୍ତିଗତ ଜୀବନ କିପରି ଚାଲିଛି ଏସବୁକୁ ଟିକିନିଖି ଜାଣିବା ଆବଶ୍ୟକ। ତା'ର ହାବଭାବ, କଥାବାର୍ତ୍ତା, ଚାଲିଚଳନ ଉପରେ ନଜର ଦେବା ଜରୁରୀ। ସେଥିରୁ ଜଣାପଡ଼ିବ ପୁଅଟି କେଉଁ ରାସ୍ତାରେ ପାଦ ଦେଇଛି। ବିଗତ କିଛିବର୍ଷରୁ ପୁଅମାନେ କରୁଥିବା ହତ୍ୟା, ଆତ୍ମହତ୍ୟା, ବଳାତ୍କାର ବା ଗଣବଳାତ୍କାର ଏ ଦୁଇ ପ୍ରକାରର ମାନସିକତା ସେମାନଙ୍କ ବିଚାରଧାରା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି!

ପୀଡ଼ିତା ଅପେକ୍ଷା ଆରୋପୀକୁ ଆକ୍ଷେପ କରାଯାଉ। ଆରୋପୀ ବା ଅତ୍ୟାଚାରୀ ଦଣ୍ଡନୀୟ, ପୀଡ଼ିତା ନୁହେଁ। ତେଣୁ ବାରବାର ପୀଡ଼ିତାଙ୍କୁ ନେଇ ଘରେ ବାହାରେ ଆଲୋଚନା ନ ହେଉ। କ୍ଷତକୁ ବାରବାର ଉଖାରିଲା ଭଳି ପ୍ରଶ୍ନ ପଚାରି ତା'ଠାରୁ ସ୍ୱାଭାବିକ ଜୀବନଧାରଣର ଅଧିକାର ଛଡ଼େଇ ନିଆ ନ ଯାଉ। ବାହାରକୁ ଯାଉଥିବା ଝିଅ ସହିତ ପୁଅକୁ ବି ଶୀଘ୍ର ଘରକୁ ଫେରିବା ପାଇଁ ତାଗିଦ କରାଯାଉ। ଝିଅ ହେଉ ବା ପୁଅ ଜଣେ ପୀଡ଼ିତ ହେଲେ ଅନ୍ୟଜଣେ ଆରୋପୀ ନିଶ୍ଚୟ। ତେଣୁ ଉଭୟଙ୍କୁ ସମାନ ଶିକ୍ଷାଦାନ ଓ ସଚେତନ କରିବା ଜରୁରୀ। ଛୋଟବେଳୁ ହାତରେ ମୋବାଇଲ ଧରାଇଦେଇ ମା'ବାପା ଧନୀପଣିଆର ଡିଣ୍ଡିମ ନ ପିଟନ୍ତୁ। ଶୈଶବରୁ ନୈତିକ ଶିକ୍ଷା ସହିତ ବୌଦ୍ଧିକ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରି ଝିଅପୁଅ ଉଭୟଙ୍କୁ ସୁଶିକ୍ଷିତ କଲେ ସମାଜର ଅଧୋପତନକୁ ରୋକାଯାଇପାରନ୍ତା। ମନେରଖିବାକୁ ହେବ ଗୋଟେ ହାତରେ ତାଳି ବାଜେନା। ତେଣୁ ଉଭୟଙ୍କୁ ସୁମାର୍ଜିତ, ସୁଶିକ୍ଷିତ ଓ ଶୃଙ୍ଖଳିତ କରିବା ମା'ବାପା ଓ ପରିବାରର ମୁଖ୍ୟ ଦାୟିତ୍ୱ। ସେ ଦାୟିତ୍ୱକୁ ଠିକ୍ ରୂପେ ନିର୍ବାହ କଲେ ପରିବାର ସହିତ ସମାଜର ଅଭିବୃଦ୍ଧି ହେବ।

ମୋ:୯୪୩୭୩୧୭୦୨୬

## ଏଇ ଭାରତରେ

ବାର୍ଦ୍ଧକ୍ୟରେ ଯେତେବେଳେ ସମ୍ପର୍କର ଡୋର ଛିଣ୍ଡିବା ଆରମ୍ଭ ହୁଏ ସେତେବେଳେ ବିବାହ କଥା ଚିନ୍ତା କରିବା ଅସମ୍ଭବ ଲାଗିଥାଏ। ହେଲେ ଏଭଳି ଏକ ଭାବନାକୁ ଭୁଲ ପ୍ରମାଣିତ କରିଛନ୍ତି ୬୬ ବର୍ଷୀୟ ମୁନ୍ନାଲାଲ୍ ଓ ୫୭ ବର୍ଷୀୟା ପ୍ରମିଳା। ଚାରି ଦିନ ତଳେ ଉଭୟ ବିବାହ କରି ପରସ୍ପରକୁ ଜୀବନସାଥୀଭାବେ ଗ୍ରହଣ କରିଛନ୍ତି। ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଆଗ୍ରାରେ। ଉଭୟ ଏଠାରେ ଏକ ବୃଦ୍ଧାଶ୍ରମରେ ରହୁଥିଲେ। ୬ ମାସ ତଳେ ପରସ୍ପର ସହିତ ସାକ୍ଷାତ ହୋଇଥିଲା। ପ୍ରମିଳାଙ୍କ ପୂର୍ବ ସ୍ୱାମୀଙ୍କର ମୃତ୍ୟୁ ହୋଇ ସାରିଥିଲା ଓ ତାଙ୍କ ଘର ଲୋକେ ତାଙ୍କୁ ବୃଦ୍ଧାଶ୍ରମରେ ଛାଡି ଚାଲି ଯାଇଥିଲେ। ସେହିଭଳି ମୁନ୍ନାଲାଲ୍ ତାଙ୍କର ୯୦ ବର୍ଷୀୟା ମା'ଙ୍କ ସହିତ ସେହି ବୃଦ୍ଧାଶ୍ରମରେ ରହୁଥିଲେ। ତାଙ୍କୁ ମଧ୍ୟ ତାଙ୍କ ପରିବାର ଲୋକେ ଘରୁ ବାହାର କରି ଦେଇଥିଲେ। ଉଭୟ ପରସ୍ପରକୁ ଭେଟି ନିଜ ନିଜର ଦୁଃଖ ବାଣ୍ଟିବା ପରେ ବାକି ଜୀବନ ଏକାଠି ରହିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ବିବାହ କରିବା ପାଇଁ ଆଶ୍ରମର ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଆଶ୍ରମରେ ବୈଦିକ ରୀତିରେ ସେମାନଙ୍କର ବିବାହ ଧୁମଧାମରେ ହୋଇଥିଲା। ମୁନ୍ନାଲାଲ୍ ଓ ପ୍ରମିଳା ପରସ୍ପରର ହାତ ଧରି ବାକି ଜୀବନ ବିତେଇବାକୁ ସଂକଳ୍ପ ନେଇଥିବାବେଳେ ମୁନ୍ନାଲାଲ୍‌ଙ୍କ ମା' ସେମାନଙ୍କୁ ଆଶୀର୍ବାଦ ଦେଇଥିଲେ। ସମାଜ କ'ଣ କହିବ ଏହି ଚିନ୍ତା ନ କରି ଉଭୟେ ଏବେ ଏକୁଟିଆପଣରୁ ମୁକ୍ତି ପାଇଁ ଏହି ପନ୍ଥାକୁ ଆପଣେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୭୬

- ପରିବାର ନିୟୋଜନ କାର୍ଯ୍ୟକ୍ରମ ନିମନ୍ତେ ଭାରତକୁ ୩୦ ଷ୍ଟର୍ଲିଂ ସାହାଯ୍ୟ ଦେବା ନେଇ ବ୍ରିଟେନର ଘୋଷଣା।
- ରାଷ୍ଟ୍ରପତି ସୁଲେମାନ ଫ୍ରାଞ୍ଜେଙ୍କର ଇସ୍ତଫା ଦାବି କରି ଲେବାନନ ସହରରେ ତୁମୁଳ ସଂଘର୍ଷ ଓ ହିଂସାକାଣ୍ଡ ଘଟି ୩୦ ନିହତ।
- ଟ୍ୟୁନିସିଆର ଉଚ୍ଚତମ ସରକାରୀ କର୍ତ୍ତାଙ୍କୁ ହରଣଚାଲ ଓ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ୩ ଲିବ୍ୟାନ ଗିରଫ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 2 | 9 | 4 | | |
| | | 9 | | 5 | | | | 1 |
| | | | 7 | | | | 6 | |
| | | 5 | | | | 9 | | |
| | 3 | | 1 | | | 5 | | |
| 8 | | | | | | | | |
| | | | | | 4 | | 8 | |
| 7 | 2 | 8 | | | 3 | | | 6 |
| | | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 9 | 7 | 5 | 3 | 8 | 6 | 4 |
| 7 | 8 | 3 | 2 | 4 | 6 | 1 | 9 | 5 |
| 5 | 6 | 4 | 9 | 8 | 1 | 2 | 7 | 3 |
| 4 | 2 | 6 | 8 | 1 | 7 | 5 | 3 | 9 |
| 1 | 3 | 7 | 4 | 9 | 5 | 6 | 2 | 8 |
| 9 | 5 | 8 | 3 | 6 | 2 | 4 | 1 | 7 |
| 8 | 7 | 5 | 1 | 2 | 9 | 3 | 4 | 6 |
| 6 | 9 | 2 | 5 | 3 | 4 | 7 | 8 | 1 |
| 3 | 4 | 1 | 6 | 7 | 8 | 9 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷମତା ସର୍ବସ୍ୱ ରାଜନୀତି

ମହାଶୟ,

ସମୟ କ୍ରମେ ପ୍ରାୟ ସବୁ ରାଜନୈତିକ ଦଳରେ କ୍ଷମତା ମୋହ ଏତେ ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି ଯେ ସେମାନେ କ୍ଷମତା ପାଇଁ ନିଜର ସମସ୍ତ ରାଜନୈତିକ ଆଦର୍ଶକୁ ଭୁଲିଯାଇ ସାଲିସ କରୁଛନ୍ତି। ପରିତାପର ବିଷୟ ଅନ୍ୟ ରାଜନୈତିକ ଦଳରେ ରହି କଣ୍ଠ ଫଟାଇ ସାମ୍ପ୍ରଦାୟିକତା ବିରୋଧରେ ଭାଷଣ ଦେଉଥିବା ବ୍ୟକ୍ତିଟି ପରଦିନ ଯାଇ ସେହି ସାମ୍ପ୍ରଦାୟିକତାବାଦୀ ରାଜନୈତିକ ଦଳରେ ଯୋଗ ଦେଉଛି। ବିରୋଧୀ ଦଳକୁ କଟୁ ସମାଲୋଚନା କରି ଆସୁଥିବା ଶାସକ ଦଳ ସେହି ବିରୋଧୀ ଦଳରୁ ଲୋକଙ୍କୁ ଆଣିଥାନ୍ତି। ନେତାମାନେ କ୍ଷମତାକୁ ଉପଭୋଗ କରିବା ଆଶାରେ ଦଳବଦଳ କରିବା ଲୋକଙ୍କ ବିଶ୍ୱାସରେ ବିଷ ଦେଇ ରାଜନୀତିକୁ କଳୁଷିତ କରିବା ସଦୃଶ ହେଉଛି। ଏହିଭଳି ରାଜନୀତିରେ ବ୍ୟତିକ୍ରମ ଦେଖି ଦେଶର ଜନତା ନିଜ ନାଗରିକ ସମ୍ମାନ ଓ ଅଧିକାରକୁ ଭୁଲିଯାଇ କେବଳ ଜଣେ ଭୋଟର ରୂପେ ନିଜକୁ ସମର୍ପି ଦେଇ ଯେତେବେଳେ ଯେଉଁ ଦଳ କ୍ଷମତାସୀନ ହେଉଛି ତା'ର ଜୟଜୟକାର କରିଚାଲିଛନ୍ତି। ଏଣୁ ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ଦେଖିଲେ ଯାହା ଜଣାଯାଏ ତାହା ଅରକ୍ଷିତକୁ ଦଇବସାହା ପରି ମନେହୁଏ।

–ବୃନ୍ଦାବନ ପଣ୍ଡା, ଭୀଷ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପୁଟିନ୍‌ଙ୍କ ରାସ୍ତାରେ ଏର୍ଡୋଗାନ୍

**ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ଏକଛତ୍ରବାଦୀ ଶାସନ ଆଗରେ ପ୍ରତିବନ୍ଧକ ସାଜୁଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ରାସ୍ତାରୁ ହଟାଇଦେଇଥାନ୍ତି। ପୁଟିନ୍‌ଙ୍କ ଘୋର ସମାଲୋଚକ ଭାବେ ପରିଚିତ ବିରୋଧୀ ନେତା ଆଲେକ୍ସି ନଭାଲ୍‌ନିଙ୍କୁ ଦୀର୍ଘ ସମୟ ଧରି ଜେଲରେ ବନ୍ଦୀ ରଖାଯିବା, ୨୦୨୦ରେ ତାଙ୍କ ଖାଦ୍ୟରେ ବିଷ ଦିଆଯିବା ଏବଂ ୨୦୨୪ ଫେବୃଆରୀ ୧୬ରେ କାରାଗାର ଭିତରେ ହିଁ ତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିବା ଅନେକ ପ୍ରଶ୍ନ ଛିଡ଼ା କରାଇଥିଲା, ଯାହାର ଉତ୍ତର ଏ ଯାଏ ରୁଷୀୟ କର୍ତ୍ତୃପକ୍ଷ ଦେଇନାହାନ୍ତି। ବର୍ତ୍ତମାନ ତୁର୍କୀରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଲାଣି। ୨୦୨୮ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ବିରୋଧୀ ରିପବ୍ଲିକାନ୍ ପିପୁଲ୍ସ ପାର୍ଟି (ସିଏଚ୍‌ପି)ର ପ୍ରମୁଖ ନେତା ଏକ୍‌ରେମ୍ ଇମାମୋଗ୍ଲୁଙ୍କୁ ଦଳୀୟ ନାମାଙ୍କନର ଠିକ୍ ପୂର୍ବରୁ ଦୁର୍ନୀତି ଓ ଆତଙ୍କବାଦ ଅଭିଯୋଗରେ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଇସ୍ତାନବୁଲ ମେୟର ଇମାମୋଗ୍ଲୁଙ୍କ ରାଜନୈତିକ କ୍ୟାରିୟରକୁ ଶେଷ କରିଦେବା ପାଇଁ ରାଷ୍ଟ୍ରପତି ରେସେପ୍ ତୈୟିପ୍ ଏର୍ଡୋଗାନ୍‌ଙ୍କ ସରକାର ପୁଟିନ୍‌ଙ୍କ ପଦାଙ୍କ ଅନୁସରଣ କରୁଥିବା ସମାଲୋଚକ କହିବା ଆରମ୍ଭ କଲେଣି।**


ଇସ୍ତାନବୁଲ ମେୟର ଏକ୍‌ରେମ୍ ଇମାମୋଗ୍ଲୁଙ୍କ ଗିରଫଦାରି ପ୍ରତିବାଦରେ ବିଶାଳ ବିକ୍ଷୋଭ।


ରେସେପ୍ ତୈୟିପ୍ ଏର୍ଡୋଗାନ୍



**ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ନ ଦେବା ପାଇଁ ଇସ୍ତାନବୁଲ ମେୟର ଏକ୍‌ରେମ ଇମାମୋଗ୍ଲୁଙ୍କୁ ଗିରଫ କରାଯାଇଛି।**

ଇସ୍ତାନବୁଲ, ୨୩।୩

ତୁର୍କୀରେ ଗତ ରାଷ୍ଟ୍ରପତି ନିର୍ବାଚନ ୨୦୨୩ ମେ' ୧୪ରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ନିର୍ବାଚନ ୨୦୨୮ ମେ' ୭ରେ ହେବାକୁ ଯାଉଛି। ବର୍ତ୍ତମାନର ରାଷ୍ଟ୍ରପତି ରେସେପ୍ ତୈୟିପ୍ ଏର୍ଡୋଗାନ୍‌ଙ୍କ ବିରୋଧରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା ଇସ୍ତାନବୁଲ ମେୟର ଏକ୍‌ରେମ୍ ଇମାମୋଗ୍ଲୁଙ୍କୁ ୪ ଦିନ ତଳେ ଦୁର୍ନୀତି ଓ ଆତଙ୍କବାଦ ସଙ୍ଗଠନଗୁଡ଼ିକ ସହ ସମ୍ପର୍କ ରଖିବା ଅଭିଯୋଗରେ ଗିରଫ କରାଯାଇଛି। ଏତିକି ନୁହେଁ, ଇସ୍ତାନବୁଲ ୟୁନିଭର୍ସିଟି ତାଙ୍କ ଡିଗ୍ରୀକୁ ମଧ୍ୟ ପ୍ରତ୍ୟାହାର କରିନେଇଛି। ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ସ୍ନାତକ ଓ ମାନବ ସମ୍ବଳ ପରିଚାଳନାରେ ସ୍ନାତକୋତ୍ତର ଇମାମୋଗ୍ଲୁ ନିଜ ଶିକ୍ଷାଗତ ଯୋଗ୍ୟତା ହରାଇବା ପରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରିବେ ନାହିଁ। ୫୩ ବର୍ଷୀୟ ଇମାମୋଗ୍ଲୁଙ୍କ ବିରୋଧରେ ସବୁ ମାମଲାର ଶୁଣାଣି କରାଯିବ ବୋଲି ସେଠାକାର ଏକ ଅଦାଲତ ରବିବାର ସ୍ପଷ୍ଟ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ରାଷ୍ଟ୍ରପତି ନିର୍ବାଚନରେ ଇମାମୋଗ୍ଲୁଙ୍କ ପ୍ରତିଦ୍ୱନ୍ଦ୍ୱିତା ଆଗରେ ପ୍ରତିବନ୍ଧକ ସୃଷ୍ଟି ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ସମାଲୋଚକମାନେ କହୁଛନ୍ତି। ତାଙ୍କ ଗିରଫଦାରି ପରେ ଦେଶବ୍ୟାପୀ ବିଶାଳ ବିକ୍ଷୋଭ ଚାଲିଛି। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଅନେକେ ଆହତ ହୋଇଛନ୍ତି, ଅନେକଙ୍କୁ ଗିରଫ କରାଯାଇଛି।

ଇମାମୋଗ୍ଲୁଙ୍କୁ ବୁଧବାର ପ୍ରଥମେ ଅଟକ ରଖାଯାଇଥିଲା। ଏହି ଅଟକ ପରେ ତୁର୍କୀ ସାରା ଗଣବିକ୍ଷୋଭ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ବିରୋଧୀ ରିପବ୍ଲିକାନ୍ ପିପୁଲ୍ସ ପାର୍ଟି (ସିଏଚ୍‌ପି)ର ଜଣେ ପ୍ରମୁଖ ନେତା ଇମାମୋଗ୍ଲୁଙ୍କ ବିରୋଧରେ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ରହିବା ଅଭିଯୋଗ ଆଣି ତାଙ୍କୁ ଗିରଫ କରାଯାଇଛି। ଲଗାତର ୪ ରାତି ଧରି ବିକ୍ଷୋଭ ଚାଲିଥିବାବେଳେ ସୁରକ୍ଷା ବଳ ସହ ସଂଘର୍ଷ ଦେଶରେ ଅଶାନ୍ତ ଓ ଅଣାୟତ୍ତ ସ୍ଥିତି ଉପୁଯାଇଛି। ଇସ୍ତାନବୁଲ ମେୟର ତାଙ୍କ ବିରୋଧରେ ଆଗତ ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷେ ସମାଲୋଚକମାନେ ଯୁକ୍ତି କରୁଛନ୍ତି ଯେ ତାଙ୍କ ଗିରଫଦାରି ୨୦୨୮ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାରେ ବାଧା ସୃଷ୍ଟି ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଏଥିଯୋଗୁ ଦେଶର ଗଣତନ୍ତ୍ର ଓ ଆଇନର ଶାସନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଅନେକେ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନପକ୍ଷେ ସରକାରୀ ଅଧିକାରୀମାନେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ତୁର୍କୀର ନ୍ୟାୟପାଳିକା ସ୍ୱୟଂଶାସିତ ବୋଲି କହିଛନ୍ତି।

ନିଷିଦ୍ଧ ଘୋଷିତ ଆତଙ୍କବାଦୀ ସଙ୍ଗଠନ କୁର୍ଦ୍ଦିସ୍ ୱାର୍କର୍ସ ପାର୍ଟି (କେକେପି)କୁ ସେ ସାହାଯ୍ୟ କରିବା ଅଭିଯୋଗରେ ଇମାମୋଗ୍ଲୁଙ୍କୁ ଶନିବାର ୫ ଘଣ୍ଟା ଧରି ଜେରା କରାଯାଇଥିଲା ବୋଲି ତୁର୍କୀ ଖବରକାଗଜ କୁମ୍‌ହୁରିଆତ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ପୂର୍ବରୁ ଶୁକ୍ରବାର ମଧ୍ୟ ତାଙ୍କୁ ଦୁର୍ନୀତି ଅଭିଯୋଗରେ ୪ ଘଣ୍ଟା ଜେରା କରାଯାଇଥିଲା। ସରକାରୀ ଓକିଲମାନେ ଅନ୍ୟ ୯୦ ଜଣଙ୍କୁ ମଧ୍ୟ ଏହି ମାମଲାରେ ଜେରା କରିଛନ୍ତି। ଜେରାର ସମ୍ମୁଖୀନ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ୨ ଡିଷ୍ଟ୍ରିକ୍ଟ ମେୟରଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିତ୍ୱ ରହିଛନ୍ତି। ଇମାମୋଗ୍ଲୁଙ୍କ ଗିରଫଦାରିକୁ ଆଙ୍କାରା ମେୟର ମନ୍‌ସୁର ୟଭାସ୍ ଏବଂ ରିପବ୍ଲିକାନ୍ ପିପୁଲ୍ସ ପାର୍ଟିର ଅନ୍ୟ ନେତାମାନେ ନିନ୍ଦା କରିଛନ୍ତି।

ରାଷ୍ଟ୍ରପତି ଏର୍ଡୋଗାନ୍ କହିଛନ୍ତି, ରାସ୍ତାରେ ବିକ୍ଷୋଭକୁ ତାଙ୍କ ସରକାର ବରଦାସ୍ତ କରିବ ନାହିଁ। ବିରୋଧୀ ଦଳ ଭ୍ରଷ୍ଟାଚାରରେ ଲିପ୍ତ ରହି ବାମପନ୍ଥୀ, କଠୋରପନ୍ଥୀ ସଙ୍ଗଠନଗୁଡ଼ିକୁ ସହଯୋଗ କରୁଛି। ବିକ୍ଷୋଭ ପ୍ରଥମେ ଶାନ୍ତିପୂର୍ଣ୍ଣ ଥିଲା। କିନ୍ତୁ ବିକ୍ଷୋଭକାରୀମାନେ ଇସ୍ତାନବୁଲ ମୁଖ୍ୟ ଛକରେ ପୋଲିସ ଉପରକୁ ଟେକା ଫିଙ୍ଗିବା ସହ ଲଙ୍କାଗୁଣ୍ଡ ସ୍ପ୍ରେ କରିବା ପରେ ଏହା ହିଂସ୍ର ହୋଇଉଠିଥିଲା। ଆଙ୍କାରା ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ୱାଟର କ୍ୟାନନ୍ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ତେବେ ଏହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହେବା ପରେ ସଂଘର୍ଷର ରୂପ ନେଇଥିଲା।

ରାଷ୍ଟ୍ରପତି ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସିଏଚ୍‌ପିର ପ୍ରାଇମେରିରେ ରବିବାର ଇମାମୋଗ୍ଲୁ ନାମାଙ୍କନପତ୍ର ଦାଖଲ କରିବାକୁ ଥିବାବେଳେ ଏହା ପୂର୍ବରୁ ତାଙ୍କୁ ଗିରଫ କରାଯାଇଛି। ଦଳର ନେତା ଓଜ୍‌ଗୁର ଓଜେଲ କହିଛନ୍ତି, ପ୍ରାଇମେରିରେ ୧.୫ ନିୟୁତ ପ୍ରତିନିଧି ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସବୁକିଛି ଚାଲିବ। ଉଲ୍ଲେଖଯୋଗ୍ୟ ଇମାମୋଗ୍ଲୁ ୨୦୧୯ ମାର୍ଚ୍ଚରେ ଇସ୍ତାନବୁଲ ମେୟର ନିର୍ବାଚିତ ହୋଇଥିଲେ। ଦୀର୍ଘ ୨୫ ବର୍ଷ ଧରି ଇସ୍ତାନବୁଲରେ କ୍ଷମତାସୀନ ଥିବା ରାଷ୍ଟ୍ରପତି ଏର୍ଡୋଗାନ୍‌ଙ୍କ ଜଷ୍ଟିସ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ପାର୍ଟି (ଏକେପି) ପାଇଁ ଏହା ଶକ୍ତ ଝଟ୍‌କା ଥିଲା। ଇମାମୋଗ୍ଲୁଙ୍କ ବିଜୟ ପରେ ଶାସକ ଏକେପି ଅନିୟମିତତା ହୋଇଥିବା ଦର୍ଶାଇ ପୌର ନିର୍ବାଚନର ଫଳାଫଳକୁ ଗ୍ରହଣ କରି ନ ଥିଲା। ପରେ ସାନି ନିର୍ବାଚନ କରାଯାଇଥିଲା। ସେଥିରେ ବି ଇମାମୋଗ୍ଲୁ ବିଜୟୀ ହୋଇଥିଲେ।

## ସଂକ୍ଷେପରେ

### ହସ୍ପିଟାଲରୁ ବାହାରିଲେ ପୋପ୍ ଫ୍ରାନ୍ସିସ୍



ରୋମ, ୨୩।୩

ରୋମର ଜେମେଲି ହସ୍ପିଟାଲରେ ପ୍ରାୟ ମାସେ ଧରି ଭର୍ତ୍ତି ଥିବା କ୍ୟାଥୋଲିକ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ନିମୋନିଆରୁ ଆରୋଗ୍ୟ ଲାଭ କରିଛନ୍ତି। ରବିବାର ସେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏହାପରେ ସେ ଭାଟିକାନ ସିଟି ସ୍ଥିତ ନିଜ ବାସଭବନରେ ପହଞ୍ଚିଥିଲେ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ପ୍ରାୟ ୫ ସପ୍ତାହ ପରେ ପୋପ୍ ଫ୍ରାନ୍ସିସ୍‌ଙ୍କୁ ପ୍ରଥମ ଥର ପାଇଁ ସର୍ବସାଧାରଣରେ ଦେଖିବାକୁ ମିଳିଥିଲା। ତାଙ୍କୁ ହୁଇଲ ଚେୟାରରେ ହସ୍ପିଟାଲର ବାଲକୋନୀକୁ ଅଣାଯାଇଥିଲା। ପୋପ୍ ହସ୍ପିଟାଲ ବୋଲକୋନୀରୁ ଲୋକମାନଙ୍କୁ ଦେଖାଦେଇ ସେମାନଙ୍କ ଶୁଭେଚ୍ଛା ଗ୍ରହଣ କରିଥିଲେ। ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା ପାଇଁ ପ୍ରାର୍ଥନା କରିଥିବାରୁ ସେ ଲୋକଙ୍କୁ ଧନ୍ୟବାଦ ଦେଇଥିଲେ।

### ଆମେରିକାର ପୂର୍ବତନ ଆଟର୍ନିଙ୍କ ସନ୍ଦେହଜନକ ମୃତ୍ୟୁ

**ଟ୍ରମ୍ପ୍ କ୍ଷମତାକୁ ଆସିବା ପରେ ପଦ ଛାଡ଼ିଥିଲେ**


ଜେସିକା ଆବେର

ୱାଶିଂଟନ, ୨୩।୩

ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀରେ କ୍ଷମତାକୁ ଆସିବା ପରେ ଆର୍ଟର୍ନି ପଦ ଛାଡ଼ିଥିବା ଜେସିକା ଆବେରଙ୍କ ମୃତଦେହ ଶନିବାର ତାଙ୍କ ଭିର୍ଜିନିଆସ୍ଥିତ ବାସଭବନରୁ ମିଳିଛି। ଏହି ୪୩ ବର୍ଷୀୟା ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ମୃତ୍ୟୁର କାରଣ ସମ୍ପର୍କରେ ଭିର୍ଜିନିଆର ମୁଖ୍ୟ ମେଡିକାଲ ପରୀକ୍ଷକଙ୍କ କାର୍ଯ୍ୟାଳୟ ଅନୁଧ୍ୟାନ କରିବ। ୨୦୨୧ ଅଗଷ୍ଟରେ ତତ୍କାଳୀନ ରାଷ୍ଟ୍ରପତି ଜୋ ବାଇଡେନ୍ ଜେସିକାଙ୍କୁ ଭିର୍ଜିନିଆ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ ପାଇଁ ଆମେରିକା ଆର୍ଟର୍ନି ମନୋନୀତ କରିଥିଲେ। ଏହା ପୂର୍ବରୁ ୨୦୦୯ରୁ ସେ ଆସିଷ୍ଟାଣ୍ଟ ଆର୍ଟର୍ନି ଭାବେ କାର୍ଯ୍ୟ କରିବା ସହ ଅର୍ଥନୈତିକ ଜାଲିଆତି, ସରକାରୀ ଦୁର୍ନୀତି, ହିଂସା ଅପରାଧ ଏବଂ ଶିଶୁ ଶୋଷଣ ମାମଲା ଲଢ଼ୁଥିଲେ।

## ୱାକ୍‌ଫ ସଂଶୋଧନ ବିଲ୍ ସମ୍ବିଧାନ ଉପରେ ଆକ୍ରମଣ: କଂଗ୍ରେସ

ନୂଆଦିଲ୍ଲୀ, ୨୩।୩ (ପି.ଟି.)

ୱାକ୍‌ଫ ସଂଶୋଧନ ବିଲ୍ ସମ୍ବିଧାନ ଉପରେ ଆକ୍ରମଣ ବୋଲି କଂଗ୍ରେସ ରବିବାର କହିଛି। ପ୍ରସ୍ତାବିତ ଆଇନ ଶତାଧିକ ବର୍ଷ ଧରି ରହିଥିବା ସାମାଜିକ ସଦ୍‌ଭାବର ବନ୍ଧନକୁ ନଷ୍ଟ କରିବା ପାଇଁ ଭାଜପା ଚଳାଇ ଆସିଥିବା ଉଦ୍ୟମର ଅଂଶବିଶେଷ ବୋଲି କଂଗ୍ରେସ ଅଭିଯୋଗ କରିଛି। ମିଥ୍ୟା ପ୍ରଚାର ଏବଂ ପକ୍ଷପାତ ସୃଷ୍ଟି କରି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅବହେଳିତ କରି ରଖିବାକୁ ଭାଜପା ଉଦ୍ୟମର ଅଂଶବିଶେଷ। ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୪ ଏକ 'ଗମ୍ଭୀର ଜାଲିଆତି' ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ସୁରକ୍ଷାର ଗ୍ୟାରେଣ୍ଟି ଦେଉଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିବା ବିଲ୍‌ର ଲକ୍ଷ୍ୟ ବୋଲି ସେ ଅଭିଯୋଗ କରିଛନ୍ତି।

## ଇସ୍ରାଏଲ୍ ବୋମାମାଡ଼ରେ ବରିଷ୍ଠ ହମାସ୍ ନେତା ନିହତ

**ମୃତ୍ୟୁସଂଖ୍ୟା ୫୦ ହଜାର ଟପିଲା**

ଦେଇର୍-ଅଲ୍ ବଲାହ, ୨୩।୩

ଇସ୍ରାଏଲୀ ସେନା ଶନିବାର ରାତିରୁ ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ଭାଗରେ ଚଳାଇଥିବା ଏୟାରଷ୍ଟ୍ରାଇକ୍‌ରେ ହମାସ୍‌ର ବରିଷ୍ଠ ରାଜନୈତିକ ନେତା ସଲାହ ଅଲ୍-ବରଦାୱିଲ ଓ ତାଙ୍କ ସ୍ତ୍ରୀଙ୍କ ସମେତ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଛୋଟ ପିଲା ରହିଛନ୍ତି। ଲୋକମାନଙ୍କୁ ଘର ଛାଡ଼ି ପଳାଇଯିବା ପାଇଁ ଇସ୍ରାଏଲ୍ ସେନା ନିର୍ଦ୍ଦେଶ ଦେଇଥିବାବେଳେ ଦାକ୍ଷିଣାତ୍ୟ ସହର ରାଫାହରେ ଇସ୍ରାଏଲୀ ଟ୍ୟାଙ୍କ୍ ପ୍ରବେଶ କରିଛି। ବର୍ତ୍ତମାନ ସୁଦ୍ଧା ଗାଜା ଯୁଦ୍ଧରେ ପାଲେଷ୍ଟିନୀୟଙ୍କ ମୃତ୍ୟୁସଂଖ୍ୟା ୫୦ ହଜାର ଟପିଛି। ଉତ୍ତର ଗାଜାରେ ସେନା ପକ୍ଷରୁ ସ୍ଥଳଯୁଦ୍ଧ ଆରମ୍ଭ ହୋଇଛି। ସଲାହଙ୍କ ମୃତ୍ୟୁ ଗାଜାରେ ସ୍ୱାଧୀନତା ସଂଗ୍ରାମକୁ ଇନ୍ଧନ ଯୋଗାଇବ ବୋଲି ହମାସ୍ କହିଛି।

## ମସ୍‌ଜିଦ କମିଟି ମୁଖ୍ୟ ଗିରଫ

**ସମ୍ଭଲ ହିଂସା ମାମଲା**

ସମ୍ଭଲ, ୨୩।୩


ଜାଫର ଅଲି

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଗତବର୍ଷ ନଭେମ୍ବର ୨୪ରେ ସମ୍ଭଲ ମସ୍‌ଜିଦ ପରିସରରେ ସର୍ଭେ କାର୍ଯ୍ୟ ଚାଲିଥିଲା ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ହିଂସା ସହ ସମ୍ପୃକ୍ତି ନେଇ ଶାହି ଜାମା ମସ୍‌ଜିଦ କମିଟି ଅଧ୍ୟକ୍ଷ ଜାଫର ଅଲିଙ୍କୁ ରବିବାର ଗିରଫ କରାଯାଇଛି। ସ୍ଥାନୀୟ ପୋଲିସ୍‌ର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ପ୍ରଥମେ ଅଲିଙ୍କୁ ବୟାନ ରେକର୍ଡ କରିବାକୁ ନେଇ ପରେ ଗିରଫ କରିଥିଲା। ଅନ୍ୟପକ୍ଷରେ ସୋମବାର ୩ ଜଣିଆ ନ୍ୟାୟିକ କମିଟି ଆଗରେ ଅଲି ଯେପରି ବୟାନ ଦେଇ ନ ପାରିବେ, ସେଥିପାଇଁ ତାଙ୍କୁ ଗିରଫ କରାଯାଇଥିବା ତାଙ୍କ ବଡ଼ଭାଇ ତାହିର ଅଲି ଅଭିଯୋଗ କରିଛନ୍ତି।

ପୁରାତନ ମନ୍ଦିର ସ୍ଥାନରେ ମୋଗଲ ଶାସନ କାଳରେ ମସ୍‌ଜିଦ ନିର୍ମାଣ କରାଯାଇଥିବା ନେଇ ହିନ୍ଦୁ ପକ୍ଷ ଦାବି କରିଆସୁଥିବାବେଳେ ଏହାର ସର୍ଭେ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ କାର୍ଯ୍ୟ ଚାଲିଥିବାବେଳେ ନଭେମ୍ବର ୨୪ରେ ହିଂସାକାଣ୍ଡ ଘଟିଥିଲା। ଏହାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ଏକ କମିଟି ଗଠନ କରିଥିଲେ।

## ଘର ପାଖରୁ ମିଳିଲା ପୋଡ଼ା ନୋଟ୍

ନୂଆଦିଲ୍ଲୀ, ୨୩।୩


ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍‌ରେ ଯଶୱନ୍ତ ବର୍ମାଙ୍କ ଷ୍ଟୋର୍ ରୁମ୍‌ର ପୋଡ଼ା ଟଙ୍କାର ଭିଡ଼ିଓ।

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରେ ଅଗ୍ନିକାଣ୍ଡ ବେଳେ ବିପୁଳ ଆୟ ବହିର୍ଭୂତ ଟଙ୍କା ମିଳିବା ଅଭିଯୋଗ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ତଦନ୍ତ ରିପୋର୍ଟ ଓ ଭିଡିଓକୁ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ସର୍ବସାଧାରଣ ନିମନ୍ତେ ପ୍ରକାଶ କରାଯାଇଛି। ଷ୍ଟୋରରୁମ୍ ଭାବେ ବ୍ୟବହୃତ ହେଉଥିବା ବିଚାରପତି ବର୍ମାଙ୍କ ଏକ ଆଉଟ୍‌ହାଉସ୍‌ରୁ ୪ରୁ ୫ ବସ୍ତା ପୋଡ଼ା ନୋଟ୍ ମିଳିଥିବା ରିପୋର୍ଟରେ କୁହାଯାଇଛି।। ବିଚାରପତିଙ୍କ ଘରୁ ଏତେ ପରିମାଣର ଟଙ୍କା ଉତ୍ସକୁ ନେଇ ଗମ୍ଭୀର ଚିନ୍ତାବ୍ୟକ୍ତ କରାଯାଇଛି। ଏଥିସହିତ ବିଚାରପତିଙ୍କ ଘର ପରିସର ନିକଟରେ କେତେକ ପୋଡ଼ା ୫୦୦ ଟଙ୍କିଆ ନୋଟ୍ ମିଳିଥିବା ଅନ୍‌ଲାଇନରେ ପ୍ରସାରିତ ଭିଡିଓରୁ ଦେଖିବାକୁ ମିଳିଛି। ଘର ନିକଟରେ ସଫା କରୁଥିବା ପରିମଳ କର୍ମଚାରୀ ଇନ୍ଦ୍ରଜିତ୍ ଅଳିଆ ସଂଗ୍ରହ କଲାବେଳେ କେତେକ ପୋଡ଼ା ନୋଟ୍ ପାଇଛନ୍ତି। ତେବେ ନିଆଁ କେଉଁଠି ଲାଗିଥିଲା ଆମେ ଜାଣିନାହୁଁ, କେବଳ ଅଳିଆ ସଂଗ୍ରହ କରିଛୁ ବୋଲି ସେ କହିଛନ୍ତି। ଅଳିଆ ଗାଡ଼ିରେ କାମ କରୁଥିବା ସଫେଇ କର୍ମଚାରୀ ସୁରେନ୍ଦ୍ର ମଧ୍ୟ ୪/୫ ଦିନ ପୂର୍ବରୁ କେତେକ ପୋଡ଼ା ୫୦୦ ଟଙ୍କିଆ ନୋଟ୍ ପାଇଥିଲେ ଏବଂ ଏବେ ମଧ୍ୟ ପାଇଥିବା କହିଛନ୍ତି।

ଅଗ୍ନିକାଣ୍ଡ ବେଳେ ଘରେ ନ ଥିବା ବର୍ମା ଟଙ୍କା ମିଳିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କିମ୍ବା ତାଙ୍କ ପରିବାରର କେହି ଷ୍ଟୋର୍ ରୁମ୍‌ରେ ଟଙ୍କା ରଖି ନ ଥିଲେ। ତାଙ୍କ ଭାବମୂର୍ତ୍ତି ଖରାପ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଥିବା ଜଷ୍ଟିସ୍ ବର୍ମା ସଫେଇ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ କହିଛନ୍ତି, ଷ୍ଟୋର୍‌ରୁମ୍‌ରେ କେହି ଜବରଦସ୍ତ ପ୍ରବେଶ କରିଥିବାର ପ୍ରମାଣ ନାହିଁ। କେବଳ ଜଷ୍ଟିସ୍ ବର୍ମାଙ୍କ ସହ ସମ୍ପୃକ୍ତ ବ୍ୟକ୍ତି ସେଠାକୁ ଯାଇଥିବା ଏଥିରୁ ଜଣାପଡୁଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ପାଇବା ପରେ ସର୍ବୋଚ୍ଚ ଅଦାଲତ ଘଟଣାର ତଦନ୍ତ ପାଇଁ ଏକ ୩ ଜଣିଆ ବିଚାରପତି କମିଟି ଗଠନ କରିଛନ୍ତି। ଟଙ୍କାର ମୂଳ ଉତ୍ସ କ'ଣ ଏବଂ ଏଥିରେ ଜଷ୍ଟିସ୍ ବର୍ମା କିମ୍ବା ଅନ୍ୟ ପକ୍ଷଙ୍କ ସମ୍ଭାବ୍ୟ ସମ୍ପୃକ୍ତିର ରହସ୍ୟ ଉକ୍ତ ତଦନ୍ତରୁ ଉନ୍ମୋଚନ ହେବ। ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କୁ ନ୍ୟାୟିକ ଡ୍ୟୁଟି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଷଡ଼ଯନ୍ତ୍ର କହିଲେ ଜଷ୍ଟିସ୍ ବର୍ମା**

## ଫୁରସତ୍

## ୫୦ କୋଟିର ସବୁଠୁ ଦାମୀ କୁକୁର

ବେଙ୍ଗାଲୁରୁ



କୁକୁରମାନେ ସବୁଠୁ ବିଶ୍ୱସ୍ତ ପ୍ରାଣୀ ଭାବେ ଜଣାଶୁଣା। ତେଣୁ ମଣିଷ ସମାଜ କୁକୁରଙ୍କୁ ଭଲପାଇବା ସହ ସେମାନଙ୍କୁ ଘରେ ପାଳିବାକୁ ମଧ୍ୟ ପସନ୍ଦ କରନ୍ତି। ସେହିପରି ବିଶ୍ୱରେ ଏପରି ଅନେକ ଲୋକ ରହିଛନ୍ତି, ଯେଉଁମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିଜ ଘରକୁ ବିଦେଶୀ ପ୍ରଜାତିର କୁକୁର ଆଣିଥାନ୍ତି। ତେବେ ଏପରି ଏକ କୁକୁର ପ୍ରଜାତି ରହିଛି, ଯାହା ଦେଖିବାକୁ ଗଧିଆ ପରି। ୱଲ୍‌ଫଡଗ୍ ପ୍ରଜାତିର ଏହି କୁକୁର ଶକ୍ତିଶାଳୀ ଏବଂ ଚତୁର ମଧ୍ୟ। ସେହିପରି ଏହି ପ୍ରଜାତିର କୁକୁର ବିଶ୍ୱର ସବୁଠାରୁ ଦାମୀ କୁକୁର ପ୍ରଜାତି ଭାବେ ମଧ୍ୟ ଜଣାଶୁଣା। ଏହି ପ୍ରଜାତିର କୁକୁରଙ୍କୁ ଅନେକ କୋଟି ଟଙ୍କା ଦେଇ କିଣିବାକୁ ମଧ୍ୟ ଲୋକମାନେ ପଛାଇ ନଥାନ୍ତି। ନିକଟରେ ଏହି ପ୍ରଜାତିର ଏକ କୁକୁର ନିଜ ଦାମକୁ ନେଇ ଆଲୋଚନାର ପରିସରରେ ରହିଛି।

ବେଙ୍ଗାଲୁରୁର ଏସ୍. ସତୀଶ ନାମକ ଜଣେ ବ୍ୟକ୍ତି ବିଶ୍ୱର ସବୁଠୁ ଦାମୀ କୁକୁର କିଣିଛନ୍ତି। ଏଥିପାଇଁ ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି କୁକୁରଟି ଜଙ୍ଗଲୀ ଗଧିଆ ଏବଂ କୋକିଶିଆନ ଶେଫର୍ଡର ମିଶ୍ରିତ ପ୍ରଜାତି ବୋଲି ବିଶେଷଜ୍ଞମାନେ କହିଛନ୍ତି। ସତୀଶ ଯେଉଁ ଦୁର୍ଲଭ ୱଲ୍‌ଫ ଡଗ୍‌କୁ କିଣିଛନ୍ତି, ତା'ର ନାମ କେଡାବମ୍ବ ଓକାମି ରଖାଯାଇଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଗତ ଫେବୃଆରୀରେ ସତୀଶ ଏହି ବିରଳ କୁକୁରକୁ ଜଣେ ବ୍ରୋକରଙ୍କ ମାଧ୍ୟମରେ କିଣିଥିଲେ। ଓକାମିର ବୟସ ଏବେ ମାତ୍ର ୮ ମାସ ହୋଇଥିବା ବେଳେ ଏହାର ଲମ୍ବ ୩୦ ଇଞ୍ଚ ଏବଂ ଓଜନ ୭୫ କେ.ଜି. ରହିଛି। ସତୀଶ ୧୫୦ରୁ ଅଧିକ ପ୍ରଜାତିର କୁକୁର ରଖିଛନ୍ତି। ବେଙ୍ଗାଲୁରୁରେ ତାଙ୍କର ଏକ ୭ ଏକର ବିଶିଷ୍ଟ ଫାର୍ମ ରହିଛି, ଯେଉଁଥିରେ ତାଙ୍କର ସମସ୍ତ କୁକୁର ରହୁଥିବା ନେଇ ସତୀଶ କହିଛନ୍ତି। ଉକ୍ତ ଫାର୍ମରେ କୁକୁରମାନଙ୍କର ଦେଖାଶୁଣା ପାଇଁ ସେ ୬ ଜଣ ବ୍ୟକ୍ତିଙ୍କୁ ନିୟୋଜିତ କରିଛନ୍ତି। ସତୀଶ କହିଛନ୍ତି, ସେ କୁକୁରମାନଙ୍କୁ ବହୁତ ଭଲପାଆନ୍ତି। ବିଭିନ୍ନ ପ୍ରଜାତିର ଅନନ୍ୟ କୁକୁର ରଖିବାକୁ ଏବଂ ସେମାନଙ୍କୁ ଭାରତ ସହ ପରିଚିତ କରାଇବାକୁ ସେ ପସନ୍ଦ କରନ୍ତି।

ସାଧାରଣତଃ ୱଲ୍‌ଫଡଗ୍ ବହୁତ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାନ୍ତି। ଗଧିଆ ପରି ଦେଖାଯାଉଥିବା ଏହି କୁକୁରଙ୍କ ଆଖି ହାଲୁକା ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ଖୁବ୍ ଶକ୍ତିଶାଳୀ ହୋଇଥିବାରୁ ଏହି କୁକୁର ଦୀର୍ଘ ଦୂରତା ପର୍ଯ୍ୟନ୍ତ ଦୌଡ଼ି ପାରିଥାଏ। ଏହାର କେଶ ଖୁବ୍ ଘନ ଏବଂ ମୋଟା ହୋଇଥିବା ବେଳେ ଏହି ପ୍ରଜାତିର କୁକୁରମାନେ ଖୁବ୍ ବୁଦ୍ଧିମାନ୍ ମଧ୍ୟ ହୋଇଥାନ୍ତି। ସେମାନେ ମଣିଷର ଭାବନାକୁ ଅତି ସହଜରେ ବୁଝିପାରନ୍ତି।

## ଟ୍ରେଲରରେ ସିକନ୍ଦରଙ୍କ ଆକ୍ସନ ଅବତାର

ମୁମ୍ବାଇ


ସଲମାନ ଖାନ୍

ଅଭିନେତା ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ସିକନ୍ଦର'ର ଟ୍ରେଲର ରବିବାର ରିଲିଜ୍ ହୋଇଛି। ଇଦ୍ ଉପଲକ୍ଷେ ଆସନ୍ତା ୩୦ରେ ଏହି ଫିଲ୍ମ ରିଲିଜ୍ ହେବ। ଟ୍ରେଲରରେ ରାଜକୋଟର ରାଜା 'ସିକନ୍ଦର' ଭୂମିକାରେ ସଲମାନ ନଜରକୁ ଆସିଛନ୍ତି। ସେହିପରି ସାଇଶ୍ରୀ ନାମ୍ନୀ ଜଣେ ଯୁବତୀଙ୍କ ଭୂମିକାରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଦେଖିବାକୁ ମିଳିଛି। ସଲମାନ ନିଜ ପରିଚୟ ଲୁଚାଇ ସଞ୍ଜୟ ନାମରେ ସାଇଶ୍ରୀଙ୍କୁ ଭେଟିବା ସହ ଉଭୟଙ୍କ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ତେବେ ଟ୍ରେଲରରେ ସଲମାନ ନିଜ ପରିଚୟ ଲୁଚାଇ ରାଜକୋଟରୁ ମୁମ୍ବାଇ ଆସିଛନ୍ତି। ସଲମାନଙ୍କ ଆକ୍ସନ ଦୃଶ୍ୟରେ ଏହି ଟ୍ରେଲର ଭରପୂର ରହିଛି। ସଲମାନ ଓ ରଶ୍ମିକାଙ୍କ ବ୍ୟତୀତ ଅଭିନେତା ଶରମନ୍ ଜୋଷୀ, ଅଭିନେତ୍ରୀ କାଜଲ ଅଗ୍ରୱାଲ ଓ 'ବାହୁବଳୀ' ଫେମ୍ ସତ୍ୟରାଜଙ୍କୁ ମଧ୍ୟ ଏହି ଟ୍ରେଲରରେ ଦେଖିବାକୁ ମିଳିଛି। ଉକ୍ତ ଟ୍ରେଲରକୁ ସଲମାନଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ସେହିପରି ସଲମାନ ଓ ରଶ୍ମିକାଙ୍କ କେମେଷ୍ଟ୍ରିକୁ ମଧ୍ୟ ଦର୍ଶକ ପସନ୍ଦ କରିଛନ୍ତି। ରବିବାର ସନ୍ଧ୍ୟାରେ ମୁମ୍ବାଇରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ 'ସିକନ୍ଦର' ଫିଲ୍ମର ଟ୍ରେଲରକୁ ଲଞ୍ଚ୍ କରାଯାଇଥିଲା। ଏହାପୂର୍ବରୁ ରବିବାର ଫିଲ୍ମର ଏକ ପୋଷ୍ଟର ମଧ୍ୟ ରିଲିଜ୍ କରାଯାଇଥିଲା, ଯେଉଁଥିରେ 'ସିକନ୍ଦର'ର ସମସ୍ତ କଳାକାର ନଜରକୁ ଆସିଥିଲେ। ପ୍ରକାଶ ଯେ, ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନିର୍ଦ୍ଦେଶନା ଏ.ଆର୍. ମୁରୁଗାଦୋସ୍ ଦେଇଛନ୍ତି।

**ଆଜି ବିଶ୍ୱ ଯକ୍ଷ୍ମା ଦିବସ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ଯକ୍ଷ୍ମାକୁ ନିର୍ମୂଳ କରିବା ସମ୍ଭବ


ଡା. ନିତ୍ୟାନନ୍ଦ ସ୍ୱାଇଁ

''ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। ଚର୍ମ, ଅନ୍ତନଳୀ, ହାଡ଼, ଗଣ୍ଠି, ଲସିକା ଗ୍ରନ୍ଥି, କିଡ୍‌ନୀ ଏପରିକି ମସ୍ତିଷ୍କ-କୌଣସିଟି ଯକ୍ଷ୍ମା କବଳରୁ ସୁରକ୍ଷିତ ନୁହେଁ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡ଼ିକ ବାୟୁବାହିତ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବା ସ୍ୱାଭାବିକ। ଯକ୍ଷ୍ମା ଜୀବାଣୁ ମଣିଷ ଶରୀରରେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ହୋଇ ରହି ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ସକ୍ରିୟ ହୋଇଉଠେ ଏବଂ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ରୋଗଟି ବଂଶଗତ ନୁହେଁ।''



ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ପୃଥିବୀର ପ୍ରଥମ ୧୦ଟି ମାରକ ରୋଗ ମଧ୍ୟରେ ଯକ୍ଷ୍ମା ଅନ୍ୟତମ। ଏହି ରୋଗଟି ବିଶ୍ୱର ପ୍ରାୟ ସର୍ବତ୍ର ଦେଖାଯାଉଥିଲେ ମଧ୍ୟ ରୋଗାକ୍ରାନ୍ତ ବ୍ୟକ୍ତିମାନେ ମୁଖ୍ୟତଃ ବିଶ୍ୱର ଗରିବ ଦେଶଗୁଡ଼ିକର ଗରିବ ବାସିନ୍ଦା। ରୋଗୀମାନଙ୍କ ମଧ୍ୟରୁ ପାଖାପାଖି ଏକ ତୃତୀୟାଂଶ ହେଉଛନ୍ତି ଭାରତୀୟ ଉପମହାଦେଶର ଅଧିବାସୀ। ସବୁଠାରୁ ଅଧିକ ରୋଗୀ ରହିଛନ୍ତି ଭାରତ ଏବଂ ଚାଇନାରେ। ଯକ୍ଷ୍ମା ସଂକ୍ରମଣ ଭାରତ ଉପରେ ଏକ ବିରାଟ ବୋଝ ରୂପେ ଦଣ୍ଡାୟମାନ। ଭାରତରେ ରହିଛନ୍ତି ପ୍ରାୟ ୨୦ ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀ। ପ୍ରତି ତିନି ମିନିଟରେ ଦୁଇ ଜଣ ବ୍ୟକ୍ତି ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥାଆନ୍ତି।

ଜନସାଧାରଣଙ୍କୁ ଯକ୍ଷ୍ମା ରୋଗର କାରଣ, ପ୍ରସାର, ନିବାରଣ ଓ ଚିକିତ୍ସା ଆଦି ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ହିଁ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱ ଯକ୍ଷ୍ମା ଦିବସ' ବା ୱାର୍ଲ୍ଡ ଟ୍ୟୁବରକ୍ୟୁଲୋସିସ ଡେ' ଭାବରେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- 'ଆମ୍ଭମାନଙ୍କର ଅଧ୍ୟବସାୟ ବଳରେ ଯକ୍ଷ୍ମାକୁ ନିର୍ମୂଳ କରିବା ସମ୍ଭବ'। ଏହି ତାରିଖର ରହିଛି ଏକ ଐତିହାସିକ ଗୁରୁତ୍ୱ। କାରଣ ୧୮୮୨ ମାର୍ଚ୍ଚ ୨୪ ତାରିଖରେ ଜର୍ମାନ ବିଜ୍ଞାନୀ ରବର୍ଟ କକ୍ ବର୍ଲିନର ଏକ ସଭାରେ ତାଙ୍କ ଦ୍ୱାରା ଯକ୍ଷ୍ମା ରୋଗର ଜୀବାଣୁ ଆବିଷ୍କାର କଥା ସର୍ବପ୍ରଥମେ ଘୋଷଣା କରିଥିଲେ। ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାର ଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ।

ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। ଚର୍ମ, ଅନ୍ତନଳୀ, ହାଡ଼, ଗଣ୍ଠି, ଲସିକା ଗ୍ରନ୍ଥି, କିଡ୍‌ନୀ ଏପରିକି ମସ୍ତିଷ୍କ- କୌଣସିଟି ଯକ୍ଷ୍ମା କବଳରୁ ସୁରକ୍ଷିତ ନୁହେଁ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡ଼ିକ ବାୟୁବାହିତ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବା ସ୍ୱାଭାବିକ। ଯକ୍ଷ୍ମା ଜୀବାଣୁ ମଣିଷ ଶରୀରରେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ହୋଇ ରହି ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ସକ୍ରିୟ ହୋଇଉଠେ ଏବଂ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ରୋଗଟି ବଂଶଗତ ନୁହେଁ।

ଡାଇବେଟିସ୍, କ୍ୟାନ୍‌ସର ରୋଗୀ, ଏଚ୍‌ଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ। କାରଣ ଏମାନଙ୍କଠାରେ ହ୍ରାସ ପାଇଥାଏ ରୋଗ ପ୍ରତିରୋଧକ ଶକ୍ତି। ବାୟୁ ଚଳାଚଳ ହେଉ ନ ଥିବା ଛୋଟ ଘରେ ରହୁଥିଲେ ରୋଗ ହେବାର ଆଶଙ୍କା ଅଧିକ।

**ଲକ୍ଷଣ:** ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁ ରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ସାଧାରଣତଃ ଜ୍ୱର ଆସିଥାଏ ସନ୍ଧ୍ୟା ସମୟରେ। ରାତିରେ ଝାଳ ବୁହେ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। କମିଯାଏ ଓଜନ। ଚିକିତ୍ସା ନ କଲେ ରୋଗୀ ହୋଇଯାଏ କଙ୍କାଳସାର।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା:** ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥୋସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକ୍ସନ ଦେଇ କରାଯାଏ ମାଣ୍ଟ ପରୀକ୍ଷା। କରାଯାଏ ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ। ସ୍ଥଳବିଶେଷରେ ଆବଶ୍ୟକ ପଡ଼ିପାରେ ଫୁସ୍‌ଫୁସ୍‌ର ସିଟି ସ୍କାନ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ।

**ଚିକିତ୍ସା:** ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। କିନ୍ତୁ ଯକ୍ଷ୍ମା ଜୀବାଣୁ ଏବେ ଏକାଧିକ ଔଷଧ ପ୍ରତି ପିଠିଆ ହୋଇପଡ଼ିବା ଚିକିତ୍ସକମାନଙ୍କ ପାଇଁ ଏକ ବିରାଟ ଆହ୍ୱାନ ରୂପେ ଉଭା ହେଲାଣି। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତ ହେବା, ଚିକିତ୍ସା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଏବଂ ନିୟମିତ ଭାବରେ ରୋଗୀ ପାଇଁ ଔଷଧ ଉପଲବ୍ଧ ନ ହେବା ହେଉଛି ଔଷଧ ନିରୋଧିତାର କେତେକ ମୁଖ୍ୟ କାରଣ। ଜୀବାଣୁମାନେ ଔଷଧ ବିରୋଧୀ ହୋଇପଡ଼ିବା ଯୋଗୁ ଚିକିତ୍ସା ସମସ୍ୟା ହୋଇପଡ଼ିଛି ଅଧିକ ଜଟିଳ। ସେଥିପାଇଁ ଏବେ ଡାଇରେକ୍ଟଲି ଅବ୍‌ଜର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି। ଏହି ପଦ୍ଧତିରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତଦାରଖରେ ରୋଗୀକୁ ନିୟମିତ ଔଷଧ ଖୁଆଇବା ବ୍ୟବସ୍ଥା ଅନୁସୃତ ହେଉଛି। ଯକ୍ଷ୍ମାରୋଗର ନିବାରଣ ପାଇଁ ଶିଶୁଙ୍କୁ ଦିଆଯାଉଛି ବିସିଜି ଟିକା।

ଯକ୍ଷ୍ମା ହେଉଛି ଚିକିତ୍ସା ବିଜ୍ଞାନ ସମ୍ବନ୍ଧିତ ଏକ ସାମାଜିକ ବ୍ୟାଧି। ଏହାକୁ ସମାଜ ମଙ୍ଗଳର ବାରୋମିଟର ଭାବରେ ଅଭିହିତ କରାଯାଉଛି। ୨୦୩୦ ମସିହା ସୁଦ୍ଧା ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟ ରହିଛି।

-'ଅଭୀପ୍‌ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ,
କଟକ-୧୪
ମୋ: ୮୩୨୮୯୭୫୧୧୮

## ବୟସ୍କ ବ୍ୟକ୍ତି ଓ ଆଲ୍‌ଜିମର୍ସ



ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲ୍‌ଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶି ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲ୍‌ଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।

## ଅସ୍ଥିକୁ ଶକ୍ତ କରେ ଖଜୁରି



ଖଜୁରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଖଜୁରି ଖାଆନ୍ତି ତେବେ ତାଙ୍କର ଅସ୍ଥି ପୂର୍ବାପେକ୍ଷା ମଜଭୁତ ରହିବ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖଜୁରି ଖାଇବା ଦ୍ୱାରା ଏହାର କି ପ୍ରକାର ପ୍ରଭାବ ଅସ୍ଥି ଉପରେ ପଡୁଛି ତାହା ଉପରେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ଅସ୍ଥିଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। କେବଳ ସେତିକି ନୁହେଁ, ସେମାନଙ୍କୁ ନିୟମିତ ଖାଦ୍ୟ ସହ ଖଜୁରି ଖାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ଅସ୍ଥି ଉପରେ କିପରି ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରି ଏକଥା ଜାଣିପାରିଥିଲେ। ଖଜୁରି ଖାଇଲେ ତାହା ଗ୍ୟାଷ୍ଟ୍ରିକଜନିତ ସମସ୍ୟା କେତେକାଂଶରେ ଦୂର କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଉପମଶମ ମିଳିଥାଏ।

## ସକାରାତ୍ମକ ରହିବ ମାନସିକତା



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇ ତାହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ହାର୍ଟ ଆଟାକ୍: କିଛି କଥା



ହୃଦ୍‌ଘାତ ବା ହାର୍ଟ ଆଟାକ ହେଉଛି ଅନ୍ୟତମ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ତେବେ ଏହାର ଲକ୍ଷଣ ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର। ଅନିୟମିତ ଜୀବନଶୈଳୀ, ଖାଦ୍ୟପେୟ, ରକ୍ତଚାପ ବା ବ୍ଲଡପ୍ରେସର ଏପରି କି ଡାଇବେଟିସ୍ ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ। ଜଣେ ବ୍ୟକ୍ତିର ସାଧାରଣ (ନର୍ମାଲ) ରକ୍ତଚାପ ୧୨୦/୮୦ ମିମି ପାରଦ ରହିବା ଦରକାର। ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ। ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମଶ ଜରୁରୀ। ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acuto myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ। ତେଣୁ ସବୁବେଳେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ହଠାତ୍ ଛାତିରେ ଯନ୍ତ୍ରଣା ହେଲେ ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ପରି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ବେଡ୍ ରୁମ୍‌ର ପରିବେଶ ସବୁବେଳେ ଏଭଳି ରଖନ୍ତୁ ଯେମିତି ତାହାର ସୁପ୍ରଭାବ ନିଦ୍ରା ଉପରେ ପଡ଼ିବ। ଶୋଇବା ପୂର୍ବରୁ ଅଧିକ ସମୟ ଟିଭି ଦେଖିବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଯଦି ଆପଣ ଟେନ୍‌ସନରେ ଅଛନ୍ତି ତେବେ ସେହି ସମୟରେ କୌଣସି କାମ କରନ୍ତୁ ନାହିଁ। ଯଦି ଏଭଳି ସମସ୍ୟା ଲାଗି ରହୁଛି ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।



- ପ୍ରତିଦିନ କିଛି ସମୟ ଏକ ନୀରବ ପରିବେଶରେ ବସନ୍ତୁ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ।
- ରାତ୍ରିଭୋଜନ ଏବଂ ଶୋଇବା ସମୟ ଭିତରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ।
- କୌଣସି ଔଷଧକୁ ନେଇ ମନରେ ଦ୍ୱନ୍ଦ୍ୱ ଥିଲେ ଅନ୍ୟ କାହାକୁ ପଚାରିବା ଅପେକ୍ଷା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଖାଇ ସାରିବା ପରେ ଥଣ୍ଡାପାନୀୟ ପିଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।
- କାମ ପ୍ରତି ଏକାଗ୍ରତା ବୃଦ୍ଧି କରିବାରେ ସଙ୍ଗୀତ ଅନେକାଂଶରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ଗୀତ ଶୁଣନ୍ତୁ।

# କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ


ଡା. ମାନସ ରଞ୍ଜନ ପ୍ରଧାନ

ମଣିଷ ଶରୀରରୁ ବିଷାକ୍ତ ପଦାର୍ଥକୁ ମୂତ୍ର ଆକାରରେ ବାହାର କରିବା ଏବଂ ରକ୍ତକୁ ପରିଷ୍କାର କରିବାରେ ମୁଖ୍ୟ ଭୂମିକା ବହନ କରିଥାଏ ବୃକକ୍ ବା କିଡ୍‌ନୀ। ହେଲେ କେବେ କେବେ ବିଭିନ୍ନ କାରଣରୁ ଏହା ଠିକ୍ ଭାବେ କାର୍ଯ୍ୟ କରିବାରେ ଅସମର୍ଥ ହୋଇପଡ଼େ। ଯଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସହିତ ମୃତ୍ୟୁ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ହେଲେ ଯଥା ସମୟରେ ଏହାର ଚିକିତ୍ସା କରାଇବା ସହ ଆବଶ୍ୟକସ୍ଥଳେ ବୃକକ୍ ପ୍ରତ୍ୟାରୋପଣ ବା କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଇପାରିଲେ ରୋଗୀ ଜଣଙ୍କ ପୁନର୍ବାର ସୁସ୍ଥ ଜୀବନ ଜୀଇପାରିବ। ବର୍ତ୍ତମାନ କିଡ୍‌ନୀ ସମସ୍ୟା ଥିବା ଅଧିକାଂଶ ରୋଗୀ ଠିକ୍ ଭାବରେ ଚିକିତ୍ସା, ବିଶେଷ କରି ଅକାମୀ ହୋଇପଡ଼ିଥିବା କିଡ୍‌ନୀକୁ ବାହାର କରି ନୂତନ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଇ ସୁସ୍ଥ ହୋଇପାରୁଛନ୍ତି। ଏଥିପାଇଁ ଅତ୍ୟାଧୁନିକ ଲାପରୋସ୍କୋପିକ୍ ପଦ୍ଧତି ବେଶ୍ ଲାଭପ୍ରଦ ହେଉଛି। ଏଥିରେ ପେଟ ଆଦୌ କଟା ନ ଯାଇ ୨-୩ଟି ଛୋଟ ଛୋଟ କଣା କରି କିଡ୍‌ନୀ କଢ଼ାଯାଇ ରୋଗୀ ଦେହରେ ଲଗାଯାଇଥାଏ। ଫଳରେ ରୋଗୀକୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ି ନ ଥାଏ ଏବଂ ରୋଗୀ ଶୀଘ୍ର ସୁସ୍ଥ ହୋଇ ପୂର୍ବଭଳି ନିଜର ସମସ୍ତ କାମ ମଧ୍ୟ କରିପାରେ। ଏହି ପଦ୍ଧତିରେ ଅପରେଶନ୍ କରିବାର ଆଉ ଏକ ଭଲ କଥା ହେଉଛି ରୋଗୀ ପେଟରେ କଟାଦାଗ ମଧ୍ୟ ରହି ନ ଥାଏ।

**କ'ଣ ରହିଛି ଆଇନ:** ଯଦିଓ କିଡ୍‌ନୀ ଦାନ କରି ଜଣଙ୍କ ଜୀବନ ବଞ୍ଚାଇବା ଏକ ମହତ୍ କାର୍ଯ୍ୟ, ହେଲେ ଏହାକୁ ନେଇ ହେଉଥିବା ବିଭିନ୍ନ ଅପରାଧ ଯୋଗୁ ଆମ ଦେଶରେ ଏଥିପାଇଁ ସ୍ୱତନ୍ତ୍ର ନିୟମ ରହିଛି।



Human Organ Transplantation Act(HOTA) ଏଭଳି ଅବୈଧ ଅଙ୍ଗ ବ୍ୟବସାୟକୁ ରୋକିବା ପାଇଁ କାର୍ଯ୍ୟ କରିଥାଏ। ଏହି ଆଇନ୍ ଅନୁସାରେ ବାପା-ମାଆ, ଭାଇ ଭଉଣୀ, ସ୍ୱାମୀ-ସ୍ତ୍ରୀ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟ ତଥା ଆତ୍ମୀୟମାନେ ସ୍ୱଇଚ୍ଛାରେ ବିନା କୌଣସି ବଳପୂର୍ବକ କିମ୍ବା ଆର୍ଥିକ ଲାଭ ବିନା କିଡ୍‌ନୀ ଦାନ କରିପାରିବେ।

**କିଡ୍‌ନୀ ଦାନର ବୟସସୀମା:** କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ନ ଥିବା ଏବଂ କିଡ୍‌ନୀ ଭଲ ଭାବେ କାର୍ଯ୍ୟକରୁଥିବା ୧୮ରୁ ୬୦ ବର୍ଷ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟକ୍ତି କିଡ୍‌ନୀ ଖରାପ ହୋଇଥିବା ଜଣେ ରୋଗୀଙ୍କୁ ସ୍ୱଇଚ୍ଛାରେ ଗୋଟିଏ କିଡ୍‌ନୀ ଦାନ କରିପାରିବେ। ୬୦ ବର୍ଷ ଊର୍ଦ୍ଧ୍ୱବ୍ୟକ୍ତି ମଧ୍ୟ କିଡ୍‌ନୀ ଦାନ କରିପାରନ୍ତି। ଯଦି ବୟସ୍କ ବ୍ୟକ୍ତିଙ୍କ ଦୁଇଟି ଯାକ କିଡ୍‌ନୀର ଅବସ୍ଥା ଠିକ୍ ଥିବା ଡାକ୍ତରୀ ପରୀକ୍ଷାରୁ ଜଣା ପଡ଼େ, ତାହେଲେ ସେମାନେ ନିଜର ଗୋଟିଏ କିଡ୍‌ନୀ ଦାନ କରିପାରିବେ। ଏମିତିକି ୮୫ ରୁ ୯୦ ବର୍ଷ ବୟସର ଅନେକ ବ୍ୟକ୍ତି ନିଜର ଗୋଟିଏ କିଡ୍‌ନୀ ଦାନ କରି ସୁସ୍ଥ ରହିଥିବା ଦେଖିବାକୁ ମିଳିଛି।

କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପୂର୍ବରୁ ସ୍ୱାସ୍ଥ୍ୟଗତ ପରୀକ୍ଷା ପାଇଁ ଅନେକ ମାପଦଣ୍ଡ ରହିଛି। ଭାରତରେ ଏବଂ ପୃଥିବୀରେ ଏହି କଠିନ ମାପଦଣ୍ଡଗୁଡ଼ିକୁ ପୂରଣ କରୁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍। ଆବଶ୍ୟକ ହେଉଥିବା କିଡ୍‌ନୀ ଅଭାବକୁ ଦୂର କରିବା ପାଇଁ ଡାକ୍ତରମାନେ କିଡ୍‌ନୀ ଦାନ କରୁଥିବା ମାନଦଣ୍ଡକୁ ବୃଦ୍ଧି କରିଛନ୍ତି। ଯାହା ଫଳରେ ଅଧିକରୁ ଅଧିକ ଲୋକ କିଡ୍‌ନୀ ଦାନ କରିପାରିବେ।

**କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ:** ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ଥିଲେ ଜଣେ କିଡ୍‌ନୀ ଦାନ କରିପାରିବେ କି? ଏହି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କିମାରେ। ତେବେ ଏହାର ଉତ୍ତର ହେଉଛି ହଁ, ଅର୍ଥାତ୍ ମାତ୍ର କେତେକ ରୋଗ ଥିଲେ କିଡ୍‌ନୀ ଡୋନେଟ୍ କରାଯାଇପାରିବ। ଉଦାହରଣ ସ୍ୱରୁପ ଯଦି ଜଣଙ୍କୁ ଡାଇବେଟିସ୍ ଅଛି କିନ୍ତୁ ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣରେ ରହିଛି କିମ୍ବା ଉଚ୍ଚ ରକ୍ତଚାପ ରହିଛି ଏବଂ ତାକୁ ନିୟନ୍ତ୍ରଣ କରିବା ପାଇଁ ଆପଣ ଔଷଧ ଖାଉଛନ୍ତି ଏବଂ ରକ୍ତଚାପ ନିୟନ୍ତ୍ରଣରେ ରହିଛି ତେବେ ସେହି ବ୍ୟକ୍ତି କିଡ୍‌ନୀ ଦାନ କରିପାରିବେ। ହେଲେ କିଡ୍‌ନୀ ଦାନ କରିବା ପୂର୍ବରୁ କିଡ୍‌ନୀ ଦାନ କରୁଥିବା ବ୍ୟକ୍ତିଙ୍କର ଭଲ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ। କାରଣ ସେମାନେ ନିଜ କିଡ୍‌ନୀ ଦାନ କରି ଜଣେ ରୋଗୀଙ୍କୁ ନୂତନ ଜୀବନ ଦେଇଥାନ୍ତି।

**କିଡ୍‌ନୀ ଦାନ ପରେ:** କିଡ୍‌ନୀ ଦାନ ପରେ ଜୀବନଶୈଳୀରେ ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଅନେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ହେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କିଡ୍‌ନୀ ଡୋନେଟ୍ କରିବା ପରେ ନିୟମିତ ଡାକ୍ତରୀ ପରୀକ୍ଷା ସହିତ ଡୋନର ଏକ ସୁସ୍ଥ ଓ ନୀରୋଗ ଜୀବନ ଅତିବାହିତ କରିପାରିବେ।

-ବରିଷ୍ଠ ମୂତ୍ରରୋଗ ବିଶେଷଜ୍ଞ
ମଣିପାଲ ହସ୍ପିଟାଲ, ଭୁବନେଶ୍ୱର
ମୋ: ୮୨୮୦୦୬୦୭୦୭

# ୪ ହଜାର ଲିଟର ନକଲି ମୋବିଲ୍ ଜବତ, ୨ ଗିରଫ

## ବିଶ୍ରା ଥାନାରୁ ୫୦୦ ମିଟର ଦୂରରେ ଚାଲିଥିଲା କାରବାର

ରାଉରକେଲା, ୨୩।୩
(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ବିଶ୍ରା ଥାନାଠାରୁ ୫ଶହ ମିଟର ଦୂର ଜିନ୍ନତ କଲୋନିରେ ଏକ ନକଲି ମୋବିଲ କାରଖାନା ଠାବ ହୋଇଛି। ଏହି ସୂଚନା ମିଳିବା ପରେ ବିଶ୍ରା ଥାନାଧିକାରୀ ଜ୍ୟୋତିରଞ୍ଜନ ପତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଶନିବାର ଚଢାଉ କରିଥିଲା। ଚଢାଉ ବେଳେ ୪ହଜାର ଲିଟର ନକଲି ମୋବିଲ, ୫ହଜାର ନାମୀଦାମୀ ବ୍ରାଣ୍ଡର ଟ୍ରେଡ୍‌ମାର୍କ, ଷ୍ଟିକର ଏବଂ ଠିପି ଆଦି ଜବତ କରାଯାଇଛି। ସେହିପରି ଉକ୍ତ ନକଲି ମୋବିଲ ପରିବହନ ପାଇଁ ବ୍ୟବହୃତ କାର୍ (ନଂ.ଓଡ଼ି୧୪ପି-୫୬୯୫) ଓ ସ୍କୁଟି (ନଂ.ଓଡ଼ି୧୪ଏମ୍-୭୦୫୬) ଜବତ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିଶ୍ରା ଅଞ୍ଚଳର ଅବଦୁଲ ମନନ୍(୬୩) ଓ ଏମ୍‌ଡି ମିରାଜ(୫୧)। ଉଭୟଙ୍କୁ ରବିବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୯/୨୫) ରୁଜୁ କରି ଅଧିକ ତଦନ୍ତ କରୁଛି।

ସୂଚନା ଅନୁସାରେ, ଗତ କିଛିଦିନ ହେଲା ଅଭିଯୁକ୍ତ ଦ୍ୱୟ ନକଲି ମୋବିଲ ବ୍ୟବସାୟ ଆରମ୍ଭ କରିଥିଲେ। ସେମାନେ ଜିନ୍ନତ କଲୋନିରେ ଥିବା ଏକ ଘରେ ପୋଡ଼ା ମୋବିଲ ଓ ଅନ୍ୟ ଅପମିଶ୍ରିତ ସାମଗ୍ରୀରୁ ନକଲି ମୋବିଲ ତିଆରି କରୁଥିଲେ। ଏହାସହ ବୋତଲ ଏବଂ ପାଉଚ୍‌ରେ ନାମୀଦାମୀ କମ୍ପାନୀର ଟ୍ରେଡ୍‌ମାର୍କ, ଷ୍ଟିକର ଏବଂ ଠିପି ଲଗାଇ ପ୍ୟାକିଂ କରୁଥିଲେ। ଏହାପରେ ସେଗୁଡ଼ିକୁ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଝାଡ଼ଖଣ୍ଡକୁ ପଠାଉଥିଲେ ବୋଲି ପୋଲିସ କହିଛି।



ଜବତ କରାଯାଇଥିବା ମୋବିଲ୍।



ଗିରଫ ୨ ଅଭିଯୁକ୍ତ।

# ହସ୍ପିଟାଲରେ ଡାଇରେକ୍ଟରଙ୍କୁ ଗୁଳିକରି ହତ୍ୟା

## ରୋଗୀ ଭାବେ ଆସିଥିଲେ ଦୁର୍ବୃତ୍ତ

ପାଟନା, ୨୩।୩

ବିହାରର ରାଜଧାନୀ ପାଟନାର ଅଗମକୁଆଁ ଥାନା ଅନ୍ତର୍ଗତ ଏସିଆ ହସ୍ପିଟାଲରେ ଏହାର ଡାଇରେକ୍ଟର ତଥା କୋ-ଓନର ସୁରଭି ରାଜ୍‌ଙ୍କୁ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ୫ରୁ ୬ ଦୁର୍ବୃତ୍ତ ନିଜକୁ ରୋଗୀ ଭାବେ ପରିଚୟ ଦେଇ ଏସିଆ ହସ୍ପିଟାଲରେ ପହଞ୍ଚିଥିଲେ। ଏହାପରେ ସେମାନେ ଡାଇରେକ୍ଟର ସୁରଭିଙ୍କ ଚ୍ୟାମ୍ବରକୁ ଯାଇ, ତାଙ୍କ ଉପରକୁ ୬/୭ ରାଉଣ୍ଡ ଗୁଳି ଚଳାଇଥିଲେ। ଶନିବାର ବିଳମ୍ବିତ ରାତିରେ ପୋଲିସ ଏସିଆ ହସ୍ପିଟାଲରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁରଭିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସିସିଟିଭି ଫୁଟେଜ ଏବଂ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଜାରି ରହିଥିବା ପାଟନା ଏସ୍‌ଡିପିଓ ଅତୁଲେଶ ଝା କହିଛନ୍ତି। ଦୁର୍ବୃତ୍ତମାନଙ୍କ ପରିଚୟ ମିଳି ନ ଥିବା ବେଳେ ହତ୍ୟାର କାରଣ ମଧ୍ୟ ଜଣାପଡ଼ିନାହିଁ। ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।



ସୁରଭି ରାଜ୍

# ନୃଶଂସତା: ଭୁକିଲା ବୋଲି କୁକୁରକୁ ହାଣିଲେ

ବ୍ରହ୍ମପୁର, ୨୩।୩
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ଜନଗହଳିପୂର୍ଣ୍ଣ ଗାନ୍ଧୀ ନଗର ମୁଖ୍ୟ ରାସ୍ତାରେ ଶନିବାର ରାତିରେ ଏକ ନୃଶଂସ କାଣ୍ଡ ଦେଖିବାକୁ ମିଳିଛି। କୁକୁର ଭୁକିଲା ବୋଲି ୩/୪ ଜଣ ଯୁବକ ତାକୁ ଖଣ୍ଡାରେ ହାଣି ପକାଇଛନ୍ତି। ଏଭଳି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରାଣୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଖଣ୍ଡାଧାରୀ ଯୁବକମାନଙ୍କୁ ଦେଖି ଭୟଭୀତ ହୋଇଛନ୍ତି। ଏ ନେଇ ଗାନ୍ଧୀନଗର ୭ମ ଲାଇନ୍‌ର ଜଣେ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. କହିଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରାତିରେ ପଥଚାରୀମାନେ ଗଲାବେଳେ କୁକୁରଟି ଭୁକୁଥିଲା। ହେଲେ କାହାକୁ କାମୁଡୁ ନ ଥିଲା। ଶନିବାର ରାତିରେ ୨ଟି ଗାଡିରେ ଯାଉଥିବା ଯୁବକମାନଙ୍କୁ ଦେଖି କୁକୁର ଭୁକିଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ପ୍ରଥମେ ୨ଜଣ ଖଣ୍ଡା ଧରି ଆସି କୁକୁରଟିକୁ ଚୋଟ ପକାଇଥିଲେ। ସେମାନେ ପଳାଇବା ପରେ ଆଉ ଜଣେ ପଥଚାରୀ ୨ ସାଙ୍ଗଙ୍କୁ ନେଇ ବାଇକ୍‌ରେ ଆସି ପୁଣି କୁକୁରଟିକୁ ଖଣ୍ଡାରେ ହାଣି ପଳାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜରେ ଏହି ଦୃଶ୍ୟ କଏଦ ହୋଇଥିଲା। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି। ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା କୁକୁରଟିକୁ ଚିକିତ୍ସା କରାଯାଇଛି। ଏ ସଂକ୍ରାନ୍ତରେ ପ୍ରାଣୀ ସୁରକ୍ଷାର ବାର୍ତ୍ତା ଦେଉଥିବା ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି ଯେ, କୁକୁରପଲ ରାତିରେ ପଥଚାରୀମାନଙ୍କୁ ଭୁକିବା ସାଧାରଣ କଥା। ତେବେ ଭୁକିଲା ବୋଲି ଏହି ବିଶ୍ୱସ୍ତ ପ୍ରାଣୀକୁ ହାଣିବା ଉଚିତ ନୁହେଁ। ଯେଉଁମାନେ ଏଭଳି କାଣ୍ଡ ଭିଆଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। ପୂର୍ବରୁ ଭଞ୍ଜବିହାରରେ ୮/୧୦ଟି କୁକୁରକୁ ବାନ୍ଧି ରଖାଯାଇଥିଲା। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ସେମାନଙ୍କୁ ଉଦ୍ଧାର କରିଥିଲା। ସେହିପରି ହିଞ୍ଜିଳିକାଟୁ ବ୍ଲକ ଅଞ୍ଚଳରେ ନାଟକ ମଞ୍ଚସ୍ଥ ବେଳେ ଜିଅନ୍ତା ଘୁଷୁରିକୁ ମାରି ଖାଇବା ଦୃଶ୍ୟ ଦେଖାଯାଇଥିଲା। ପ୍ରଶାସନ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରାଣୀଙ୍କୁ ମାରିବା କାହାର ଅଧିକାର ନାହିଁ ବୋଲି ଲଲାଟେନ୍ଦୁ କହିଛନ୍ତି।

# ସମ୍ମୁଦୀଙ୍କୁ ହତ୍ୟା: ଜେଲଗଲେ ଅଭିଯୁକ୍ତ

ନାକଟିଦେଉଳ, ୨୩।୩
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଗଞ୍ଜାବାହାଲ ଗ୍ରାମରେ ଗତ ଶନିବାର ଘଟିଥିବା ମୁରଲୀଧର ଧଳ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ କେଲୋ ଗ୍ରାମର ଗିରିଧାରୀ ସାହୁଙ୍କୁ ରବିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଗଞ୍ଜାବାହାଲର ମୁରଲୀଧରଙ୍କ ପୁଅ କେଲୋ ଗ୍ରାମର ଗିରିଧାରୀ ସାହୁଙ୍କ ଝିଅକୁ ୩ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଏହି ବିବାହ ପାଇଁ ସେ ମୁରଲୀଙ୍କୁ ଦାୟୀ ମନେ କରି ବିଭିନ୍ନ ସମୟରେ ହତ୍ୟା ଧମକ ଦେଇ ଆସୁଥିଲେ। ଶନିବାର ମୁରଲୀ ବାଇକରେ ଘରକୁ ଫେରୁଥିବା ବେଳେ ନୂତନ ଗଞ୍ଜାବାହାଲ ସ୍କୁଲ ସମ୍ମୁଖରେ ପୂର୍ବରୁ ଛକି ରହିଥିବା ଗିରିଧାରୀ ସମ୍ମୁଦୀ ମୁରଲୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗିରିଧାରୀଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଥିଲା। ଏ ନେଇ କିସିଣ୍ଡା ଥାନାରେ ଏକ ମାମଲା(ନଂ. ୨୦/୨୫) ରୁଜୁ ହୋଇଥିଲା।

# ସୁନା ଦୋକାନରୁ ଚୋରି: ଫେରାର ବେଳେ ୨ ଧରାପଡ଼ିଲେ

## କେଜିଏରୁ ଅଧିକ ରୁପା ଅଳଙ୍କାର ଜବତ

ଭୁବନେଶ୍ୱର, ୨୩।୩
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସିଆର୍‌ପି ଅଞ୍ଚଳର ଏକ ସୁନା ଦୋକାନରୁ ଚୋରି କରି ସନ୍ଦେହଜନକ ଅବସ୍ଥାରେ ଫେରାର ହେଉଥିବା ବେଳେ ୨ ଜଣଙ୍କୁ ନୟାପଲ୍ଲୀ ପୋଲିସ ଶନିବାର ବିଳମ୍ବିତ ରାତିରେ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସିଆର୍‌ପି ମୁଣ୍ଡାସାହିର ରାକେଶ ମୁଖୀ ଓରଫ୍ ପାଣ୍ଡୁ ଏବଂ ସନ୍ତୋଷ କୁମାର ପ୍ରଧାନ ଓରଫ ସେନ୍ତେରା। ଉଭୟଙ୍କଠାରୁ ଏକ କେଜିରୁ ଅଧିକ ରୁପା ଅଳଙ୍କାର ଓ ଅନ୍ୟାନ ଜିନିଷ ଜବତ ହୋଇଛି। ଅଭିଯୁକ୍ତ ରାକେଶଙ୍କ ନାମରେ ୩ ଏବଂ ସନ୍ତୋଷଙ୍କ ନାମରେ ବିଭିନ୍ନ ଥାନାରେ ୧୧ଟି ଆପରାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏନେଇ ସୁନା ଦୋକାନୀ ବାଲିପାଟଣାର ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଜବତ ରୁପା ଅଳଙ୍କାର ଓ ଗିରଫ ଅଭିଯୁକ୍ତ।

# ଯବାନଙ୍କଠାରୁ ୨୮ ଲକ୍ଷ ଠକେଇ

ଭୁବନେଶ୍ୱର, ୨୩।୩
(ସୂର୍ଯ୍ୟକାନ୍ତ ବେହେରା)

ଆପାର୍ଟମେଣ୍ଟ କିଣିବାକୁ ଯାଇ ଜଣେ ଯବାନ ଠକେଇର ଶିକାର ହୋଇଛନ୍ତି। ଜଣେ ଅଭିଯୁକ୍ତ ମିଥ୍ୟା ଆଶ୍ୱାସନା ଦେଇ ଯବାନଙ୍କଠାରୁ ୨୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଯବାନ ଜଣକ ସୋନପୁର ଅଞ୍ଚଳରେ ହୋଇଥିବାବେଳେ ସେ ଏନେଇ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୋମବାର କୋର୍ଟ ଚାଲାଣ ସହ ଭୁବନେଶ୍ୱର ଡିସିପି ଏସଂକ୍ରାନ୍ତରେ ଖବରଦାତା ସମ୍ମିଳନୀ କରି ଅଧିକ ସୂଚନା ଦେବେ ବୋଲି ଜଣାପଡ଼ିଛି।

# ନିଖୋଜ ନାବାଳିକାଙ୍କ ମୃତଦେହ ଜଙ୍ଗଲରୁ ଜବତ

## ହତ୍ୟା ସନ୍ଦେହରେ ଜଣେ ଅଟକ

ବରଗଡ଼, ୨୩।୩
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ଅଞ୍ଚଳରୁ ଗତ ୨୦ ତାରିଖରୁ ନିଖୋଜ ହୋଇଥିବା ନାବାଳିକା (୧୭ବର୍ଷ)ଙ୍କ ମୃତଦେହ ରବିବାର ବୁର୍ଲା ଥାନା ଅଶୋକ ନିବାସ ନିକଟ ଏକ ଜଙ୍ଗଲରୁ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ମୁଣ୍ଡରେ ଆଘାତ ଦେଇ ନାବଳିକାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଅତାବିରା ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ନାବାଳିକା ଜଣକ ଗତ ୨୦ତାରିଖରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଅଭିଯୋଗ କରିବା ପରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ-୧୪୦/୨୫) ରୁଜୁ କରି ଅନୁସନ୍ଧାନ ଚଳାଇଥିଲା। ରବିବାର ବୁର୍ଲା ଥାନା ଅଶୋକ ନିବାସ ନିକଟ ଜଙ୍ଗଲରେ ମୃତଦେହ ପଡ଼ିଥିବା ନେଇ ପୋଲିସ ସୂଚନା ପାଇଥିଲା। ମୃତ ନାବାଳିକାଙ୍କ ପରିବାର ଲୋକେ ସେଠାକୁ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ।

# ଜେଲଫେରନ୍ତାଙ୍କ ଗଳିତ ମୃତଦେହ ଜବତ

ହାଟଡ଼ିହୀ/ଛେନାପଦ, ୨୩।୩
(ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ବେଲରେ ଫେରିଥିବା ଜଣେ ଅଭିଯୁକ୍ତଙ୍କୁ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହାଟଡ଼ିହୀ ବ୍ଲକ୍ ଦଲକି ଗ୍ରାମର ମିରଦାସ ହୋ (୪୬)। ସେ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଜେଲ ଯାଇଥିଲେ।

ପ୍ରକାଶ ଯେ, ୨୬ ନଭେମ୍ବର ୨୦୨୪ରେ ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ମିରଦାସ ଗିରଫ ହୋଇ ଜେଲ ଯାଇଥିଲେ। ଏକ ମାସ ପୂର୍ବେ ଜେଲରୁ ଜାମିନରେ ଆସିଥିବା ବେଳେ ଜାମିନର ପରଦିନ ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ପରିବାର ଲୋକେ ସୋସୋ ଥାନାରେ ଅଭିଯୋଗ କରିଥିବା ସ୍ଥାନୀୟ ହଦଗଡ଼ ସରପଞ୍ଚଙ୍କ ସ୍ୱାମୀ ମଦନ ମୋହନ ନନ୍ଦୀ କହିଛନ୍ତି। ରବିବାର ସକାଳୁ କିଛି ଲୋକ ହଦଗଡ଼ ଅଭୟାରଣ୍ୟକୁ ଯାଇଥିଲେ। ଜଙ୍ଗଲ ମଧ୍ୟରେ ତାଙ୍କର ଗଳିତ ମୃତଦେହ ଏକ ଧାତୁ ନିର୍ମିତ ତାର ଦ୍ୱାରା ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମୃତଦେହଟି ପଚିସଢ଼ି ଯାଇଥିବା ବେଳେ ମୁଣ୍ଡଠାରୁ ଅଣ୍ଟା ପର୍ଯ୍ୟନ୍ତ ଝୁଲି ରହିଥିଲା। ଖବର ପାଇ ସୋସୋ ପୋଲିସ ମୃତଦେହ ଜବତ କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଠକ ଠକ ମାଳି ଗଡ଼ା
ଲୋକ ଜାଣିବାକୁ ଆଖି ବୁଜି ବସେ
ଭୋଜନ ଶୁଖୁଆ ପୋଡ଼ା।

ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଉପରେ ନିରାମିଷାଶୀ ଠାକୁର ଭକ୍ତ ଅଥଚ ଗୋପନରେ ଆମିଷ ଆହାର କରୁଥିବା ଭଣ୍ଡ ସାଧୁଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଠେଙ୍ଗାର ଭାଇ ମୁଷଳ
ବାଡ଼ି ବାଟେ କୁଶଳ।

ବେଳେବେଳେ କୌଣସି କାମ ହାସଲ କରିବା ପାଇଁ ଠାପୁଆ ବ୍ୟକ୍ତିଙ୍କୁ ଆକଟ ବା ନାଲିଆଖି ଦେଖାଇବାକୁ ପଡ଼ିଥାଏ। ତେବେ ଠେଙ୍ଗା ଓ ମୁଷଳ ଭୟରେ ସବୁ କାମ ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ମୃତକ ଟିକାବାଲିର ନାବାଳିକା, ପରିବାର ଆଣିଲେ ହତ୍ୟା ଅଭିଯୋଗ

## ଗାଜଲବାଡି ଜଙ୍ଗଲରୁ ନର କଙ୍କାଳ ଠାବ ଘଟଣା

ସୋରଡ଼ା, ୨୩।୩
(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ନିକଟ ଗାଜଲବାଡ଼ି ଜଙ୍ଗଲରୁ ଶନିବାର ଠାବ ହୋଇଥିବା ମଣିଷ କଙ୍କାଳ ଓ ହାଡ଼ ଜଣେ ନାବାଳିକାଙ୍କର ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି। ସେ କନ୍ଧମାଳ ଜିଲା ଟିକାବାଲିର କାମାକ୍ଷାପ୍ରସାଦ ମହାପାତ୍ରଙ୍କ ଝିଅ (୧୬) ବୋଲି ଜଣାପଡିଛି। ନାବାଳିକାଙ୍କ ପରିବାର ଲୋକେ ଏହା ଏକ ହତ୍ୟା ଘଟଣା ଏବଂ ହତ୍ୟା ପରେ ଦୁର୍ବୃତ୍ତମାନେ ମୃତଦେହ ପୋଡ଼ି ଦେଇଥିବା ଅଭିଯୋଗ କରିଛନ୍ତି।

ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡ଼ି ପଞ୍ଚାୟତର ଖଜୁରିପଲି ଗ୍ରାମ ନିକଟରେ ଥିବା କୋଟାମଣି ପାହାଡ଼ ଅଞ୍ଚଳରେ ଶନିବାର ମଣିଷ ଖପୁରି ଓ ହାଡ ଠାବ ପରେ ରବିବାର ସାଇଣ୍ଟିଫିକ ଟିମ ସହ ସୋରଡ଼ା ତହସିଲଦାର ଆକାଶ ରଞ୍ଜନ ସାହୁ, ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ସୋରଡ଼ା ଥାନା ଅଧିକାରୀ ସୁଧୀର ସାହୁ ପହଞ୍ଚି ପୁଣି ଥରେ ତଦନ୍ତ କରିଥିଲେ। ତଦନ୍ତରୁ ମୃତକ ଜଣକ ଟିକାବାଲି ଥାନା ଗୁଡାରିଗାଁର କାମାକ୍ଷାପ୍ରସାଦ ମହାପାତ୍ରଙ୍କ ଝିଅ ବୋଲିଜଣାପଡ଼ିଛି। ନାବାଳିକା ଜଣକ ଗତ ଫେବୃଆରୀ ୨୭ରୁ ନିଖୋଜ ଥିଲେ। ଏନେଇ କାମାକ୍ଷାପ୍ରସାଦ ଟିକାବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ଉପରୋକ୍ତ ଜଙ୍ଗଲରେ ମଣିଷ ଖପୁରି, ପଞ୍ଜାରାହାଡ଼ ପଡିଥିବା ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହି ସମୟରେ ଏକ ଚେନ୍, ଦୁଇଟି ମୋବାଇଲ, ଗୋଟିଏ ଜିନପ୍ୟାଣ୍ଟ, ଚୁଡିଦାର ପୋଲିସ ଜବତ କରି ଆଣିଥିଲା। ଏହାପରେ ପୋଲଇସ ଗାଜଲବାଡ଼ି ଜଙ୍ଗଲକୁ ଲାଗିଥିବା କନ୍ଧମାଳ ଜିଲାର ବିଭିନ୍ନ ଥାନା ସହ ଯୋଗାଯୋଗ କରିଥିଲା। ପରେ ଟିକାବାଲି ଥାନାରେ ଗୋଟିଏ ନାବାଳିକା ଝିଅ ଗତ ଫେବୃଆରୀରୁ ନିଖୋଜ ଥିବା ଅଭିଯୋଗ ପୋଲିସ ନଜରକୁ ଆସିଥିଲା। ଏହାକୁ ଆଧାରକରି ପୋଲିସ ପରିବାର ଲୋକଙ୍କୁ ଡକାଇ ମୃତଶରୀର ଆଖପାଖରୁ ମିଳିଥିବା ସାମଗ୍ରୀକୁ ଦେଖାଇ ଚିହ୍ନିବା ପାଇଁ କହିଥିଲା। କାମାକ୍ଷାପ୍ରସାଦ ସେହି ସାମଗ୍ରୀ ତାଙ୍କ ଝିଅର ବୋଲି କହିଥିଲେ। ଠାବ ହୋଇଥିବା କଙ୍କାଳ ଓ ଖପୁରି ତାଙ୍କ ଝିଅର ବୋଲି କାମାକ୍ଷାପ୍ରସାଦ କହିବା ସହ ହତ୍ୟା ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ସୋରଡ଼ା ପୋଲିସ ସନ୍ଦେହରେ କେତେଜଣଙ୍କୁ ଥାନାକୁ ଆଣି ପଚାରାଉଚୁରା କରୁଛି। ସୂଚନାଯୋଗ୍ୟ, ଶନିବାର କେତେଜଣ ଗ୍ରାମବାସୀ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଜଙ୍ଗଲ ଭିତରେ ଗୋଟିଏ ମଣିଷ କଙ୍କାଳ ଓ ପଞ୍ଜରା ହାଡ ପଡ଼ିଥିବା ଦେଖିଥିଲେ। ପରେ ସେମାନେ ଗ୍ରାମକୁ ଫେରି ଗାଜଲବାଡି ସରପଞ୍ଚଙ୍କୁ ଜଣାଇଥିଲେ। ପରେ ଏନେଇ ସରପଞ୍ଚ ପୋଲିସକୁ ସୂଚନା ଦେଇଥିଲେ।

## ବିପୁଳ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି, ୨୩।୩
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ମାର୍କନଗୁଡ଼ା ଓ ମେଟାଗୁଡ଼ା ଜଙ୍ଗଲରେ ଯବାନଙ୍କ ପକ୍ଷରୁ କୋମ୍ବିଂ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମାର୍କନଗୁଡ଼ା ଜଙ୍ଗଲରୁ ୬ଟି ବନ୍ଧୁକ, ୧୮ ବିଜିଏଲ, ଡେଟୋନେଟର, ୟୁନିଫର୍ମ, ବ୍ୟାଗ ଓ ବେଲ୍ଟ ମିଳିଥିବା ବେଳେ ମେଟାଗୁଡ଼ା ଜଙ୍ଗଲରୁ ୩ ବନ୍ଧୁକ, ଦେଶୀ ରାଇଫଲ୍, ବୋମା ଆଦି ଅନେକ ସାମଗ୍ରୀ ଜବତ ହୋଇଛି। ବହୁ ସ୍ଥାନରେ କୋମ୍ବିଂ ଜାରି ରହିଥିବା ସୂଚନା ମିଳିଛି।


**ସର୍ବସାଧାରଣ ଅଧିସୂଚନା**

**ଦକ୍ଷିଣ ପୂର୍ବ ରେଳପଥର ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ତା୨୫।୦୩।୨୦୨୫ରିଖ ଦିନ ଚକ୍ରଧରପୁର ମଣ୍ଡଳର ଡୁମେତ୍ରା-ବଣ୍ଡମୁଣ୍ଡା ଲିଙ୍କ୍ 'ସି' କ୍ୟାବିନ୍ ମଧ୍ୟରେ ନବନିର୍ମିତ ଡବ୍‌ଲିଂ ଲାଇନ୍‌ର ତଦାରଖ**

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ, ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀ, ଦକ୍ଷିଣ ପୂର୍ବ ରେଳପଥ **ତା୨୫।୦୩।୨୦୨୫ରିଖ** ଦିନ ଚକ୍ରଧରପୁର ମଣ୍ଡଳର ଡୁମେତ୍ରା-ବଣ୍ଡମୁଣ୍ଡା ଲିଙ୍କ୍ 'ସି' କ୍ୟାବିନ୍ ମଧ୍ୟରେ ନବନିର୍ମିତ ଡବ୍‌ଲିଂ ଲାଇନ୍ ଖୋଲାଯିବାର ତଦାରଖ କରିବେ । **ତା୨୫।୦୩।୨୦୨୫ରିଖ** ଦିନ ଆବଶ୍ୟକୀୟ ତଦାରଖ ଲାଇଟ୍ ଗୁଡ୍‌ସ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଇତ୍ୟାଦି ଦ୍ୱାରା ସଞ୍ଚାଳନ କରାଯିବ ଏବଂ ସ୍ପିଡ୍ ଟ୍ରାଏଲ୍ ଲାଇଟ୍ ଗୁଡ୍‌ସ ଦ୍ୱାରା କରାଯିବ ।
ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ଉକ୍ତ ଅଧିସୂଚନାକୁ ଧ୍ୟାନରେ ରଖିବା ଏବଂ ଲାଇନ୍‌କୁ ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷାମୂଳକ ସତର୍କତା ଅବଲମ୍ବନ କରିବା ଏବଂ ଅନଧିକାର ପ୍ରବେଶ ନ କରିବା ପାଇଁ ପରାମର୍ଶ ଦିଆଯାଉଛି ।

(PR-1260) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**MADHUSUDAN INSTITUTE OF COOPERATIVE MANAGEMENT, BHUBANESWAR**
(An Institute of National Council for Cooperative Training, New Delhi)
(An Autonomous Society under Ministry of Cooperation, Govt. of India)
UNIT-VIII, BHUBANESWAR-751012, ODISHA

**No.CAD-2920** : MICM invites application for engagement of 4 posts of **Lecturers** (MBA-1, CS/IT-1, Cooperative Management-2) at Madhusudan Institute of Cooperative Management on **Contract** basis for a period of 3 years in the consolidated pay rage of Rs.40000-90000. For details of the vacancy and application format, please visit MICM website: www.micm.ac.in. The last date of submission of application is within 21 days of publication of the advertisement.

OIPR-39011/11/0006/2425 Director, MICM Bhubaneswar

**OFFICE OF THE PANCHAYAT SAMITI, RASGOVINDPUR**
At/P.O. - RASGOVINDPUR, Dist. - Mayurbhanj, Odisha
E-mail : ori-rasgobindpur@nic.in
**Tender Call Notice No. 02/2024-25** No.i-576

1. Name of the Scheme - ACR under S&ME Dept. for F.Y.2024-25. 2. Total No. of Works - 6 (Six) nos. of individual work. 3. Estimated Cost - Rs. 1490898/- to 1522768/-. 4. Period of Completion - 6 (Six) Calendar Months. 5. Other detail as follows -

| Sl. No. | Place of availability of Tender Document | Bid Identification No. | Period of availability of Tender Paper | Period of submission of Tender Paper | Date and place of opening of Tender paper |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Office of the Panchayat Samiti Rasgovindpur | 02/2024-25 | 24.03.2025 to 07.04.2025 from 11 A.M. to 4.30 P.M. on working days | 24.03.2025 to 08.04.2025 from 11 A.M. to 5 P.M. | On 09.04.2025 at 11.30 A.M. at Conference Hall of Panchayat Samiti Rasgovindpur |

Bidder can participate in bidding through Register / Speed post or direct dropping. Any addendum / corrigendum / cancellation of the tender can be seen in the notice of the Panchayat Samiti, Rasgovindpur. For detail terms & Conditions, Please visit our website : **mayurbhanj.odisha.gov.in**

Sd./- Block Development Officer, Rasgovindpur
OIPR-15008/11/0001/2425

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, DASPALLA**
Tender call Notice No.516 Dt.21.03.2025
E-mail : nacdaspalla@gmail.com
Bid Identification No. NAC-Daspalla/ 01/2024-25

**No.C-1951** : The Executive Officer, NAC, Daspalla, Dist - Nayagarh inviting percentage rate bid from eligible contractors in online mode with double cover for the work described in the DTCN for construction of civil works as detailed in the table below.

| | | | |
|---|---|---|---|
| 1. | Nature of Work | : | As per DTCN |
| 2. | No. of Work | : | 1 No. |
| 3. | Value of Work | : | Rs. 79,62,264.00 + GST 18% |
| 4. | Tender Cost | : | To be remitted online through a process as mentioned in DTCN. |
| 5. | Class of Contractor | : | B Class |
| 6. | Available of Bid document in the website | : | From Dt. 26.03.2025 to Dt.09.04.2025 Up to 5.00 P.M. |
| 7. | Date and time of opening of Technical Bid | : | Dt. 10.04.2025 at 11.00 A.M. till completion |
| 8. | Date and time of opening of Financial Bid | : | Dt. 17.04.2025 at 11.00 A.M. till completion |
| 9. | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

Sd./- Executive Officer, NAC, Daspalla
OIPR-13141/11/0001/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେଏମ୍‌ଏଫ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୩।୩:** କୋଟାକ୍ ମ୍ୟୁଚୁଆଲ୍ ଫଣ୍ଡ (କେଏମ୍‌ଏଫ୍)ର ନୂତନ ଉତ୍ପାଦ 'ଛୋଟି ଏସ୍‌ଆଇପି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ନିଲେଶ ଶାହ କହିଛନ୍ତି, ଭାରତର ଜନସଂଖ୍ୟାର କେବଳ ପ୍ରାୟ ୫.୪ କୋଟି ବିଶେଷ ନିବେଶକ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିଛନ୍ତି।

# ହୋମ୍ ବ୍ରଡ୍‌ବ୍ୟାଣ୍ଡ କ୍ଷେତ୍ରରେ ଜିଓର ପ୍ରାଧାନ୍ୟ ବିସ୍ତାର

**ମୁମ୍ବାଇ,୨୩।୩**

ସାରା ରାଜ୍ୟରେ ଉପଲବ୍ଧ ଏବଂ ନିର୍ଭରଯୋଗ୍ୟ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବରର ଅସୀମ ଲୋକପ୍ରିୟତା ବଳରେ ରିଲାଏନ୍ସ ଜିଓ ଓଡ଼ିଶାରେ ହୋମ୍ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଓଡ଼ିଶାରେ ୪ ଲକ୍ଷରୁ ଅଧିକ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ହାସଲ କରି ଜିଓ ଓ୍ୱାଇରଲାଇନ୍ ବା ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ରାଜ୍ୟରେ ନିଜର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୪ ଡିସେମ୍ବରରେ ରିଲାଏନ୍ସ ଜିଓ ଓଡ଼ିଶାରେ



୧୬,୬୦୦ ରୁ ଅଧିକ ନୂତନ ଜିଓ ଫାଇବର ଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି। ଏହା ସହିତ ଜିଓ ଓଡ଼ିଶାରେ ଓ୍ୱାଇରଲାଇନ୍ କ୍ଷେତ୍ରରେ ସର୍ବାଧିକ ୬୫% ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓ ରାଜ୍ୟରେ ଏକମାତ୍ର ସେବା ପ୍ରଦାନକାରୀ ହୋଇଛି, ଯାହାର ଓ୍ୱାଇରଲାଇନ୍ ଗ୍ରାହକ ସଂଖ୍ୟା ୪ ଲକ୍ଷ ଅତିକ୍ରମ କରିଛି। ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ତିନି ଗୁଣରୁ ଅଧିକ ବୋଲି କୁହାଯାଉଛି।

ଟ୍ରାଇ ତଥ୍ୟ ଅନୁସାରେ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଜିଓ ରାଜ୍ୟରେ ୪,୦୦,୯୨୫ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ରହିଛନ୍ତି। ଏହି ଗ୍ରାହକମାନେ ସର୍ବଶ୍ରେଷ୍ଠ ବିଶ୍ୱସ୍ତରୀୟ ହୋମ୍ ଏଣ୍ଟରଟେନମେଣ୍ଟ (ଗୃହ ମନୋରଞ୍ଜନ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଉପଭୋଗ କରୁଛନ୍ତି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ସମ୍ପ୍ରସାରିତ କରିଛି, କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ତଥା ଭୌଗୋଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି। ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। ବ୍ରଡ଼ବ୍ୟାଣ୍ଡ ସଂଯୋଗର ଅଭାବ ଜନିତ ସମସ୍ୟାକୁ ଦୂର କରି ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼୍ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହିତ ସଂଯୁକ୍ତ କରିଛି। ଜିଓ ଏୟାରଫାଇବର ୮୦୦ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୧ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ୍ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି।

# ଗ୍ରାହକ ସନ୍ତୁଷ୍ଟିକୁ ଗୁରୁତ୍ୱ ଦେଲେ ସଫଳତା ମିଳେ

**ସମ୍ବଲପୁରସ୍ଥିତ ଜାଶ୍ ହୋଣ୍ଡାର ନିର୍ଦ୍ଦେଶକ ସମଶେର୍ ସିଂ ହୁରା ଏକ ବ୍ୟବସାୟଭିତ୍ତିକ ପରିବାରରେ ଜନ୍ମ ନେଇଥିବାବେଳେ ତାଙ୍କର ଅଟୋମୋବାଇଲ ଶିଳ୍ପ ପ୍ରତି ଖୁବ୍ ରୁଚି ରହିଥିଲା। ସୁଯୋଗର ସଦୁପଯୋଗ କରି ସର୍ବଦା ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ସମଶେର୍ ୨୦ ବର୍ଷ ପୂର୍ବେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ)ରେ ଯୋଗଦେଇଥିଲେ। ସେବେଠାରୁ ସେ ସଫଳତାର ମଙ୍ଗ ଧରିଆସିଛନ୍ତି। ଧରିତ୍ରୀ ତରଫରୁ ତାଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର।**


ସମଶେର୍ ସିଂ ହୁରା

**ପ୍ର-୨ ଚକିଆ ଯାନ ଶିଳ୍ପ କ୍ଷେତ୍ରରେ ପ୍ରବେଶ ପାଇଁ କିପରି ମନ ବଳାଇଲେ ?**

ଉ- ଭାରତରେ ପରିବହନ କ୍ଷେତ୍ରରେ ୨ଚକିଆ ଯାନର ବେଶ୍ ଚାହିଦା ଥିବାରୁ ୨୦ ବର୍ଷ ତଳେ ଏହି କ୍ଷେତ୍ରରେ ପାଦ ଦେଇଥିଲି। ଲୋକଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସବୁବେଳେ ମୋର ଲକ୍ଷ୍ୟ ରହିଆସିଥିଲା। ଆଜି ପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରିଆସୁଛି।

**ପ୍ର- ଭାରତର ଗ୍ରାମୀଣ ବଜାରରେ ୨ ଚକିଆ ଯାନର ଚାହିଦା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଆପଣ ଏହାର ସ୍ଥିତି କିପରି ଦେଖୁଛନ୍ତି?**

ଉ- ନିଶ୍ଚିତ। କ୍ରମାଗତ ଭାବେ ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳରେ ୨ ଚକିଆ ଯାନର ଚାହିଦା ବଢ଼ିବାରେ ଲାଗିଛି। ସଡ଼କପଥର ଭିତ୍ତିଭୂମିରେ ବିସ୍ତାର, ଲୋକଙ୍କ ଆୟ ବୃଦ୍ଧି ସହ ଗ୍ରାମୀଣ ଉନ୍ନତୀକରଣ ଯୋଜନା ଆଦି ଭିନ୍ନ ଭିନ୍ନ କାରକ ଏହି ଚାହିଦା ବୃଦ୍ଧିରେ ସହାୟକ ହେଉଛି। ହୋଣ୍ଡା ଯାନଗୁଡ଼ିକ ଅପେକ୍ଷାକୃତ ଶସ୍ତା, ଭଲ ଇନ୍ଧନ କ୍ଷମତା ଏବଂ ସ୍ଥାୟିତ୍ୱ କାରଣରୁ ଏହିସବୁ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଛି।

**ପ୍ର- ସମ୍ବଲପୁରର ଏକ ଅଗ୍ରଣୀ ହୋଣ୍ଡା ଡିଲର ଭାବେ କେଉଁସବୁ ଆହ୍ୱାନର ସାମ୍ନା କରିବାକୁ ପଡୁଛି?**

ଉ- ଅନ୍ୟ ବ୍ୟବସାୟ ଭଳି ଦୁଇଚକିଆ ଯାନ ଶିଳ୍ପ ମଧ୍ୟ ବିଭିନ୍ନ ଆହ୍ୱାନର ସାମ୍ନା କରିଥାଏ। ଇନ୍ଧନ ଦର କମ୍ ବେଶି ହେବା, ସରକାରୀ ନିୟମକୁ କାର୍ଯ୍ୟକାରୀ କରିବା ଭଳି ବିଭିନ୍ନ ସମସ୍ୟାର ମୁକାବିଲା କରିବାକୁ ପଡ଼ିଥାଏ। ସେହିପରି ବିକ୍ରୟ ପରେ ଗ୍ରାହକଙ୍କୁ ଲଗାତର ସେବା ପ୍ରଦାନ ସହ ସେମାନଙ୍କ ସନ୍ତୋଷ ଗୁରୁତ୍ୱପୂର୍ଣ୍ଣ। ଗ୍ରାମୀଣ ବଜାର ଅନେକ ସମୟରେ ଆର୍ଥିକ ଆହ୍ୱାନର ସାମ୍ନା କରିଥାଏ, ଯାହାକି ବ୍ୟବସାୟକୁ ପ୍ରଭାବିତ କରିଥାଏ।

**ପ୍ର- ବୈଦ୍ୟୁତିକ ଯାନ(ଇଭି) ପରିବହନ କ୍ଷେତ୍ରରେ ସ୍ଥାୟିତ୍ୱ ହାସଲ କରିବ ବୋଲି ଭାବୁଛନ୍ତି କି?**

ଉ- ଇନ୍ଧନ ଦରରେ ଲଗାତର ବୃଦ୍ଧି ଏବଂ ପରିବେଶ ସୁରକ୍ଷାକୁ ବିଚାରକୁ ନେଲେ ଇଭି ଭବିଷ୍ୟତରେ ପରିବହନ କ୍ଷେତ୍ରରେ ସ୍ଥାୟିତ୍ୱ ହାସଲ କରିବ, ଏଥିରେ ସନ୍ଦେହ ନାହିଁ। ହୋଣ୍ଡା ଏକ ଜଣାଶୁଣା ବ୍ରାଣ୍ଡ ହୋଇଥିବାବେଳେ ଏହା ମଧ୍ୟ ଇଭି ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ମାତ୍ର ଲୋକମାନେ ଇଭି ଗ୍ରହଣ କରିବା ପାଇଁ ଚାର୍ଜିଂ ଷ୍ଟେଶନ, ବ୍ୟାଟେରି ଟେକ୍ନୋଲୋଜିର ଉନ୍ନତୀକରଣ ସହ ସରକାରୀ ପ୍ରୋତ୍ସାହନ ଭଳି କାରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସହରାଞ୍ଚଳରେ ଇଭି ବିକ୍ରି ଦ୍ରୁତ ଭାବେ ବଢ଼ିଚାଲିଥିବାବେଳେ ଗ୍ରାମାଞ୍ଚଳରେ ଏହାର ଚାହିଦା ବୃଦ୍ଧି ପାଇଁ ସମୟ ଲାଗିବ।

**ପ୍ର- ଗ୍ରାହକ ସନ୍ତୁଷ୍ଟୀକରଣକୁ କେତେ ଗୁରୁତ୍ୱ ରଖେ?**

ଉ- ଗ୍ରାହକ ସନ୍ତୁଷ୍ଟୀକରଣ ଆମ ବ୍ୟବସାୟର ମେରୁଦଣ୍ଡ। ଜଣେ ସନ୍ତୁଷ୍ଟ ଗ୍ରାହକ ଯେ କେବଳ ଆମ ପାଖକୁ ଲେଉଟିଥାଏ ତାହା ନୁହେଁ, ବରଂ ବ୍ରାଣ୍ଡ ଆମ୍ବାସାଡର ପାଲଟି ଯାଇଥାଏ। କାରଣ ସେ ତାଙ୍କ କଥାରେ ନୂଆ ଗ୍ରାହକ ସୃଷ୍ଟି କରିଥାନ୍ତି। ବ୍ୟବସାୟରେ ସ୍ୱଚ୍ଛତା, ନିର୍ଦ୍ଧାରିତ ସମୟରେ ସେବା ପ୍ରଦାନ, ବାଧାହୀନ କ୍ରୟ ଅନୁଭୂତି କାରଣରୁ ଆମେ ଏକ ସୁଦୃଢ଼ ଗ୍ରାହକ ବେସ୍ ପ୍ରସ୍ତୁତ କରିପାରିଛୁ।

**ପ୍ର- ଜଣେ ସଫଳ ଉଦ୍ୟୋଗୀ ଭାବେ ଆପଣଙ୍କ ଯାତ୍ରା କିପରି ରହିଛି?**

ଉ- ଦୀର୍ଘବର୍ଷ ମଧ୍ୟରେ ଅଟୋମୋବାଇଲ କ୍ଷେତ୍ରରେ ବିପ୍ଳବ ସହ ଜ୍ଞାନକୌଶଳରେ ଉନ୍ନତୀକରଣ, ଗ୍ରାହକଙ୍କ ରୁଚି ଓ ଆଶାରେ ଖୁବ୍ ପରିବର୍ତ୍ତନ ହୋଇଛି। ଦେଶରେ ୧୩ ଗୋଲ୍ଡ ଡିଲର ମଧ୍ୟରୁ ଗୋଟିଏ ଏବଂ ଓଡ଼ିଶାର ଏକମାତ୍ର ଗୋଲ୍ଡ ଡିଲର ହେବା ନିଶ୍ଚିତ ଭାବେ ଆମର ନିଷ୍ଠା ଓ କଠିନ ପରିଶ୍ରମକୁ ଦର୍ଶାଉଛି। ନୂଆ କରି କେହି ଏକ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ, ସବୁବେଳେ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ପ୍ରତିବଦ୍ଧ ହେବା ଦରକାର। ଏହା ସହ ବଦଳୁଥିବା ଟ୍ରେଣ୍ଡକୁ ଗ୍ରହଣ କରିବା ଆବଶ୍ୟକ। ଅଟୋମୋବାଇଲ ବ୍ୟବସାୟ କେବଳ ଯାନ ବିକ୍ରି ନୁହେଁ, ବରଂ ପରସ୍ପର ସହ ବିଶ୍ୱାସର ସମ୍ପର୍କ ଗଢ଼ିବାର ପ୍ରକ୍ରିୟା। ଗ୍ରାହକଙ୍କ ସନ୍ତୁଷ୍ଟୀକରଣକୁ ଧ୍ୟାନରେ ରଖିଲେ ସଫଳତା ଆପେ ଆସି ପହଞ୍ଚିବ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଉପଭୋକ୍ତା ସଚେତନତା ଅଭିଯାନ

**ନୂଆଦିଲ୍ଲୀ,୨୩।୩**

ପିଡିଲାଇଟ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ଅଗ୍ରଣୀ ୱାଟରପ୍ରୁଫିଙ୍ଗ ସଲ୍ୟୁଶନ୍ସ ବ୍ରାଣ୍ଡ୍ ଡକ୍ଟର ଫିକ୍ସିଟ ଘରର ନିର୍ମାଣ ପର୍ଯ୍ୟାୟଠାରୁ ଆରମ୍ଭ କରି ବିଦ୍ୟମାନ କ୍ଷତିଗୁଡିକର ପ୍ରତିକାର ପର୍ଯ୍ୟନ୍ତ ୱାଟରପ୍ରୁଫିଙ୍ଗର ମହତ୍ତ୍ୱ ସମ୍ପର୍କରେ ଉପଭୋକ୍ତା ସଚେତନତା ଅଭିଯାନ ବିସ୍ତାର କରିବା ପାଇଁ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏହି ଅଭିଯାନର ଅଂଶ ଭାବେ ଡକ୍ଟର ଫିକ୍ସିଟ ଏକ ବିଶାଳ ସଚେତନତା ଅଭିଯାନର ଶୁଭାରମ୍ଭ କରିଛି, ଯେଉଁଥିରେ ବଲିଉଡ ଅଭିନେତା ଅମିତାଭ ବଚ୍ଚନ ନିଜର ସିଗ୍ନେଚର ଷ୍ଟାଇଲରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ ଘର ମାଲିକମାନଙ୍କୁ ଏକ ନିୟୋଜିତ ଶୈଳୀରେ ସଚେତନ କରିବା ପାଇଁ ମନୋରଞ୍ଜନକୁ ଉପଯୋଗ କରିଛି। ଏଥିରେ ଏକ ସ୍ମରଣୀୟ ଟିଭିସି ଓ ଏକ ପ୍ରାସଙ୍ଗିକ ଷ୍ଟୋରି ଟେଲିଂ ରହିଛି, ଯାହା ଆଡ୍‌ଭାନ୍ସଡ ୱାଟରପ୍ରୁଫିଙ୍ଗ ସଲ୍ୟୁଶନର ଆବଶ୍ୟକତା ଉପରେ ଆଲୋକପାତ କରୁଛି। ଏ ସମ୍ପର୍କରେ ପିଡିଲାଇଟ ଇଣ୍ଡଷ୍ଟ୍ରିଜ ଲିମିଟେଡ (କନ୍‌ଷ୍ଟ୍ରକ୍ସନ,କେମିକାଲ ବିଭାଗ)ର ସିବିଓ ସଲିଲ ଦଲାଲ କହିଛନ୍ତି, ୱାଟରପ୍ରୁଫିଙ୍ଗ ହେଉଛି ଘର ନିର୍ମାଣର ଏକ ଜରୁରୀ ତଥାପି ଅବହେଳିତ ଦିଗ। ଏହି ଅଭିଯାନ ସହିତ ଆମର ଲକ୍ଷ୍ୟ ହେଉଛି ଘର ମାଲିକମାନେ ଠିକ୍ ପର୍ଯ୍ୟାୟରେ ଏହାର ମହତ୍ତ୍ୱକୁ ଚିହ୍ନଟ କରିବା ସୁନିଶ୍ଚିତ କରିବା।

# ବେଦାର୍ଥ ପ୍ଲାଟଫର୍ମର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୩।୩:** ବନ୍ଧନ ଏଏମ୍‌ସିର ନୂଆ ବୈକଳ୍ପିକ ନିବେଶ ପ୍ଲାଟଫର୍ମ 'ବେଦାର୍ଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ପ୍ଲାଟଫର୍ମ ବନ୍ଧନ ଏଏମ୍‌ସିର ଅଲ୍ଟରନେଟିଭ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ଏଆଇଏଫ୍) ସମେତ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ସର୍ଭିସେସ (ପିଏମ୍‌ଏସ୍) ଅଧୀନରେ ତାଲିକାଭୁକ୍ତ ଇକ୍ୱିଟି ଓ ଫିକ୍ସଡ-ଇନ୍‌କମ ସଲ୍ୟୁଶନର ବ୍ୟବହାର କରୁଥିବା ଉତ୍ପାଦ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ବେଦାର୍ଥ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଏକ ନିର୍ଦ୍ଦିଷ୍ଟ ଗ୍ରାହକ ଆଧାରଙ୍କ ଚାହିଦା ପୂରଣ କରିବାର ଏକ ଲକ୍ଷ୍ୟରୁ ଜନ୍ମ ହୋଇଥିଲା। ବେଦାର୍ଥ ସଂସ୍କୃତ ଶବ୍ଦ ବେଦରୁ ଏହାର ମହତ୍ତ୍ୱ ବା ଗୁଣକୁ ଧାରଣ କରିଛି, ଜ୍ଞାନ ଓ ଅର୍ଥ ମାଧ୍ୟମରେ ବିଜ୍ଞତାର କାଳଜୟୀ ଅନୁସନ୍ଧାନକୁ ନୂଆ ରୂପ ଦେଇଛି, ଉଦ୍ଦେଶ୍ୟମୂଳକ ସମ୍ପତ୍ତି ସୃଷ୍ଟି ମାଧ୍ୟମରେ ସମୃଦ୍ଧତାକୁ ସୂଚିତ କରୁଛି।

# ୨୭ରୁ କଟକ ବୈଶାଖୀ ବାଣିଜ୍ୟ ମେଳା

**କଟକ,୨୩।୩(କାର୍ତ୍ତିକ ସାହୁ)**


ଖବରଦାତା ସମ୍ମିଳନୀରେ ସମିତିର ଅଧ୍ୟକ୍ଷ ମଧୁସୂଦନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

୨୧ତମ କଟକ-ବୈଶାଖୀ ବାଣିଜ୍ୟ ମେଳା ୨୦୨୫ ମାର୍ଚ୍ଚ ୨୭ରୁ ଏପ୍ରିଲ ୬ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ଦେଶବିଦେଶରୁ ବହୁ ବାଣିଜ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ୨୨ଟି ରାଜ୍ୟର ବ୍ୟବସାୟୀ ଯୋଗଦେବେ। ଚଳିତବର୍ଷ ଏହି ମେଳାରେ ୬୩୫ଟି ଷ୍ଟଲ୍ ଖୋଲିବାକୁ ଯୋଜନା ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ରାଜ୍ୟ ଭାରପ୍ରାପ୍ତ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ ଚଳିତବର୍ଷ ରୁଚି ବୈଶାଖୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ବାରବାଟୀ ଗେଷ୍ଟହାଉସ୍‌ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି।

ସୂଚନାନୁସାରେ, ବାଣିଜ୍ୟ ମେଳାରେ ଆଫଗାନିସ୍ଥାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ସହିତ ଶୁଖିଲା ଖାଦ୍ୟସାମଗ୍ରୀ ସ୍ଥାନ ପାଇବ। ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜମ୍ମୁ-କଶ୍ମୀର ରାଜ୍ୟର ବ୍ୟବସାୟୀ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ବିକ୍ରି କରିବେ। ଓଡ଼ିଶାର ବିଭିନ୍ନ ଜିଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ପ୍ରତିଷ୍ଠିତ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ରୁଚି ଫୁଡ୍‌ଲାଇନ୍ ମେଳାର ମୁଖ୍ୟ ପ୍ରାୟୋଜକ ଏବଂ ମଲବେରି ସହପ୍ରାୟୋଜକ ରହିଛି। ଏହି ଅବସରରେ ରୁଚି ଉଦ୍ୟୋଗ ପକ୍ଷରୁ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ରଖାଯାଇଛି ଏବଂ ରୁଚି-ଫ୍ରୋଜିଟ୍ ପକ୍ଷରୁ ମେଳା ପରିସରରେ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ନେଇ ରୁଚି ଖାଦ୍ୟ ମଣ୍ଡପ ଖୋଲିବ। ମେଳା ବୁଲିବା ପାଇଁ ଆସିବାକୁଥିବା ଜନସାଧାରଣଙ୍କ ନିମନ୍ତେ ସ୍ୱତନ୍ତ୍ର ଫୁଡ୍‌କୋର୍ଟ ଷ୍ଟଲ୍ ରଖାଯାଇଛି। ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ବ୍ୟବସ୍ଥା କରାଯାଇଛି। କଟକ ବୈଶାଖୀ ବାଣିଜ୍ୟ ମେଳା ପରିସରସ୍ଥ ମଞ୍ଚରେ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। କଟକ ଜିଲା ପ୍ରଶାସନ, କମିଶନରେଟ୍ ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ(ସିଏମ୍‌ସି), ୱାଟ୍‌କୋ ସହଯୋଗରେ ଏହି ମେଳା ଆୟୋଜନ କରାଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ରୁଚିର ଲୋକସମ୍ପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ବୈଶାଖୀ ବାଣିଜ୍ୟ ମେଳା ଆୟୋଜନ ସମିତିର ଅଧ୍ୟକ୍ଷ ମଧୁସୂଦନ ସାହୁ, ପୃଷ୍ଠପୋଷକ ଡ. ରଞ୍ଜନ କୁମାର ବିଶ୍ୱାଳ, ମେଳାର ସଂଯୋଜକ ଦେବୀପ୍ରସାଦ ଦାଶ, ସଞ୍ଜୀବ ବେହେରା, କୋଷାଧ୍ୟକ୍ଷ ଦିଲୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।


## Classified Everyday
0674-2580101, 9692975378


AUTOMOBILE
SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339


REAL ESTATE
SALE

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

ଗଙ୍ଗପଡ଼ା **Gift** କଲେଜ **Backside**ରେ **NH. 16** ରୁ **100 mtr** ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- **7978676652, 9439087845.** D-76249

**Duplex sale with gated society near AIIMS Hospital, Bhubaneswar. 9777433701.** D-76248




**Relax, Refresh your body, mind at Saikrupa Spa with best therapies. 7848011468.** D-3288

Newly open Jyoti SPA positively health benefits (Expert therapist). 8458067955. D-76904

Full body massage by Odia therapist in homely atmosphere. 9556498382. D-75366

**Newly opened spa in puri. Professional body massage available. 9861984834.** D-3394

### LOST

ମୁଁ ଅଦିତି ପଧାନ (୨୮), ପିତା- ନରେନ୍ଦ୍ର ପଧାନ, ଘର/ ଥାନା- ଲୋଇସିଂହା, ଜିଲ୍ଲା- ବଲାଙ୍ଗିର, ଗତ ୨୦୨୪ ମେ ୨୬ ତାରିଖରେ ଟ୍ରେନ ନଂ.- ୨୦୮୩୨ରେ ସମ୍ବଲପୁରରୁ ସନ୍ତ୍ରାଗାଛି ଯାଉଥିବାବେଳେ ଟ୍ରେନ୍‌ରୁ ମୋର ଶିକ୍ଷାଗତ ପ୍ରମାଣପତ୍ର ଥିବା ମେରୁନ ରଙ୍ଗର ଟ୍ରଲି ଚୋରି ହୋଇଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ପ୍ରମାଣପତ୍ର ପାଆନ୍ତି ତେବେ ମୋବାଇଲ ନମ୍ବର ୭୦୦୮୯୩୯୬୨୬ କିମ୍ବା ୭୦୦୮୯୩୮୧୬୦ରେ ଯୋଗାଯୋଗ କରିବାକୁ ଅନୁରୋଧ। D-3393

### AFFIDAVIT

By virtue of an affidavit No.-4034, dt-20.03.2025 before Executive Magistrate, Cuttack, I, Chinmayee Jena, W/o- Dibya Sankar Jena, At- Rajendra Nagar, P.O./ P.S.- Madhupatana, Cuttack, states that I have changed my name Chinmayee Rout to Chinmayee jena. Chinmayee Rout and Chinmayee Jena is one and same person. Henceforth, I shall be known as Chinmayee Jena for Bank, Educational Certificate & all purposes. D-3395

## ମନେ ପଡ଼ନ୍ତି

**୨୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ**
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ:୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୨୩୧

**ଏକାଦଶାହ ଉପଲକ୍ଷେ**
ତା୨୪।୦୩।୨୦୨୫ରିଖ



**ଓଁଚିନ୍ତାମଣି ମହାନ୍ତି**
ସ୍ତ୍ରୀ- ସ୍ୱର୍ଗୀୟା ଶକୁନ୍ତଳା ମହାନ୍ତି
ଗ୍ରାମ- ଦେବଗ୍ରାମ, ବାଲିକୁଦା, ଜିଲ୍ଲା-ଜଗତସିଂହପୁର
ଆବିର୍ଭାବ: ୧୪।୦୮।୧୯୩୬
ତିରୋଧାନ: ୧୪।୦୩।୨୦୨୫
ବାପା, ଆମ୍ଭମାନଙ୍କୁ ଶୋକ ସାଗରରେ ଭସେଇ ଦେଇ ଇହଲୀଳା ସମ୍ବରଣ କଲ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରିବା ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:-ଚିତ୍ତରଞ୍ଜନ(ବୁଲୁ), ମନୋରଞ୍ଜନ (ଫେଲୁ), ଶକ୍ତିରଞ୍ଜନ (ଡୁଲୁ), ବୋହୂ, ନାତି, ନାତୁଣୀ ଓ ନାତୁଣୀଜ୍ୱାଇଁ
ଧ-୩୩୯୨

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୩ (ଅଭୟ ଦାଶ)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଚଳିତ ଗ୍ରୀଷ୍ମଋତୁରେ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ଗୁରୁତ୍ୱ ଦିଆଯାଉଛି। ଏପରିକି ତାପମାତ୍ରା ବୃଦ୍ଧି ପାଉଥିବାରୁ ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରଣ କରିବାକୁ ଟିପିସିଓଡିଏଲ୍ ପ୍ରସ୍ତୁତ ରହିଛି। ସେହିଭଳି ୨୫୨୪ ମେଗାୱାଟ୍‌ର ସର୍ବୋଚ୍ଚ ଚାହିଦା ସହିତ ଟିପିସିଓଡିଏଲ୍ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ବଣ୍ଟନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରଠାରେ ଏକ କେନ୍ଦ୍ରୀଭୂତ ବିଦ୍ୟୁତ ବିତରଣ ପ୍ରଯୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଉନ୍ନତ ସୁବିଧା ସୁପରଭାଇଜରି କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିଶନ (ଏସ୍‌ସିଏଡିଏ) ଏବଂ ଏକ ଉନ୍ନତ ବିତରଣ ପରିଚାଳନା ବ୍ୟବସ୍ଥା (ଏଡିଏମ୍‌ଏସ୍) ମାଧ୍ୟମରେ ନେଟୱର୍କର ବାସ୍ତବ ସମୟ ନିରୀକ୍ଷଣକୁ ସକ୍ଷମ କରୁଛି, ଯାହା ୩୩ କେଭି ଫିଡର, ପ୍ରାଥମିକ ସବ୍‌ଷ୍ଟେଶନ (ପିଏସ୍‌ଏସ୍) ଏବଂ ୧୧ କେଭି ଫିଡରର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରୁଛି। ସେହିପରି ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର



(ପିଏସ୍‌ସିସି)ରେ ବ୍ୟାକଅପ୍ ପାୱାର ବ୍ୟବସ୍ଥା ଏବଂ ଉତ୍ସର୍ଗୀକୃତ ଯୋଗାଯୋଗ ଚ୍ୟାନେଲଗୁଡିକ ପରିଚାଳନାଗତ ନିରନ୍ତରତାକୁ ଆହୁରି ସୁଦୃଢ଼ କରିପାରିଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଚଳିତ ଗ୍ରୀଷ୍ମ ଋତୁରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳ, ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଭଲ ଭାବେ ପ୍ରସ୍ତୁତ କର୍ମଚାରୀଙ୍କ ସହାୟତାରେ ଟିପିସିଓଡିଏଲ୍ ଗ୍ରାହକଙ୍କ ପାଇଁ ସେବାର ଗୁଣବତ୍ତା ଏବଂ ନିରାପତ୍ତା ବୃଦ୍ଧି କରିବା ସହିତ ବଢୁଥିବା ବିଦ୍ୟୁତ ଚାହିଦାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହିସବୁ ଦୃଢ଼ ପଦକ୍ଷେପ ସହିତ ଟିପିସିଓଡିଏଲ୍ ସେବା ଯୋଗାଉଥିବା ଅଞ୍ଚଳରେ ନିରବଚ୍ଛିନ୍ନ, ସୁରକ୍ଷିତ ବିଦ୍ୟୁତ ଯୋଗାଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।

# ବିସ୍ଥାପିତଙ୍କ ପାଇଁ ଦରଦ ନାହିଁ

- ମିଳୁନି ମୌଳିକ ସୁବିଧା
- ପୁନର୍ବାସ କଲୋନୀରେ ସ୍କୁଲ ନାହିଁ, ପୋଖରୀ ନାହିଁ
- ଜିଲାପାଳଙ୍କୁ ଭେଟିଲେ ଗଡ଼ଶଙ୍କର ଡୁଙ୍ଗୁରିପାଲିର ବିସ୍ଥାପିତ

**ବଲାଙ୍ଗୀର, ୨୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଭିଟାମାଟି ଛାଡିଥିବା ଲୋୟର ସୁକ୍ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ବିସ୍ଥାପିତମାନେ ଏବେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ କଷ୍ଟକର ଜୀବନ ଅତିବାହିତ କରୁଥିବା ଅଭିଯୋଗ କରିଛନ୍ତି। ଏହି ଗାଁର ବିସ୍ଥାପିତଙ୍କ ଏକ ପ୍ରତିନିଧି ଦଳ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ୧୩ ଦଫା ଦାବିପତ୍ର ଦେଇ ନିଜ ସମସ୍ୟା ଜଣାଇଛନ୍ତି। ଝାଙ୍କରପାଲି ଗାଁ ଏବଂ ଗେଡାବାଞ୍ଜି ଗାଁ ନିକଟରେ ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ବିସ୍ଥାପିତମାନେ ରହୁଛନ୍ତି। ପ୍ରାୟ ଦୁଇବର୍ଷ ହେବ ସେମାନେ ଏଠାରେ ରହୁଥିଲେ ମଧ୍ୟ ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ମୌଳିକ ସୁବିଧା ଉପଲବ୍ଧ କରାଯାଇନାହିଁ। ଗଡଶଙ୍କର ଡୁଙ୍ଗୁରିପାଲି ପୁନର୍ବାସ ଏବଂ ଥଇଥାନ କଲୋନୀରେ ଏପର୍ଯ୍ୟନ୍ତ ସ୍କୁଲ ଖୋଲାଯାଇନାହିଁ। ଫଳରେ ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେଜଣ ଅଭିଭାବକ ତାଙ୍କ ପିଲାଙ୍କୁ ଝାଙ୍କରପାଲି କି ହର୍ଡାଟାଲ ସ୍କୁଲକୁ ନେଇ ଛାଡୁଛନ୍ତି। କୌଣସି କାରଣବଶତଃ ସ୍କୁଲକୁ ନେଇ ନ ପାରିଲେ ପାଠପଢ଼ା ବନ୍ଦ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ବନ୍ଧ କି ପୋଖରୀ କିଛି ଖୋଲା ହୋଇନାହିଁ। ନିକଟସ୍ଥ ଏକ ନାଳାରେ ଚେକ ଡ୍ୟାମ୍ ତିଆରି କରାଯାଇଥିଲା। ମାତ୍ର ସେଠାରେ ପାଣି ନାହିଁ। ପ୍ରାୟ ଦୁଇବର୍ଷ ହେବ ଟ୍ୟାଙ୍କରରେ ପିଇବା ପାଣି ଦିଆଯାଉଛି। ସେଠାରେ ପିଇବା ପାଣିର ସୁବ୍ୟବସ୍ଥା କରାଯାଉ ନାହିଁ କି ଚିକିତ୍ସାଳୟ ନାହିଁ। ଫଳରେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ଅଙ୍ଗନୱାଡି ସେଣ୍ଟର ରହିଛି। ମାତ୍ର ସ୍ଥାନୀୟ କୌଣସି ମହିଳାଙ୍କୁ ଅଙ୍ଗନୱାଡି କର୍ମୀ କରାଯାଇନଥିବାରୁ ସମସ୍ୟା ହେଉଥିବା କହିଛନ୍ତି। ଦୁଇବର୍ଷ ହେବ ଶ୍ରୀଜଗନ୍ନାଥ ମନ୍ଦିର ତିଆରି ହୋଇ ନ ଥିବାରୁ ଠାକୁର ମଧ୍ୟ ଅସ୍ଥାୟୀ ଘରେ ପୂଜା ପାଉଛନ୍ତି। ଏହାସହିତ ଗ୍ରାମଦେବୀ କନ୍ଧେନବୁଢ଼ୀ ଓ ବରଘଟିଏନ୍ ଦେବୀଙ୍କ ପାଇଁ ବି ମନ୍ଦିର ନାହିଁ। ୨୦୦୫ ମସିହାରେ ଜନ୍ମ ଗ୍ରହଣ କରିଥିବା ୧୨ ଜଣ ପୁଅଝିଅଙ୍କୁ ଥଇଥାନ ରାଶି ମିଳିନାହିଁ। ଅନେକ ଲୋକଙ୍କୁ ଘର, ଜମି, ଗଛ, କୂଅ ଓ ପୋଖରୀ ଟଙ୍କା ମିଳିନାହିଁ। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଏହାସହିତ ଏହି ସ୍ଥାନର ନାଁକୁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁ ଭାବେ ନାମିତ କରାଯିବାକୁ ଦାବି କରିଛନ୍ତି। ତୁରନ୍ତ ସେଠାରେ ସ୍କୁଲ, ଅମୃତ ସରୋବର ବନ୍ଧ, ଡାକ୍ତରଖାନା ଖୋଲିବାକୁ ଦାବି କରିଛନ୍ତି। ଏହାସହିତ ଗାଁରେ ହାଇମାସ୍କ ଲାଇଟ୍ ବ୍ୟବସ୍ଥା କରାଯିବା, ସମସ୍ତ ବିସ୍ଥାପିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବା, ପୋଲିସ ଥାନା ପ୍ରତିଷ୍ଠା କରିବା, ମାର୍କେଟ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିୟମିତ ବ୍ୟବଧାନରେ ଜିଲାସ୍ତରୀୟ ଏବଂ ଆରଡିସିସ୍ତରୀୟ ବୈଠକ କରାଯିବାକୁ ସେମାନେ ଦାବି କରିଛନ୍ତି। ଗାଁର ମୀନକେତନ ଚାନ୍ଦ, ବିନାୟକ ସାହୁ, ଗଜରାଜ ପଧାନ, ଭିକି ପଧାନ, ରିଙ୍କୁ ବିଶ୍ୱାଳ ଓ ଅନ୍ୟମାନେ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ସହ ଉପରୋକ୍ତ ବିଷୟରେ ଆଲୋଚନା କରିଥିବା କହିଛନ୍ତି।


ଗଡଶଙ୍କର ଡୁଙ୍ଗୁରିପାଲିର ବିସ୍ଥାପିତ କଲୋନୀରେ ଅସ୍ଥାୟୀ ଜଗନ୍ନାଥ ମନ୍ଦିର ।

## ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା


ଲାଠୋର ଅଗ୍ରସେନ ଭବନରେ ଫୁଡ ସେଫ୍ଟି କ୍ୟାମ୍ପ ଚାଲିଛି ।

**ଲାଠୋର, ୨୩।୩ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଗ୍ରାମର ଅଗ୍ରସେନ ଭବନଠାରେ ଶନିବାର ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା ଓ ଲାଇସେନ୍ସ କ୍ୟାମ୍ପ ଫୁଡ ସେଫ୍ଟି ଅଫିସର ବିଶ୍ୱଜିତ ସିଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ସ୍ଥାନୀୟ ରାଇଟ ଟୁ ଫାଇଟ ଅନୁଷ୍ଠାନ ସଭାପତି ସୁଶିଲ ଅଗ୍ରୱାଲ, ପ୍ରକାଶ ଚନ୍ଦ୍ର ବେହେରା ତଥା ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ଲାଠୋର ଗ୍ରାମର ହୋଟେଲ, କିରାନା ଦୋକାନୀ, ବୁଲା ଖାଦ୍ୟ ବିକାଳି, ଡେଲି ନିଡ୍ସ ଦୋକାନ, ଠେଲା ବାଲାମାନଙ୍କ ସହ ମୋଟ ୩୬ ଜଣ ପଞ୍ଜୀକରଣ କରିଥିବା ଜଣାପଡିଛି। ଲାଠୋର ଗ୍ରାମରେ ପାଖାପାଖି ୨୦୦ଟି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ତଥା ପାନୀୟ ଜଳ ବିକ୍ରୟ କରୁଥିବା ଦୋକାନ ରହିଥିବା ବେଳେ ସଚେତନତା ଅଭାବରୁ ଅନ୍ୟମାନେ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଅନ୍ୟପଟେ ଦୋକାନଗୁଡିକରେ ପ୍ରସ୍ତୁତ ଖାଦ୍ୟଗୁଡ଼ିକର ମାନ, ସେଠିକାର ପରିବେଶ, ସଫାସୁତୁରା, ଷ୍ଟୋରେଜ ବ୍ୟବସ୍ଥା, ସ୍ୱାସ୍ଥ୍ୟକର ଅବସ୍ଥା ନ ଦେଖି ବିନା ତଦାରଖରେ ପଞ୍ଜୀକରଣ ଓ ଲାଇସେନ୍ସ କେମିତି ଦିଆଯାଉଛି ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏନେଇ ଫୁଡ ସେଫ୍ଟି ଅଫିସର ସିଙ୍ଗଙ୍କୁ ପଚାରିବାରେ କହିଥିଲେ, ଦୁଇଟି ଉପଖଣ୍ଡ ଦାୟିତ୍ୱରେ ଥିବା ହେତୁ ଏସବୁ ତଦାରଖ କରିବା ସମ୍ଭବ ହେଉନାହିଁ। ଆଗାମୀ ଦିନରେ ଦୋକାନର ସ୍ୱାସ୍ଥ୍ୟକର ବ୍ୟବସ୍ଥା ଉପରେ ତଦାରଖ କରାଯିବ ବୋଲି ସେ କହିଥିଲେ।

## ଫରେଷ୍ଟର ସୁମିତାଭ ପୁରସ୍କୃତ

**ଟିଟିଲାଗଡ଼, ୨୩।୩(ସନ୍ତୋଷ ପଟ୍ଟନାୟକ)**

ବିଶ୍ୱ ବନ ଦିବସ ଅବସରରେ ଭୁବନେଶ୍ୱରସ୍ଥ ଲୋକସେବା ଭବନଠାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁତଲା କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଟିଟିଲାଗଡ଼ ସେକ୍ସନର ଫରେଷ୍ଟର ସୁମିତାଭ ତ୍ରିପାଠୀଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସୁମିତାଭ ବେଲଗାଁ ନିବାସୀ ସମାଜସେବୀ ବିଶ୍ୱନାଥ ତ୍ରିପାଠୀ ଏବଂ ଆଇସିଡିଏସ ସୁପରଭାଇଜର ପ୍ରଭାତୀ ତ୍ରିପାଠୀଙ୍କ କନ୍ୟା । ପୁରସ୍କୃତ ହେବା ପରେ ସୁମିତାଭଙ୍କୁ ସ୍ଥାନୀୟ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ନିକଟ ପରିଜନଙ୍କଠାରୁ ଶୁଭେଚ୍ଛାର ସୁଅ ଛୁଟିଛି । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସଇଁତଲା ବ୍ଲକ ଅଧ୍ୟକ୍ଷା ମୋନିକା ସିଂଭୋଇ, ଉପାଧ୍ୟକ୍ଷ ଗୁଣସାଗର ମାଝୀ ମଧ୍ୟ ଏନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଝାଙ୍କ୍ରିପାଲି ନବଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ବଡ଼ଗୁର୍ଜିଭଟା ଚାମ୍ପିୟନ

**ଖପ୍ରାଖୋଲ, ୨୩।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାଙ୍କ୍ରିପାଲିଠାରେ ଚାଲିଥିବା ନବଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବଡଗୁର୍ଜିଭଟା ଓ ସର୍ଗିପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡଗୁର୍ଜିଭଟା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସର୍ଗିପାଲି ଦଳ ୧୦ ଓଭର ରେ ୭ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଯାହା ଫଳରେ ବଡଗୁର୍ଜିଭଟା ଦଳ ୨୩ ରନରେ ବିଜୟୀ ହୋଇ ପଞ୍ଚମ ନବଜ୍ୟୋତି କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଶଙ୍ଖଧର ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଘୁନସର ସରପଞ୍ଚ ଅନୁସୟା ସାହୁ, ସମ୍ମାନିତ ଅତିଥି ଭାବେ ଅନାଦି ବାଗ, ବିଳାସ ତାଣ୍ଡି, ତପସିନୀ ସାହୁ, ଜଳଧର ତାଣ୍ଡି, ଜ୍ୟୋତିଷ ଚନ୍ଦ୍ର ସାହୁ, ମୁକ୍ତା ମାଝି, ରବି ଗଡତ୍ୟା ଯୋଗ ଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨ହଜାର ଟଙ୍କା ଏବଂ ରନର ଅପ୍ ଦଳକୁ ଟ୍ରଫି ସହିତ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ରାଜିନ୍ଦ୍ର ବେହେରା ଓ କୁଶଦେବ ଗଡତ୍ୟା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପ୍ରଶାନ୍ତ କୁମାର ବରିହା ଦାୟିତ୍ୱ ତୁଲାଇଥିଲେ। ଶଙ୍ଖଧର ମାଝୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଜ୍ୟୋତି କ୍ରିକେଟ କ୍ଲବର ଅଧିନାୟକ ରିଙ୍କୁ ନନ୍ଦ, ନିରାକାର, ବିଶିକେଶନ, ଫକିର, କୈଳାଶ, ସୁଶୀଲଙ୍କ ସହିତ ଝାଙ୍କ୍ରିପାଲି ଗ୍ରାମର ନାରୀଶକ୍ତି ସ୍ୱୟଂ ସହାୟିକା ଦଳର ସଦସ୍ୟାମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## କୁଡୁର୍ଲା କଲେଜରେ ଏକକ ପ୍ଲାଷ୍ଟିକମୁକ୍ତ ଅଭିଯାନ



କୁଡୁର୍ଲା କଲେଜରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ, ୨୩।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଡୁର୍ଲା ଧ୍ରୁବାନନ୍ଦ କଲେଜରେ ଏକକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କଲେଜର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ କୁଡୁର୍ଲା ଓ ମୁରସିଂ ଗାଁ ପରିକ୍ରମା କରି ପ୍ଲାଷ୍ଟିକ, ଜରି ଆଦି ବ୍ୟବହାର ନ କରିବା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ। ପରେ କାର୍ଯ୍ୟକ୍ରମ ଅଧିକାରୀ ବିଜୟ ଜାଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡା ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବଳରାମ ପଧାନ, ହେମନ୍ତ ସାହୁ, ଖେଳ ଶିକ୍ଷକ ସରୋଜ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୌରାଙ୍ଗ ବେମାଲ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ପ୍ରହରୀ ମଣ୍ଡପ ପ୍ରତିଷ୍ଠା ଉତ୍ସବ

**ଖପ୍ରାଖୋଲ, ୨୩।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ବେନକେରା ଗାଁଠାରେ ନବନିର୍ମିତ ପ୍ରହରୀ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଓ ଷୋହଳ ପ୍ରହର ନାମ ସଂକୀର୍ତ୍ତନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ପରେ ଶତାଧିକ ମହିଳା କଳସ ଭସାଣି ଉତ୍ସବରେ ସାମିଲ ହୋଇଥିଲେ। କର୍ତ୍ତା ଓ ଶ୍ରଦ୍ଧାଳୁମାନେ କଳସ ନେଇ ନଦୀ ରେ ଭସାଇ ଥିଲେ। ପୂଜା କର୍ତ୍ତା ଭାବେ ସୁନନ୍ଦ ପୁଟେଲ, ଜୟଲକ୍ଷ୍ମୀ ପୁଟେଲ, ସୁବଳ ବରିହା, ସୁବାସିନୀ ବରିହା, ମଙ୍ଗୁଲୁ ପୁଟେଲ, ରଶ୍ମିତା ପୁଟେଲ, ହିମାଂଶୁ ପୁଟେଲ , ଦୁଲାସିନୀ ପୁଟେଲ, ଗୋପାଳ ବରିହା, ପ୍ରମିଳା ବରିହା ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ବୈଦ୍ୟନାଥ ମିଶ୍ର, କମଳାପତି ମିଶ୍ର, ପ୍ରୀତମ ମିଶ୍ର ପ୍ରମୁଖ ନିୟୋଜିତ ହୋଇଥିଲେ।

## ବିଲେଇସର୍ଡା ହାଇସ୍କୁଲରେ ବିଶ୍ୱ ଜଳ ଦିବସ ପାଳିତ

**ଲୋଇସିଂହା, ୨୩।୩(ସୁଶାନ୍ତ ବାରିକ)**

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ପୁଇଁତଲା ବ୍ଲକ ବିଲେଇସର୍ଡା ଜବାହାରଲାଲ ହାଇସ୍କୁଲରେ ସବୁଜିମା ଇକୋ କ୍ଲବ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜଳ ସଂରକ୍ଷଣ ଓ ଜଳ ସମସ୍ୟାର କାରଣ ସଂପର୍କରେ ସଚେତନ କରଯାଇଥିଲା। ଏହି ଅବସରରେ 'ଜଳ ହିଁ ଜୀବନ' ବିଷୟକୁ ନେଇ ଆଲୋଚନାଚକ୍ର ହୋଇଥିଲା । ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରତିଶା ମିଶ୍ର ଚଳିତବର୍ଷର ପ୍ରସଙ୍ଗ 'ହିମବାହ ସଂରକ୍ଷଣ' ଉପରେ ଆଲୋଚନା କରିଥିଲେ। ତାପମାତ୍ରା ବୃଦ୍ଧି ଦ୍ୱାରା ପର୍ବତ ଶିଖରସ୍ଥ ହିମବାହ ତଥା ମେରୁ ଅଞ୍ଚଳର ବରଫ କିପରି ତରଳିବାରେ ଲାଗିଛି ସେ ସମ୍ପର୍କରେ କହିଥିଲେ। ହିମବାହ ଯଦି ଉତ୍ତାପ ପ୍ରଭାବରେ ତ୍ୱରିତ ବେଗରେ ତରଳିଯାଏ, ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ନଦୀଗୁଡିକରେ ଜଳ ଉପଲବ୍ଧ ହେବନାହିଁ। ଏହାଦ୍ୱାରା କେବଳ ମାନବ ସମାଜ ନୁହେଁ, ବହୁ ଜୀବଜନ୍ତୁଙ୍କର ଜଳର ଅଭାବରେ ମୃତ୍ୟୁ ହେବାର ଆଶଙ୍କା ରହିଛି।ଏଣୁ ଜନସମାଜ ବୃକ୍ଷରୋପଣ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ୍ ବୋଲି ସେ କହିଥିଲେ। ବିଜ୍ଞାନ ଶିକ୍ଷକ ପଙ୍କଜ ମେହେର ଜଳର ମହତ୍ତ୍ୱ, ସ୍ୱଚ୍ଛତା ତଥା ଆବଶ୍ୟକତା ସମ୍ପର୍କରେ କହିବା ସହିତ ଏନେଇ ଜନ ସଚେତନତା ସୃଷ୍ଟି କରିବାର ସମୟ ଆସିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଇକୋ କ୍ଲବ ଇନଚାର୍ଜ ରଞ୍ଜିତ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷକ ସଞ୍ଜୀବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।


ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ।

## ଜରାସିଂହା କୃଷିସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା


ଜରାସିଂହା ପାକ୍ସ ପରିସରରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା ।

**ଦେଓଗାଁ, ୨୩।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା କୃଷିସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପାକ୍ସର ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ସମିତି ପରିସରରେ ଅନୁଷ୍ଠିତ ସଭାରେ ସମ୍ପାଦକ ତୀର୍ଥରାଜ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ବୈଠକରେ ୨୦୨୪-୨୫ବର୍ଷର ବଜେଟ ଉପରେ ଆଲୋଚନା କରାଯାଇଥିଲା। ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉତ୍ସବ ପାଳନ, ସମିତିର ଋଣ ପ୍ରଦାନ ଓ ଅସୁଲି, ସମିତିର ସ୍ଥାୟୀଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ତଥା ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଭାରେ ପରିଚାଳନା କମିଟିର ସଭ୍ୟ ତଥା ଚାଷୀ ମାନେ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

**ବଲାଙ୍ଗୀର, ୨୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ରାଜେନ୍ଦ୍ର ଯୁବକ ସଂଘ ପରିଚାଳିତ କନ୍ଧପାଲିପଡାସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଶନିବାର ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ବେହେରାପାଲି କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯାଇଥିଲା। ଏଥିରେ ସ୍ଥାନୀୟ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଶିବିରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ନନ୍ଦକିଶୋର ପାଢ଼ୀ, ଭୀମଭୋଇ ମେଡିକାଲ କଲେଜର ଡ଼ା. ଆଦିତ୍ୟ ଶୁକ୍ଲା, ସତ୍ୟବ୍ରତ ସାହୁ, ମଧୁମିତା ଲେଙ୍କା ଯୋଗ ଦେଇଥିଲେ। ଶିବିରକୁ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଦିବ୍ୟ କିଶୋର ପତି ଓ ଏପିଏମ ରାମାନୁଜ ପଣ୍ଡା ତଦାରଖ କରିଥିଲେ। ଏହି ଶିବିରରେ ୧୨୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି।


ବେହେରାପାଲିଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ।

## ମହାରାଜା ଆର୍‌ଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ସୋନପୁର ବିଏସ୍‌ଏଫ୍ ବିଜୟୀ

**ବଲାଙ୍ଗୀର, ୨୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଫୁଟବଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୋନପୁର ବିଏସ୍‌ଏଫ୍ ଦଳ ଏବଂ ପଦ୍ମପୁର ରାଜବୋଡାସମ୍ବର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ୧-୦ ଗୋଲରେ ପଦ୍ମପୁର ଦଳକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି । ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟ କମିଟି ଏବଂ ଜିଲା କ୍ରୀଡା ସଂସଦ ମିଳିତ ସହଯୋଗରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ସଭାରେ ବିଧାୟକ ସିଂଦେଓ ସ୍ୱର୍ଗତ ମହାରାଜା ଆରଏନ୍ ସିଂଦେଓ ଜଣେ ଜଣାଶୁଣା ଫୁଟବଲ ଖେଳାଳି ଥିଲେ ଏବଂ ବଲାଙ୍ଗୀରରେ କ୍ରୀଡାର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଯାଇଛନ୍ତି ବୋଲି କହିଥିଲେ। ସ୍ୱର୍ଗତ ମହାରାଜାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବଲାଙ୍ଗୀରର କ୍ରୀଡା ଏବଂ ଅନ୍ୟ ସବୁ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିବ ବୋଲି ସେ କହିଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ ମଞ୍ଚାସୀନ ଥିଲେ। ଆଜିର ଖେଳକୁ ଦେବାଶିଷ ବାଗ, ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର ଓ ସଞ୍ଜୀବ ମହାରଣା ପରିଚାଳନା କରିଥିଲେ। କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଜିଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, କାଉନସିଲର ଶମ୍ଭୁ ନାଗ, ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ ଓ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଭୂପେନ୍ଦ୍ର ସିଂ, କାଉନସିଲର ଏବଂ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଜିଲା କ୍ରୀଡା ସଂସଦ କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ସଭାରେ ପୂର୍ବତନ କ୍ରୀଡାବିତ୍ ଭାବଗ୍ରାହୀ ରଥ ଓ ଶୁଭ୍ରାଂଶୁ ଶେଖର ଅମାତଙ୍କୁ ମୁଖ୍ୟଅତିଥି ବିଧାୟକ ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ। ସୋନପୁର ଦଳର ମିଥୁନ ସାହୁଙ୍କୁ ରବିବାର ମ୍ୟାଚ୍‌ର ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ସୋମବାର ସୁନ୍ଦରଗଡ ମୋଟୁ କ୍ଲବ ଓ ବରଗଡ କଦଳୀପାଲି ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ସାଗର ସଙ୍ଗମ ଶତପଥୀ ସୂଚନା ପ୍ରଦାନ କରିଛନ୍ତି।


ବିଧାୟକ କଲିକେଶ ନାରାୟଣ ସିଂଦେଓ ଦୁଇ ପ୍ରବୀଣ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଲେ ଶୁଭଶ୍ରୀ

**କନ୍ଧମାଳ, ୨୩।୩( ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ମକରିଆପଦର ଗ୍ରାମର ସୁଶ୍ରୀ ଶୁଭଶ୍ରୀ ପାତ୍ର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ବିଷୟରେ ଉପାଧିତ୍ତର (ପରାସ୍ନାତକ ଆଚାର୍ଯ୍ୟ)ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ। ସୁବର୍ଣ୍ଣପୁର ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ଛାତ୍ରୀ ଶୁଭଶ୍ରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ମଧ ଯୁକ୍ତ ୩ରେ ସଂସ୍କୃତରେ ଟପ୍ ଟେନ୍ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ ସେ ଦିଲ୍ଲୀରେ ବି.ଏଡ୍ କରୁଛନ୍ତି। ଶୁଭଶ୍ରୀ ଏହାର ସମସ୍ତ ଶ୍ରେୟ ବାପା ପ୍ରମୋଦ କୁମାର ପାତ୍ର ଏବଂ ମା' ସୁଚିତ୍ରା ପାତ୍ରଙ୍କ ତଥା ପରିବାର ବର୍ଗଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଭଲ ଶିକ୍ଷୟିତ୍ରୀ ହେବା ପାଇଁ ସେ ଆଶା ରଖିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କଲା ପରେ ଶୁଭଶ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାରେ ସୁଅ ଛୁଟିଛି।


ସୁଶ୍ରୀ ଶୁଭଶ୍ରୀ ପାତ୍ର।

### ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଦିଏ

#### ବାଘମାରି ସରକାରୀ ସ୍କୁଲର ବାର୍ଷିକଉତ୍ସବ

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଘମାରି ସରକାରୀ ପ୍ରାଇମେରୀ ସ୍କୁଲର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ମାର୍କଣ୍ଡେୟ ମିଶ୍ର ଯୋଗେ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ଯୁଗଳ କିଶୋର ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ନାରାୟଣ ବେହେରା, ଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ଯୋଗଦାନ କରିଥିଲେ। ମଞ୍ଜୁ ଗେଜ ଓ ସୌଦାମିନୀ ପାଉଲେ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୋମନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ନୃତ୍ୟଗୁରୁ ରାକେଶ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ସୂର୍ଯ୍ୟକାନ୍ତି ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଉଲୁଣ୍ଡା ପାକ୍ସର ସ୍ଥାନ ପରିବର୍ତ୍ତନକୁ ବିରୋଧ

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

### ଗଣ୍ଡାବାହଲରେ ପାକ୍ସ କୋଠା, ଗୋଦାମ ଘର ନିର୍ମାଣ ନହେଲେ ଆନ୍ଦୋଳନ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି କଲେଜ ପ୍ରାଙ୍ଗଣରେ ଉଲୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନରେ ଥିବା ଚାଷୀମାନଙ୍କ ପକ୍ଷରୁ ଏକ ଖବରଦତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଚାଷୀମାନେ ସୂଚନା ଦେଇ କହିଛନ୍ତି, ଉଲୁଣ୍ଡା ପାକ୍ସର କାର୍ଯ୍ୟାଳୟ ଦୀର୍ଘଦିନ ଧରି ଭଡାଘରେ ଚାଲି ଆସୁଥିଲା। ନୂଆ ଭାଜପା ସରକାର ଆସିବା ପରେ ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କାର୍ଯ୍ୟାଳୟକୁ ଲସ୍ତଲା ଅଞ୍ଚଳକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନେଇଛନ୍ତି। ପାକ୍ସର ଚାଷୀମାନେ ବାରମ୍ବାର ଏଆରସିଏସ, ଡିଆର୍‌ସିଏସ୍ ଓ ବିଧାୟକ ଇଂ.ରଘୁନାଥ ଜଗଦଲାଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ ଚାଷୀଙ୍କ ସ୍ୱାର୍ଥ ବାଦ ପଡ଼ିଛି। ସରକାର ପ୍ରତ୍ୟେକ ପଞ୍ଚାୟତରେ ପାକ୍ସ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ କେଉଁ ସ୍ୱାର୍ଥରେ ଉଲୁଣ୍ଡା ପଞ୍ଚାୟତର ପାକ୍ସ ଅନ୍ୟ ପଞ୍ଚାୟତକୁ ସ୍ଥାନାନ୍ତର କରାଗଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଗଣ୍ଡାବାହାଲର ୨ଏକର ଅପେକ୍ଷିତ ଜମିକୁ ଛାଡ଼ି ଲସ୍ତଲାର ମାତ୍ର ୭୦୦ ଡିସିମିଲ ଜମି ଉପରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା, ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ପାକ୍ସର ରକ୍ଷଣାବେକ୍ଷଣ ପଇସା ଖର୍ଚ୍ଚ କରି ନୂତନ ପାଚେରୀ ନିର୍ମାଣ କରାଯାଉଥିବା ଆଇନ ଅନୁଯାୟୀ ଭୁଲ ବୋଲି ଚାଷୀମାନେ କହିଛନ୍ତି। ସୋମବାର ଚାଷୀ ସକାଳେ ହେବାକୁ ଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏହି ବିଷୟ ଉତ୍‌ଥାପନ କରିବେ। ସମାଧାନ ନ ହେଲେ ଉଲୁଣ୍ଡା ବନ୍ଦ ଡାକରା ଦେବା ସହ ଡିଆରସିଏସ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବା ପାଇଁ ଚେତାବନୀ ଦିଆଯାଇଛି। ଏଥିରେ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସମିତି ନିର୍ଦ୍ଦେଶକ କୃତ୍ତିବାସ ବାଗ, କାହ୍ନୁଚରଣ ହାତୀ, ଦିଲୀପ ପୁରୋହିତ, ନାଗାର୍ଜ୍ଜୁନ ମେହେର, ଚାଷୀ ଘନଶ୍ୟାମ ମହାକୁର, ଅଲେଖ ହାତୀ, ସୁଶୀଲ ପଣ୍ଡା, ଗୋବିନ୍ଦ ଦାସ ତରେଇ, ସୁଦାମ ମହାକୁର, ଅରୁଣ କୁଲିହା, କାହ୍ନୁ ଚରଣ କ୍ଷେତୀ, ନିରୋଦ ସୁନ୍ଦର ପୁରୋହିତ, ଧର୍ମପଦ ମହାକୁର, ସୁରେନ ପଣ୍ଡା, ଧର୍ମ ନିରଞ୍ଜନ ପଣ୍ଡା, ଶିବ ପ୍ରସାଦ ପାତ୍ର, ଯୋଗେନ୍ଦ୍ର ବାରିକ, ଉମେଶ ଚାଉଲିଆ, ଗୁନୁ ରାମ ବାରିକ ଓ ରଞ୍ଜିତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଚାଷୀମାନେ।

# ରକ୍ତଦାନ ଶିବିର, ୪୦ ୟୁନିଟ୍ ସଂଗ୍ରହ


ଶିବିରରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରକ୍ତଦାନ କରୁଛନ୍ତି।

**ବୌଦ୍ଧ, ୨୩।୩(ଅଜିତ କୁମାର ବାରିକ)**

ଶହୀଦ ଦିବସ ଅବସରରେ ନିଫା ପକ୍ଷରୁ ଭଗତ ସିଂ, ଶୁକଦେବ, ରାଜଗୁରୁଙ୍କ ବଳିଦାନକୁ ସମ୍ମାନ ଜଣାଇ ବୌଦ୍ଧ ଟାଉନ ହଲଠାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମଦନମୋହନ ପ୍ରଧାନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରିସିଂ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିଜେ ରକ୍ତଦାନ କରିଥିଲେ। ନିଫା ରାଜ୍ୟ ସଂଯୋଜକ ତଥା ଅଧ୍ୟାପକ ପ୍ରବୀର କୁମାର ଦାସ, ସଭାପତି ବସନ୍ତ କୁମାର ସାହୁ, ରକ୍ତଦାତା ପ୍ରବର୍ତ୍ତକ ସଂଘର ସଂପାଦକ ଦେବାଶିଷ ପୁରୋହିତ, ଜ୍ଞାନଚାନ୍ଦ ଶତପଥି ଶିବିର ପରିଚାଳନା କରିଥିଲେ। ଶିବିରରେ ୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଭଣ୍ଡାର ଅଧିକାରୀ ଡ. ବିକେଆରସି ହେମ୍ବ୍ରମ, ଦିଲୀପ କୁମାର ସାହୁ, ରତ୍ନମ୍ବରା ସାହୁ, ଯୁବା ଶବର, ପ୍ରମୋଦ ମହାପାତ୍ର, ସୁରଗ ଭୋକ୍ତା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଆଳତି ସମାରୋହରେ ଶ୍ରଦ୍ଧାଳୁଙ୍କ ଭିଡ଼


ମହୋତ୍ସବ ମୁଖ୍ୟ ଯଜ୍ଞ ମଣ୍ଡପ ସମ୍ମୁଖରେ ଆଚାର୍ଯ୍ୟ ଓ କର୍ତ୍ତାମାନେ।

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

### ଜଗନ୍ନାଥ ମହୋତ୍ସବର ପଞ୍ଚମ ଦିବସ

ସୁବର୍ଣ୍ଣପୁର ସହରର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବ ଏକ ଧର୍ମୀୟ ଭାବନା ସୃଷ୍ଟି କରିଛି। ରବିବାର ପଞ୍ଚମ ଦିନରେ ରାମେଶ୍ୱର ମନ୍ଦିର କୁଞ୍ଜ ଘରେ ଚବିଶ ପ୍ରହର ନାମଯଜ୍ଞ ଜାରି ରହିଛି। ଷ୍ଟାଡିୟମ ପରିସରରେ ପୂର୍ବ ଦିନମାନଙ୍କ ଭଳି ଶ୍ରୀଜୀଉଙ୍କ ୩୨ବେଶ, ପଞ୍ଚଦିବସୀୟ ଶ୍ରୀବିଷ୍ଣୁ ମହାଯଜ୍ଞ, ଶ୍ରୀବିଷ୍ଣୁ ପୂଜନ, ଶ୍ରୀବିଷ୍ଣୁ ସହସ୍ରନାମ ପଠନ ଭଳି ସମସ୍ତ ଆଧାତ୍ମିକ କାର୍ଯ୍ୟକ୍ରମ ସୁନ୍ଦର ଭାବେ ସମ୍ପନ୍ନ ହେଉଛି। ଭଜନ, ସନ୍ଧ୍ୟାରେ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ପ୍ରବଚନ ଶୁଣିବାକୁ ଓ ମୁଖ୍ୟମଞ୍ଚରେ ସନ୍ଧ୍ୟା ଆଳତୀ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡଲାଗୁଛି। ସାଧୁସନ୍ଥଙ୍କ ସମାଗମ ମହୋତ୍ସବରେ ଏକ ଅନନ୍ୟ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ମହୋତ୍ସବ ପରିସରରେ ପୁରୀରୁ ଆସିଥିବା ମହାସୁଆରଙ୍କ ପ୍ରସ୍ତୁତ ଖଜା, ମହାପ୍ରସାଦ ଅଭଡା ଓ ଟଙ୍କ ତୋରାଣି ମିଳୁଛି। ରବିବାର ଛୁଟି ଓ ଅନୁକୂଳ ପାଗ ଥିବାରୁ ଦୁର୍ଲଭ ବେଶ, ଯଜ୍ଞ ଓ ସାଧୁସନ୍ଥଙ୍କୁ ଦେଖିବା ପାଇଁ ମହୋତ୍ସବ ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାପୀଠରେ ଏହି ଧାର୍ମୀକ କାର୍ଯ୍ୟକ୍ରମକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନନ୍ଦ ବଜାରରେ ମଧ୍ୟାହ୍ନ ଓ ରାତିରେ ମାଗଣାରେ ପ୍ରସାଦ ଦିଆଯାଉଛି। ବେଶ ସମ୍ମୁଖରେ ପ୍ରତ୍ୟହ ୩୨ଯୋଡି ଦମ୍ପତି ସଂକଳ୍ପରେ ବସି ବ୍ରହ୍ମପୂଜନ ସହ ବିଷ୍ଣୁସହସ୍ର ନାମଜପ ଓ ଦିବ୍ୟ ଆଳତୀ ପ୍ରଦାନ କରୁଛନ୍ତି। ମୁଖ୍ୟ ମାର୍ଗଦର୍ଶକ ମହନ୍ତ ବଂଶୀଧର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଆଚାର୍ଯ୍ୟ ରାଜୀବ ଲୋଚନ ପଣ୍ଡା ଓ ରାଧେଶ୍ୟାମ ପୁରୋହିତଙ୍କ ନେତୃତ୍ୱରେ ଶତାଧିକ ପଣ୍ଡିତ ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଘୃତଯଜ୍ଞ, ଆଚାର୍ଯ୍ୟଙ୍କ ମନ୍ତ୍ର ଉଚ୍ଚାରଣ ଓ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହେଉଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଡୁମାଳ ସମାଜ ବୈଠକ

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମପଞ୍ଚାୟତ ବଡ ବଡ଼ାକଟା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବର୍ଣ୍ଣପୁର ଜିଲା ଡୁମାଳ ପରିଷଦ ସଭାପତି ଅଶିନୀ କୁମାର ମହାକୁରଙ୍କ ସଭାପତିତ୍ୱରେ ଡୁମାଳ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖଣ୍ଡହତା କେନ୍ଦ୍ର ସମ୍ପାଦକ ରାଜକୁମାର ନାଏକ, ମାହେଶ୍ୱରୀ ମନ୍ଦିର ଦେହେରୀ ଜଗନ୍ନାଥ ଦେହେରୀ, ଗ୍ରାମ୍ୟ କମିଟି ସଭାପତି ଦିଗାମ୍ବର ଭୋଗ, ଲୋଚନ ଗାଇଗରିଆ, ଡମ୍ବରୁଧର ବେହେରା, ଗୋପାଳ ଦେହେରୀ, ଗୋବିନ୍ଦ ଦେହେରୀ, ଉଦ୍ଧବ ଦେହେରୀ, ମଦନ ଦେହେରୀ, ସମାରୁ ବେହେରା, ବାବୁଲୁ ମହାକୁର, ସଂସାରୁ ମହାକୁର, ପଙ୍କଜ ମହାକୁର, ସୋମନାଥ ପଧାନ, ବୈବସ୍ତୁତ ପ୍ରଦାନ, ଶୁକ୍ରୁ ଶଙ୍ଖୁଆ, ନେପାଳ କର୍ଣ୍ଣ, ଗଣେଶ କର୍ଣ୍ଣ, ଅନିଲ କର୍ଣ୍ଣ, ଜଣ୍ଣେଶର କର୍ଣ୍ଣ, ଶିବ ମହାକୁର, ଭରତ ଗାଇଗରିଆ ଉପସ୍ଥିତ ଥିଲେ। ଜିଲା ସଭାପତି ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଜାତିଭିତ୍ତିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ନାରୀ ନିର୍ଯ୍ୟାତନା, ବାଲ୍ୟ ବିବାହ, ପିଠା ଖୁଆ ଓ ରିଙ୍ଗ ସେରିମନି ଆଦି ବନ୍ଦ କରିବା, ହିନ୍ଦୁ ଧର୍ମ ଅନୁଯାୟୀ ଡୁମାଳ ଜାତି ସମାଜ ନୀତି ନିୟମ ଅନୁସାରେ ବିବାହ, ମୃତାହ କାର୍ଯ୍ୟକ୍ରମ କରିବା ପାଇଁ ଜିଲା କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ମା' ମାହେଶ୍ୱରୀଙ୍କର ପରମ୍ପରା ଅନୁଯାୟୀ ପୂଜାପାଠ କରିବା ନିମନ୍ତେ ମାହେଶ୍ୱରୀ ମନ୍ଦିର ସେବାୟତମାନଙ୍କୁ ନିବେଦନ କରାଯାଇଥିଲା। ଡୁମାଳ ଜାତି ସମାଜକୁ ସଂସ୍କାରକୁ ଆଣିବାରେ ଜାତି ଭାଇ ମାନଙ୍କର ମୁଖ୍ୟ ଭୂମିକା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ କଳାପଥର କେନ୍ଦ୍ରର ଅସ୍ଥାୟୀ ସଭାପତି ରବି ବଘାର ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୋଟର ତାଲିକା ସଂଶୋଧନ ପାଇଁ ପ୍ରସ୍ତୁତି

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ଆସନ୍ତା ଏପ୍ରିଲ ପହିଲାରୁ ନୂଆ ଭୋଟରଙ୍କୁ ତାଲିକାଭୁକ୍ତ କରିବା ଏବଂ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ସହଯୋଗ କାମନା କରାଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ବୁଥସ୍ତରରେ ଉପସ୍ଥିତ ରହି ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ବିଜେଡି ପକ୍ଷରୁ ଜିଲା ଉପସଭାପତି କିଶୋର ହୋତା, ଭାଜପା ପକ୍ଷରୁ ମଣ୍ଡଳ ସଭାପତି ସୁମନ୍ତ ଜଗଦଲା, କଂଗ୍ରେସ ପକ୍ଷରୁ ବସନ୍ତ ମହାକୁର, ଆମ ଆଦମୀ ପାର୍ଟି ପକ୍ଷରୁ ଜିଲା ସଭାପତି ସୁରେଶ କଲତା ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ଅଜିତ ମିର୍ଦ୍ଧା ଓ ନରେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମହାନଦୀ ଯୋଗ ବିହାର ସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମରେ ଡ଼ ଆର୍ତ୍ତତ୍ରାଣ ବାବୁଙ୍କ ସଭାପତିତ୍ୱରେ ପୂଜ୍ୟ ପୂଜା ପୂଜନ ଓ ପରିବେଶ ସୁରକ୍ଷାକୁ ନେଇ ଏକ ଆଲେଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଡ଼ ଜ୍ୟୋତି ରଞ୍ଜନ ବହିଦାର, ମୁଖ୍ୟ ଅତିଥି ଡକ୍ଟର ସନ୍ତୋଷ କୁମାର ପାଢ଼ୀ, ଯୋଗାଳୟ ସଭାପତି ହରିହର ଶତପଥୀ, ଡ଼ ଅନିରୁଦ୍ଧ କୁରକୁରିଆ, ଡ଼ ଶ୍ରୀଧର ବାଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗୀତ ମାଧ୍ୟମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମଞ୍ଜୁଶ୍ରୀ ବାବୁ। ସଭା ସଂଯୋଜନା କରିଥିଲେ ଶିକ୍ଷାବିତ୍ ପ୍ରଦୀପ ପୁରୋହିତ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ଡ ଦ୍ୱିତୀକୃଷ୍ଣ ପଣ୍ଡା। ବରିଷ୍ଠ ଯୋଗୀ ସଚିଦାନନ୍ଦ ନାୟକ ସପତ୍ନୀକ ବୈଦିକ ଯଜ୍ଞରେ କର୍ତ୍ତା ସାଜି ସ୍ୱର୍ଗୀୟ ପିତା ତଥା ସ୍ୱାଧୀନତା ସଂଗ୍ରାମୀ ଦୁର୍ଯ୍ୟୋଧନ ନାୟକ ଏବଂ ମାତା ମାଧବୀ ଦେବୀଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠିତ କରାଇଥିଲେ। ଏଥିରେ କୃଷ୍ଣା ବଡ଼ପଣ୍ଡା, ରେଣୁକା ପଣ୍ଡା, ପ୍ରେମାନନ୍ଦ ନାୟକ, ପୁଷ୍ପାଞ୍ଜଳି ପୁରୋହିତ, ପୁଅବୋହୁ, ଝିଅ ଜ୍ୱାଇଁ ଓ ବନ୍ଧୁ ପରିଜନ ଦିବଙ୍ଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କାଳବୈଶାଖୀରେ ମହୁଲ ନଷ୍ଟ

**ବୌଦ୍ଧ, ୨୩।୩(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ୨୨ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ପ୍ରାୟ ୮/୧୦ଟି ପଞ୍ଚାୟତରେ ବହୁଳ ଭାବେ ମହୁଲ ଗଛ ରହିଛି। ମହୁଲ ଗରିବ ଆଦିବାସୀ ପରିବାରର ଜୀବନ ଜୀବିକା। ସେମାନେ ମହୁଲ ସଂଗ୍ରହ କରି ବର୍ଷକର କେଇମାସ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ଦୁଇ ଦିନ ହେବ କୋହଲା ପାଗ ଓ କାଳବୈଶାଖୀ ବର୍ଷା ଯୋଗୁ ମହୁଲ ଗଛରୁ ଝଡି ପଡିଛି। ମହୁଲ ଗରିବ ପରିବାରଗୁଡିକୁ ତିନି ମାସର ଆହାର ଯୋଗାଉଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଏହା ନଷ୍ଟ ହେବାକୁ ବସିଛି। ଫଳରେ ଗରିବ ପରିବାର ଚିନ୍ତିତ ହୋଇପଡିଛନ୍ତି।

# ୮୪ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

- ଟ୍ରକ୍‌ରେ ବୌଦ୍ଧରୁ ବିହାରକୁ ଚାଲାଣ ହେଉଥିଲା
- ସିକ୍ରେଟ୍ ଚ୍ୟାମ୍ବରରୁ ମିଳିଲା ଗଞ୍ଜେଇ

ଅବକାରୀ ବିଭାଗର ସୋନପୁର ରେଞ୍ଜ୍, ଜିଲା ମୋବାଇଲ ୟୁନିଟ୍ ଓ ସଦର ଥାନା ପକ୍ଷରୁ ସୁବର୍ଣ୍ଣପୁର ଜିଲା ତରଭା ନମସ୍ତେ ଗେଟ୍ ନିକଟରେ ରବିବାର ମିଳିତଭାବେ ଚଢାଉ କରାଯାଇଥିଲା। ବୌଦ୍ଧ ଜିଲାର କଣ୍ଟାମାଳ ପଟୁ ଆସୁଥିବା ଏକ ମାଟିଆ ରଙ୍ଗର ଅଶୋକ ଲିଲାଣ୍ଡ ଟ୍ରକ୍ ନଂ ୟୁପି୮୪ଏଟି-୮୨୩୩କୁ ବିଭାଗର ଟିମ୍ ସନ୍ଦେହରେ ପିଛା କରିଥିଲା। ତରଭା ନମସ୍ତେ ଗେଟ୍ ଛକ ନିକଟରେ ଟ୍ରକ୍‌କୁ ଅଟକ ରଖାଯାଇଥିଲା। ତନଖି ସମୟରେ ଖାଲିଥିବା ଟ୍ରକ୍‌ର ସିକ୍ରେଟ୍ ଚ୍ୟାମ୍ବରରୁ ୪ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା। ଓଜନ ପରେ ଏହାର ପରିମାଣ ୮୪କିଲୋ ଥିଲା। ଏହି ଘଟଣାରେ ଡ୍ରାଇଭର ତଥା ବିହାର ପାଟଣା ଜିଲା ବାହାଦୁରପୁର ଥାନା କାତ୍ରା ବଜାର ଅଞ୍ଚଳର ପ୍ରଦୀପ ବର୍ମା(୬୪) ଓ ଗଞ୍ଜେଇ ବ୍ୟବସାୟୀ ତଥା ଉତ୍ତରପ୍ରଦେଶ ସୋନଭଦ୍ରା ଜିଲା ଶକ୍ତିନଗର ଥାନା ଚିଲକାପଣ୍ଡର ବିନୋଦ କୁମାର(୫୦)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ବୌଦ୍ଧ ଜିଲାରୁ ତେଲନଦୀ ବ୍ରିଜ୍ ପାର ହୋଇ ତରଭା ରାସ୍ତା ଦେଇ ବିହାରକୁ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏପରିକି ଗଞ୍ଜେଇ ଚୋରାଚାଲାଣ ସମୟରେ ପୋଲିସ ଓ ଅବକାରୀ ବିଭାଗର ନଜର ହଟାଇବା ପାଇଁ ଟ୍ରକ୍‌ରେ ସ୍ୱତନ୍ତ୍ର ଭାବେ ଏକ ସିକ୍ରେଟ୍ ଚ୍ୟାମ୍ବର ତିଆରି କରା ଯାଇଥିଲା। ଏ ସମ୍ପର୍କରେ ସଦର ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ. ୨୧୫/୨୪-୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଟ୍ରକ୍ ଓ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଇନ୍ସପେକ୍ଟର ହର ପ୍ରସାଦ ରଣା, ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା, ସବ୍‌ଇନ୍ସପେକ୍ଟର ଶାନ୍ତନୁ ପଟ୍ଟନାୟକ, ବିଶ୍ୱନାଥ ଭୋଇ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ, ଲୋକନାଥ ବେହେରା ଓ ରେଣୁପ୍ରିୟା ଭୋଇ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।


ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ ଟ୍ରକ୍।

# ସଂରକ୍ଷିତ ଜଙ୍ଗଲରୁ ବେଆଇନ ଖଣିଜ ଉତ୍ତୋଳନ

**କନ୍ଧମାଳ, ୨୩।୩(ଆଦିତେଶ୍ୱର ମିଶ୍ର)**

- ଚୋରା ଚାଲାଣ ହେଉଛି ଲଘୁ ଖଣିଜ ଦ୍ରବ୍ୟ
- ବନ ବିଭାଗ ପାଖରେ ଖବର ନାହିଁ

ବୌଦ୍ଧ ବନଖଣ୍ଡ ମନମୁଣ୍ଡା ଜଙ୍ଗଲ ରେଞ୍ଜ୍ କଦମପାଲ ସଂରକ୍ଷିତ ଜଙ୍ଗଲରୁ ଲକ୍ଷ ଲକ୍ଷ ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ବାହାର ରାଜ୍ୟକୁ ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଏ ଦିଗରେ ପଦକ୍ଷେପ ନ ନେଲେ ସ୍ଥାନୀୟ ଅଞ୍ଚଳରେ ଜଙ୍ଗଲ ସମ୍ପଦ ନିଶ୍ଚିହ୍ନ ହୋଇଯିବ। ଅନ୍ୟପକ୍ଷେ ଲଘୁ ଖଣିଜ ବେଆଇନ ଚାଲାଣ ସମ୍ପର୍କରେ କୌଣସି ଖବର ନ ଥିବା ବନ ବିଭାଗ କହିଛି।

ମନମୁଣ୍ଡା ଫରେଷ୍ଟ ରେଞ୍ଜ୍ ଅନ୍ତର୍ଗତ କଦମପାଲ ସଂରକ୍ଷିତ ଜଙ୍ଗଲର ଏକ ପାହାଡରେ ମୂଲ୍ୟବାନ ପଥର ଖଣି ରହିଥିବା ୧୦ ବର୍ଷ ତଳେ ବିଭାଗୀୟ ଭାବେ ଚିହ୍ନଟ କରାଯାଇଥିଲା। ସେହିଦିନଠାରୁ ଉକ୍ତ ପାହାଡ଼ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଥିଲା। ଗତ ୨ ବର୍ଷ ହେଲା ଉକ୍ତ ପାହାଡରେ ଜଙ୍ଗଲଜାତ ଦ୍ରବ୍ୟ ଚୋରା ଚାଲାଣ ସହ କେନ୍ଦୁକାଠ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ମାସ ହେବ କନ୍ଧମାଳ ରେଞ୍ଜ୍‌ର ବିଭିନ୍ନ ଅଞ୍ଚଳରୁ ବିପୁଳ ପରିମାଣର କେନ୍ଦୁଗଣ୍ଡି ବାହାର ରାଜ୍ୟକୁ ଚୋରାଚାଲାଣ ହେଉଛି। ସେହିପରି ଗତ ୧୦ଦିନ ତଳେ କଦମପାଲ ସଂରକ୍ଷିତ ଜଙ୍ଗଲର ପାହାଡରୁ ଜେସିବି ସାହାଯ୍ୟରେ ମୂଲ୍ୟବାନ ପଥର ଖୋଳାଯାଇ ଟ୍ରକ୍ ଯୋଗେ ବାହାର ରାଜ୍ୟକୁ ଚୋରା ଚାଲାଣ ହୋଇଥିବା ଜଣାପଡିଛି। ସ୍ଥାନୀୟ ବନ ସୁରକ୍ଷା ସମିତି ପଥର ଚୋରା ଚାଲାଣ ସମ୍ପର୍କରେ ବନ ବିଭାଗକୁ ଅବଗତ କରିବା ପରେ କୌଣସି ଗାଡ଼ି ଜଙ୍ଗଲ ଭିତରକୁ ନ ଯିବା ପାଇଁ ବିଭାଗ ପକ୍ଷରୁ ଟ୍ରେଞ୍ଚ୍ ନିର୍ମାଣ କରାଯାଇଥିଲା। ଉକ୍ତ ଟ୍ରେଞ୍ଚ୍‌କୁ ପୋତି ମାଫିଆମାନେ ପଥର ଉତ୍ତୋଳନ କରି ବାହାରକୁ ଚାଲାଣ କରୁଛନ୍ତି। ଏଥିଯୋଗୁ ଲକ୍ଷ ଲକ୍ଷ ଟଙ୍କାର ଖଣିଜ ସମ୍ପଦ ଲୁଟ୍ ହେବା ସହ ସରକାରଙ୍କ ରାଜସ୍ୱ ହାନି ହେଉଛି। ଜଙ୍ଗଲ ସହ ବନ ସମ୍ପଦର ସୁରକ୍ଷା ପାଇଁ ବନ ସୁରକ୍ଷା ସମିତିଠାରୁ ଆରମ୍ଭ କରି ଚେକର, ଫରେଷ୍ଟ ଗାର୍ଡ, ଫରେଷ୍ଟର ଆଦି ନିୟୋଜିତ ଅଛନ୍ତି। ହେଲେ ଦୀର୍ଘଦିନ ଧରି ଉକ୍ତ ପାହାଡ଼ରୁ ମୂଲ୍ୟବାନ ଖଣିଜ ପଥର ଉତ୍ତୋଳନ କରି ଚୋରାଚାଲାଣ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଜଙ୍ଗଲରୁ କେନ୍ଦୁ ଗଣ୍ଡି, ଖଣିଜ ସମ୍ପଦ ସହ ଜଙ୍ଗଲଜାତ ଦ୍ରବ୍ୟ ଚୋରାଚାଲାଣ ଉପରେ ଅଙ୍କୁଶ ଲଗା ନ ଗଲେ ଆଗାମୀ ଦିନରେ ଜଙ୍ଗଲ ସମ୍ପଦଶୂନ୍ୟ ହୋଇଯିବା ଆଶଙ୍କା ରହିଛି। ଏ ସମ୍ପର୍କରେ ଫରେଷ୍ଟର ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ, ଜଙ୍ଗଲ ସୁରକ୍ଷା ପାଇଁ ବନ ସୁରକ୍ଷା ସମିତିକୁ ଦାୟିତ୍ୱ ଦିଆଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନ ଥିବା ସେଠୀ କହିଥିଲେ।


କଦମପାଲ ସଂରକ୍ଷିତ ଜଙ୍ଗଲରେ ଉତ୍ତୋଳନ ହୋଇଥିବା ଖଣିଜ ପଥର।

# ଫୁଟବଲ ପ୍ରତିଯୋଗିତା: ଗୋଲଡେନ୍ ଆଥ୍‌ଲେଟିକ କ୍ଲବ ବିଜୟୀ

ଝାରସୁଗୁଡ଼ା,୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ରବିବାର ଅପରାହ୍ଣ ୪ଟାରେ ୨ୟ ଓଏସ୍‌ଏପି ଷ୍ଟାଡିୟମ୍‌ରେ ଆନ୍ତଃ କ୍ଲବ କ୍ରୀଡ଼ା ପ୍ରତିଯୋଗିତାର ତୃତୀୟ ଦିନର ମ୍ୟାଚ ଆଦିବାସୀ କ୍ଲବ, ବରମାଳ ଓ ଗୋଲଡେନ ଆଥ୍‌ଲେଟିକ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ରବିବାର ଆୟୋଜିତ ମ୍ୟାଚ୍‌କୁ ଜିଲା ଆଥ୍‌ଲେଟିକ୍ ସଂଘର ଶଙ୍କର ପଟେଲ, କ୍ଲିମେଣ୍ଟ ରୋନାଲଡ, ବିଜୟ ଦାସ, ଗଣେଶ ନାଇକ ଓ ସୁଶାନ୍ତ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ତୃତୀୟ ମ୍ୟାଚରେ ଗୋଲଡେନ ଆଥ୍‌ଲେଟିକ କ୍ଲବ, ଆଦିବାସୀ କ୍ଲବ ବରମାଳକୁ ଦଳକୁ ୨–୦ ଗୋଲରେ ପରାସ୍ତ କରି ମ୍ୟାଚରେ ବିଜୟୀ ହୋଇଥିଲା। ଏହି ଖେଳକୁ ଶୀତଳ ଗୁରୁଙ୍ଗ, ଗିରିଶ ପ୍ରଧାନ, ଅଭିଳାଷ ପ୍ରଧାନ, ସଞ୍ଜୟ ଦାସ ପରିଚାଳନା କରିଥିବା ବେଳେ ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ୍ ଆସୋସିଏଶନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# କବିତା ଶାନ୍ତି, ସାମାଜିକ ପରିବର୍ତ୍ତନର ମାଧ୍ୟମ

## ଓଏସଓୟୁରେ ବିଶ୍ୱସ୍ତରୀୟ କବିତା ସମ୍ମିଳନୀ

ସମ୍ବଲପୁର,୨୩।୩(ବି.ଶଙ୍କର)



କବିତା ସମ୍ମିଳନୀରେ ଅତିଥି ଓ କବିମାନେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ଆୟୋଜନରେ ବିଶ୍ୱସ୍ତରୀୟ କବିତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନାକ୍, ଏନ୍‌ବିଏ ଏବଂ ଟେକ୍ନୋଲୋଜି ଫୋରମ ଅଫ ଇଣ୍ଡିଆ ଅଧ୍ୟକ୍ଷ ପ୍ରଫେସର ଅନିଲ ଡି. ସହସ୍ରବୁଧେ ଯୋଗଦେଇଥିଲେ । ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ବିଶ୍ୱ କବିତା ଦିବସ ଓ ବିଶ୍ୱସ୍ତରୀୟ କବିତା ସମ୍ମିଳନୀ ବିଷୟରେ ସୂଚନା ଦେଇଥିଲେ। କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମର ବିଷୟବସ୍ତୁ ବିଷୟରେ ପ୍ରବଚନାତ୍ମକଭାବେ ବକ୍ତବ୍ୟ ଦେଇଥିଲେ। ସମ୍ମିଳନୀରେ ବିଶ୍ୱର ପ୍ରଖ୍ୟାତ କବିମାନେ ଶାନ୍ତି ଏବଂ ଅନ୍ତର୍ଭୁକ୍ତିକରଣରେ କବିତାର ଶକ୍ତିକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ। ଏହା ବିଶ୍ୱସ୍ତରରେ ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି କାର୍ଯ୍ୟକ୍ରମରେ କାବ୍ୟିକ ପ୍ରତିଭା ଏବଂ ସାଂସ୍କୃତିକ ବିବିଧତାର ମିଶ୍ରଣ ପ୍ରଦର୍ଶିତ ହୋଇଥିଲା। କବିତା କିପରି ଶାନ୍ତି, ଅନ୍ତର୍ଭୁକ୍ତିକରଣ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ସାର୍ବଜନୀନ ମାଧ୍ୟମ ଭାବରେ କାର୍ଯ୍ୟ କରେ ତାହା ଉପରେ କବିମାନେ ଗୁରୁତ୍ୱାରୋପ କରିଥିଲେ। କବିମାନଙ୍କୁ ଶବ୍ଦକଳା ମାଧ୍ୟମରେ ଏକତା, ପ୍ରେମ ଏବଂ ମାନବତା ଉପରେ ସେମାନଙ୍କର ଚିନ୍ତାଧାରା ବାଣ୍ଟିବା ପାଇଁ ବିଶ୍ୱସ୍ତରୀୟ କବିତା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ । ଏହି କବିତା ସମ୍ମିଳନୀରେ ବିଭିନ୍ନ ଦେଶର ୩୨ଜଣ ପ୍ରଖ୍ୟାତ କବିମାନେ ଭର୍ଚ୍ୟୁଆଲ ମାଧ୍ୟମରେ ଏକତ୍ରିତ ହୋଇଥିଲେ। ସେମାନଙ୍କ ମଧ୍ୟରେ କବି ତଥା ସମ୍ମାନୀତ ଅତିଥିଭାବେ ବିରଲାଣ୍ଡ ରାଜ୍ୟର ପ୍ରଧାନମନ୍ତ୍ରୀ ଏଡେନ ଏସ ତ୍ରିନିଦାଦ, ହଲିଉଡ୍ ଅଭିନେତ୍ରୀ ଏବଂ ଲସ୍ ଆଞ୍ଜେଲସ ହେଲେନ କର୍ଡୋନା ଏହି ଆସରର ମୁଖ୍ୟ ଆକର୍ଷଣ ଥିଲେ। ନିଜର ଉପସ୍ଥିତି ଏବଂ କାବ୍ୟିକ ପ୍ରତିଭା ସହିତ କାର୍ଯ୍ୟକ୍ରମକୁ ମଣ୍ଡିତ କରିଥିବା ଅନ୍ୟ ପ୍ରସିଦ୍ଧ କବିମାନଙ୍କ ମଧ୍ୟରେ ଥିଲେ ଏଲିଜାବେଥ ଇ କାଷ୍ଟିଲୋ(ଫିଲିପାଇନ୍ସ), ମାରିଆ ମିର୍ଗାଲିଆ(ଇଟାଲୀ), ସିନ୍ଥିଆ ଶାର୍ପ (ବ୍ରିଟିଶ କଲମ୍ବିଆ, କାନାଡା), ହେଲା ଟେକାଲି (ଟ୍ୟୁନିସିଆ) ଡ. ଅମ୍ପତ କୋଶୀ (ସାଉଦି ଆରବ), ୱିଲିୟମ ଏସ ପିଟର୍ସ ଶ୍ରୀ (ଯୁକ୍ତରାଷ୍ଟ୍ର), ସୋଫି ଚେନ (ଚୀନ) ଜନ ଇଦ (ଲେବାନନ), ନି ଓକୁ (ଆଫ୍ରିକା), ଇବ୍ରାହିମ ହୋଞ୍ଜୋ (କାନାଡା), ଲୁଜ ମାରିଆ ଲୋପେଜ (ପୁଏର୍ଟୋ ରିକୋ ଦ୍ୱୀପ), ଜୋ–ଆଲଞ୍ଜୋ ଗ୍ରସ୍ (ଯୁକ୍ତରାଷ୍ଟ୍ର) ଚେରିଲ୍ ଫୈସନ (ଯୁକ୍ତରାଷ୍ଟ୍ର), ନୁରୁଲ ହକ (ବାଂଲାଦେଶ), ଡାମିଟ୍ରିସ୍ ପି କ୍ରୋଏନାଇଟିସ୍ (ଗ୍ରୀସ), ପ୍ରମିଳା ଖାଡୁନ୍ (ମରିସସ୍), ସୁନୀଲ ଶର୍ମା (କାନାଡା) ଏବଂ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରଦୀପ ବିଶ୍ୱାଳ, ନୀଲମ ସକ୍ସେନା, ପ୍ରଫେସର ନନ୍ଦିନୀ ସାହୁ, ନିଶା ମୋଟଗେରେ, ମହୁଆ ସେନ୍, ନହିଦ ଅଖତର, ଶୈଳେନ୍ଦ୍ର କପିଲ, ସୁଦର୍ଶନ କେଚେରୀ, ଦିବ୍ୟା ଜୋହର, ଡ. ସୁଦୀପ୍ତୋ ଚାଟାର୍ଜୀ, ରାମକୃଷ୍ଣ ପେରୁଗୁ, ରାମକାନ୍ତ ଦାସ। ରାଜେନ୍ଦ୍ର ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶହୀଦ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଦେବଗଡ,୨୩।୩(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଓ ଭାଇ ଭାଇ ଯୁବକ ସଂଘ ପକ୍ଷରୁ ଜାମ୍ବୁନାଳିଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତରଣୀସେନ ପ୍ରଧାନ, ନିର୍ଗୁଣି ପାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ନବୀନ ଚନ୍ଦ୍ର ସାମଲ ଓ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦେଶର ସ୍ୱାଧୀନତା ସଂଗ୍ରାମରେ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଶହୀଦ ହୋଇଥିବା ଭାରତମାତାର ସୁଯୋଗ୍ୟ ସନ୍ତାନ ଭଗତ ସିଂ, ଶିବରାମ ରାଜଗୁରୁ, ଶୁକଦେବ ଥାପାରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶ ମାତୃକାର ସେବା ପାଇଁ ଲଢେଇ କରି ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି ଆଜିର ଯୁବ ସମାଜ ସେମାନଙ୍କୁ ସବୁଦିନ ପାଇଁ ମନେ ପକାଇବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଯୁବକ ସଂଘର ସଭ୍ୟ ପ୍ରତାପ କୁମାର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ରଞ୍ଜନ କୁମାର ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାମଡ଼ିହି ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୨୩।୩(ଆଶିଷ ରଞ୍ଜନ ଦାଶ)


ଶିକ୍ଷକଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ସାହାସପୁର କ୍ଲଷ୍ଟର ଅନ୍ତର୍ଗତ ଜାମଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ପୂର୍ବାହ୍ଣ ୧୧ଟାରେ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭକ୍ତି କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଳମୁଣ୍ଡା ସିଆରସିସି ମନୋରଞ୍ଜନ କଣ୍ଟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହାସପୁର ସିଆରସିସି ପ୍ରଦୀପ କୁମାର ନାଏକ ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ କିସାନ, ନାଏକ ବନ୍ଧପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ପରେଖି, କେନ୍ଦଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ, ସମିତି ସଭ୍ୟା ରସବତୀ କିସାନ, ୱାର୍ଡସଭ୍ୟା ସୈରେନ୍ଦ୍ରି କିସାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷକ ଛତ୍ରଲାଲ କିସାନ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଆଞ୍ଚଳିକ ଭାଷା କିସାନ ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାପତି ବାର୍ଷିକୋତ୍ସବ ପାଳନର ଆଭିମୁଖ୍ୟକୁ ଦର୍ଶାଇଥିଲେ। ମୁଖ୍ୟଅତିଥି କଣ୍ଟା ଗୁଣାତ୍ମକ ଶିକ୍ଷା ହାସଲ ନିମିତ୍ତ ସହଶିକ୍ଷାର ଗୁରୁତ୍ୱପୂର୍ଣ ଭୂମିକାକୁ ଦର୍ଶାଇବା ସହ ଏକ ସୁନ୍ଦର କାହାଣୀ ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗାଇବାକୁ ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନାଏକ ସହବୌଦ୍ଧିକ ଶିକ୍ଷା ସହ ସାମାଜିକ ଆବେଗିକ ଶିକ୍ଷା ବିଷୟରେ ପ୍ରାଞ୍ଜଳ ଭାବରେ ଆଲୋକପାତ କରି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। ପରେ ଅତିଥିଗଣଙ୍କ କରକୋମଳରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ ଏବଂ ଛତ୍ରଲାଲ କିସାନଙ୍କ ମିଳିତ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ଶେଷରେ ଶିକ୍ଷକ ତସିଲ କୁମାର ଦେଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗଣେଶ୍ୱର କିସାନ, ସମସ୍ତ ଏସଏମସି ସଭ୍ୟସଭ୍ୟା, ପୁରାତନ ଛାତ୍ରୀଛାତ୍ର ତଥା ଯୁବନେତା ଏବଂ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା।

# କୁଲତା ସମାଜର ଜିଲାସ୍ତରୀୟ ବୈଠକ

ଝାରସୁଗୁଡା,୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଇଏସଆଇ ଛକଠାରେ କୂଲତା ସମାଜ ବିକାଶ ମଞ୍ଚ ତରଫରୁ ୧୫ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି।୨୦୧୧ରୁ ଏହି କୂଲତା ସମାଜ ବିକାଶ ମଞ୍ଚ ତରଫରୁ ବାର୍ଷିକ ଉତ୍ସବ ପାଳିତ ହୋଇଆସୁଛି। ଏହି ଅବସରରେ ସର୍ବପ୍ରଥମେ ମା ରଣେଶ୍ୱର ରାମଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ କୂଲତା ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହିଥିଲେ। କୂଲତା ସମାଜର କିପରି ଭାବରେ ଅଗାମୀ ସମୟରେ ବିକାଶ କରାଯିବ, ବିଶେଷ ଭାବରେ ଯୁବକଯୁବତୀମାନଙ୍କ ଶିକ୍ଷା, ନିଯୁକ୍ତି ଆଦି କ୍ଷେତ୍ରରେ ବିକାଶ ମୂଳକ କାର୍ଯ୍ୟ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏହା ସହିତ ସମାଜର ରହିଥିବା ବିଭିନ୍ନ ରୀତିନୀତି ଆଦିକୁ ନେଇ ଆଲୋଚନା କରାଯାଇଥିଲା। କୂଲତା ସମାଜର କିପରି ଭାବରେ ସାମଗ୍ରିକ ବିକାଶ କରାଯିବ ତାହାକୁ ନେଇ ମଧ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ କୂଲତା ସମାଜ ବିକାଶ ମଞ୍ଚର ସଭାପତି ନନ୍ଦ କିଶୋର ପ୍ରଧାନ,୨୪ ତମ କୂଲତା ମହାସଭାର ସଭାପତି ସନ୍ତୋଷ କୁମାର ବଡ଼ାଇ, ରାଜପୁର ଗୁଡି ସଭାପତି ଟଙ୍କଧର ସାହୁ, ଅସର ପ୍ରାପ୍ତ ବିଇଓ ରୁଦ୍ରନାରାୟଣ ପ୍ରଧାନ, କର୍ତ୍ତା ଉମେଶ ଚନ୍ଦ୍ର ପ୍ରଧାନ, କୂଲତା ସମାଜ ବିକାଶ ମଞ୍ଚର ସାଧାରଣ ସମ୍ପାଦକ ହୃଦାନନ୍ଦ ମାଝୀ ପ୍ରମୁଖ ମଞ୍ଚସୀନ ରହିଥିଲେ। ପ୍ରମାନିଧି ପ୍ରଧାନ, ସୁରଥ ସାହୁ, ରଞ୍ଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

ଝାରସୁଗୁଡ଼ା,୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାଉସେନପାଲି ଡୁରୀପଡ଼ା ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ରବିବାର ସକାଳେ ୪ଜଣ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାଉସେନପାଲିର ଫକିର ସା, କନକତୋରାର ଶଙ୍କର ମେହେର, ଭଷ୍ମାର ଲେକଚରଣ ରୋହିଦାସ ଓ ଚନ୍ଦ୍ରମୁଣ୍ଡା। ଅଭିଯୁକ୍ତମାନଙ୍କଠାରୁ ଦୁଇଟି ଭୁଜାଲି, ଏକ ସ୍କୋର୍ପିଓ, ଏକ ପିକଅପ ଗାଡି, ଗୋଟିଏ ବାଇକ, ଲଙ୍କାଗୁଣ୍ଡ, ଟର୍ଚ୍ଚ, ଚାରୋଟି ମୋବାଇଲ ଏବଂ ୧୦ ହଜାର ୫୦ ଟଙ୍କା ଟଙ୍କା ପୋଲିସ ଜବତ କରିଛି। ଏ ନେଇ ରେଙ୍ଗାଲି ଥାନାରେ ଏକ ଡକାୟତି ମାମଲା ରୁଜୁ କରାଯାଇଥିବା ନେଇ ଅପରାହ୍ଣ ୩ ଟାରେ ପୋଲିସ ସୂଚନା ଦେଇଛି।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଶିକ୍ଷକ ଓ ଅନ୍ୟମାନେ

ଦେବଗଡ଼,୨୩।୩(ଶଶାଙ୍କ ଶେଖର ଝାଙ୍କର)

ତିଳେଇମାଳ କ୍ଲଷ୍ଟରର ତିଳେଇମାଳ ୟୁଜିୟୁପି ବିଦ୍ୟାଳୟଠାରେ କରେଇ ପାଣପସି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁରୁକୁଣ୍ଡାର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କ୍ଲଷ୍ଟରସ୍ତରୀୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠ ଜୀବନ ଓ ସୁ– ଶିକ୍ଷକଙ୍କର ଗୁଣଗାନ କରିଥିଲେ। ସମ୍ମାନିତ ଅତିଥିଭାବେ ସିଆରସିସି ପ୍ରଭାତ କୁମାର ପ୍ରଧାନ, ସୁନୀଲ କୁମାର ବେହେରା ଓ ପ୍ରଧାନଶିକ୍ଷକ କ୍ଷୀରୋଦ ବିହାରୀ ସାହୁ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ନିରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦାୟୀ ଶିକ୍ଷକ ପ୍ରଧାନଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ମାନିତ କରିଥିଲେ। ପ୍ରଶାନ୍ତ କୁମାର ପ୍ରଧାନ, ଜ୍ୟାବାଳି ମଞ୍ଜରୀ ନନ୍ଦ, ଶକୁନ୍ତଳା କିସାନ, ଖଗେନ୍ଦ୍ର ପୁଆଳ, ବିଭୂତିଭୂଷଣ ସାହୁ, ବିରସା ଓରାମ, କାଞ୍ଚନ ପ୍ରଧାନ, ସବିତା ପ୍ରଧାନ, କେତକୀ ବେହେରା, ପଞ୍ଚାଳି ସାହୁ, ବିକାଶଲତା କିରୋ, ଲୀଳାବତୀ ସାହୁ, ଶାନ୍ତିଲତା କିସାନ, ଡିଲେଶ୍ୱର ନାଏକ, ପରମାନନ୍ଦ ପ୍ରଧାନ, ସାକାରି ଗାଗାରାଇ, ତପନ କୁମାର ସାହୁ, ନେହେରୁ ସାମଲ, ସହଦେବ ବାଘ, ରଶ୍ମୀରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭେଷଜ କୁମାର ଭୋଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭିର ସ୍ଥାପନା ଦିବସରେ ପଞ୍ଚକୁଣ୍ଡୀୟ ହୋମଯଜ୍ଞ

ଝାରସୁଗୁଡ଼ା,୨୩।୩(ଆଶିଷ ରଞ୍ଜନ ଦାଶ)


ପ୍ରତିଷ୍ଠା ଦିବସରେ ପୂଜାର୍ଚ୍ଚନା ଚାଲିଛି।

ଝାରସୁଗୁଡ଼ା ଡିଏଭିର ୨୭ତମ ସ୍ଥାପନା ଦିବସ ରବିବାର ପୂର୍ବାହ୍ଣ୧୧ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପଞ୍ଚକୁଣ୍ଡୀୟ ହୋମଯଜ୍ଞ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ୨୭ତମ ସ୍ଥାପନା ଦିବସ ଉତ୍ସବରେ କୁଚିଣ୍ଡା କୁନ୍ତରା ଆଶ୍ରମ ଦାୟିତ୍ୱରେ ଥିବା ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉତ୍ତର ଦାୟିତ୍ୱରେ ଥିବା ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ସମସ୍ତଙ୍କୁ ଆଧ୍ୟାତ୍ମିକତା, ପୌଷ୍ଟିକ ଆହାର, ରାଷ୍ଟ୍ରପ୍ରେମ, ନୈତିକ ମୂଲ୍ୟବୋଧ ଆଦି ସନ୍ଦର୍ଭରେ ମୂଳମନ୍ତ୍ର ଦେଇଥିଲେ। ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ସହ ସମ୍ମାନିତ କରାଯାଇଥିଲା। ବିଶ୍ୱଶାନ୍ତି ଓ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା ଲାଗି ଆୟୋଜିତ ପଞ୍ଚକୁଣ୍ଡୀୟ ହୋମଯଜ୍ଞରେ ଅଧ୍ୟକ୍ଷ ପଣ୍ଡାଙ୍କ ସମେତ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ପ୍ରତିଷ୍ଠା ସଭ୍ୟ ଓମପ୍ରକାଶ ଅଗ୍ରୱାଲ, ପରିଚାଳନା ସମିତି ସଭ୍ୟ ତାପସ କୁମାର ରାୟ ଚୌଧୁରୀ, ରେଖା ରାୟ ଚୌଧୁରୀ, ଗୌରୀଶଙ୍କର ତିୱାରୀ, ସମିତି ସଭ୍ୟ ସୋନାଲ ସାକୁନିଆ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ପ୍ରମୁଖ ମେଯାଗଦାନପୂର୍ବକ ଯଜ୍ଞାହୁତି ଦେଇଥିଲେ। ଡ. ମଞ୍ଜୁଶ୍ରୀ ବେଦୁଲା ଓ ଅଞ୍ଜଳି ବାଲସୁବ୍ରମନ୍ୟନ ସଭା ସଞ୍ଚାଳନ କରିଥିଲେ। ରାହାସ ବିହାରୀ ଦାଶ, ନୀଳିମା ପଟେଲ, ଅକ୍ଷୟ ପାଣି, ମନିଷା ଚାନ୍ଦ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସମାରୋହରେ ସହଯୋଗ କରିଥିଲେ।

# ଶ୍ରମିକ ସଂଗଠନର ମିଶ୍ରଣ ପର୍ବ

ବ୍ରଜରାଜନଗର,୨୩।୩(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳର ରବିନ୍ଦ୍ର ଭବନଠାରେ ଭାରତୀୟ ରତୀୟ ମଜଦୂର ସଂଘ ସହିତ ଅନୁବନ୍ଧିତ ବ୍ରଜରାଜନଗର ଇବ ଖଦାନ ମଜଦୂର ସଂଘ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ।ଏହି ମିଶ୍ରଣ ପର୍ବ ବ୍ରଜରାଜନଗର ଇବ ଖଦାନ ମଜଦୂର ସଂଘର ସଭାପତି ଗୋବିନ୍ଦ ସିଂହ ଓ ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ମଜଦୂର ସଂଘର ସମ୍ପାଦିକା ସୁଶ୍ରୀ ସୁସ୍ମିତା ପଟେଲଙ୍କ ସୋହାଦ୍ୟପୂର୍ଣ ଉପସ୍ଥିତିରେ ଇବ ଭ୍ୟାଲି ଓ ଓରିଏଣ୍ଟ ଏରିଆରୁ ଏଚ୍‌ଏମଏସ୍, ଆଇଏନଟିୟୁସି ଏବଂ ଏଆଇଟିୟୁସି ୟୁନିୟନର ୭୩ଜଣ ଶ୍ରମିକ ଭାରତୀୟ ମଜଦୂର ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ନେତା ମଙ୍ଗଳ ସାହୁ, ସଞ୍ଜୁ ସାଲୁଜା, ଶ୍ରମିକ ନେତା ପ୍ରକାଶ ରାୟ, ସଞ୍ଜିତ ବନଛୋର, କେସି ପ୍ରଧାନ, ମିଥିଲେଶ ସିଂହ, ହୃଦାନନ୍ଦ ମାଝୀ, ଅକାଲୁ ରାମ, ଅବନି କୁମାର ଦାସ, ଶିବରାମ ପ୍ରଧାନ, ପ୍ରଦିପ ମିତ୍ର, ପ୍ରଭାକର ସିଂହ, ପ୍ରଫୁଲ୍ଲ କମାର ସାହୁ, ଅଂଶୁମାନ ସାହୁ, ସଂତୋଶ କୁମାର ସାହୁ, ଋଶଭ କୁମାର ଖାରେ, ରବି ରୋହିଦାସ, ଅରିନ୍ଦମ ମଲ୍ଲିକ, ଶୋନାଳ ତ୍ରିବେଦି ଏବଂ ବସୁନ୍ଧରା ଏରିଆରୁ ସନ୍ତୋଷ କାଲୋ, ନଗେନ୍ଦର କୁମାର ସିଂହ, ଶୁଶାନ୍ତ କୁମାର ବେହେରା ଓ ବିରେନ୍ଦ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।



ଇବ୍ ଖଦାନ ମଜଦୁର ସଂଘ ସମସ୍ୟମାନେ।

# ଜୀବନ, ଧର୍ମ ଓ ସଂସ୍କୃତି ଉପରେ ଆଲୋଚନା

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବାର୍ଷିକ ସମ୍ମିଳନୀ

ଝାରସୁଗୁଡ଼ା,୨୩।୩(ଆଶିଷ ରଞ୍ଜନ ଦାଶ)



ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଝାରସୁଗୁଡ଼ା ଶାଖା ପକ୍ଷରୁ ଓଡ଼ିଶାର ପ୍ରତିଷ୍ଠିତ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପ୍ରଥମ ବାର୍ଷିକ ସମ୍ମିଳନୀ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ମଧ୍ୟାହ୍ନ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଉଦ୍‌ଘାଟନି ସଭା କରାଯାଇଥିଲା। ଜିଲା ସଭାପତି ଡ. ବିଶ୍ୱଜିତ ଖମାରୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରିଣୀ ଯୁଗ୍ମ ସାଧାରଣ ସମ୍ପାଦକ ଏବଂ ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ସୀମାଞ୍ଚଳ ମିଶ୍ର ଯୋଗଦେଇଥିଲେ। ସେ ଲୋକ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଇଶ୍ୱରୀୟ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ରୀନା ଭଉଣୀ ଯୋଗଦେଇ ନିଷ୍କାମ କର୍ମର ପ୍ରେରଣା ଉପରେ ଆଲୋଚନା କରିଥିଲେ। ଆଜୀବନ ସଭ୍ୟ ଅକ୍ଷୟ କୁମାର ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ତପନ କୁମାର ବାରିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ରୁଦ୍ରକୁମାର ରାଉତ ବିବେକ ବାଣୀ ପାଠ କରିଥିଲେ ଏବଂ ଅଧ୍ୟାପିକା ସବିତା ବାଲା ନାୟକ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ମିନାର୍ଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଂଗଠନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉପସଭାପତି ଡ. ସରୋଜ କୁମାର କୁଅଁରଙ୍କ ପୌରହିତ୍ୟରେ ବିଭିନ୍ନ ଆଲୋଚନା କରାଯାଇଥିଲା। ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଏହି ସଭାର ସଂଯୋଜନା କରିଥିଲେ।ଏହି ଅବସରରେ ଆଜୀବନ ସଭ୍ୟ ଏବଂ ରାଜ୍ୟ ସମ୍ପର୍କ ସେତୁର ଆବାହକ ଶଶାଙ୍କ ଶେଖର ଦୀକ୍ଷିତ, ମନ୍ଦାକିନୀ ଶତପଥି, ବିଶାଖା ସଂଘାନୀଆ, ସବିତାବାଲା ନାଏକ, ଅଞ୍ଜଳି ପ୍ରଭା ପଟ୍ଟନାୟକ, ମାନସୀ ପଣ୍ଡା, ସଂଯୁକ୍ତା ଦାଶ, ଶରତ କୁମାର ଚୌଧୁରୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ସମ୍ପାଦିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ବକ୍ତା ତଥା କବି ବସନ୍ତ କୁମାର ନାଥ ଯୋଗଦେଇ ଜୀବନ, ଧର୍ମ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା କବିୟିତ୍ରୀ ପୁଷ୍ପାଞ୍ଜଳୀ ପଣ୍ଡା କରିଥିଲେ ଏବଂ ବିଜୟଶ୍ରୀ ଲତା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ହେମଗିର, ୨୩।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକସ୍ଥିତ ହାଓ୍ଵଡା- ମୁମ୍ବାଇ ମୁଖ୍ୟ ରେଳପଥର ଦାଘୋରା ଷ୍ଟେଶନ ନିକଟରୁ ରବିବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ରାଉରକେଲା ରଘୁନାଥପାଲି ଥାନା ଅଞ୍ଚଳର ଦେବଗଡ଼ମୁଣ୍ଡା ବସ୍ତିର ମାର୍ସେଲ ଜାମୁଡା (୨୮)। ଟ୍ରେନ ଆଗରେ ଡେଇଁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ରେଲୱେ ପୋଲିସ ପକ୍ଷରୁ ସନ୍ଦେହ କରାଯାଉଛି। ରେଲୱେ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### କ୍ଷୟକ୍ଷତି ଅନୁଧ୍ୟାନ କଲେ ଉପ ବାଚସ୍ପତି

ବଡ଼ଗାଁ, ୨୩।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକର ଉପାନ୍ତବର୍ତ୍ତୀ କେତେକ ଗ୍ରାମରେ ଶୁକ୍ରବାର ଅପରାହ୍ଣରେ କାଳ ବୈଶାଖୀ ଓ କୁଆପଥର ବର୍ଷା ହେବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୭ ଶହରୁ ଊର୍ଦ୍ଧ୍ୱ ଖପର ଓ ଆଜବେଷ୍ଟସ ଘର କୁଆପଥର ମାଡ଼ରେ ଭାଙ୍ଗି ନଷ୍ଟ ହୋଇଯାଇଛି। ଶନିବାର ରାତିରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ପଦମପୁର, ପେଟଫୋଡ, ଏକମା, ପାମରା ଆଦି କ୍ଷତିଗ୍ରସ୍ତ ଗ୍ରାମକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ଅତିଶୀଘ୍ର କ୍ଷତିପୂରଣ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯିବ ବୋଲି ଉପବାଚସ୍ପତି ଭୋଇ କହିଛନ୍ତି। ଚିନ୍ମୟ ବାରିକ, ଶିଶିର ରାଉତରାୟ, ନୀଳମାଧବ ପୁରୋହିତ, ଅମୀର ନାଏକ ପ୍ରମୁଖ ଉପ ବାଚସ୍ପତିଙ୍କ ସହିତ ଗାଁ ଗୁଡ଼ିକୁ ଯାଇ ସମସ୍ୟା ପଚାରି ବୁଝିଥିଲେ। ଶନିବାର ବଡ଼ଗାଁ ତହସିଲଦାରଙ୍କ ସହିତ ରାଜସ୍ୱ ନିରୀକ୍ଷକ, କୃଷି ଅଧିକାରୀ ରିତୁ ରାଣୀ କାଲୋ, ଉଦ୍ୟାନ କୃଷି ଅଧିକାରୀ ପୁଣ୍ୟ ଶ୍ଲୋକ ନନ୍ଦ ଓ କର୍ମଚାରୀମାନେ କ୍ଷତିଗ୍ରସ୍ତ ପରିବାରଙ୍କ ପାଖକୁ ଯାଇ କ୍ଷୟକ୍ଷତି ଆକଳନ କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ଲହୁଣୀପଡା, ୨୩।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଖରିଆ ବାହାଲ ଗ୍ରାମର ଜଣେ ନାବାଳକଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ନାବାଳକ ହେଲେ ସୁବିନ ମୁଣ୍ଡା (୧୩)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୁବିନ ଏକୁଟିଆ ଘରେ ଥିଲେ। ପରିବାର ଲୋକେ ଆସି ଦେଖିଲା ବେଳକୁ ସୁବିନଙ୍କ ୨ ହାତ ପୋଡି ଯାଇଛି। ପରିବାର ଲୋକେ କେ. ବଲାଙ୍ଗ ପୋଲିସକୁ ସୂଚନା ଦେବା ସହିତ ସୁବିନଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅବକାରୀ ବିଭାଗର ଚଢ଼ାଉ: ଜଣେ ଗିରଫ

ବଡ଼ଗାଁ, ୨୩।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଅବକାରୀ ବିଭାଗ କର୍ମଚାରୀମାନେ ରବିବାର ସେମେଲବାହାଲ ଗ୍ରାମରେ ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ଲଲିନ୍ଦ୍ର ଗରଡିଆ। ତାଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଜବତ ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ଲଲିନ୍ଦ୍ର ଗରଡିଆ ମଦ ବିକ୍ରି କରୁଥିବା ସମ୍ପର୍କରେ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ମାନେ ଅଭିଯୋଗ କରିଥିଲେ। ବଡ଼ଗାଁ ଅବକାରୀ ଅଧିକାରୀ ସୁଧୀର କୁମାର ମିଶ୍ର ସଦଳବଳ ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସହଯୋଗରେ ଗରଡିଆଙ୍କ ଘରେ ଚଢ଼ାଉ କରିଥିଲେ। ପ୍ରକାଶଯୋଗ୍ୟ ଯେ, ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ମଦବିରୋଧୀ ସମାବେଶ ଓ ଶୋଭାଯାତ୍ରା କରିଆସୁଛନ୍ତି।

# ଡିଏଫଓଙ୍କ ବାସଭବନ ଆଗରେ ମୃତଦେହ ରଖି ପ୍ରତିବାଦ

ସୁନ୍ଦରଗଡ଼, ୨୩।୩(ଜୟ ନାରାୟଣ ମେଣ୍ଡୁଲି)



ମୃତଦେହ ରଖି ପ୍ରତିବାଦ କରୁଛନ୍ତି।

ମୃତଦେହ ସତ୍କାର ପାଇଁ କାଠ ନ ମିଳିବାରୁ ସନ୍ଧ୍ୟାରେ ସୁନ୍ଦରଗଡ ଡିଏଫଓଙ୍କ ବାସଭବନ ସମ୍ମୁଖରେ ମୃତଦେହ ରଖି ମୃତକଙ୍କ ପରିବାର ସହିତ ଶ୍ମଶାନ ବନ୍ଧୁ ଟିମ ଓ ସ୍ଥାନୀୟ ଲୋକେ ପ୍ରତିବାଦ କରି ଧାରଣାରେ ବସି ରହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିଛି। ଧାରଣା ସ୍ଥଳରେ ଜଣେ ସହକାରୀ ବନ ସଂରକ୍ଷକ ପହଞ୍ଚି ଆଲୋଚନା କରୁଥିଲେ ମଧ୍ୟ ଡିଏଫଓ ନିଜେ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଧାରଣାରୁ ନ ଉଠିବା ପାଇଁ ଆନ୍ଦୋଳନକାରୀ ଅଡି ବସିଛନ୍ତି। ସୁନ୍ଦରଗଡ ସହରରେ ପୂର୍ବରୁ ୨ଟି କାଠ ଡିପୋ ରହିଥିବା ବେଳେ ବର୍ତ୍ତମାନ ଏହାକୁ ଉଠାଇ ନିଆଯାଇଛି। ଫଳରେ ଲୋକେ ଜାଳେଣୀ କାଠ ପାଇଁ ସମସ୍ୟାର ଶିକାର ହେଉଛନ୍ତି। ବିଶେଷ କରି ମୃତଦେହ ସତ୍କାର ବେଳେ ଆବଶ୍ୟକ ହେଉଥିବା କାଠ ପାଇଁ ଲୋକେ ହଇରାଣ ହେଉଛନ୍ତି। ଶନିବାର ସନ୍ଧ୍ୟାରେ ହେମଗିରି ଥାନା ଅନ୍ତର୍ଗତ ଡୁମୁଲିଆଠାରେ ଘଟିଥିବା ଡବଲ ମର୍ଡର ଘଟଣାରେ ମୃତା ୨ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଏଠାରେ ମୃତଦେହ ସତ୍କାର ପାଇଁ ସ୍ଥାନୀୟ ଟିମ ଶ୍ମଶାନ ବନ୍ଧୁଙ୍କୁ ତାଙ୍କ ପରିବାର ଲୋକେ ଅନୁରୋଧ କରିଥିଲେ। ହେଲେ ଏହି ୨ ମହିଳାଙ୍କ ଶବଦାହ ପାଇଁ ଏଠାରେ କାଠ ମିଳି ନଥିଲା। ଡିଏଫଓ ବଡଗାଁ ଡିପୋରୁ କାଠ ଆଣିବାକୁ କହିଥିଲେ। ମାତ୍ର ସେଠାକୁ ଟିମ ଶ୍ମଶାନ ବନ୍ଧୁ ପହଞ୍ଚିବା ପରେ ମଧ୍ୟ ସେଠାରେ କାଠ ନଥିଲା। ସେଠାରୁ ଫେରି ସନ୍ଧ୍ୟାରେ ଟିମ ଶ୍ମଶାନ ବନ୍ଧୁଙ୍କ ସହିତ ସ୍ଥାନୀୟ ଲୋକେ ଡିଏଫଓଙ୍କ ବାସଭବନ ଆଗରେ ଧାରଣାରେ ବସିଥିଲେ। ଟିମ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା, କଂଗ୍ରେସ ନେତା ନିର୍ମାଣ ନାଏକ, ବିଜେଡି ନେତା ଡାକ୍ତର ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଏଥିରେ ସାମିଲ ହୋଇ ସୁନ୍ଦରଗଡ ସହରରେ ଏହି ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ସେମାନେ କହିଛନ୍ତି, ସୁନ୍ଦରଗଡ ଜିଲାରେ ବିଭିନ୍ନ ଖଣିଖାଦାନ ଓ ଶିଳ୍ପ ପ୍ରତିଷ୍ଠାନ ଯୋଗୁ ଅନେକ ଜଙ୍ଗଲ ସମ୍ପଦ ନଷ୍ଟ ହେଉଥିବା ବେଳେ ଏଠାରେ ଶବଦାହ ପାଇଁ କାଠ ନ ମିଳିବା ଦୁର୍ଭାଗ୍ୟର ବିଷୟ। ଏଦିଗରେ ସ୍ଥାନୀୟ ପ୍ରଶାସନ ଓ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଡିଏଫଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଭଗତ ସିଂ କ୍ଲବ ପକ୍ଷରୁ ଶହୀଦ ଦିବସ



ପ୍ରତିଯୋଗିତାରେ ଭାଗନେଇଥିବା କୁନି ପିଲାମାନେ।

ବନ୍ଧମୁଣ୍ଡା, ୨୩।୩(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡି-ସେକ୍ଟରସ୍ଥିତ ଭଗତ ସିଂ କ୍ଲବ ପକ୍ଷରୁ ରବିବାର କ୍ଲବ ପରିସରରେ ଶହୀଦ-ଏ-ଆଜମ ଭଗତ ସିଂ, ରାଜ ଗୁରୁ ଏବଂ ସୁଖଦେବ ଜୀଙ୍କ ଶହୀଦ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ଶହୀଦମାନେ ସମଗ୍ର ଦେଶର ଅମୂଲ୍ୟ ମଣି ଏବଂ ସେମାନେ ସମଗ୍ର ସମାଜର ଗର୍ବ। ଏହି ଅବସରରେ କ୍ଲବ ସଦସ୍ୟମାନଙ୍କ ଦ୍ୱାରା ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କମିଟି ପକ୍ଷରୁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଅଞ୍ଚଳର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହିତ ଜଡ଼ିତ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜନରେ ପ୍ରବାଳ ଦେ, ଚନ୍ଦନ ତରାଇ, ମନୋଜ ସିଂହ, ବିଷ୍ଣୁ ତରାଇ, ଏସ୍ ରମଣ୍ୟା, କନୈୟା ସିଂହ, ସନ୍ତୋଷ ରାଓ, ଅରୁଣ କିଶନ, ରୋହିତ ସିଂହ, ଅସିତ ଦାସ, ସୁପ୍ରିୟା ତନ୍ତୀ, ମୋନିକା ସିଂହ, ପାୟଲ କୃଷ୍ଣ, ସୋମା ଦେ, ପୂର୍ଣ୍ଣିମା ସେନ, ଦୁର୍ଗା ବିଶ୍ୱାସ, ମଞ୍ଜୁ ସିଂହ, ସରିତା ସିଂହ, ଲକ୍ଷ୍ମୀ ସରଗଦମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# କଳା, ହସ୍ତଶିଳ୍ପ, ଶିକ୍ଷଣ-ଶିକ୍ଷା ସାମଗ୍ରୀ ପ୍ରଦର୍ଶନୀ



କଳା, ହସ୍ତଶିଳ୍ପ ଏବଂ ଶିକ୍ଷଣ-ଶିକ୍ଷା ସାମଗ୍ରୀ ପ୍ରଦର୍ଶନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ସୁନ୍ଦରଗଡ, ୨୩।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ଶିକ୍ଷକ-ଶିକ୍ଷା ବିଭାଗ ଦ୍ୱାରା କଳା, ହସ୍ତଶିଳ୍ପ ଏବଂ ଶିକ୍ଷଣ-ଶିକ୍ଷା ସାମଗ୍ରୀ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶିକ୍ଷକ-ଶିକ୍ଷା ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମାହାକୁର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଏହି ସାମଗ୍ରୀ ଗୁଡ଼ିକର ଶିକ୍ଷା କ୍ଷେତ୍ରରେ ଉପଯୋଗୀତା, ଉଦ୍ଦେଶ୍ୟ ସାଧନ ଏବଂ ମୂଲ୍ୟବୋଧ ଉପରେ ଆଲୋଚନା କରି ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷକ ହୋଇ ସମାଜର ସେବା କରିବା ପାଇଁ ଛାତ୍ରମାନଙ୍କୁ ପ୍ରବର୍ତ୍ତାଇଥିଲେ। ଏହି ପ୍ରଦର୍ଶନୀରେ କଳାୟତନ ମହାବିଦ୍ୟାଳର ନିର୍ଦ୍ଦେଶକ ଶୀତଳ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳା କିପରି ମନୋବିକାଶ ଏବଂ ସ୍ୱୟଂପ୍ରକାଶର ଏକ ଉତ୍ତମ ଉପାୟ ତାହା ମତପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. କୁଳମଣି ବେହେରା, ଡ. ଗଗନ ବିହାରୀ ପ୍ରଧାନ, ଡ. ଜୟଶଙ୍କର ନାଏକ, ଡ. ଭୁପେଶ ପଟେଲ ଶିକ୍ଷକ-ଶିକ୍ଷା ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଓଡ଼ିଆ, ଇଂରାଜୀ ଭୌତିକ ବିଜ୍ଞାନ, ସାମାଜିକ ବିଜ୍ଞାନ, ଜୀବ ବିଜ୍ଞାନ ଓ ଗଣିତର ଶିକ୍ଷଣ-ଶିକ୍ଷା ସାମଗ୍ରୀର ମୂଲ୍ୟାୟନ କରି ଶେଷରେ ସମସ୍ତ ବିଭାଗର ଶ୍ରେଷ୍ଠ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଦୀପାଞ୍ଜଳି ମେହେର ସଫଳ ସଞ୍ଚାଳନ କରିଥିବାବେଳେ ସହକାରୀ ପ୍ରାଧ୍ୟାପକ ଡ. ଶମ୍ଭୁ ଶଙ୍କର ଦୀପ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧ୍ୟାପକ ପ୍ରତାପ ପ୍ରଧାନ, ସନତ ପ୍ରଧାନ, ଶତାବ୍ଦୀ ସୀତାନ୍ତିକା, କର୍ମଚାରୀ ଜ୍ୟୋତିପ୍ରକାଶ ପଟେଲ, ଶୁଭମ କୁମାର ମେହେର, ଉଷାବତୀ ସିଂ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ନବାଗତଙ୍କୁ ସ୍ୱାଗତ, ଗ୍ରାଜୁଏଶନ ଦିବସ ପାଳିତ

ରାଉରକେଲା, ୨୩।୩ (ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲରେ ନବାଗତଙ୍କ ସ୍ୱାଗତ ଓ ଗ୍ରାଜୁଏଶନ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଜ୍ଞାନଜ୍ୟୋତି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡକ୍ଟର ମିନାକ୍ଷୀ ଷଡଙ୍ଗୀ ମୁଖ୍ୟ ଅତିଥି ଏବଂ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ଜଳଧର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଣ୍ଣଲତା ସାମଲ ସଭା ପରିଚାଳନା କରିଥିଲେ। ପରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତି ଓ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜଲି କରଓ୍ୱା ଧନ୍ୟବାଦ ଅର୍ପଣ କରିଥିଲେ।

# ବନବାସୀ କଲ୍ୟାଣ ଆଶ୍ରମରେ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଉପସ୍ଥିତ ଆଶ୍ରମର ସଦସ୍ୟା ସଦସ୍ୟ ଓ ଅନ୍ୟମାନେ।

ସୁନ୍ଦରଗଡ, ୨୩।୩(ଜୟ ନାରାୟଣ ମେଣ୍ଡୁଲି)

ସହିଦ ଦିବସ ପାଳନ ଅବସରରେ ରବିବାର ସୁନ୍ଦରଗଡ଼ ଭୋଜପୁର ସ୍ଥିତ ବନବାସୀ କଲ୍ୟାଣ ଆଶ୍ରମଠାରେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସୁନ୍ଦରଗଡ, ରାଜଗାଙ୍ଗପୁର ବଜରଙ୍ଗ ଦଳ, ଦୁର୍ଗା ବାହୀନି, ବନବାଶି କଲ୍ୟାଣ ଆଶ୍ରମର ସଦସ୍ୟାସଦସ୍ୟ ସମେତ ଅନେକ ସ୍ଥାନୀୟ ସମାଜସେବୀମାନେ ଯୋଗ ଦେଇଥିଲେ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା, ୨୩।୩(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ବିସ୍ରା ବ୍ଲକ କାର୍ଯ୍ୟାଳୟରେ ରଘୁନାଥପାଲି ସିଆର୍‌ସିସି ବିଦ୍ୟୁତ୍‌ଲତା ସୂତାରଙ୍କ ପ୍ରଚେଷ୍ଟାରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଉକ୍ତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟଭାମା ବେହେରା, ଆରତୀ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପଶାୟତ, କୁସଲେଶ୍ୱର କଂସରାଳୀ, ମନୋଜ ଆଚାର୍ଯ୍ୟ, ରଶ୍ମିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

**ଇପିଏଫ୍‌ଓ ପେନସନ ଆବେଦନ**

# ଦେଶରେ ଆର୍‌ଏସ୍‌ପି ଦ୍ୱିତୀୟ ସର୍ବାଧିକ, ସେଲ୍‌ରେ ପ୍ରଥମ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୨୩।୩(ସଙ୍ଗୀତା ଜେନା)

୨୦୨୨ରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ଦେଶର ବିଭିନ୍ନ ସେକ୍ଟରରେ କାର୍ଯ୍ୟ କରୁଥିବା ସର୍ବାଧିକ ପେନ୍‌ସନ ଆଶାୟୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ପେନସନ ଆଶାୟୀ ମଧ୍ୟ ଆବେଦନ କରିଥିଲେ। ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଇସ୍ପାତ କର୍ମଚାରୀଙ୍କୁ ଏହାକୁ ତୁରନ୍ତ ଆବେଦନ କରିବାରେ ସହଯୋଗ କରାଯାଇଥିଲା। ଏଥିପାଇଁ ୪/୫ଜଣ କର୍ମଚାରୀ ନିୟୋଜିତ କରାଯିବା ସହ ଅଧିକ ସେଣ୍ଟର ଖୋଲାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏଥିରେ ଆର୍‌ଏସ୍‌ପିର ୮୭୩୭ ଜଣ କର୍ମଚାରୀ ଆବେଦନ କରିସାରିଲେଣି। ଯାହାକି ଭାରତରେ ଦ୍ୱିତୀୟ ସର୍ବାଧିକ ଏବଂ ସେଲ୍‌ର ପ୍ରଥମ ବୋଲି ଦାବି କରାଯାଇଛି। ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍ ମେଣ୍ଟ) ପକ୍ଷରୁ ରବିବାର ପୂର୍ବାହ୍ଣ ସାଢ଼େ ୧୦ଟାରେ ସେକ୍ଟର-୧୮ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ସମ୍ମିଳନୀରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଉପସଭାପତି ଆର୍. କେ. ପଣ୍ଡା, ନିହାର ଦାସ, ଦିଲ୍ଲୀପ ମହାପାତ୍ର, ସି. ଡି. ପ୍ରଧାନ, ଆର୍. ସି. ଦତ୍ତ, ଜିଏମ୍‌ଏମ୍ ସଭାପତି ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ, ଆନନ୍ଦ ଟପ୍ପୋ, ଆର୍. ଏନ୍. ଭୁକ୍ତା, ସୁଲେମାନ କାଉଡିଆ, ସନ୍ତୋଷ କୁଜୁର ପ୍ରମୁଖ ମଞ୍ଚାସୀନ ଥିଲେ।

# ଭାଟିଆ ଏନର୍ଜି ଆଣ୍ଡ ମିନେରାଲ୍ସ ପ୍ରାଇଭେଟ ଲିମିଟେଡର ଶୁଭାରମ୍ଭ




ଜୁଏଲ୍ ଓରାମ ଭାଟିଆ ଏନର୍ଜି ଆଣ୍ଡ ମିନେରାଲ୍ସ ପ୍ରାଇଭେଟ ଲିମିଟେଡର ଶୁଭାରମ୍ଭ କରୁଛନ୍ତି।

ହେମଗିର, ୨୩।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ବରପାଲିସ୍ଥିତ ଭାଟିଆ ଏନର୍ଜି ଆଣ୍ଡ ମିନେରାଲ୍ସ ପ୍ରାଇଭେଟ ଲିମିଟେଡର ରବିବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭରତ ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଭାଜପା ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ପ୍ରେମ ସାଗର ଓରାମ, ମଣ୍ଡଳ ସଭାପତି ପ୍ରକାଶ ପଟେଲ, ପୂର୍ବତନ ମଣ୍ଡଳ ସଭାପତି ଅରୁଣ ପଧାନ ଓ କୃଷ୍ଣ ଡିଲା, ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝି, ଡୁରୁବଗା ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ବିଲାଇମୁଣ୍ଡା ମଣ୍ଡଳ ସଭାପତି ଦୀପକ ସେଠ, ରାମଲାଲ ପଟେଲ, ପୁନୁଲାଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ମୁଖ୍ୟ ଅନୁପ ମଣ୍ଡଳ ଓ କମ୍ପାନୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଚୋରଧରା ଫ୍ରେଣ୍ଡସ କ୍ଲବ ବିଜୟୀ

**ଏକ ଦିବସୀୟ ହକି ଟୁର୍ନାମେଣ୍ଟ**

ଟେନସା, ୨୩।୩(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା ଟେନସା ଇସ୍ପାତ ଷ୍ଟାଡିୟମଠାରେ ଟେନସା ହକି କ୍ଲବ ପକ୍ଷରୁ ରବିବାର ଏକ ଦିବସୀୟ ହକିଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ହକି ଟିମ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ଟେନସା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନିତା ପୂର୍ତ୍ତି ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଶେଷ ଫାଇନାଲ ମ୍ୟାଚ ଚୋରଧରା ଫ୍ରେଣ୍ଡସ କ୍ଲବ ସହିତ କାଲାଟା ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିଲେ ନାହିଁ। ପେନାଲିଟି ମାଧ୍ୟମରେ ଚୋରଧରା ଫେଣ୍ଡେସ କ୍ଲବ ବିଜୟ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ସମ୍ମାନୀତ ଅତିଥି ବରସୁଆଁ ଲୌହଖଣିର ମ୍ୟାନେଜର ଅମୀୟ ରଞ୍ଜନ ରାଉତ, ଟେନସା ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ର ମୋହନ ମୁର୍ମୁ, ଡେଙ୍ଗୁଳାର ପୂର୍ବତନ ସରପଞ୍ଚ ଜୀବନ ମୁକୁଟ ତପୋନୋ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ବିଜେତା ଦଳକୁ ଟ୍ରଫି ସମେତ ଖାସୀ (ଛେଳି), ଉପବିଜେତା ଦଳକୁ ଟ୍ରଫି ସମେତ ଖାସୀ (ଛେଳି) ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜ ସେବୀ ପପୁ ମହାନ୍ତିଙ୍କ ସହଯୋଗ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଖେଳକୁ ବିଷକାଳ ସିନ୍ଦୁରି, ଜୋଲେନ ମୁଣ୍ଡା, ହନୁକ କାନ୍ଦରୀ, ବିଜୟ କୁଲୁଷରେଇ ପ୍ରମୁଖ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ହାଇ ସ୍କୋରିଂ ମ୍ୟାଚରେ ହାଇଦ୍ରାବାଦ ଜିତିଲା



ଶତକ ହାସଲ ପରେ ଇଶାନ କିଶନ।

**ହାଇଦ୍ରାବାଦ,୨୩।୩**

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଅପରାହ୍ଣରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ବିପକ୍ଷରେ ଖେଳାଯାଇଥିବା ହାଇ ସ୍କୋରିଂ ଆଇପିଏଲ୍ ମ୍ୟାଚକୁ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୪୪ ରନରେ ଜିତି ନେଇଛି। ଇଶାନ କିଶନଙ୍କ ଅପରାଜିତ ଶତକ ବଳରେ ହାଇଦ୍ରାବାଦ ଦ୍ୱାରା ପ୍ରଦତ୍ତ ୨୮୭ ରନର ଟାର୍ଗେଟ ଆଗରେ ରାଜସ୍ଥାନ ୬ ଉଇକେଟ୍ ହରାଇ ୨୪୨ ରନ କରିବାକୁ ସକ୍ଷମ ହୋଇଥିଲା। ବିସ୍ଫୋରକ ଶତକ ହାସଲ କରିଥିବା କିଶନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୮୬ ରନ କରିଥିଲା। ଆଇପିଏଲ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର। ଦଳ ପକ୍ଷରୁ ଇଶାନ ୪୭ ବଲରେ ୧୦୬ ରନର ବିସ୍ଫୋରକ ଇନିଂସ ଖେଳି ଅପରାଜିତ ରହିଥିଲେ। ତାଙ୍କ ପାଳିରେ ୧୧ ଚୌକା ଓ ୬ ଛକା ସାମିଲ ଥିଲା। ତାଙ୍କୁ ଟ୍ରାଭିସ ହେଡ ୩୧ ବଲରେ ୯ ଚୌକା ଓ ୩ ଛକା ସହାୟତାରେ ୬୭ ରନ କରି ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେନରିଚ କ୍ଲାସେନ ୩୪, ନୀତିଶ ରେଡ୍ଡୀ ୩୦ ଓ ଅଭିଶେକ ଶର୍ମା ୨୪ ରନ କରିଥିଲେ। ରାଜସ୍ଥାନ ଲାଗି ତୁଷାର ଦେଶପାଣ୍ଡେ ୩ଟି, ମହେଶ ଥିକସାନା ୨ଟି ଓ ସନ୍ଦୀପ ଶର୍ମା ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ରାଜସ୍ଥାନ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଯଶସ୍ୱି ଜୟସ୍ୱାଲ, ଅଧିନାୟକ ରିୟାନ ପରାଗ ଓ ନୀତିଶ ରେଡ୍ଡୀଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ସଞ୍ଜୁ ସମାସନ ଓ ଧ୍ରୁବ ଜୁରେଲ ଚତୁର୍ଥ ଉଇକେଟ ଲାଗି ୫୯ ବଲରେ ୧୧୧ ରନ ଯୋଡ଼ିଥିଲେ। ସାମସନ ୩୭ ବଲରେ ୭ ଚୌକା ଓ ୪ ଛକା ସହିତ ୬୬ ଏବଂ ଜୁରେଲ ୩୫ ବଲରେ ୫ ଚୌକା ଓ ୬ ଛକା ସହିତ ୭୦ ରନ କରି ଆଉଟ ହୋଇଥିଲେ। ଇନିଂସ ଶେଷ ଆଡ଼କୁ ଶିମରନ ହେଟମାୟର ୨୩ ବଲରେ ୧ ଚୌକା ଓ ୪ ଛକା ସହିତ ୪୨ ଓ ଶୁଭମ ଦୁବେ ୧୧ ବଲରେ ୧ ଚୌକା ଓ ୪ ଛକା ସହିତ ୩୪ ରନ କରିଥିଲେ। ହେଲେ ତାହା ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇନଥିଲା। ଏସ୍‌ଆର୍‌ଏଚ୍ ପକ୍ଷରୁ ହର୍ଶଲ ପଟେଲ ଓ ସିମରଜିତ ସିଂ ଦୁଇଟି ଲେଖାଏଁ ଉଇକେଟ୍ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୮୬/୬ (ଇଶାନ କିଶନ-୧୦୬*, ଟ୍ରାଭିସ ହେଡ-୬୭, ହେନରିଚ କ୍ଲାସେନ-୩୪, ନୀତିଶ ରେଡ୍ଡୀ-୩୦, ତୁଷାର ଦେଶପାଣ୍ଡେ-୩/୪୪, ମହେଶ ଥିକସାନା-୨/୫୨)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୪୨/୬ (ଧ୍ରୁବ ଜୁରେଲ-୭୦, ସଞ୍ଜୁ ସାମସନ-୬୬, ଶିମରନ ହେଟମାୟର-୪୨, ଶୁଭମ ଦୁବେ-୩୪, ହର୍ଶଲ ପଟେଲ-୨/୩୪, ସିମରଜିତ ସିଂ-୨/୪୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ

ସ୍ଥାନ: ବିଶାଖାପାଟଣା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମୁମ୍ବାଇକୁ ହରାଇଲା ଚେନ୍ନାଇ

**ଚେନ୍ନାଇ,୨୩।୩**

ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୪ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ପରାସ୍ତ କରିଛନ୍ତି। ସ୍ପିନରଙ୍କୁ ସୁହାଉଥିବା ପିଚରେ ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୧୫୬ ରନର ଟାର୍ଗେଟକୁ ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍ୱାଡ ଓ ରାଚିନ ରବୀନ୍ଦ୍ରଙ୍କ ଅର୍ଦ୍ଧଶତକ ବଳରେ ୧୯.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ତିଲକ ବର୍ମା ୩୧, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୯ ଓ ଦୀପକ ଚହର ୨୮ ରନ କରିଥିଲେ। ସିଏସ୍‌କେ ପକ୍ଷରୁ ନୁର ଅହମ୍ମଦ ସର୍ବାଧିକ ୪ଟି ଉଇକେଟ ନେଇଥିବା ବେଳେ ଖଲିଲ ଅହମ୍ମଦ ୩ଟି ଉଇକେଟ ହାତେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଥନ ଏଲିସ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଚେନ୍ନାଇ ୧୯.୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଋତୁରାଜ ୨୬ ବଲରେ ୬ ଚୌକା ଓ ୩ ଛକା ସହିତ ୫୩ ରନ କରିଥିବା ବେଳେ ରାଚିନ ୪୫ ବଲରେ ୨ ଚୌକା ଓ ୪ ଛକା ସହିତ ୬୫ ରନ କରି ଅପରାଜିତ ରହି ମ୍ୟାଚ ଜିତାଇଥିଲେ। ମୁମ୍ବାଇ ପକ୍ଷରୁ ପଦାର୍ପଣକାରୀ ବିଘ୍ନେଶ ପୁଥୁର ୩ ଉଇକେଟ ନେଇଥିବା ବେଳେ ଦୀପକ ଚହର ଓ ୱିଲ ଜ୍ୟାକ୍ସ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ନେବା ପରେ ଉଲ୍ଲସିତ ନୁର୍ ଅହମ୍ମଦ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୯ (ତିଲକ ବର୍ମା-୩୧, ସୂର୍ଯ୍ୟକୁମାର ଯାଦବ-୨୯, ଦୀପକ ଚହର-୨୮*, ନୁର ଅହମ୍ମଦ-୪/୧୮, ଖଲିଲ ଅହମ୍ମଦ-୩/୨୯। ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୧ ଓଭରରେ ୧୫୮/୬ (ରାଚିନ ରବୀନ୍ଦ୍ର-୬୫*, ଋତୁରାଜ ଗାଏକ୍ୱାଡ-୫୩, ଭିଘ୍ନେଶ ପୁଥୁର-୩/୩୨, ଦୀପକ ଚହର-୧/୧୮)।

# ଭାରତରୁ ପ୍ରତିନିଧିତ୍ୱ କରିବେ ରଞ୍ଜିତା



ରଞ୍ଜିତା ବେହେରା

**ଅନ୍ତର୍ଜାତୀୟ ସ୍କି**

**ଭୁବନେଶ୍ୱର,୨୩।୩ (ଅନାଦି କର)**

ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍କି ଫେଡେରେଶନ ପକ୍ଷରୁ କାଜାଖସ୍ତାନର ଶ୍ୟାମବୁଲକ ମାଉଣ୍ଟେନ ରିଜର୍ଟରେ ଅନ୍ତର୍ଜାତୀୟ ସ୍କି ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଏଥିରେ ଓଡ଼ିଶାର ରଞ୍ଜିତା ବେହେରା ଭାରତର ପ୍ରତିନିଧିତ୍ୱ କରିବେ। ପୂର୍ବରୁ ଭଲ ପ୍ରଦର୍ଶନ ଲାଗି ଓଡ଼ିଶାର ରଞ୍ଜିତା ଓ ହିମାଚଳ ପ୍ରଦେଶର ତନୁଜା ଠାକୁରଙ୍କ ନାମକୁ ଆଲ୍‌ପାଇନ ସ୍କିର ମହିଳା ବିଭାଗରେ ଖେଳିବାକୁ ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆର ଆଡହକ୍ କମିଟି ଅଧ୍ୟକ୍ଷ ସୁପାରିଶ ତଥା ଅନୁମତି ଦେଇଛନ୍ତି। ରଞ୍ଜିତାଙ୍କର ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ହେବ। ଗତ ବର୍ଷ ସେ ଅଷ୍ଟ୍ରିଆର ସେଣ୍ଟ ମିଚେଲସ୍‌ଠାରେ ପ୍ରଥମ ଥର ପାଇଁ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ଏଥର ରଞ୍ଜିତା ଚାପର ବଶବର୍ତ୍ତୀ ନହୋଇ ଫିନିଶିଂ ପଏଣ୍ଟରେ ପହଞ୍ଚିବେ ବୋଲି ଆଶାବାଦୀ ଅଛନ୍ତି। ବର୍ତ୍ତମାନ ଉଭୟ ରଞ୍ଜିତା ଓ ତନୁଜା କାଜାଖସ୍ତାନରେ ଅଭ୍ୟାସ କରୁଛନ୍ତି।

# ପିଆଷ୍ଟ୍ରି ଜିତିଲେ ଚାଇନିଜ୍ ଗ୍ରାଁ ପ୍ରି



**ଶାଂଘାଇ, ୨୩।୩ (ଏପି)**

ମ୍ୟାକ୍‌ଲରେନ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ତାଙ୍କର ପ୍ରଥମ ଚାଇନିଜ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ତାଙ୍କ ଟିମ୍‌ମେଟ ତଥା ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଜିତିଥିବା ଲାଣ୍ଡୋ ନୋରିସ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫଳରେ ଫର୍ମୁଲା ୱାନ ରେସିଂରେ ମ୍ୟାକ୍‌ଲରେନ ଏଥରକୁ ମିଶାଇ ୫୦ଥର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ପିଆଷ୍ଟ୍ରି ଶନିବାର କ୍ୱାଲିଫାଇଂ ରେସ୍‌ରେ ପୋଲ୍ ପୋଜିଶନ ହାସଲ କରିଥିଲେ। ରବିବାର ସେ ପ୍ରଥମ କର୍ନରରୁ ଅଗ୍ରଣୀ ଲାଭ କରିଥିଲେ। ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କ ଏହା ହେଉଛି ତୃତୀୟ କ୍ୟାରିୟର ବିଜୟ। ମର୍ସିଡିଜ୍‌ର ଜର୍ଜ ରସେଲ ତୃତୀୟ ଏବଂ ଗତବର୍ଷର ରେସ୍ ବିଜେତା ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ସ୍ଥାନରେ ରହିଥିଲେ। ଫେରାରିର ଦୁଇ ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍ ଓ ଲୁଇସ୍ ହାମିଲଟନ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ରବିବାର ରେସ୍‌ରେ ଯଥାକ୍ରମେ ସପ୍ତମରୁ ଦଶମ ସ୍ଥାନ ହାସଲ କରିଥିବା ଡ୍ରାଇଭରମାନେ ହେଲେ ଏଷ୍ଟିବାନ ଓକନ (ହାସ୍), ଆନ୍ଦ୍ରିଆ କିମି ଆଣ୍ଟୋନେଲି (ମର୍ସିଡିଜ), ଆଲେକ୍‌ଜାଣ୍ଡର ଅଲବନ (ୱିଲିୟମ୍ସ) ଓ ଅଲିଭର ବିଅରମ୍ୟାଚ (ହାସ୍)। ସିଜନର ପରବର୍ତ୍ତୀ ରେସ୍ ଜାପାନିଜ ଗ୍ରାଁ ପ୍ରି ଏପ୍ରିଲ ୬ରେ ସୁଜୁକାଠାରେ ଅନୁଷ୍ଠିତ ହେବ।

# ରୋଲ୍ ବଲ୍ ଖେଳାଳିଙ୍କୁ ମିଳିଲା ସ୍ୱୀକୃତି




ରୋଲ୍ ବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା।

**ଭୁବନେଶ୍ୱର, ୨୩।୩ (ବିଜୟ ରଣା)**

ଓଡ଼ିଶା ରୋଲ୍ ବଲ୍ ଖେଳାଳିଙ୍କ ଲାଗି ରବିବାର ଥିଲା ଆଉ ଏକ ଭଲ ଦିନ। ରାଜ୍ୟର ପ୍ରାୟ ୫୦ଜଣ ରୋଲ୍ ବଲ୍ ଖେଳାଳିଙ୍କୁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିବା ସହ ସେମାନଙ୍କ ଆର୍ଥିକ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଶନିବାର ଓଡ଼ିଶାର ୧୦ଜଣ ଜାତୀୟ ରୋଲ୍ ବଲ୍ ଖେଳାଳି ଗୀତିକା ଗୀତିମାୟା, ଅଶ୍ଲେଷା ପଣ୍ଡା, ବଂଶିକା କୁମାରୀ ଗୁରୁ, ଇଚିନି ଦିବ୍ୟାଞ୍ଜଳି, ଉମ୍ ଦିବ୍ୟାଂଶୀ ବେହେରା, ସିମନ ଶ୍ରେୟା, ଗୁଞ୍ଜନ ରାଉତ, ମଧୁକ୍‌ସାରା ମିଶ୍ର ଓ ଶ୍ୱେତପୂର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଆର୍ଥିକ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ କରିଛି। ଉଭୟ ବାଳକ ଓ ବାଳିକା ବିଭାଗରେ ଓଡ଼ିଶା ପାଇଁ ପଦକ ଓ ଉଲ୍ଲେଖନୀୟ ସଫଳତା ଆଣି ଦେଇଥିବାରୁ ଓଡ଼ିଶାର ଏହି ଜାତୀୟ ରୋଲ୍ ବଲ୍ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି।

# କଟକର ରବୀନ୍ଦ୍ର ଚାମ୍ପିୟନ



ପ୍ରମାଣପତ୍ର ଓ ଟ୍ରଫି ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୩।୩ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ପ୍ରଥମ ଲକ୍ଷ୍ମୀଧର ଶତପଥୀ ମେମୋରିଆଲ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ରବିନ୍ଦ୍ର କୁମାର ଓଝା ୫ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନ ସହ ଚାମ୍ପିୟନ ହୋଇଛନ୍ତି। କନ୍ଧମାଳର ଲରେନ୍ସ ପ୍ରଧାନ (୪.୦ ପଏଣ୍ଟ) ଦ୍ୱିତୀୟ ଏବଂ କଟକର ପ୍ରତ୍ୟୁଷ ମହାପାତ୍ର (୪.୦) ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଯଥାକ୍ରମେ ୪ର୍ଥରୁ ୭ମ ସ୍ଥାନ ଅଧବକାର କରିଥିବା ଖେଳାଳିମାନେ ହେଲେ ଲଳିତ ରଞ୍ଜନ ସାହୁ (କଟକ), ଦୀପ୍ତି ରଞ୍ଜନ ନାୟକ (ଯାଜପୁର), ଆୟନ ଅଙ୍କିତ ସ୍ୱାଇଁ (ଜଟଣୀ) ଓ ଭୁବନେଶରର ପ୍ରାଂଶୁ ଦାଶ। ବାଳିମା ବିଭାଗରେ ଅନଭିତା ରିୟା ଦାଶ ପ୍ରଥମ ଓ ସ୍ମିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ଏହାଛଡ଼ା ୧୩ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ୯ ବର୍ଷରୁ କମ୍ ଓ ୭ ବର୍ଷରୁ କମ୍ ବିଭାଗରେ ମଧ ପ୍ରତିଯୋଗିତା ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କମଳା ଏଣ୍ଟରପ୍ରାଇଜେସ୍‌ର ପରିଚାଳନା ନିର୍ଦ୍ଦେଶକ ମାନସ ଶତପଥୀ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

**୩୫ କିମି ରେସ୍**

# ଜାତୀୟ ରେକର୍ଡ ଭାଙ୍ଗିଲେ ପ୍ରିୟଙ୍କା

**ନୂଆଦିଲ୍ଲୀ,୨୩।୩(ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେସ ୱାକର ପ୍ରିୟଙ୍କା ଗୋସ୍ୱାମୀ ମହିଳା ୩୫ କିମି ଇଭେଣ୍ଟରେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଲୋଭାକିଆର ଡୁଡିନ୍ସଠାରେ ଚାଲିଥିବା ଡୁଡିନସ୍କା ୫୦ ପ୍ରତିଯୋଗିତାରେ ସେ ଦୌଡ଼କୁ ୨:୫୬:୩୪ ସେକେଣ୍ଡରେ ଶେଷ କରିଥିଲେ। ସେ ୧୧ତମ ସ୍ଥାନରେ ରହି ଦୌଡ଼ ଶେଷ କରିବା ସହ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ଏଥିପୂର୍ବରୁ ଜାତୀୟ ରେକର୍ଡ ମଞ୍ଜୁ ରାନୀଙ୍କ ନାମରେ ଥିଲା। ସେ ୨୦୨୩ ନ୍ୟାଶନାଲ ଓପନ ରେସ ୱାକିଂ ଚାମ୍ପିୟନଶିପ୍ସରେ ୨:୫୭:୫୪ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଇକ୍ୱାଡରର ପାଉଲା ମିଲେନା ୨:୪୪:୨୬ ସେକେଣ୍ଡ ଟାଇମିଂ ସହ ମହିଳା ୩୫ କିମି ରେସ ୱାକ ଇଭେଣ୍ଟରେ ଚାମ୍ପିୟନ ହୋଇଥିଲେ। ପେରୁର କିମ୍ବରଲି ଗାର୍ସିଆ (୨:୪୫:୫୯ ସେ.) ଓ ପୋଲାଣ୍ଡର କାଟାରଜିନା ଜଜିବ୍ଲୋ (୨:୪୬:୫୯ ସେ.) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଜାତୀୟ ରେକର୍ଡ ଅଧିକାରୀ ଅକ୍ଷଦୀପ ସିଂ ପୁରୁଷ ୨୦ କିମି ରେସ ୱାକରେ ୧:୨୪:୧୪ ସେ. ଟାଇମିଂ ସହିତ ଷଷ୍ଠ ସ୍ଥାନରେ ରହିଥିଲେ।

# ଚତୁର୍ଥ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ

**ମାଉଣ୍ଟ ମଙ୍ଗାନୁଇ, ୨୩।୩ (ଏପି)**

ସ୍ଥାନୀୟ ବେ' ଓଭାଲଠାରେ ରବିବାର ଖେଳାଯାଇଥିବା ୪ର୍ଥ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୧୫ରନରେ ପାକିସ୍ତାନକୁ ପରାସ୍ତ କରିଛି। ପେସ୍ ବୋଲର ଜାକବ ଡୁଫି (୪/୨୦) ଓ ଜାକାରି ଫୋକ୍ସ (୩/୨୫) ମିଳିତ ଭାବେ ୭ ଉଇକେଟ ଅକ୍ତିଆର କରି ଏହି ମ୍ୟାଚରେ ଘରୋଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ଦ୍ୱାରା ନ୍ୟୁଜିଲାଣ୍ଡ ଆଉ ଗୋଟିଏ ମ୍ୟାଚ ଥାଇ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ବିନିମୟରେ ୨୨୦ ରନ କରିଥିଲା। ଫିନ୍ ଆଲେନ ମାତ୍ର ୧୯ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ହାସଲ କରିଥିବାବେଳେ ମାଇକେଲ ବ୍ରେସ୍‌ୱେଲ ୪୬ରନ କରି ଅପରାଜିତ ରହିଥିଲେ। ଟିମ୍ ସିଫର୍ଟ ୨୨ ବଲ୍‌ରୁ ଦ୍ରୁତ ୪୪ ରନ କରିଥିଲେ। ସିଫର୍ଟ ଓ ଆଲେନ୍‌ଙ୍କ ଓପନିଂ ପାର୍ଟନରଶିପ୍‌ରେ ୪.୧ଓଭରରେ ୫୯ ଯୋଗ କରିଥିଲେ। ନ୍ୟୁଜିଲାଣ୍ଡ ପ୍ରଥମ ୬ ଓଭରରେ ୧ ଉଇକେଟ ବିନିମୟରେ ୭୯ ରନ କରିଥିଲା। ପାକିସ୍ତାନ ବିପକ୍ଷରେ ଦଳର ଏହାଥିଲା ସର୍ବୋଚ୍ଚ ପାୱାରପ୍ଲେ ସ୍କୋର। ଜବାବରେ ପାକିସ୍ତାନ ଏକଦା ୮ ଉଇକେଟ ବିନିମୟରେ ମାତ୍ର ୫୬ରନ କରି ସଙ୍କଟରେ ପଡ଼ିଥିଲା। ଅନ୍ତର୍ଜାତୀୟ ଟି୨୦ରେ ଦଳ ଏହାର ସର୍ବନିମ୍ନ ସ୍କୋର କରିବ ବୋଲି ସେତେବେଳେ ଅନୁମାନ କରାଯାଉଥିଲା। ମାତ୍ର ଅବଦୁଲ ସମାଦଙ୍କ ଅପରାଜିତ ୪୪ ରନ ଯୋଗୁ ଏହି ବିପଦ ଟଳି ଯାଇଥିଲା। ଏପରି କି ନ୍ୟୁଜିଲାଣ୍ଡ ବିପକ୍ଷ ସର୍ବନିମ୍ନ ସ୍କୋର ୯୧କୁ ଅତିକ୍ରମ କରିଯିବାରେ ସକ୍ଷମ ହୋଇଥିଲା। ଦଳ ୧୬.୨ ଓଭରରେ ୧୦୫ ରନ କରି ଅଲଆଉଟ ହୋଇଯାଇଥିଲା। ସମାଦ ଓ ଇର୍‌ଫାନ ଖାନ୍ (୨୪ରନ)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୨ ଅଙ୍କ ସ୍ପର୍ଶ କରିପାରି ନ ଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫିନ୍ ଆଲେନ୍।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୨୨୦/୬ (ଫିନ୍ ଆଲେନ୍-୫୦, ମାଇକେଲ ବ୍ରେସ୍‌ୱେଲ-୪୬*, ସିଫର୍ଟ-୪୪, ଡେରିଲ ମିଚେଲ-୨୯, ଚାପମ୍ୟାନ-୨୯ ; ହାରିସ ରୌଫ-୩/୨୭, ଆବ୍ରାର ଅହମଦ-୨/୪୧)। ପାକିସ୍ତାନ ଇନିଂସ: ୧୬.୨ ଓଭରରେ୧୦୫/ଅଲଆଉଟ(ଅବଦୁଲ ସମାଦ-୪୪, ଇର୍‌ଫାନ ଖାନ୍-୨୪ ; ଜାକବ ଡୁଫି-୪/୨୦, ଜାକାରି ଫୋକସ-୩/୨୫)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ